


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-154 ♦SUNDAY ♦30 NOVEMBER 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୫୪ ♦ରବିବାର ♦୩୦ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


## ୬୨ ବର୍ଷରେ ବିବାହ କଲେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ

■ କାନବେରା, ୨୯ ।୧୧ (ଏଜେନ୍ସି): ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲବାନିଜ ୬୨ ବର୍ଷ ବୟସରେ ବିବାହ କରିଛନ୍ତି । ଦାୟିତ୍ୱରେ ରହିଥିବା ବେଳେ ବିବାହ କରିବାରେ ସେ ହେଉଛନ୍ତି ପ୍ରଥମ ଅଷ୍ଟ୍ରେଲୀୟ ପ୍ରଧାନମନ୍ତ୍ରୀ । ସେ ଆଜି ତାଙ୍କ ୪୬ ବର୍ଷୀୟା ବାନ୍ଧବୀ ଜୋଡି ହେଡନଙ୍କୁ କାନବେରାସ୍ଥିତ ପ୍ରଧାନମନ୍ତ୍ରୀ କର୍ଯ୍ୟାଳୟରେ ବିବାହ କରିଛନ୍ତି । ଜୋଡି ଆର୍ଥ ବିଭାଗରେ କାର୍ଯ୍ୟ କରନ୍ତି । ୨୦୨୪ରେ ଦୁହିଁଙ୍କର ନିର୍ବନ୍ଧ ହୋଇଥିଲା ।। ଅଲବାନୀଜ



ସାମାଜିକ ଗଣମାଧ୍ୟମରେ ଗୋଟିଏ ଶବ୍ଦ 'ମ୍ୟାରେଡ୍' ବୋଲି ଉଲ୍ଲେଖ କରି ସମସ୍ତଙ୍କୁ ବିବାହ ନେଇ ସୂଚିତ କରିଛନ୍ତି । ସୋମବାରରୁ ଶୁକ୍ରବାର ଦୁହେଁ ହନିମୁନରେ ଯିବେ । ସୂଚନାଯୋଗ୍ୟ ଯେ ୨୦୨୦ରେ ଦୁହେଁ ମେଲବୋର୍ଣ୍ଣରେ ଏକ ବ୍ୟବସାୟିକ ନୈଶ୍ୟ ଭୋଜିରେ ପରସ୍ପରକୁ ଭେଟିଥିଲେ । ଆଲବାନିଜ ଓ ହେଡନ ଦ୍ୱିତୀୟଥର ପାଇଁ ବିବାହ କରିଛନ୍ତି । ପୂର୍ବରୁ ଆଲବାନିଜ ୨୦୧୯ରେ ତାଙ୍କ ପୂର୍ବତନ ପତ୍ନୀ କାର୍ମେଲ ଟେବ୍ରୁଟ୍‌ଙ୍କଠାରୁ ଛାଡ଼ପତ୍ର ନେଇଥିଲେ । ଦୁହେଁ ୧୯ ବର୍ଷ ଏକାଠି ରହିବା ପରେ ଅଲଗା ହୋଇଥିଲେ । ଉଭୟଙ୍କର ଜଣେ ପୁଅ ନାଥନ ଅଛନ୍ତି । ତେବେ ହେଡନଙ୍କ ପ୍ରଥମ ବିବାହ ଓ ବିଚ୍ଛେଦ ସମ୍ପର୍କରେ ଅଧିକ କିଛି ସୂଚନା ଦିଆଯାଇନାହିଁ । ଆଲବାନିଜ ୨୦୨୨ ମେ ୨୩ରେ ୩୧ତମ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ।

## ଏୟାରବସ୍ 'ଏ-୩୨୦'କୁ ସୌର ବିକିରଣ ଭୟ

■ ନୂଆଦିଲ୍ଲୀ, ୨୯।୧୧ (ଏଜେନ୍ସି): ବିମାନ ନିର୍ମାତା କମ୍ପାନୀ ଏୟାରବସ୍‌ର ବିମାନ ପ୍ରତି ବଡ଼ ବିପଦ ସୃଷ୍ଟି ହୋଇଛି । ଏହି କମ୍ପାନୀର ଏ୩୨୦ ସିରିଜ ବିମାନଗୁଡ଼ିକରେ ଯାନ୍ତ୍ରିକ ତ୍ରୁଟି ଦେଖାଯାଇଛି । ସୌର ବିକିରଣଠାରୁ ଏହି ବିମାନ ପ୍ରତି ବିପଦ ଦେଖାଦେଇଛି । ଏହାକୁ ଦୃଷ୍ଟିରେ ରଖି ବିଶ୍ୱରେ ପ୍ରାୟ ୬ ହଜାର ଏ-୩୨୦ ବିମାନର ଉଡ଼ାଣକୁ ବାତିଲ କରିଦିଆଯାଇଛି । ଗତ ୫୫ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ କମ୍ପାନୀ ଏତେ ବିମାନର ସେବାକୁ ବନ୍ଦ କରିଦେଇଛି । ସଫ୍ଟୱେର ଅପଗ୍ରେଡ କରି ଯାନ୍ତ୍ରିକ ତ୍ରୁଟି ସୁଧାରିବା ପାଇଁ ବିମାନଗୁଡ଼ିକୁ ପ୍ରତ୍ୟାହାର କରାଯାଇଛି । ଏହି ସମସ୍ୟା



**ବିଶ୍ୱବ୍ୟାପୀ ୬ ହଜାର ଉଡ଼ାଣ ବାତିଲ**

ପାଇଁ ସଫ୍ଟୱେର ଭର୍ସନ ଏଲ୧୦୪ର ଏଲାଭେଟର ଏଲେରନ କମ୍ପ୍ୟୁଟର (ଇଏଲଏସି ବି) ପ୍ରଭାବିତ ହୋଇଛି । ଏହା ଫ୍ଲାଇଟ କଣ୍ଟ୍ରୋଲ ଡାଟା ଖରାପ କରିପାରେ । ବିମାନର ଉଚ୍ଚତା, ଦିଗ ଏବଂ ନିୟନ୍ତ୍ରଣକୁ ନେଇ ଦେଉଥିବା ଗୁରୁତ୍ୱପୂର୍ଣ୍ଣ ସୂଚନା ଭୁଲ୍ ସାବ୍ୟସ୍ତ ହୋଇପାରେ । ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଏୟାରବସ୍ ଉଡ଼ାଣ ବନ୍ଦ କରିବା ନେଇ ଶୁକ୍ରବାର ଘୋଷଣା କରିଥିଲା । ଏହି ସମୟରେ ୩୫୦ ଏୟାର ଲାଇନ୍ସର ପ୍ରାୟ ୩ ହଜାର ଏ-୩୨୦ ବିମାନ ଆକାଶରେ ଥିଲା । ଏହି ସମସ୍ୟା ଯୋଗୁଁ ଭାରତ ସମେତ ସାରା ବିଶ୍ୱ ପ୍ରଭାବିତ ହୋଇଛି । ବିମାନ ▶ପୃଷ୍ଠା-୭

# 'ଦିତ୍‌ୱା' ତାଣ୍ଡବ
# ଶ୍ରୀଲଙ୍କାରେ ୧୫୩ ମୃତ
## ଫସି ରହିଛନ୍ତି ୩୦୦ରୁ ଊର୍ଦ୍ଧ୍ୱ ଭାରତୀୟ

■ଚେନ୍ନାଇ, ୨୯ ।୧୧ (ଏଜେନ୍ସି): ଶ୍ରୀଲଙ୍କାରେ ଧ୍ୱଂସର ତାଣ୍ଡବ ରଚିଛି ଘୂର୍ଣ୍ଣିବାତ୍ୟା 'ଦିତ୍‌ୱା' । ଏହି ବାତ୍ୟା କାରଣରୁ ପ୍ରବଳ ବର୍ଷା, ବନ୍ୟା ଓ ଭୂସ୍ଖଳନ ଫଳରେ ୧୫୩ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୩୦ଜଣ ନିଖୋଜ ଅଛନ୍ତି । ଏବେ ଏହି ବାତ୍ୟା ଭାରତ ଆଡ଼କୁ ଦ୍ରୁତଗତିରେ ମାଡିଆସୁଛି । ବାତ୍ୟାର ପ୍ରଭାବରେ ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଓ ପୁଡୁଚେରୀର ଉପକୂଳବର୍ତ୍ତୀ ଅଞ୍ଚଳଗୁଡିକରେ ପ୍ରବଳ ବର୍ଷା ସହିତ ଜୋରରେ ପବନ ବହିବା ଆରମ୍ଭ ହୋଇଛି । ଏହା ଆହୁରି ଭୟଙ୍କର ରୂପ ନେବ ବୋଲି ଆଶାଙ୍କା କରାଯାଉଛି ।

**ତାମିଲନାଡୁରେ ପ୍ରବଳ ବର୍ଷା, ୫୪ ବିମାନ ଉଡାଣ ବାତିଲ**

ତାମିଲନାଡୁରେ ପ୍ରବଳ ବର୍ଷା କାରଣରୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ପୁଡୁଚେରୀ ଓ ତାମିଲନାଡୁରେ ସସମ୍ତ ଶିକ୍ଷାନୁଷ୍ଠାନ ।।ରେ ସୋମବାର ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି । ବିଭିନ୍ନ ସ୍କୁଲ ଓ କଲେଜରେ ହେବାକୁ ଥିବା ପରୀକ୍ଷାକୁ ବାତିଲ ମଧ୍ୟ କରାଯାଇଛି । ବାତ୍ୟାର ପ୍ରକୋପ ଭୟଙ୍କର ହେଉଥିବାରୁ ୫୪ଟି ବିମାନ ଉଡାଣକୁ ରଦ୍ଦ କରାଯାଇଛି । ଚେନ୍ନାଇରୁ ବିମାନ ଉଡ଼ାଣ ବାତିଲ ହେବା କାରଣରୁ କଲେମ୍ବୋ ବିମାନ ବନ୍ଦରରେ ୩୦୦ ଭାରତୀୟ ଯାତ୍ରୀ ଗତ ୩ ଦିନ ହେବ ଫସି ରହିଛନ୍ତି । ଏମାନେ ସମସ୍ତେ ଦୁବାଇରୁ କଲମ୍ବୋ ଦେଇ ଭାରତ ଆସିବାର କର୍ଯ୍ୟକ୍ରମ ଥିଲା । ନଭେମ୍ବର ୩୦ ଅର୍ଥାତ ରବିବାର ଏହି ବାତ୍ୟା 'ଦିତ୍‌ୱା' ତାମିଲନାଡୁ ଓ ପୁଡୁଚେରୀର ଉପକୂଳ ଅତିକ୍ରମ କରିବ । ଏହି କାରଣରୁ ରାଜ୍ୟରେ ଆହୁରି ପ୍ରବଳ ବର୍ଷା ହେବ । ତାମିଲନାଡୁ, ପୁଡୁଚେରୀ ଓ ଆନ୍ଧ୍ରାରେ ବନ୍ୟା ଆସିବା ଆଶଙ୍କା କରାଯାଉଛି ।

ସେହିପରି ପାହାଡିଆ ଅଞ୍ଚଳରେ ଭୂସ୍ଖଳନ ହେବାର ସମ୍ଭାବନା ରହିଛି । ବାତ୍ୟାର ଭୟାଭୟତାକୁ ଦୃଷ୍ଟିରେ ରଖି ତାମିଲନାଡୁ ଉପକୂଳରେ ଥିବା ବିଭିନ୍ନ ସମ୍ବେଦନଶୀଳ ଉପକୂଳବର୍ତ୍ତୀ ଅଞ୍ଚଳରେ ନ୍ୟାସନାଲ ଡିଜାଷ୍ଟର ରେସପନ୍ସ ଫୋର୍ସ



(ଏନ୍‌ଡିଆରଏଫ)ର ୧୪ଟି ଟିମ୍‌କୁ ନିୟୋଜିତ କରାଯାଇଛି । ଶ୍ରୀଲଙ୍କାକୁ ସାହାଯ୍ୟ ଓ ସହଯୋଗ କରିବାକୁ ଭାରତ ଅପରେସନ ସାଗର ବନ୍ଧୁ ଆରମ୍ଭ କରିଛି ।। ଏଥିପାଇଁ ଭାରତୀୟ ବାୟୁସେନାର ବିମାନ ଆଇଏଲ୍-୭୬ ବିମାନ କଲମ୍ବୋ ପହଞ୍ଚିଛି ବୋଲି ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର 'ଏକ୍ସ'ରେ ସୂଚନା ଦେଇଛନ୍ତି । ଏନ୍‌ଡିଆରଏଫର ୮୦ଜଣ କର୍ମଚାରୀଙ୍କ ଟିମ୍ ସହିତ ବିମାନ ଓ ସମୁଦ୍ର ମାର୍ଗ ଦେଇ ପାଖାପାଖି ୨୭ ଟନ୍ ରିଲିଫ୍ ସାମଗ୍ରୀ ଶ୍ରୀଲଙ୍କା ପହଞ୍ଚିଛି ।

### ଅତିରିକ୍ତ ବଜେଟ୍‌କୁ ନେଇ ନବୀନଙ୍କ ପ୍ରତିକ୍ରିୟା
## ରାଜକୋଷୀୟ ନିଅଣ୍ଟ ଆଡ଼କୁ ବଢୁଛି ଓଡ଼ିଶା

■ ଭୁବନେଶ୍ୱର, ୨୯।୧୧ (ସମିସ): ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉପସ୍ଥାପିତ ଅତିରିକ୍ତ ବଜେଟ ଦୂରଦୃଷ୍ଟିହୀନ ଏବଂ ଏହା ଓଡ଼ିଶାବାସୀଙ୍କ ଅନେକ ଆଶାକୁ ଧୂଳିସାତ୍ କରିଛି । ଏହା ଆମକୁ ରାଜକୋଷୀୟ ନିଅଣ୍ଟ ଆଡ଼କୁ ଆଗକୁ ବଢ଼ାଉଛି ବୋଲି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ।

ଶୁକ୍ରବାର ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉପସ୍ଥାପିତ ଅତିରିକ୍ତ ବଜେଟ ଉପରେ ପ୍ରତିକ୍ରିୟା ରଖି ସାମାଜିକ ଗଣମାଧ୍ୟମ ଏକ୍ସରେ ନବୀନ ଉଲ୍ଲେଖ କରିଛନ୍ତି, ନୂତନ ବିଜେପି ସରକାରର ପ୍ରଥମ ପୂର୍ଣ୍ଣ ବର୍ଷରୁ ଆଶା କରାଯାଉଥିବା କୌଣସି ବଡ଼ ଭିତ୍ତିଭୂମି ଯୋଜନା କିମ୍ବା ନୂତନ ଦୂରଦୃଷ୍ଟି ଏଥିରେ ଦେଖିବାକୁ ମିଳିନାହିଁ । ପ୍ରଶାସନିକ ବ୍ୟୟ ସଙ୍କୁଚିତ ହେଉଛି । ଓଡ଼ିଶାର ସୁଧ ବୋଝ ବଢୁଛି । ବଜେଟରେ ପୂର୍ତ୍ତ ବିଭାଗର ୯୦୦ କୋଟି ଏବଂ କିଛି ସହରାଞ୍ଚଳ ଭିତ୍ତିଭୂମିକୁ ଛାଡ଼ିଦେଲେ ଆଉ କିଛି ବି ନାହିଁ ।



**ବଜେଟରେ ଦୂରଦୃଷ୍ଟି ନାହିଁ; ଓଡ଼ିଶାବାସୀଙ୍କ ଆଶାକୁ ଧୂଳିସାତ୍ କରୁଛି**

**ଅପାରଗତା ଲୁଚାଇବା ପାଇଁ ଅତିରିକ୍ତ ବଜେଟ ଆଣିଛନ୍ତି ସରକାର**

ହ୍ରାସ ପାଉଥିବା କେନ୍ଦ୍ରୀୟ ଅନୁଦାନ ଓ ନିଜସ୍ୱ ଅପାରଗତା ଲୁଚାଇବା ପାଇଁ ଏହି ଅତିରିକ୍ତ ବଜେଟ୍ ପ୍ରସ୍ତୁତ ହୋଇଛି । ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ନୁହଁ; ବରଂ ସେମାନଙ୍କୁ ଭ୍ରମିତ କରିବାର ଏହା ଏକ ପ୍ରୟାସ ବୋଲି ନବୀନ କହିଛନ୍ତି ।

## ଗୁଣ୍ଡିଚା ମନ୍ଦିରରେ ପଶିଲା ଜେସିବି



■ ପୁରୀ, ୨୯।୧୧ (ସମିସ): ଡିସେମ୍ବର ୧ରୁ ଗୁଣ୍ଡିଚା ମନ୍ଦିର ଭକ୍ତଙ୍କ ପାଇଁ ଖୋଲାଯିବ ବୋଲି ପରିଚାଳନା କମିଟି ବୈଠକରେ ନିଆଯାଇଥିଲା ନିଷ୍ପତ୍ତି । ଏ ସମ୍ପର୍କରେ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିଥିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଜିଲ୍ଲାପାଳ । ହେଲେ ଭକ୍ତଙ୍କ ପାଇଁ ମନ୍ଦିର ଖୋଲାଯିବାକୁ ଅଚାନକ ସାମୟିକ ଭାବେ ସ୍ଥଗିତ ରଖାଯାଇଥିବା ମନ୍ଦିର ପ୍ରଶାସନ ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି । କାରଣ କୁହାଯାଇଛି ଶ୍ରୀଗୁଣ୍ଡିଚା ମନ୍ଦିର ମରାମତି ତଥା ସଂରକ୍ଷଣ କାମ ପାଇଁ ଆହୁରି ଅଧିକ ସମୟ ଲାଗିବ । ମନ୍ଦିର ମଧ୍ୟରେ ଷ୍ଟିଲ୍ ବିମ୍

**ପ୍ରଶ୍ନ ଉଠାଇଲେ ସାଧାରଣ ବୁଦ୍ଧିଜୀବୀ ଓ ଶ୍ରଦ୍ଧାଳୁ**

**ପରିକ୍ରମା ପ୍ରକଳ୍ପ ବେଳେ ଚିତ୍କାର କରୁଥିବା ବୁଦ୍ଧିଜୀବୀ ଗଲେ କୁଆଡ଼େ?**

ଏବଂ ଖଣ୍ଡୋଲାଇଟ୍ ପଥର ଲଗାଇବା କାମ ବାକି ଅଛି । ପରିସର ଉଦ୍ୟାନଗୁଡ଼ିକ ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ସଫେଇ ଏବଂ ଉନ୍ନତୀକରଣ କରାଯିବ । ଏଭଳି ସ୍ଥିତିରେ ଶନିବାର ଗୁଣ୍ଡିଚା ମନ୍ଦିର ଭିତରେ ମନ୍ଦିରର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିବା ଭଳି ଦୃଶ୍ୟ ଦେଖିବାକୁ ମିଳିଛି । ଅର୍ଥାତ୍ ମନ୍ଦିର ଭିତରେ ପଶି ▶ପୃଷ୍ଠା-୭


### ତୃତୀୟ ସୋଆ ସାହିତ୍ୟ ଉତ୍ସବ ଉଦ୍‌ଘାଟିତ
## ସଂସ୍କୃତିକୁ ଆମେ ପଛରେ ଛାଡ଼ି ଦେଇଛୁ: ଜାଭେଦ ଅଖତର୍



■ ଭୁବନେଶ୍ୱର, ୨୯।୧୧ (ସମିସ): ଭାଷା, ସଂସ୍କୃତି, ପୁରାଣ, କବିତା ଏବଂ କଳା ଆମର ମହାନ ସଂସାଧନ । ଭାରତ ଯେତେବେଳେ ସ୍ୱାଧୀନତା ଲାଭ କଲା, ସେତେବେଳେ ଦେଶର ଗୋଟିଏ ଛୁଞ୍ଚି ମଧ୍ୟ ପ୍ରସ୍ତୁତ କରିବାର କ୍ଷମତା ନଥିଲା । କିନ୍ତୁ ବର୍ତ୍ତମାନ ଏହା ବିଶ୍ୱର ଅନ୍ୟତମ ଶିଳ୍ପ ସମୃଦ୍ଧ ରାଷ୍ଟ୍ର । ଏହି ସଫଳତା ଭିତରେ ଆମେ ଆମର କିଛି ବସ୍ତୁକୁ ବ୍ୟବହାରଯୋଗ୍ୟ ନୁହେଁ

**ଜାଭେଦ ଅଖତରଙ୍କୁ ପ୍ରଥମ ସୋଆ ସାହିତ୍ୟ ସମ୍ମାନ**

ବୋଲି ଭାବି ପ୍ଲାଟଫର୍ମରେ ଛାଡ଼ି ଦେଇ ଆସିଛୁ । ଆମେ ଭାବିବା ଆରମ୍ଭ କରିଦେଇଛୁ ଯେ ଆମେ ଆମ ସହ ସବୁ କିଛି ସାଙ୍ଗରେ ନେଇ ଚାଲିପାରିବୁ ନାହିଁ । ଏହା ମଧ୍ୟରୁ ଆମ ସଂସ୍କୃତି ▶ପୃଷ୍ଠା-୭



## ବିଧାନସଭାରେ ରାସନ କାର୍ଡ ଝଡ଼
### ଲୋକଙ୍କ ଖାଦ୍ୟ ସୁରକ୍ଷା ଅଧିକାରକୁ ଛଡ଼ାଇ ନେଉଛନ୍ତି ସରକାର: ବିରୋଧୀ

■ଭୁବନେଶ୍ୱର, ୨୯।୧୧ (ସମିସ): କେୱାଇସି ଅପ୍‌ଡେଟ୍ ଆଳରେ ଲୋକଙ୍କ ରାସନ କାର୍ଡ କଟାଯିବା ନେଇ ବିଧାନସଭାରେ ଆଜି ମୁଲତବୀ ଆଲୋଚନାରେ ବିରୋଧୀ ସଦସ୍ୟମାନେ ସରକାରଙ୍କୁ ଘେରିଛନ୍ତି । ରାଜ୍ୟ ସରକାର ଲୋକଙ୍କ ଖାଦ୍ୟ ସୁରକ୍ଷା ଅଧିକାରକୁ ଛଡ଼ାଇ ନେଉଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି ।

ମୁଲତବୀ ଆଲୋଚନାରେ ଭାଗ ନେଇ ବିଜୁ ଜନତା ଦଳର ସଦସ୍ୟମାନେ କହିଥିଲେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

**ରାସନ କାର୍ଡ ସର୍ଭେ ପାଇଁ ଧାର୍ଯ୍ୟ ମାନଦଣ୍ଡ ଗ୍ରହଣୀୟ ନୁହେଁ: ବିଜେଡି**

**ଯୋଗ୍ୟ ହିତାଧିକାରୀଙ୍କ କାର୍ଡ କାଟିବା ଆମ ଉଦ୍ଦେଶ୍ୟ ନୁହେଁ: ମନ୍ତ୍ରୀ**

ଖାଦ୍ୟ ସୁରକ୍ଷା ଯୋଜନାରେ ଜଣେ ବି ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନ ପଡ଼ିବେ, ସେନେଇ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟରେ ପୂର୍ବ ସରକାରଙ୍କ ପିଡିଏସ, ଧାନ ସଂଗ୍ରହ ପ୍ରକ୍ରିୟାକୁ କେନ୍ଦ୍ର ସରକାରଙ୍କଠାରୁ ଆରମ୍ଭ କରି ମିଳିତ ଜାତିସଂଘ ପର୍ଯ୍ୟନ୍ତ ପ୍ରଶଂସା କରିଥିଲା । ମାତ୍ର ଏବର ବିଜେପି ସରକାର ରାସନ କାର୍ଡ ନାମରେ ଆତଙ୍କ ସୃଷ୍ଟି କରୁଛନ୍ତି । ଗରିବ ଲୋକଙ୍କ ମନରେ କାର୍ଡ କଟିବା ନେଇ ଆତଙ୍କ ଖେଳିଯାଇଛି । ହିତାଧିକାରୀଙ୍କୁ ବାଦ୍ ଦେବା ପାଇଁ ସରକାର ଯେଉଁ ମାନଦଣ୍ଡ ନିର୍ଦ୍ଧାରଣ କରିଛନ୍ତି, ତାହା ଆଶ୍ଚର୍ଯ୍ୟଜନକ । ସରକାର ଲୋକଙ୍କ ଖାଦ୍ୟ ସୁରକ୍ଷା ଅଧିକାରକୁ ଛଡ଼ାଇ ନେବାକୁ ବସିଛନ୍ତି ବୋଲି ଅଭିଯୋଗ କରିଛନ୍ତି ବିରୋଧୀ । ଅପରପକ୍ଷେ ଶାସକ ଦଳର ବିଧାୟକମାନେ ପାଲଟା ▶ପୃଷ୍ଠା-୭

## ୬୮୦୧ ପଞ୍ଚାୟତରେ ପିଅନ ନିଯୁକ୍ତ ହେବେ

■ ଭୁବନେଶ୍ୱର, ୨୯ ।୧୧ (ସମିସ): ପ୍ରତି ପଞ୍ଚାୟତରେ ନିଯୁକ୍ତ ହେବେ ପିଅନ । ସରକାରୀ ଯୋଜନାର ସଫଳ ରୂପାୟନ କରିବାପାଇଁ ସରକାର ଏହି ନୂତନ ପଦ ସୃଷ୍ଟି କରିଛନ୍ତି । ପଞ୍ଚାୟତିରାଜ ଓ ପାନୀୟ ଜଳ ବିବାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି ଯେ, ପଞ୍ଚାୟତ ସ୍ତରରେ ସେମାନେ କାର୍ଯ୍ୟ କରିବେ । ମାସକୁ ୧୩,୧୬୦ ଟଙ୍କା ଲେଖାଏଁ ଦରମା ପ୍ରଦାନ କରାଯିବ । ସେମାନଙ୍କ ପ୍ରଦର୍ଶନକୁ ଭିତ୍ତି କରି ଦରମା କମ୍ ବା ବେଶି କରାଯାଇପାରେ । ସୂଚନାଯୋଗ୍ୟ, ରାଜ୍ୟରେ ମୋଟ୍ ୬୮୦୧ଟି ପଞ୍ଚାୟତ ଥିବାବେଳେ ନୂତନ ନିଯୁକ୍ତି ପାଇଁ ସମାନ ସଂଖ୍ୟକ ପଦ ସୃଷ୍ଟି ହେବ ।

# ପହିଲାରୁ ସଂସଦ, ଆଜି ସର୍ବଦଳୀୟ ବୈଠକ

ନୂଆଦିଲ୍ଲୀ, ୨୯।୧୧: ଆସନ୍ତା ଡିସେମ୍ବର ପହିଲା ତାରିଖରୁ ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହାପୂର୍ବରୁ ସର୍ବଦଳୀୟ ବୈଠକ ଡାକିଛନ୍ତି ସରକାର। ଆସନ୍ତାକାଲି ସବୁ ଦଳର ସଂସଦୀୟ ଦଳର ନେତାମାନଙ୍କ ବୈଠକ ହେବ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏହି ବୈଠକରେ ଉପସ୍ଥିତ ରହିବେ। ଉଭୟ ଲୋକସଭା ଏବଂ ରାଜ୍ୟସଭାରେ କାର୍ଯ୍ୟ ପରିଚାଳନାରେ ସରକାରଙ୍କୁ ସହଯୋଗ କରିବା ଲାଗି ସେ ସମସ୍ତ ଦଳର ନେତାଙ୍କୁ ଅନୁରୋଧ କରିବେ ବୋଲି ଜଣାପଡ଼ିଛି। ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ସରକାର ୧୦ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଗତ କରିବାର କାର୍ଯ୍ୟକ୍ରମ ରହିଛି। ଏହା ଉପରେ ଆଲୋଚନା କରିବା ଲାଗି ସେ ସମସ୍ତ ଦଳର ନେତାଙ୍କୁ ଅନୁରୋଧ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ସମସ୍ତ ପ୍ରସଙ୍ଗରେ ଆଲୋଚନା କରିବାକୁ ସରକାର ପ୍ରସ୍ତୁତ ଅଛନ୍ତି। ତେବେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସଆଇଆର୍ ଏବଂ ଦିଲ୍ଲୀ ପ୍ରଦୂଷଣ ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ସଂସଦରେ ଅଚଳାବସ୍ଥା ସୃଷ୍ଟି କରିପାରନ୍ତି ବୋଲି କୁହାଯାଉଛି। ସରକାର 'ବନ୍ଦେ ମାତରମ' ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିବାକୁ ଯୋଜନା କରିଛନ୍ତି ଏବଂ ଏହାକୁ ନେଇ ପରିସ୍ଥିତି ସରଗରମ ରହିବ ବୋଲି ସୂଚନା ମିଳିଛି। ସୂଚନାରଯୋଗ୍ୟ ଯେ ସରକାର ସଂସଦର ଏହି ଶୀତକାଳୀନ ଅଧିବେଶନକୁ ସଂକ୍ଷିପ୍ତ ସମୟ ପାଇଁ ଡାକିଥିବାରୁ ବିରୋଧୀ ଦଳ ଏହାର ସମାଲୋଚନା କରିଛନ୍ତି।

# ପଶ୍ଚିମବଙ୍ଗ: ବିରୋଧ ପରେ ୱାକଫ୍ ଆଇନ ଲାଗୁ

କୋଲକାତା, ୨୯।୧୧(ଏଜେନ୍ସି): ପଶ୍ଚିମବଙ୍ଗରେ ମମତା ବାନାର୍ଜୀ ସରକାର ୮ ମାସ ଧରି ବିରୋଧ କରିବା ପରେ ଶେଷରେ ୱାକଫ୍ ସଂଶୋଧାନ ଆଇନ ଲାଗୁ କରିବାକୁ ରାଜି ହୋଇଛନ୍ତି। ରାଜ୍ୟର ୮୦୬୩ ୱାକଫ ସମ୍ପତ୍ତିର ସୂଚନା ୨୦୨୫ ଡିସେମ୍ବର ସୁଦ୍ଧା କେନ୍ଦ୍ର ସରକାରଙ୍କ ୟୁଏମ୍ଆଇଡି ୱେବ୍ସାଇଟ୍ରେ ଅପଲୋଡ୍ କରିବାକୁ ରାଜ୍ୟ ସରକାର ସବୁ ଜିଲ୍ଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୱାକଫ ସଂଶୋଧନ ଆଇନ୍ ଚଳିତବର୍ଷ ଏପ୍ରିଲ ୪ରେ ସଂସଦର ଦୁଇଟି ଗୃହରେ ପାରିତ ହୋଇଥିଲା। ସେତେବେଳେ ଏହି ଆଇନ୍କୁ ଲାଗୁ କରିବି ନାହିଁ ବୋଲି ପଶ୍ଚିମବଙ୍ଗ ସରକାର କହିଥିଲେ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏପ୍ରିଲ ୮ରେ ଏକ ରାଲିରେ କହିଥିଲେ ଯେ, ଯେପର୍ଯ୍ୟନ୍ତ ମମତା ଦିଦି ଅଛି, ସେପର୍ଯ୍ୟନ୍ତ ରାଜ୍ୟରେ ମୁସ୍‌ଲିମ ସମ୍ପ୍ରଦାୟର ସମ୍ପତ୍ତିକୁ ରକ୍ଷା କରିବ। ଏଥିପାଇଁ ଆବଶ୍ୟକ ହେଲେ ଗୁଳି ଖାଇବାକୁ ପ୍ରସ୍ତୁତ ଅଛି। ଏକତାରୁ ମୋତେ ଅଲଗା କରାଯାଇପାରିବ ନାହିଁ। ପଶ୍ଚିମବଙ୍ଗରେ ଧର୍ମ ନାମରେ ଭାଗବଣ୍ଟା ହୋଇପାରିବ ନାହିଁ ବୋଲି ସେ କହିଥିଲେ। ଏହି ଆଇନ୍ ନେଇ କୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। କିନ୍ତୁ ସୁପ୍ରିମକୋର୍ଟ ଏହି ଆଇନ୍ ଲାଗୁ ହେବା ନେଇ କୌଣସି ରୋକ ଲଗାଇ ନାହାନ୍ତି। ଫଳରେ ମମତା ଶେଷରେ ଏହି ନିୟମ ଲାଗୁ କରିବାକୁ ରାଜି ହେବାକୁ ବାଧ ହୋଇଛନ୍ତି ବୋଲି କୁହାଯାଇଛି।

# ମୁନୀରଙ୍କ ଶକ୍ତିବୃଦ୍ଧି ନେଇ ଚିନ୍ତା ପ୍ରକଟ କଲା ଜାତିସଂଘ

ନ୍ୟୁୟର୍କ, ୨୯।୧୧(ଏଜେନ୍ସି): ପାକିସ୍ତାନରେ ହୋଇଥିବା ସମ୍ବିଧାନ ସଂଶୋଧନ ଓ ସେନାଧକ୍ଷ ଆସିମ ମୁନୀରଙ୍କ ଶକ୍ତିବୃଦ୍ଧି ନେଇ ଜାତିସଂଘ ତରଫରୁ ଚିନ୍ତା ପ୍ରକଟ କରାଯାଇଛି। ପାକିସ୍ତାନରେ ହୋଇଥିବା ୨୭ତମ ସମ୍ବିଧାନ ସଂଶୋଧନ ନ୍ୟାପାଳିକା ତଥା କୋର୍ଟଙ୍କ କ୍ଷମତାକୁ ସଙ୍କୁଚିତ ଓ ଦୁର୍ବଳ କରିବ ବୋଲି ଜାତିସଂଘ ମାନିବକ ଅଧିକାର ଏଜେନ୍ସି (ୟୁଏନ୍ଏଚ୍ଆର) ହାଇ କମିଶନର ଭୋଲକର ଟର୍କ ସତର୍କ କରାଇଛନ୍ତି। ଏହି ସମ୍ବିଧାନିକ ପରିବର୍ତ୍ତନ ଅତ୍ୟାବଶକୀୟ ଆଇନ୍ ଓ ନିୟମକୁ ଆହୁରି ଦୁର୍ବଳ କରିବ। ଫଳରେ ପାକିସ୍ତାନରେ ଆଇନ ବ୍ୟବସ୍ଥା ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ସେ କହିଛନ୍ତି। ନଭେମ୍ବର ୧୨ରେ ସେନାର ଶକ୍ତି ବୃଦ୍ଧି କରିବାକୁ ଓ ସୁପ୍ରିମକୋର୍ଟର କ୍ଷମତା କମ୍ କରିବାକୁ ୨୭ତମ ସମ୍ବିଧାନ ସଂଶୋଧନକୁ ସଂସଦରେ ଅନୁମୋଦନ କରାଯାଇଥିଲା। ଏହିକ୍ରମରେ ସମ୍ବିଧାନର ୪୮ତମ ଅନୁଚ୍ଛେଦରେ ପରିବର୍ତ୍ତନ କରାଯାଇଥିଲା। ଏହା ଦ୍ୱାରା କୋର୍ଟ ଓ ଆଇନ୍ ବ୍ୟବସ୍ଥା ଉପରେ ରାଜନୀତିର ପ୍ରଭାବ ବୃଦ୍ଧିପାଇବ। ସମ୍ବିଧାନ ସଂଶୋଧନ ନେଇ ପୁଣି ଥରେ ବିଚାର କରିବାକୁ ଟର୍କ ଅପିଲ କରିଛନ୍ତି। ଉଲ୍ଲେଖଥାଉ କି, ନଭେମ୍ବର ୨୭ରେ ମୁନୀର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଭାବେ ଦାୟିତ୍ୱ ବହନ କରିଥିଲେ। ଏବେ ତାଙ୍କ ହାତରେ ପରମାଣୁ ଅସ୍ତ୍ର ରହିଛି।

# ତେଜସ୍ୱୀ ବିହାର ବିଧାନସଭା ବିରୋଧୀ ନେତା

ପାଟନା, ୨୯।୧୧(ଏଜେନ୍ସି): ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ବିଧାୟକ ତେଜସ୍ୱୀ ଯାଦବ ବିହାର ବିଧାନସଭାରେ ବିରୋଧୀ ମେଣ୍ଟର ନେତା ନିର୍ବାଚିତ ହୋଇଛନ୍ତି। ଆରଜେଡି ଓ ମହାମେଣ୍ଟ ବିଧାୟକ ଦଳ ବୈଠକରେ ଏ ନେଇ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଆରଜେଡି, କଂଗ୍ରେସ ଓ ବାମଦଳଗୁଡିକର ବିଧାୟକମାନେ ତେଜସ୍ୱୀଙ୍କ ନାମକୁ ଅନୁମୋଦନ କରିଥିଲେ। ଗୃହରେ ସଭ୍ୟ ସଂଖ୍ୟା କମ୍ ହୋଇଥିଲେ ମଧ୍ୟ ଜନ କଲ୍ୟାଣ ଦୃଷ୍ଟିକୁ ଦୃଷ୍ଟିରେ ରଖି ଏକାଠି ହୋଇ ମେଣ୍ଟ ଦୃଢ଼ତାର ସହ ସ୍ୱର ଉତ୍ତୋଳନ କରିବ ବୋଲି ସମସ୍ତେ ଏକ ସ୍ୱରରେ ବୈଠକରେ କହିଥିଲେ। ଡିସେମ୍ବର ୧ରେ ବିଧାନସଭାବର ଅଧିବେଶନ ଆରମ୍ଭ ହେବ। ଏହାପୂର୍ବରୁ ତେଜସ୍ୱୀ ଯାଦବଙ୍କ ବାସଭବନରେ ମହାମେଣ୍ଟର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗ ଦେବାକୁ ତେଜସ୍ୱୀ ଶନିବାର ଦିଲ୍ଲୀରୁ ପାଟନା ପହଞ୍ଚିଥିଲେ। ବିଧାନ ସଭାବେ ଶାସକ ଏନ୍‌ଡିଏର ୨୦୨ ବିଧାୟକ ଥିବା ବେଳେ ବିରୋଧୀ ମେଣ୍ଟର ୩୫ ଜଣ ବିଧାୟକ ରହିଛନ୍ତି। ଏଥିରେ ଆରଜେଡିର ୨୫, କଂଗ୍ରେସର ୬ ଓ ବାମ ଦଳର ୪ ଜଣ ବିଧାୟକ ସାମିଲ ରହିଛନ୍ତି।

# ୨୫ ଲକ୍ଷ ଜଙ୍ଗଲୀ ବିଲେଇଙ୍କୁ ମାରିବ ନ୍ୟୁଜିଲାଣ୍ଡ

ନୂଆଦିଲ୍ଲୀ,୨୯।୧୧(ଏଜେନ୍ସି): ନ୍ୟୁଜିଲାଣ୍ଡ ସରକାର ୨୦୫୦ ପର୍ଯ୍ୟନ୍ତ ଦେଶର ପାଖାପାଖି ୨୫ ଲକ୍ଷ ଜଙ୍ଗଲୀ ବିଲେଇଙ୍କୁ ମାରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଅନ୍ୟ ଦୁର୍ବଳ ଜୀବ- ଜନ୍ତୁ ଓ ପକ୍ଷୀଙ୍କୁ ବଞ୍ଚାଇବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି। ବିଲେଇମାନେ



ପୋଷା ବିଲେଇମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏମାନେ ଶିକାର କରି ବଞ୍ଚି ରହିଥାନ୍ତି। ଏହି ବିଲେଇଗୁଡିକ ନ୍ୟୁଜିଲାଣ୍ଡର ଜଙ୍ଗଲ ଓ ଦୂର ଦୂରାନ୍ତ ସ୍ଥାନରେ ରହିଥାନ୍ତି। ଏମାନଙ୍କ ସଂଖ୍ୟା ଏବେ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ବୋଲି ପୋଟାକା କହିଛନ୍ତି। ଏହି ବିଲେଇଗୁଡିକର ଲମ୍ବ

ଏମାନଙ୍କର ଶିକାର କରୁଛନ୍ତି। ଏହି ଜଙ୍ଗଲୀ ବିଲେଇଗୁଡିକ ବେଶ୍ ଘାତକ ବୋଲି ନ୍ୟୁଜିଲାଣ୍ଡ ସଂରକ୍ଷଣ ମନ୍ତ୍ରୀ ତାମା ପୋଟାକା କହିଛନ୍ତି। ଏହି ବିଲେଇଗୁଡିକୁ ଏବେ 'ପ୍ରିଡେଟର ଫ୍ରି ୨୦୫୦' ପ୍ରୋଗାମ୍‌ରେ ସାମିଲ କରାଯାଇଛି। ଏହି କାର୍ଯ୍ୟକ୍ରମ ୨୦୧୬ରେ ପକ୍ଷୀ, ବାଦୁଡି, ଝିଟିପିଟି ଓ କିଡାଙ୍କୁ ପ୍ରତି ବିପଦ ସୃଷ୍ଟିକରୁଥିବା ଆକ୍ରମଣାତ୍ମକ ପ୍ରଜାତିକୁ ଶେଷ କରିବା ପାଇଁ ଆରମ୍ଭ କରାଯାଇଛି। ଏହି ଜଙ୍ଗଲୀ ବିଲେଇ ୧ ମିଟର ହୋଇଥିବା ବେଳେ ଓଜର ୭ କେଜି। ଏହି ବିଲେଇମାନଙ୍କ ଯୋଗୁଁ ବହୁ ଜୀବଜନ୍ତୁଙ୍କ ଅସ୍ତିତ୍ୱ ବିପଦରେ ପଡ଼ିଛି। ଷ୍ଟିୱାର୍ଟ ଦୀପରେ ରହୁଥିବା ଦକ୍ଷିଣୀ ଡୋଟେରେଲ ପକ୍ଷୀ ଏବେ ବିଲୁପ୍ତ ହେବାକୁ ବସିଲେଣି ବୋଲି ସେ କହିଛନ୍ତି। ପୁଣି ଏହି ବିଲେଇଙ୍କ କାରଣରୁ ଟୋକ୍ସୋପ୍ଲାସମୋସିସ୍ ଭଳି ରୋଗ ବ୍ୟାପୁଛି ଓ ଏହି କାରଣରୁ ଡଲଫିନ୍, ମଣିଷ ଓ ଅନ୍ୟ ଜୀବଜନ୍ତୁ ବିପଦରେ ପଡୁଛନ୍ତି।

# ଶାହିନ୍ ଫ୍ଲାଟ୍‌ରୁ ମିଳିଲା ୧୮.୫୦ ଲକ୍ଷ ଟଙ୍କା

ଫରିଦାବାଦ୍, ୨୯।୧୧(ଏଜେନ୍ସି): ଦିଲ୍ଲୀର ଲାଲ୍‌କିଲ୍ଲାରେ ହୋଇଥିବା ବୋମା ବିସ୍ଫୋରଣର ଯାଞ୍ଚ ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନ୍ଆଇଏ) କରୁଛି। ଏହି ମାମଲାରେ ଆତଙ୍କବାଦ ମଡ୍ୟୁଲ୍‌ରେ ସାମିଲ ଥିବା ମହିଳା ଡାକ୍ତର ଶାହିନ ସହିଦର ଫରିଦାବାଦ୍‌ସ୍ଥିତ ଅଲ- ଫଲାହ ବିଶ୍ୱବିଦ୍ୟାଳୟର ଫ୍ଲାଟ୍‌ରୁ ୧୮.୫୦ ଲକ୍ଷ



ଟଙ୍କା ସହ ସୁନାର ବିସ୍କୁଟ ଓ ଗହଣା ମିଳିଛି। ତାଙ୍କ ଆଲମାରୀରୁ ଆରବ ଦେଶରେ ମୁଦ୍ରା ମଧ୍ୟ ମିଳିଛି। ଗୁରୁବାର ରାତିରେ ଏନ୍ଆଇଏ ଶାହିନଙ୍କୁ ନେଇ ଅଲ-ଫଲହା ବିଶ୍ୱବିଦ୍ୟାଳୟ ପହଞ୍ଚିଥିଲା। ଟିମ ସେଠାରେ ଶାହିନର ଗତିବିଧିକୁ ନେଇ ଯାଞ୍ଚ କରିଥିଲେ। ବିଶ୍ୱବିଦ୍ୟାଳୟ ଭିତରେ ଶାହିନର ଫ୍ଲାଟ୍ ନଂ ୨୨ ଥିଲା ବୋଲି ଏନ୍ଆଇଏ ଜାଣିବାକୁ ପାଇଛି। ଏହି ଫ୍ଲାଟ୍‌ରେ ବହୁ ସମୟ ଧରି ରହୁଥିଲା। ଫ୍ଲାଟ୍‌ର ଆଲମାରୀ ଖୋଲିବା ପରେ ଭିତରେ ଏକ ସିକ୍ରେଟ ଲକର ମିଳିଥିଲା। ତାଙ୍କୁ ଖୋଲାଯାଇଥିଲା ଓ ସେଥିରେ ଏକ ପକେଟ ରଖାଯାଇଥିଲା ଓ ଏଥିରେ ୫୦୦ ଟଙ୍କିଆ ନୋଟ ଥିଲା। ଗଣିବା ପରେ ଏହା ୧୮.୫୦ ଲକ୍ଷ ଟଙ୍କା ବୋଲି ଜଣାପଡ଼ିଥିଲା। ଅଲମାରୀର ଦ୍ୱିତୀୟ ଲକରରୁ ସୁନାର ଦୁଇଟି ବିସ୍କୁଟ ଓ ୩୦୦ ଗ୍ରାମର ସୁନା ଗହଣା ମିଳିଥିଲା। ଏହି ଆଲମାରୀରେ ଆରବ ଦେଶର ମୁଦ୍ରା ମଧ୍ୟ ମିଳିଥିଲା। ଏଥିସହ ବିଶ୍ୱବିଦ୍ୟାଳୟର ଆଡମିଶନ ବ୍ଲକରୁ ଶାହିନର କିଛି କାଗଜପତ୍ରକୁ ମଧ୍ୟ ଏଜେନ୍ସି ଜବତ କରିଥିଲା। ଏଜେନ୍ସି ଶାହିନକୁ କେବିନ ଓ କ୍ଲାସରୁମ ନେଇ ପହଞ୍ଚିଥିଲା। ବିଶ୍ୱବିଦ୍ୟାଳୟର ଭାଇସ ଚାନ୍ସଲରଙ୍କ ନିକଟକୁ ମଧ୍ୟ ତାଙ୍କୁ ନିଆଯାଇଥିଲା। ଉଲ୍ଲେଖଥାଉ କି, ଲାଲକିଲ୍ଲା ବିସ୍ଫୋରଣରେ ଶାହିନ ସମେତ ୭ ଜଣ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି ଓ ଏମାନଙ୍କ ମଧ୍ୟରେ ୩ ଜଣ ଡାକ୍ତର ସାମିଲ ରହିଛନ୍ତି।

# ତୁଟୁନି କର୍ଣ୍ଣାଟକ ଅଡୁଆ



ବେଙ୍ଗାଲୁରୁ, ୨୯।୧୧ (ଏଜେନ୍ସି): କର୍ଣ୍ଣାଟକରେ କଂଗ୍ରେସ ସରକାରକୁ ଅଢ଼େଇ ବର୍ଷ ପୂରଣ ହେବା ପରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଆରମ୍ଭ ହୋଇଥିବା କଳି ତୁଟିବାର ନା ଧରୁନି। ମୁଖ୍ୟମନ୍ତ୍ରୀ ଚୌକିକୁ ନେଇ ଲାଗିଥିବା ଏହି ଟଣା ଓଟରା ଖୋଲାଖୋଲି ଭାବେ ସାମ୍ନାକୁ ଆସି ଯାଇଛି। ଜଣେ ମୁଖ୍ୟମନ୍ତ୍ରୀ ହେବାକୁ ଚାହୁଁଥିବାବେଳେ ଆଉ ଜଣେ ଚୌକି ନ ଛାଡ଼ିବାକୁ ଅଡ଼ି ବସିଛନ୍ତି। ଏହି ବିବାଦ ସାଇବର ସହରରୁ ରାଜଧାନୀ ଦିଲ୍ଲୀ ପର୍ଯ୍ୟନ୍ତ ପହଞ୍ଚି ଯାଇଛି। ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଏବଂ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ମଧ୍ୟରେ ପଦବୀ ବିବାଦ ଏତେ ବଢ଼ି ଯାଇଥିଲା ଯେ କଂଗ୍ରେସ ହାଇକମାଣ୍ଡଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଛି। ଉଭୟ ଗୋଷ୍ଠୀର କର୍ମୀ ନିଜ ନିଜ ନେତାଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଦାବି କରିନ୍ତି। ଅଢ଼େଇ ବର୍ଷ ପୂରଣ ହୋଇଥିବାରୁ ଗାଦି ଛାଡ଼ ବୋଲି ଡିକେଙ୍କ ସମର୍ଥକ ଦାବି କରିଛନ୍ତି। କିନ୍ତୁ ଏଭଳି କୌଣସି ଚୁକ୍ତି ହୋଇ ନ ଥିବା ସିଦ୍ଧରମେୟା ଗୋଷ୍ଠୀ ମତ ଦେଉଛନ୍ତି। ତେବେ ହାଇକମାଣ୍ଡଙ୍କ ନିର୍ଦ୍ଦେଶରେ ସିଦ୍ଧରମେୟା ନିଜ ସହଯୋଗୀ ତଥା କଂଗ୍ରେସ ଅଧକ୍ଷ ଡିକେ ଶିବକୁମାରଙ୍କୁ ଜଳଖିଆ ପାଇଁ ଡକାଇଛନ୍ତି। ଆଉ ଏହାକୁ ରକ୍ଷା କରି ଶନିବାର ସକାଳ ୧୦ଟା ୧୫ରେ ଡିକେ ତାଙ୍କ ବାସଭବନରେ ପହଞ୍ଚିଥିଲେ। ଏହି ଭେଟଘାଟକୁ କଂଗ୍ରେସରେ ଚାଲିଥିବା କ୍ଷମତା କଳିର ସମାଧାନ ଭାବେ ଦେଖାଯାଉଛି। ଉଭୟ ନେତା ପ୍ରାୟ ଏକ ଘଣ୍ଟା ପର୍ଯ୍ୟନ୍ତ ଜଳଖିଆ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହା ମିଳିତ ସାମ୍ବାଦିକ ସମ୍ମିଳନୀ କରିଥିଲେ।

- **ଏକାଠି ଜଳଖିଆ କଲେ ସିଦ୍ଧରମେୟା-ଶିବକୁମାର**
- **ଯୁଗ୍ମ ସାମ୍ବାଦିକ ସମ୍ମିଳନୀରେ ମତଭେଦ ନ ଥିବା କହିଲେ**

ସିଦ୍ଧରମେୟା କହିଥିଲେ ଯେ ଆମ ଭିତରେ କୌଣସି ମତଭେଦ ନାହିଁ ଏବଂ ଭବିଷ୍ୟତରେ ମଧ ହେବ ନାହିଁ। ଉଭୟେ ଏକାଠି କାମ କରିବୁ। ବିଜେପି ଏବଂ ଜେଡିଏସ ମିଥ୍ୟା ଅଭିଯୋଗ ଲଗାଇଥିବା କହିଥିଲେ। ଉଭୟ ଦଳ କଂଗ୍ରେସ ସାମ୍ନାରେ ତିଷ୍ଠି ପାରିବେ ନାହିଁ ବୋଲି ଉଲ୍ଲେଖ କରିଥିଲେ। ସେହିପରି ଡିକେ କହିଥିଲେ ଯେ ଜନତାଙ୍କ ସମର୍ଥନରେ ସରକାର ଗଢିଛୁ। ଯାହା ପ୍ରତିଶ୍ରୁତି ଦେଇଛୁ ତାହା କରିବା ପାଇଁ କାମ କରୁଛୁ। ହାଇକମାଣ୍ଡ ଯାହା କହିବେ ଆମେ ତାହା ପାଳନ କରିବୁ। କୌଣସି ଗୋଷ୍ଠୀ କନ୍ଦଳ ନାହିଁ। ମୁଁ ମୁଖ୍ୟମନ୍ତ୍ରୀଙ୍କ ସହ ରହିଛି। କର୍ଣ୍ଣାଟକରେ ବିକାଶକୁ ପ୍ରାଧାନ୍ୟ ଦେବୁ। ପୁଣି ଥରେ ୨୦୨୮ରେ ସରକାର ଗଠନ କରିବୁ।

ସୂଚନା ଅନୁଯାୟୀ ଏହି ବୈଠକରେ ୨୦୨୮ ରୁ ମୁଖ୍ୟମନ୍ତ୍ରୀ ହେବା ପାଇଁ ଡିକେଙ୍କୁ ଶିବକୁମାର କହିଥିଲେ। ଆଉ କିଛି ରିପୋର୍ଟରେ ମୁଖ୍ୟମନ୍ତ୍ରୀ ବଦଳାଇବା ମାମଲାକୁ ମାର୍ଚ୍ଚ-ଏପ୍ରିଲ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଥିବା କୁହାଯାଉଛି। ଏହା ପରେ ଶିବକୁମାର ସରକାରର ମୁଖ୍ୟ ହୋଇପାରନ୍ତି। ସହଜରେ କ୍ଷମତା ପରିବର୍ତ୍ତନ ପାଇଁ ଶିବକୁମାରଙ୍କୁ ଶାନ୍ତ ରହି ନିଜ କାମ କରିବାକୁ ହାଇକମାଣ୍ଡ ନିର୍ଦ୍ଦେଶ ଦେଇଛନ୍ତି।

# ବାଇଡେନଙ୍କ ୯୨% ନିର୍ଦ୍ଦେଶ ରଦ୍ଦ କଲେ ଟ୍ରମ୍ପ

ୱାଶିଂଟନ, ୨୯।୧୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଏକ ଚକିତ କଲା ଭଳି ପଦକ୍ଷେପ ନେଇଛନ୍ତି। ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ କାର୍ଯ୍ୟକାଳରେ ଜାରି କରାଯାଇଥିବା ୯୨ ପ୍ରତିଶତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକୁ ଟ୍ରମ୍ପ ରଦ୍ଦ କରିଦେଇଛନ୍ତି। ସେ ନିଜ ସାମାଜିକ ଗଣମାଧ୍ୟମ ସାଇଟ୍ 'ଟ୍ରୁଥ୍ ସୋସିଆଲ'ରେ ଏହାର ସୂଚନା ଦେଇଛନ୍ତି। ଟ୍ରମ୍ପ ଏହି ନିର୍ଦ୍ଦେଶକୁ ନେଇ ବଡ଼ ଦାବି ମଧ୍ୟ କରିଛନ୍ତି। ସେ କହିଛନ୍ତି ଯେ ଏହି ସବୁ ନିର୍ଦ୍ଦେଶରେ ଅଟୋପେନ୍ ତଥା ମେସିନରେ ଦସ୍ତଖତ କରଯାଇଥିଲା। ଆମେରିକା ରାଷ୍ଟ୍ରପତି ସ୍ୱଷ୍ଟ ନିର୍ଦ୍ଦେଶ ଦେଇଥିଲେ ଏହା ବୈଧ ହୋଇଥାଏ। ବାଇଡେନଙ୍କ ମଞ୍ଜୁରି ନ ନେଇ ଏପରି

- **ମେସିନରେ ଦସ୍ତଖତ ହୋଇଥିବା ଦାବି**
- **ପୂର୍ବତନ ରାଷ୍ଟ୍ରପତିଙ୍କୁ ମଞ୍ଜୁର ନ ଥିବାରୁ ବେଆଇନ**

କରାଯାଇଥିବାରୁ ତାହାକୁ ରଦ୍ଦ କରିଦିଆଯାଇଛି। କାରଣ ସେ ଅଟୋପେନ ପ୍ରକ୍ରିୟାରେ ସାମିଲ ନ ଥିଲେ। ଏହି ସବୁ ନିର୍ଦ୍ଦେଶକୁ ଆଉ କେବେ ବି କାର୍ଯ୍ୟକାରୀ କରାଯିବ ନାହିଁ।

ଟ୍ରମ୍ପଙ୍କ ଏହି ପଦକ୍ଷେପ ଦ୍ୱାରା ଅନେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଏଥିରେ ସ୍ୱାସ୍ଥ୍ୟ ପରିବେଶ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସମ୍ବନ୍ଧିତ ନିୟମ ସାମିଲ ରହିଛି। ବାଇଡେନଙ୍କୁ



ଟ୍ରମ୍ପ ନିଦ୍ରାଳୁ ଜୋ ଏବଂ ଚାଲାକ ଜୋ କହି ଧମକ ଦେଇଛନ୍ତି। ଯଦି ବାଇଡେନ ଏହି ନିର୍ଦ୍ଦେଶରେ ନିଜ ସହମତି ଥିବା ଦାବି କରନ୍ତି ତେବେ ତାଙ୍କ ବିରୋଧରେ ମିଥ୍ୟା ବୟାନ ଦେଇଥିବାରୁ ଅଭିଯୋଗ ଲଗାଯିବ ବୋଲି କହିଛନ୍ତି। ହ୍ୱାଇଟ ହାଉସ ନିକଟରେ ନ୍ୟାସନାଲ ଗାର୍ଡଙ୍କ ଉପରେ ଆକ୍ରମଣ ହେବା ପରେ ଟ୍ରମ୍ପ ଏହି ନିଷ୍ପତ୍ତି ନେଇଛନ୍ତି।

ବାଇଡେନ ଚାରି ବର୍ଷ (୨୦୨୧-୨୫) ମଧ୍ୟରେ ମୋଟ ୧୬୨ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଜାରି କରିଥିଲେ। ଏହା ସହିତ ଅନେକ ମେମୋରାଣ୍ଡମ ଏବଂ ନୋଟିସରେ ମଧ ସ୍ୱାକ୍ଷର କରିଥିଲେ। ଗତ ଜାନୁଆରୀରେ ଟ୍ରମ୍ପ ପଦ ସମ୍ଭାଳିବା ପରଠାରୁ ବାଇଡେନ ଯୁଗର ୮୦ ନିର୍ଦ୍ଦେଶକୁ ରଦ୍ଦ କରି ସାରିଲେଣି। କିନ୍ତୁ କିଛି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଏବେ ବି କାର୍ଯ୍ୟକାରୀ ହେଉଛି। ଏବେ ଏହା ମଧ୍ୟରୁ କିଛି ରଦ୍ଦ ହୋଇପାରେ। ଟ୍ରମ୍ପଙ୍କ ଏଭଳି ମନମୁଖୀ ନୀତି ଯୋଗୁଁ ସ୍ୱାସ୍ଥ୍ୟ, ପରିବେଶ, ସଂଖ୍ୟାଲଘୁ, ଏଆଇର ବିକାଶ ଏବଂ ଉପଯୋଗ ସମ୍ବନ୍ଧିତ ଆଇନ ଉପରେ ପ୍ରଭାବ ପଡ଼ିପାରେ। ତେବେ ବିଶେଷଜ୍ଞଙ୍କ ଅନୁଯାୟୀ, ସବୁ ନିର୍ଦ୍ଦେଶର ବୈଧତାର ପ୍ରମାଣ ଦେବା ସମ୍ଭବ ହୋଇ ନ ପାରେ। ମାତ୍ର ବାଇଡେନଙ୍କ ଏହି ସ୍ୱାକ୍ଷରର କିଏ ଯାଞ୍ଚ କରିବ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଆମେରିକାର ନିୟମ ଅନୁଯାୟୀ, କୌଣସି ରାଷ୍ଟ୍ରପତି ନିଜ ପୂର୍ବତନ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶକୁ ସଂଶୋଧନ, ରଦ୍ଦ ଏବଂ ପାଳନ କରିବାକୁ ମନା କରିଦେଇପାରିବେ। ତେବେ ଏହାର କିଛି ସୀମା ରହିଛି।

# ରୁଷିଆର ଦୁଇ ତୈଳ ଟ୍ୟାଙ୍କରରେ ବିସ୍ଫୋରଣ

ମସ୍କୋ, ୨୯।୧୧(ଏଜେନ୍ସି): କୃଷ୍ଣ ସାଗରରେ ରୁଷିଆର ଦୁଇଟି ତୈଳ ଟ୍ୟାଙ୍କର କାଇରୋସ ଓ ବିରାଟରେ ଭୟଙ୍କର ବିସ୍ଫୋରଣ ହୋଇଛି। ଦୁଇଟି ଜାହଜର କ୍ରୁ ମେମ୍ବରଙ୍କୁ ସୁରକ୍ଷିତ ଭାବେ ବାହାରକୁ ବାହାର କରାଯାଇଛି। ଡ୍ରୋନ ଦ୍ୱାରା ଆକ୍ରମଣ କରାଯାଇଛି ବୋଲି କ୍ରୁ ମେମ୍ବରମାନେ କହିଛନ୍ତି। ୟୁକ୍ରେନ ଏହି ଆକ୍ରମଣ କରିଛି ବୋଲି



କହିଛି। ପାଣି ଭିତରେ ଚାଲୁଥିବା ୟୁକ୍ରେନର ଡ୍ରୋନ ଦ୍ୱାରା ଏହି ବିସ୍ଫୋରଣ ହୋଇଛି। ଏହି ଅପରେସନ ଏସ୍‌ବିୟୁ ଓ ନୌସେନା ସାଥି ହୋଇ କରିଛନ୍ତି ବୋଲି ୟୁକ୍ରେନର ସୁରକ୍ଷା ଏଜେନ୍ସି ତରଫରୁ କୁହାଯାଇଛି। ଏବେ ଏହି ଦୁଇଟି ଜାହାଜର ବ୍ୟବହାର ଯୋଗ୍ୟ ହୋଇ ରହିବା ନାହିଁ ବୋଲି ୟୁକ୍ରେନ କହିଛି। ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରିବାକୁ ୟୁକ୍ରେନ ଉପରେ ଆମେରିକା ଚାପ ପକାଉଥିବା ବେଳେ ଏହି ଘଟଣା ଘଟିଛି। ଦୁଇଟି ଟ୍ୟାଙ୍କରରେ ଗାମ୍ବିଆର ପତାକା ଲାଗିଥିଲା। ପୂର୍ବରୁ ବିରାଟ ତୈଳ ଟ୍ୟାଙ୍କର ଶୁକ୍ରବାର କ୍ଷତିଗ୍ରସ୍ତ ହୋଇଥିଲା। ନିଆଁର ସ୍ଥିତି ଉପରେ ନଜର ରଖାଯାଇଛି ବୋଲି କୁହାଯାଇଛି। ବିରାଟର ୨୦ଜଣ କ୍ରୁ ମେମ୍ବର ସୁରକ୍ଷିତ ଅଛନ୍ତି। କିନ୍ତୁ ଜାହାଜର ଇଞ୍ଜିନରେ କଳା ଧୂଆଁ ଦେଖିବାକୁ ମିଳିଛି। ଏଥିରେ କେହି ମୃତାହତ ହୋଇଥିବାର ଖବର ମିଳିନାହିଁ। ତେବେ ରୁଷ୍ ତରଫରୁ ଏ ନେଇ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ।

# ତାଜିକିସ୍ତାନର ସୁନା ଖଣିରେ ଚୀନ୍‌ର ୩ ଇଞ୍ଜିନିୟରଙ୍କୁ ହତ୍ୟା

କାବୁଲ୍, ୨୯।୧୧(ଏଜେନ୍ସି): ତାଜିକିସ୍ତାନର ଖାତଲୋନ ରାଜ୍ୟର ଏକ ସୁନା ଖଣିରେ ଉପରେ ହୋଇଥିବା ଡ୍ରୋନ ଆକ୍ରମଣରେ ୩ ଜଣ ଚୀନ୍ ଇଞ୍ଜିନିୟର ମୃତ୍ୟୁବରଣ କରିଛନ୍ତି। ନଭେମ୍ବର ୨୬ରେ ଏହି ଡ୍ରୋନ ଆକ୍ରମଣ ହୋଇଥିଲା। ଆଫଗାନିସ୍ତାନରୁ ହିଁ ଏହି ଡ୍ରୋନ ଆସିଥିଲା ବୋଲି ତାଜିକିସ୍ତାନ ଦାବି କରିଛି। ଏବେ ଏହି ଘଟଣାକୁ ନେଇ ହଇଚଇ ସୃଷ୍ଟି ହୋଇଛି। ଆଫଗାନିସ୍ତାନର ଅପରାଧିମାନେ ହିଁ ଏହି କାଣ୍ଡ ଘଟାଇଛନ୍ତି ବୋଲି ତାଜିକିସ୍ତାନ ତରଫରୁ କୁହାଯାଇଛି। ଏଭଳି ଘଟଣାକୁ ରୋକିବା ପାଇଁ ତାଲିବାନ ସରକାର ଦୃଢ଼ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ତାଜିକିସ୍ତାନ କହିଛି। ତେବେ ତାଲିବାନ ଏହି ଡ୍ରୋନ ଆକ୍ରମଣରେ ସମ୍ପୃକ୍ତ ନାହିଁ ବୋଲି ସ୍ପଷ୍ଟ କରିଛି। ପାକିସ୍ତାନରେ ଅରାଜକତା ସୃଷ୍ଟିକରିବାକୁ ଚାହୁଁଥିବା ଏକ ସଂଗଠନ ଅର୍ଥାତ ଗୋଷ୍ଠୀ ଏହି ଆକ୍ରମଣ କରିଛି ବୋଲି ତାଲିବାନ କହିଛି। ତାଲିବାନର ଏହି ଦାବି ପରେ ଚୀନ୍‌ର ଏହି ୩ ଜଣ ଇଞ୍ଜିନିୟରଙ୍କ ମୃତ୍ୟୁ ପଛରେ କାହାର ହାତ ଅଛି ତାହା ଜଣାପଡ଼ିନାହିଁ। ସେପଟେ ଚୀନ୍ ଏହି ଘଟଣା ନେଇ ପ୍ରବଳ ଅସନ୍ତୋଷ ଜାହିର କରିଛି। ଏହି ଘଟଣାକୁ ଚୀନ୍ ନିନ୍ଦା କରିଛି ଓ ସୀମାବର୍ତ୍ତୀ ଅଞ୍ଚଳ ଛାଡ଼ିବାକୁ ନିଜ ନାଗରିକଙ୍କୁ ଚେତାବନୀ ଦେଇଛି। ପୂର୍ବରୁ ମଧ୍ୟ ଚୀନ୍ ଇଞ୍ଜିନିୟରଙ୍କ ଉପରେ ଏଭଳି ଆକ୍ରମଣ ହୋଇଛି। ପାକିସ୍ତାନ ଆଫଗାନିସ୍ତାନକୁ ପରୋକ୍ଷରେ ଦାୟୀ କରିଛି। ଆତଙ୍କବାଦୀଙ୍କ ଉପରେ ଆଫଗାନିସ୍ତାନ ସରକାର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ପାକିସ୍ତାନ କହିଛି। ତାଲିବାନ ମଧ୍ୟ ପାକିସ୍ତାନକୁ ଏହି ଘଟଣା ପାଇଁ ଦାୟୀ କରିଛି। ଚୀନ୍ ଇଞ୍ଜିନିୟରଙ୍କ ଉପରେ ଡ୍ରୋନ ଆକ୍ରମଣକୁ ଆଫଗାନିସ୍ତାନ ମଧ୍ୟ ନିନ୍ଦା କରିଛି।

## ଦକ୍ଷିଣ ପୂର୍ବ ଏସିଆରେ ଝଡ଼ ଓ ବନ୍ୟା ବିପ୍ରାତ

# ଇଣ୍ଡୋନେସିଆରେ ୨୪୮, ଥାଇଲାଣ୍ଡରେ ୧୬୨ ମୃତ

ଜାକର୍ତ୍ତା, ବ୍ୟାଙ୍କକ/କଲମ୍ବୋ, ୨୯।୧୧(ଏଜେନ୍ସି): 'ସେନିୟାର' ଝଡ଼ ଥାଇଲାଣ୍ଡ, ଇଣ୍ଡୋନେସିଆ, ମାଲେସିଆ, ଭିଏତନାମରେ ବିପର୍ଯ୍ୟୟ ସୃଷ୍ଟି କରିଛି। ପ୍ରବଳ ବର୍ଷା ଯୋଗୁଁ ଆସିଥିବା ବନ୍ୟା ବିପ୍ରାତ ଆଣିଛି। ଏହା ଜନ ଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ବର୍ଷା ଜନିତ ଅଘଟଣରେ ଥାଇଲାଣ୍ଡରେ ୧୬୨ ଜଣ ପ୍ରାଣ ହରାଇଥିବାବେଳେ ଶତାଧିକ ନିଖୋଜ ଅଛନ୍ତି। ଶ୍ରୀଲଙ୍କାରେ ବାତ୍ୟା ଦିତୱା ୧୫୩ ଜଣଙ୍କ ଜୀବନ ନେଇଥିବାବେଳେ ଶତାଧିକ ନିଖୋଜ ଅଛନ୍ତି। ଅନେକ ସ୍ଥାନରେ ଭୂସ୍ଖଳନ ହୋଇଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବ ବୋଲି କୁହାଯାଉଛି। ଥାଇଲାଣ୍ଡ ପ୍ରଶାସନର ସୂଚନା ଅନୁଯାୟୀ, ଝଡ଼ ସେନିୟାରା ଯୋଗୁ ଆସିଥିବା ବନ୍ୟା ୧୨ ପ୍ରଦେଶରେ ଭୟଙ୍କର ସ୍ଥିତି ସୃଷ୍ଟି କରିଛି। ଏଥିରେ ୧୨ ଲକ୍ଷରୁ ଅଧିକ ପରିବାର ଏବଂ ୩୬ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଥାଇଲାଣ୍ଡରେ କ୍ଷୁଦ୍ର କୋଠା ଏବଂ ଗାଡ଼ିଗୁଡିକ ପାଣିରେ ବୁଡ଼ି ଯାଇଛି। ଉଦ୍ଧାରକାରୀ ଦଳ ପାଣି ଭିତରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନେଉଛନ୍ତି। ଅନେକ ଜିଲ୍ଲାରେ ଜଳସ୍ତର ଖସିବାରେ ଲାଗିଛି। ବର୍ଷା କମିଥିବାବେଳେ ଝଡ଼ତୋଫାନର ବିପଦ ରହିଛି। ମାଲେସିଆ



ସୀମାରେ ଥିବା ସୋଙ୍ଗଖାଲା ଅଞ୍ଚଳ ବନ୍ୟାରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଇଣ୍ଡୋନେସିଆରେ ସୁମାତ୍ରା ଦୀପରେ ଭୟଙ୍କର ବନ୍ୟା ଓ ଭୂସ୍ଖଳନ କାରଣରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ଏହି ପ୍ରାକୃତିକ ବିପତ୍ତିରେ ଏପର୍ଯ୍ୟନ୍ତ ୨୪୮ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। କେତେକ ପ୍ରଭାବିତ ଅଞ୍ଚଳରେ ବିମାନ ମାଧ୍ୟମରେ ରିଲିଫ ସାମଗ୍ରୀ ପହଞ୍ଚାଇବାକୁ ପ୍ରୟାସ କରାଯାଉଛି। ମୃତକଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶାଙ୍କା କରାଯାଉଛି। ବନ୍ୟା ଓ ଭୂସ୍ଖଳନ କାରଣରୁ ସଡ଼କଗୁଡିକ କ୍ଷତିଗ୍ରସ୍ତ ହୋଇଛି ଓ ବହୁ ଅଞ୍ଚଳ ମୁଖ୍ୟସ୍ରୋତରୁ ଅଲଗା ହୋଇଛି। ଉତ୍ତର ସୁମାତ୍ରାର ମଧ ଟପାନୁଲି ଜିଲ୍ଲା ସମେତ ଅନ୍ୟ ଜିଲ୍ଲାଗୁଡିକରେ ବିମାନ ସାହାଯ୍ୟରେ ରିଲିଫ ସାମଗ୍ରୀ ପହଞ୍ଚାଯାଉଛି। ଏପର୍ଯ୍ୟନ୍ତ ୮୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। କିନ୍ତୁ ସଡ଼କ ପଥ କ୍ଷତିଗ୍ରସ୍ତ ହେବା କାରଣରୁ ହେଲିକପ୍ଟର ଦ୍ୱାରା ଅତ୍ୟାବଶକୀୟ ସାମଗ୍ରୀ ପହଞ୍ଚାଯାଉଛି। ସିବୋଲ୍ଗା ଓ କେନ୍ଦ୍ରୀୟ ଟାପାନୁଲୀ ଭଳି ଅଞ୍ଚଳ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। କେବଳ ଉତ୍ତର ସୁମାତ୍ରା ନୁହେଁ ଇଣ୍ଡୋନେସିଆର ପଶ୍ଚିମ ସୁମାତ୍ରା ଓ ଆସେହ ରାଜ୍ୟରେ ମଧ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହୋଇଛି। ଆସେହର ୨୩ରୁ ୧୦ଟି ଜିଲ୍ଲାରେ ପାଣି ଭରି ରହିଛି। ଇଣ୍ଡୋନେସିଆ କେତେକ ଅଞ୍ଚଳରେ ଏବେ ମଧ ବର୍ଷା ଜାରି ରହିଛି।

## କାର୍ଯ୍ୟକ୍ଷମ ହେଉନି ଓଏଭି ହଷ୍ଟେଲ୍

# ଅଭିଭାବକଙ୍କ ମୁଣ୍ଡରେ ଆର୍ଥିକ ବୋଝ

■ ଭୂତକୋଠିରେ ପରିଣତ ହେଲାଣି ଅବ୍ୟବହୃତ କୋଠା
■ ଡିସେମ୍ବର ସୁଦ୍ଧା କାର୍ଯ୍ୟକ୍ଷମ ହେବ ୧୦୬ ହଷ୍ଟେଲ୍

ଭୁବନେଶ୍ୱର, ୨୯ ।୧୧(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ରେ ପଢୁଥିବା ପିଲାଙ୍କ ରହିବା ପାଇଁ ହଷ୍ଟେଲ୍ ନିର୍ମାଣ କାର୍ଯ୍ୟ ସରିଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ନିର୍ମାଣ ସରିଥିବା କୋଠାଗୁଡ଼ିକ ଅବ୍ୟବହୃତ ଅବସ୍ଥାରେ ପଡ଼ି ରହିଛି। ବହୁ ଦୂରଦୂରାନ୍ତରୁ ପ୍ରତିଦିନ ଯିବାଆସିବା କରୁଥିବା ଛାତ୍ରଛାତ୍ରୀମାନେ ଆର୍ଥିକ ବୋଝ ମୁଣ୍ଡାଉଛନ୍ତି। ଅପରପକ୍ଷରେ ଆଦର୍ଶ ବିଦ୍ୟାଳୟ ପାଖରେ ହଷ୍ଟେଲ୍ ଓ ପରିବହନ ବ୍ୟବସ୍ଥା ଖୋଲି ଘରୋଇ ମାଲିକମାନେ ମୁନାଫା କମାଉଛନ୍ତି। ଫଳରେ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ସିବିଏସ୍ଇ ପାଠ୍ୟକ୍ରମରେ ଶିକ୍ଷାଦାନ ପାଇଁ ପରିକଳ୍ପନା ହୋଇଥିବା ଓଏଭି ଲକ୍ଷ୍ୟଚ୍ୟୁତ ହେଉଛି।

ରାଜ୍ୟର ସମସ୍ତ ବ୍ଲକ୍ ସମେତ ଗୋଟିଏ ଆଇକନିକ୍ ଓଏଭିକୁ ମିଶାଇ ମୋଟ୍ ୩୧୫ଟି ଆଦର୍ଶ ବିଦ୍ୟାଳୟ ରହିଛି। ସେହିପରି ଆଉ ୫ଟି ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ (ଓଏମ୍ଏଭି) ରହିଛି। ପ୍ରାୟ ୧ଲକ୍ଷ ୧୦ ହଜାର ଛାତ୍ରଛାତ୍ରୀ ତହିଁରେ ଅଧ୍ୟୟନ କରୁଛନ୍ତି। ସମସ୍ତ ବିଦ୍ୟାଳୟରେ ଇଂରାଜୀ ମାଧ୍ୟମରେ ଶିକ୍ଷାଦାନ ସହ ପିଲାଙ୍କ ରହିବା ପାଇଁ ହଷ୍ଟେଲ୍ର ପ୍ରାବଧାନ ରହିଛି। ପ୍ରାୟ ସମସ୍ତ ବିଦ୍ୟାଳୟରେ ହଷ୍ଟେଲ୍ ନିର୍ମାଣ କାର୍ଯ୍ୟ ପ୍ରାୟ ଦେଢ଼ବର୍ଷ ହେଲା ସରିଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରିନି। ନୂତନ କୋଠାଗୁଡ଼ିକ ବ୍ୟବହୃତ ହେଉ ନଥିବାରୁ ଭୂତକୋଠିରେ ପରିଣତ ହେଉଥିବା ବେଳେ ଛାତ୍ରଛାତ୍ରୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୩୦ରୁ ୩୫ କି.ମି ଯାଏଁ ଅସୁରକ୍ଷିତ ଭାବେ ଯାତାୟାତ କରୁଛନ୍ତି। ଆଉ କିଛି ପିଲା ନିକଟରେ ଥିବା ଘରୋଇ ହଷ୍ଟେଲ୍ରେ ରହୁଛନ୍ତି। ବିକଳ୍ପ ନଥିବାରୁ ଘରୋଇ ହଷ୍ଟେଲ୍ ଇଚ୍ଛା ମୁତାବକ ଫି’ ନେଉଥିବାରୁ ପିଲା ଓ ସେମାନଙ୍କ ଅଭିଭାବକମାନେ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି।

କିଛି ସ୍ଥାନରେ ପୂର୍ତ୍ତ ବିଭାଗ ପକ୍ଷରୁ ନୂତନ କୋଠାକୁ ଓଏଭିକୁ ହସ୍ତାନ୍ତର କରାଯାଇନଥିବା ମଧ୍ୟ ଜଣାପଡ଼ିଛି। ଆଉ କିଛି ସ୍ଥାନରେ ହଷ୍ଟେଲ ପରିଚାଳନା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ସ୍ମିତା ରାଉତ କହିଛନ୍ତି ଯେ ହଷ୍ଟେଲ୍ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଆସବାବପତ୍ର ଏବଂ ପରିଚାଳନା ପାଇଁ ଆବଶ୍ୟକ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ଟେଣ୍ଡର ସରିଛି। ଏପରିକି ୧୦୬ଟି ହଷ୍ଟେଲକୁ କାର୍ଯ୍ୟକ୍ଷମ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଡିସେମ୍ବର ଶେଷ ସୁଦ୍ଧା ଏସବୁ ହଷ୍ଟେଲ୍ କାର୍ଯ୍ୟକ୍ଷମ ହେବ। ଆସନ୍ତା ଶିକ୍ଷାବର୍ଷ ପୂର୍ବରୁ ସମସ୍ତ ହଷ୍ଟେଲ ଛାତ୍ରଛାତ୍ରୀଙ୍କ ପାଇଁ କାର୍ଯ୍ୟକ୍ଷମ ହେବ ବୋଲି ଶ୍ରୀମତୀ ରାଉତ କହିଛନ୍ତି।

# ୨୦୧୫୦ ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଘର ନାହିଁ

## ଅଙ୍ଗନବାଡ଼ି ଗୃହ ନିର୍ମାଣ ପାଇଁ ଆବଶ୍ୟକସ୍ଥଳେ ଜାଗା କିଣିବେ ସରକାର

■ ରାଜ୍ୟର ସମସ୍ତ ଅଙ୍ଗନୱାଡିର ନିଜସ୍ୱ ଗୃହ ନିର୍ମାଣ ନେଇ ଦୃଢ଼ୋକ୍ତି
■ ୧୦ ହଜାର ୯୦୦ ଘର ଲାଗି ଅତିରିକ୍ତ ବଜେଟ୍‌ରେ ବ୍ୟବସ୍ଥା

ଭୁବନେଶ୍ୱର, ୨୯।୧୧ (ସମିସ): ରାଜ୍ୟରେ ସମୁଦାୟ ୭୪୨୨୪ଟି ଅଙ୍ଗନବାଡ଼ି କେନ୍ଦ୍ର ଥିବା ବେଳେ ୨୦୧୫୦ଟିର ନିଜସ୍ୱ ଗୃହ ନାହିଁ। ୪୫୭୪ ଅଙ୍ଗନବାଡ଼ି ସ୍କୁଲ ଘରେ ଚାଲୁଥିବା ବେଳେ ୧୦୪୬୯ଟି ଅଙ୍ଗନବାଡ଼ି କମ୍ୟୁନିଟି ସେଣ୍ଟର୍‌ରେ ଚାଲୁଛି। ସେହିପରି, ୩୮ ୯୦ଟି ଅଙ୍ଗନବାଡି ଭଡ଼ାଘରେ ଚାଲୁଛି। ୭୩୮ ୯ଟି ଅଙ୍ଗନବାଡ଼ି କେନ୍ଦ୍ରର ଗୃହ ନିର୍ମାଣାଧୀନ ଥିବା ବେଳେ ରାଜ୍ୟର ସମସ୍ତ ଅଙ୍ଗନବାଡ଼ିର ନିଜସ୍ୱ ଗୃହ ନିର୍ମାଣ ହେବ। ଏନେଇ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ଯଦି କୌଣସି ସ୍ଥାନରେ ଅଙ୍ଗନବାଡ଼ି ଗୃହ ନିର୍ମାଣ ଲାଗି ଜାଗା ନଥିବ, ପଞ୍ଚାୟତିରାଜ ବିଭାଗ ସହଯୋଗରେ ସରକାର ଜାଗା କିଣି ଗୃହ ନିର୍ମାଣ କରିବେ। ଏନେଇ ବିଧାନସଭାରେ ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି।

ଶନିବାର ପ୍ରଶ୍ନକାଳରେ ମୂଳ ପ୍ରଶ୍ନକର୍ତ୍ତା ଅଶ୍ୱିନୀ ପାତ୍ରଙ୍କ ସମେତ ବହୁ ବିଧାୟକ ନିଜନିଜ ଅଞ୍ଚଳରେ ଅସମ୍ପୂର୍ଣ୍ଣ ନିର୍ମାଣଧୀନ ଅଙ୍ଗନବାଡ଼ି କେନ୍ଦ୍ର ଏବଂ ଭଡ଼ାଘରେ କିମ୍ବା ଅନ୍ୟତ୍ର ଚାଲୁଥିବା ଅଙ୍ଗନବାଡ଼ି କେନ୍ଦ୍ର ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାର ଉତ୍ତର ଦେଇ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ ଯେ ଯଦି କୌଣସି ଅଞ୍ଚଳରେ ସରକାରୀ ଜାଗା ଉପଲବ୍ଧ ନ ହେବ, ସେହିଠାରେ ବିଭାଗ ଜାଗା କିଣି ନିଜସ୍ୱ ଅଙ୍ଗନବାଡ଼ି ଗୃହ ନିର୍ମାଣ କରାଯିବ। ଏଥିଲାଗି ୨୫ଲକ୍ଷ ଟଙ୍କାର ଅର୍ଥ ପ୍ରାବଧାନ ରଖାଯିବ। ବିଜେଡି ବିଧାୟକ ପ୍ରତାପ ଦେବ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ଅର୍ଥ ଅନୁମୋଦନ ସମସ୍ୟା ପ୍ରସଙ୍ଗ ଉଠାଇ ପ୍ରଶ୍ନ କରିଥିଲେ।

ଏହାର ଉତ୍ତର ଦେଇ ମନ୍ତ୍ରୀ କହିଥିଲେ, ଗୃହ ନିର୍ମାଣ ଲାଗି ଅର୍ଥ ସମସ୍ୟା ଥିଲେ ବିଭାଗ ନିଜସ୍ୱ ପାଣ୍ଠି ବ୍ୟବସ୍ଥା କରିବ। ବିଜେପି ବିଧାୟକ ସନାତନ ବିଜୁଳି ଓ କଂଗ୍ରେସ ବିଧାୟକ ସି.ଏସ୍ ରାଜନ୍ ଏକ୍କା ପ୍ରମୁଖ ଅଙ୍ଗନବାଡ଼ି ଗୃହ ନିର୍ମାଣରେ ଟେଣ୍ଡର୍ ନେଇଥିବା କଣ୍ଟ୍ରାକ୍ଟର୍ କାମ କରିନାହାନ୍ତି ବୋଲି ଅଭିଯୋଗ କରିଥିଲେ। ବିଜେଡି ବିଧାୟକ ସାରଦା ନାୟକ, ପବିତ୍ର ସାଉନ୍ତା ପ୍ରମୁଖ ନିଜ ଅଞ୍ଚଳରେ ଅଙ୍ଗନବାଡ଼ି କେନ୍ଦ୍ର ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ।

ମନ୍ତ୍ରୀ ଉତ୍ତରରେ କହିଥିଲେ ଯେ ରାଜ୍ୟରେ ୧୦ହଜାର ୪୧୬ ମିନି ଅଙ୍ଗନବାଡ଼ି କେନ୍ଦ୍ର ସରକାରଙ୍କ ମୁଖ୍ୟ ଅଙ୍ଗନବାଡ଼ିକୁ ରୂପାନ୍ତର ହୋଇଛି। ସେହିପରି ୧୨୧୪୪ଟି କେନ୍ଦ୍ରକୁ ସକ୍ଷମ ଅଙ୍ଗନବାଡ଼ିରେ ପରିବର୍ତ୍ତନ କରାଯାଇଛି। କେବଳ ୨୦୨୫-୨୬ ଆର୍ଥିକ ବର୍ଷରେ ୫୦୫୬ଟି ସକ୍ଷମ ଅଙ୍ଗନବାଡି ସୃଷ୍ଟି ହୋଇଛି। ସବୁ ଅଙ୍ଗନବାଡ଼ି ପାଇଁ ନିଜସ୍ୱ ଗୃହ ହେବ। ସକ୍ଷମ ଅଙ୍ଗନବାଡ଼ି ଜରିଆରେ ଗୃହ ନିର୍ମାଣ ପାଇଁ ଯୋଜନା ଚାଲିଛି। ଯେଉଁଠି ସ୍ଥାନ ମିଳିବ ନାହିଁ, ପଞ୍ଚାୟତିରାଜ ବିଭାଗଠାରୁ ଜାଗା କିଣି ନିର୍ମାଣ ହେବ। ପୂର୍ବରୁ ୭ଲକ୍ଷ ଟଙ୍କାରେ ନିର୍ମାଣ ହେଉଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ୧୨ ଲକ୍ଷ ଓ ଏବେ ୧୫ ଲକ୍ଷରେ ପହଞ୍ଚିଛି। କୌଣସି ସ୍ଥାନରେ ସମସ୍ୟା ଥିଲେ, ମହିଳା ଓ ଶିଶୁ ବିକାଶ ବିଭାଗ ନିଜସ୍ୱ ଅର୍ଥରେ ଅଙ୍ଗନବାଡ଼ି ନିର୍ମାଣ କରିବ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ଗୃହରେ ଅତିରିକ୍ତ ବଜେଟ୍ ପାରିତ ହେବା ପରେ ବିଭାଗ ପାଖରେ ୧୦୯୦୦ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ପାଇଁ ଆବଶ୍ୟକ ପାଣ୍ଠି ଥିବ ବୋଲି ସେ କହିଥିଲେ।

# ନୂଆବର୍ଷରେ ନୂଆ ହିତାଧିକାରୀଙ୍କୁ ଏକାଥରକେ ୨ଟି କିସ୍ତି ‘ସୁଭଦ୍ରା’ ଟଙ୍କା

ଭୁବନେଶ୍ୱର, ୨୯।୧୧(ସମିସ): ନୂଆ ସୁଭଦ୍ରା ହିତାଧିକାରୀଙ୍କ ପାଇଁ ଖୁସି ଖବର। ନୂଆବର୍ଷରେ ଏକାଥରକେ ଦୁଇଟି କିସ୍ତି ଟଙ୍କା ପାଇବେ ଯୋଗ୍ୟ ହିତାଧିକାରୀ। ଏ ସଂପର୍କରେ ସୂଚନା ଦେଇଛନ୍ତି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଶ୍ରୀମତୀ ପରିଡ଼ା କହିଛନ୍ତି, ଯେଉଁମାନଙ୍କୁ ୨୧ ବର୍ଷ ହେଲା, ସେମାନେ ଆପେଆପେ ଏହି ଯୋଜନାରେ ଯୋଡ଼ି ହେଉଛନ୍ତି। ସମସ୍ତେ ଯେପରି ସୁଭଦ୍ରା ଟଙ୍କା ପାଇବେ, ସେଥିପାଇଁ ବିଭାଗ କାମ କରୁଛି। କ୍ଷେତ୍ର ପରିଦର୍ଶନ ପରେ ସୁଭଦ୍ରା ଯୋଜନାରେ ୧୭ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ଯୋଡ଼ି ହେଲେଣି। ବର୍ତ୍ତମାନ ୧କୋଟି ୩ଲକ୍ଷ ୮୯ହଜାର ୮୦୧ମହିଳା ପ୍ରଥମ/ଦ୍ୱିତୀୟ କିସ୍ତି ପାଇଛନ୍ତି। ସେଥିମଧ୍ୟରୁ ୯୭ଲକ୍ଷ ୫୧ ହଜାର ୪୭୯ଜଣ ମହିଳା ସୁଭଦ୍ରା ଟଙ୍କା ପାଇଛନ୍ତି। ବୟସ କମ୍ ହୋଇଥିବା କାରଣରୁ ଗତଥର ଯେଉଁମାନେ ସୁଭଦ୍ରା ଯୋଜନାରେ ସାମିଲ ହୋଇପାରିନଥିଲେ, ସେମାନେ ଆବେଦନ କରୁଛନ୍ତି। ଏଥିପାଇଁ ଅବେଦନକାରୀଙ୍କ ବୟସ ୧ ଏପ୍ରିଲ, ୨୦୨୫ ସୁଦ୍ଧା ୨୧ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ ଏବଂ ଏହି ଯୋଜନା ଅନ୍ତର୍ଗତ ଅନ୍ୟାନ୍ୟ ସମସ୍ତ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିଲେ ସେମାନେ ଆବେଦନ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

## ୧୦ ଦିନ ସମୟ ନେଲେ ଜିଲ୍ଲାପାଳ

# ଦ୍ୱିତୀୟ ଶ୍ରୀକ୍ଷେତ୍ର ସେବାୟତଙ୍କ ଆନ୍ଦୋଳନ ସ୍ଥଗିତ

ବାରିପଦା, ୨୯ ।୧୧(ସମିସ): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀଶ୍ରୀ ହରିବଳଦେବଜୀଉ ବିଜେଙ୍କ ସମ୍ପତ୍ତିର ପୁନରୁଦ୍ଧାର ହେଉନଥିବାରୁ ଏହାକୁ ନେଇ ସେବାୟତଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇବା ସହ ସେମାନେ ଆନ୍ଦୋଳନ ଚେତାବନୀ ଦେଇଥିଲେ। ଡିସେମ୍ବର ପହିଲାରୁ ସେମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହାତରେ ଦୀପ ଜାଳି ଆଣ୍ଠେଇ ଆଣ୍ଠେଇ ଅହିଂସାତ୍ମକ ପ୍ରତିବାଦ ପ୍ରଦର୍ଶନ କରିବେ ବୋଲି କହିଥିଲେ। ତେବେ ଆଜି ଜିଲ୍ଲାପାଳ ହେମକାନ୍ତ ସଏ ସେବାୟତଙ୍କ ସହ ନିଜ କାର୍ଯ୍ୟାଳୟରେ ଆଲୋଚନା କରିଛନ୍ତି। ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳ ୧୦ ଦିନ ସମୟ ମାଗିଥିବାରୁ ସେବାୟତମାନେ ସେମାନଙ୍କ ଆନ୍ଦୋଳନକୁ ସ୍ଥଗିତ ରଖିଛନ୍ତି।



ବଡ଼ ଜଗନ୍ନାଥ ମନ୍ଦିର ପରିଚାଳନା ପାଇଁ ରାଜାରାଜୁଡ଼ା ସମୟରେ ପ୍ରଦତ୍ତ ଜମିର ସଠିକ୍ ପରିଚାଳନା, ମନ୍ଦିର ପରିଚାଳନାରେ ଆର୍ଥିକ ସମସ୍ୟା ଦୂର, ୧ ହଜାର ଏକର ଜମିରେ କାଜୁ ଚାଷ ପାଇଁ ନିଲାମର ଲିଜ୍‌କୁ ନବୀକରଣ, ଦେବତ୍ତୋର ବିଭାଗରେ ଦେଢ଼ କୋଟି ଟଙ୍କା ଅଭାବ ପାଇଁ ବାରମ୍ବାର ଠାକୁରଙ୍କ ରୀତିନୀତିରେ ବାଧା ଉପୁଜିବା, ଦେବତ୍ତୋର ବିଭାଗର ଜମିରୁ ଜବରଦଖଲ ଉଚ୍ଛେଦ, ମନ୍ଦିର ପାଇଁ ସ୍ଥାୟୀ ଅଫିସର ଓ ଅଧିକ ସେବାୟତ ନିଯୁକ୍ତି, ମନ୍ଦିର ପରିଚାଳନା ପାଇଁ ୫୦କୋଟିର ଅନୁଦାନ ପ୍ରଦାନ ଆଦି ଦାବି ସମ୍ବନ୍ଧରେ ସେବାୟତମାନେ ଜିଲ୍ଲାପାଳ ଶ୍ରୀ ସଏଙ୍କ ସହ ଆଲୋଚନା କରିଥିଲେ।

ଏହି ଆଲୋଚନାରେ ଦେବୋତ୍ତର ଅଧିକାରୀ ତଥା ସଦର ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡା, ସେବାୟତ ସଂଘର ରାଜ୍ୟ ସଭାପତି କାମେଶ୍ୱର ତ୍ରିପାଠୀ, ପୂଜକ ଅରୁଣ କୁମାର ମିଶ୍ର, ଦେବକାନ୍ତ ପଣ୍ଡା, ଚଣ୍ଡୀ ପ୍ରସାଦ ଦାଶ, ପ୍ରଦୀପ କୁମାର ପଣ୍ଡା, ସେବାୟତ ଅମିତ କୁମାର ମିଶ୍ର ଓ ଶଶିଭୂଷଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ହତ୍ୟା ପରେ ହାତବାନ୍ଧି କୂଅରେ ଫିଙ୍ଗିଦେଲେ

କଣ୍ଟାବାଞ୍ଜି,୨୯ ।୧୧(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନା ବୁରୋମାଳ ଗାଁରେ ଶନିବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜଣେ ଯୁବକଙ୍କୁ ହତ୍ୟା ପରେ ହାତବାନ୍ଧି କୂଅରେ ଫିଙ୍ଗି ଦିଆଯାଇଛି। ମୃତକ ହେଲେ ସୁରେନ୍ଦ୍ର ଭାଟି। ପୁଲିସ ପହଞ୍ଚି ଶବ ଜବତ କରି କଣ୍ଟାବାଞ୍ଜି ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।



ଗାଁର ଏକ ଚାଷ ଜମିରେ ଥିବା କୂଅରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଛି। ସୁରେନ୍ଦ୍ର ସକାଳେ ଗାଁରେ ଗାଈ ଚରାଉଥିବା ସମସ୍ତେ ଦେଖିଥିଲେ। କିଛି ସମୟ ପରେ ତାଙ୍କର ପତ୍ତା ନ ମିଳିବାରୁ ପରିବାର ଲୋକେ ଖୋଜାଖୋଜି ଆରମ୍ଭ କରିଥିଲେ। ଶେଷରେ କଣ୍ଟାବାଞ୍ଜି ଥାନାରେ ନିଖୋଜ ନେଇ ଏତଲା ଦେଇଥିଲେ। ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଖୋଜାଖୋଜି ବେଳେ ପରିବାର ଲୋକ ଗାଁର ଜଣକ ଚାଷ ଜମିରେ ଥିବା କୂଅରେ ସୁରେନ୍ଦ୍ରଙ୍କ ମୃତଦେହ ଭାସୁଥିବା ଦେଖିଥିଲେ। ଏନେଇ ପୁଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସୁରେନ୍ଦ୍ରଙ୍କ ଶବ ଉଦ୍ଧାର କରିଥିଲା। ତେବେ ତାଙ୍କ ଦୁଇ ହାତକୁ ଦୌଡ଼ିରେ ବନ୍ଧା ଯାଇଥିବା ସହ ଏକ ପଥର ଝୁଲୁଥିବା ଦେଖିବାକୁ ମିଳିଥିଲା। ଏଣୁ ତାଙ୍କୁ ହତ୍ୟା ପରେ କୂଅକୁ ଫିଙ୍ଗି ଦିଆଯାଇଥିବା ସ୍ପଷ୍ଟ ହୋଇଛି।

# ନାବାଳିକା ଦୁଷ୍କର୍ମକାରୀକୁ ଆଜୀବନ

ବାରିପଦା,୨୯।୧୧(ସମିସ): ବାରିପଦା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ ସ୍ୱତନ୍ତ୍ର ପକସୋ କୋର୍ଟରେ ଶନିବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସନ୍ତୋଷ କୁମାର ନାୟକ ଏହାର ବିଚାର କରି ଅଭିଯୁକ୍ତ ବୈଶିଙ୍ଗା ଥାନା ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତ ଶିମିଳିଡାହି ଗ୍ରାମର ଉମେଶ୍ୱର ସିଂ(୨୫)କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୫୦ ହଜାର ଟଙ୍କା ଜରିମାନା, ଅନାଦେୟ ହେଲେ ଅତିରିକ୍ତ ୩ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ସୂଚନା ମୁତାବକ, ୨୦୨୧ ଫେବୃଆରୀ ୧୬ ତାରିଖରେ ଜଣେ ନାବାଳିକାକୁ ଷ୍ଟେସନାରୀ ଜିନିଷ କିଣିବା ପାଇଁ ନିକଟସ୍ଥ ବଜାରକୁ ଅଭିଯୁକ୍ତ ଜଣକ ବାଇକରେ ବସାଇ ନେଇଥିଲା। ଫେରିବା ବାଟରେ ଏକ ନିର୍ଜନ ସ୍ଥାନରେ ନାବାଳିକାକୁ ଦୁଷ୍କର୍ମ କରିବା ସହିତ ଘଟଣା ସମ୍ପର୍କରେ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ନାବାଳିକା ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଫୋନ କରିବା ପରେ ଘରକୁ ଫେରିଥିଲା। ଘଟଣା ସମ୍ପର୍କରେ ପରିବାରଲୋକଙ୍କୁ ଜଣାଇବା ପରେ ପୀଡ଼ିତାର ପିତା ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ନେଇ ପୁଲିସ ପକ୍‌ସୋ ଆକ୍ଟ ଅନୁଯାୟୀ ଏକ ମାମଲା ରୁଜୁ କରି ଉଭୟଙ୍କ ଡାକ୍ତରୀମାଇନା ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିଲା। ୧୧ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୁଲିସ ରିପୋର୍ଟକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଏହି ମାମଲା ପରିଚାଳନା କରୁଥିଲେ।

## ଅନିଶ୍ଚିତତା ଭିତରେ ପୁରୀ ବିମାନବନ୍ଦର

# ବନ୍ଦ କରିଦେବା ପାଇଁ ଚାଲିଛି କି ଚକ୍ରାନ୍ତ?

ପୁରୀ,୨୯।୧୧(ସମିସ): ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି ପ୍ରସ୍ତାବିତ ପୁରୀ ଶ୍ରୀଜଗନ୍ନାଥ ଗ୍ରୀନ୍ ଫିଲ୍ଡ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରକଳ୍ପ। ଏହାର ନିର୍ମାଣ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ପରିବେଶ ମଞ୍ଜୁରୀ ମିଳି ନ ଥିବାବେଳେ ନ୍ୟାସ୍‌ନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ମାମଲା ଏହି ପ୍ରକଳ୍ପକୁ ଅନିଶ୍ଚିତତା ଭିତରକୁ ଠେଲିଦେଇଛି। ପୂର୍ବ ସରକାର ସମୟର ଏହି ବିମାନ ବନ୍ଦର କିପରି ନିର୍ମାଣ ନ ହେଉ ସେ ନେଇ ଚକ୍ରାନ୍ତର ଗନ୍ଧ ବାରିଛନ୍ତି ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କ ସମେତ କିଛି ବିଶିଷ୍ଟ ବ୍ୟକ୍ତି। ପ୍ରସ୍ତାବିତ ବିମାନ ବନ୍ଦର ପ୍ରକଳ୍ପ ବନ୍ଦ କରିବା ପାଇଁ ବର୍ତ୍ତମାନର ଡବଲ ଇଞ୍ଜିନ ସରକାର ଏନ୍‌ଜିଟିର ଆଳ ନେଇ ଲୋକଙ୍କୁ ଧୋକ୍କା ଦେଇଥିବା ମତ ରଖିଛନ୍ତି। ତେବେ ପରିବେଶ ମଞ୍ଜୁରୀ ପାଇଁ ସରକାରଙ୍କ ନିକଟରେ ପ୍ରକ୍ରିୟା ଜାରି ରହିଥିବା ବେଳେ ବିମାନବନ୍ଦର ନିର୍ମାଣ କାର୍ଯ୍ୟ ଆଇନ ଅନୁସାରେ କରାଯିବା ବୋଲି ପ୍ରତିକ୍ରିୟା ରଖିଛନ୍ତି ପୁରୀ ସାଂସଦ। ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ ଏନ୍‌ଜିଟିରେ ଯେଉଁ ସତ୍ୟପାଠ ଦାଖଲ କରାଯାଇଛି ସେଥିରେ ମିଛ କୁହାଯାଇଥିବା ଅଭିଯୋଗ କରିଛି ଆମ୍ ଆଦ୍‌ମୀ ପାର୍ଟି (ଆପ୍)।

ଆକାଶ ପଥରେ ପୁରୀକୁ ଦେଶ ବିଦେଶର ପ୍ରମୁଖ ସହର ସହିତ ଯୋଡ଼ିବା ପାଇଁ ପୂର୍ବର ବିଜେଡି ସରକାର ବିମାନବନ୍ଦରର ପରିକଳ୍ପନା କରିଥିଲେ। ଏହାକୁ କିପରି ବାସ୍ତବତାର ରୂପ ଦିଆଯିବ ସେ ନେଇ ତ୍ୱରିତ୍ୱ ପ୍ରକ୍ରିୟା ବି ଆରମ୍ଭ କରିଥିଲେ। ପୂର୍ବ ସରକାରଙ୍କ ସମୟରେ ଗୋରୁଆ ପଞ୍ଚାୟତର ସିପସରୁବାଲି ଓ ଷଣ୍ଢପୁର ମୌଜାରେ ପ୍ରସ୍ତାବିତ ବିମାନବନ୍ଦର ନିର୍ମାଣକୁ ଅନୁମୋଦନ ଦିଆଯାଇଥିଲା। ଏତଦ୍‌ବ୍ୟତୀତ ବିମାନବନ୍ଦର ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ଜମି ଅଧିଗ୍ରହଣ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଥିଲା। ଏପରି କି ବେସାମରିକ ବିମାନ ଚଳାଚଳ ବିଭାଗ ମଧ୍ୟ ଅନୁମତି ପ୍ରଦାନ କରିଥିବାବେଳେ ପରିବେଶ ମଞ୍ଜୁରୀ ନେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ମାତ୍ର ବିମାନବନ୍ଦର ନିର୍ମାଣ ହେଲେ ପୂର୍ବ ସରକାର ବାହାବା ନେଇଯିବେ ଏଭଳି ଆଶଙ୍କା କରି ପ୍ରକଳ୍ପକୁ ବନ୍ଦ ପାଇଁ ଚକ୍ରାନ୍ତ କରାଯାଇଥିବା ଚର୍ଚ୍ଚା ହେଉଛି। ପ୍ରସ୍ତାବିତ ବିମାନବନ୍ଦରକୁ ନେଇ ପରିବେଶବିତ୍ ଏନ୍‌ଜିଟିରେ ମାମଲା ରୁଜୁ କରିଥିବାବେଳେ ଏବେ ପ୍ରକଳ୍ପ ନିର୍ମାଣ ନେଇ ଅନିଶ୍ଚିତତା ଦେଖାଦେଇଛି। ଡବଲ ଇଞ୍ଜିନ ସରକାର ଲୋକଙ୍କୁ ଧୋକ୍କା ଦେଇଥିବାବେଳେ ସଲାସୁତରା ହୋଇ ପ୍ରକଳ୍ପକୁ ନ କରିବା ପାଇଁ ଯୋଜନା କରୁଥିବା ସେବାୟତ ଗୌରହରି ପ୍ରଧାନ ଅଭିଯୋଗ କରିଥିବାବେଳେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଏହା ପଛରେ ସରକାରଙ୍କର ଚାଲ୍ ରହିଛି। ଅଧପନ୍ତରିଆ ପ୍ରକଳ୍ପକୁ ଡବଲ ଇଞ୍ଜିନ ସରକାର ବନ୍ଦ ନ କରି ଏହାକୁ ପୂର୍ଣ୍ଣାଙ୍ଗ ରୂପ ଦେଲେ ଲୋକଙ୍କ ଭରସା ଜିତିପାରିବେ ବୋଲି କହିଛନ୍ତି। ସେହିପରି ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି ମଧ୍ୟ ଏହି ପ୍ରକଳ୍ପ ବନ୍ଦ କରିଦେବା ପଛରେ ଷଡ଼ଯନ୍ତ୍ରର ଗନ୍ଧ ବାରିଛନ୍ତି। ସେ କହିଛନ୍ତି, ସରକାରଙ୍କ ପକ୍ଷରୁ ଏନ୍‌ଜିଟିରେ ଦାଖଲ ସତ୍ୟପାଠରେ ମିଛ କୁହାଯାଇଛି। ବିମାନବନ୍ଦର ପାଇଁ ଅସ୍ଥାୟୀ ପାଚେରିକୁ ଭାଙ୍ଗି ଦିଆଯାଇଛି ବୋଲି ଦର୍ଶାଯାଇଛି। ହେଲେ ଏହା ଭଙ୍ଗା ଯାଇ ନ ଥିବାବେଳେ ଏହାକୁ ସ୍ଥାୟୀ ଭାବେ ନିର୍ମାଣ କରାଯାଇଛି।

ଅନ୍ୟପକ୍ଷରେ ପୁରୀ ଡିଏଫ୍ଓ ମଗର ଧନଜୀ ରାଓସୋ କହିଛନ୍ତି, ବିମାନବନ୍ଦର ପାଇଁ ଆବଶ୍ୟକ ଜମି ମଧ୍ୟରେ ୨୭.୮୮ ହେକ୍ଟର ଜଙ୍ଗଲ ଜମି ରହିଛି। ତା’ ବଦଳରେ ସେତିକି ଜଙ୍ଗଲ ଜମି ସରକାର ଜଙ୍ଗଲ ବିଭାଗକୁ ଦେବେ। ଏଥିସହ ସମୁଦ୍ର ଉପକୂଳ ଅଞ୍ଚଳ ହୋଇଥିବା ହେତୁ ଅଲିଭ୍ ରିଡ୍‌ଲେ କଇଁଛ ତଥା ଜଙ୍ଗଲରେ ବନ୍ୟଜନ୍ତୁଙ୍କ ସୁରକ୍ଷା ନେଇ ବିକଳ୍ପ ଚିନ୍ତା କରିବା ଆବଶ୍ୟକତା ରହିଛି। ଏ ସଂକ୍ରାନ୍ତରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ବନ୍ୟଜନ୍ତୁ ପ୍ରତିଷ୍ଠାନ ଓ ଜିଓଲୋଜିକାଲ ବିଭାଗ ବିଶେଷଜ୍ଞ ଟିମ୍ ରିପୋର୍ଟ ମିଳିବା ପରେ ବିମାନବନ୍ଦର ପାଇଁ ପରିବେଶ ମଞ୍ଜୁରୀ ମିଳିବାକୁ ଅପେକ୍ଷା ରହିଛି। ଅନ୍ୟପକ୍ଷରେ ବିମାନବନ୍ଦର ପ୍ରତିଷ୍ଠା ନେଇ କାର୍ଯ୍ୟ ଆଇନ ଅନୁସାରେ କରାଯିବ ବୋଲି ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର ମତ ରଖିଛନ୍ତି।

# ନିୟନ୍ତ୍ରଣ ବାହାରେ ଟମାଟୋ ଦର

## ୧୫ ଦିନରେ ୫୦ ପ୍ରତିଶତ ବଢ଼ିଲାଣି ଦର

### ଖୁଚୁରା ବଜାରରେ କିଲୋ ୮୦ ଟଙ୍କା

### ଅକ୍ଟୋବରରେ ପ୍ରବଳ ବର୍ଷା ଯୋଗୁ ଫସଲ ନଷ୍ଟ

### କର୍ଣ୍ଣାଟକ, ମହାରାଷ୍ଟ୍ରରୁ ଯୋଗାଣ ଅଧା




ନୂଆଦିଲ୍ଲୀ, ୨୯।୧୧ (ଏଜେନ୍ସି): ପୁଣି ଥରେ ଟମାଟୋ ଦର ରୋଷେଇ ଘରର ବଜେଟ୍ ବିଗାଡ଼ିଛି। ଗତ ୧୫ ଦିନ ମଧ୍ୟରେ ସାରା ଦେଶରେ ଟମାଟୋ ଦର ୫୦ ପ୍ରତିଶତରୁ ଅଧିକ ବୃଦ୍ଧି ଘଟିଛି। ଏମିତିକି ଅନେକ ସହରରେ ଦର ଦ୍ୱିଗୁଣ ହୋଇଯାଇଛି। ଗତ ଅକ୍ଟୋବର ମାସରେ ହୋଇଥିବା ପ୍ରବଳ ବର୍ଷା ଏହାର ମୁଖ୍ୟ କାରଣ। ଦେଶର ଅନେକ ରାଜ୍ୟରେ ଟମାଟୋ ଫସଲ ନଷ୍ଟ ହୋଇଯାଇଛି। ଏଥିଯୋଗୁ ବର୍ତ୍ତମାନ ବଜାରରେ ଯୋଗାଣ ହ୍ରାସ ପାଇଛି। ବର୍ତ୍ତମାନ ଖୁଚୁରା ବଜାରରେ ଟମାଟୋ କିଲୋ ପିଛା ୭୦-୮୦ ଟଙ୍କା ରହିଛି। ସାଧାରଣତଃ ବର୍ଷର ଏହି ସମୟରେ ବଜାରରେ ଟମାଟୋ ଶସ୍ତା ହୋଇଥାଏ, କିନ୍ତୁ ସମ୍ପ୍ରତି ପ୍ରତିକୂଳ ଜଳବାୟୁ ଫସଲକୁ ଏଭଳି କ୍ଷତି ପହଞ୍ଚାଇଛି।

ଏକ ସରକାରୀ ତଥ୍ୟ ଦର୍ଶାଉଛି ଯେ ଗତ ମାସରେ ଖୁଚୁରା ମୂଲ୍ୟ ୨୫ରୁ ୧୦୦ ପ୍ରତିଶତ ବୃଦ୍ଧି ପାଇଛି। ଗ୍ରାହକ ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ, ନଭେମ୍ବର ୧୯ରେ ଟମାଟୋର ସର୍ବଭାରତୀୟ ହାରାହାରି ମୂଲ୍ୟ କିଲୋଗ୍ରାମ ପ୍ରତି ୪୬ ଟଙ୍କାରେ ପହଞ୍ଚିଥିଲା, ଯାହା ଏକ ମାସ ପୂର୍ବରୁ ପ୍ରତି କିଲୋଗ୍ରାମ ୩୬ ଟଙ୍କା ଥିଲା। ଏହା ପ୍ରାୟ ୨୭ ପ୍ରତିଶତ ହାରାହାରି ମୂଲ୍ୟ ବୃଦ୍ଧିକୁ ଦର୍ଶାଉଛି। ଦେଶରେ ଚଣ୍ଡିଗଡ଼ରେ ଟମାଟୋ ମୂଲ୍ୟ ସବୁଠାରୁ ଅଧିକ ୧୧୨ ପ୍ରତିଶତ ବୃଦ୍ଧି ପାଇଛି। ଆନ୍ଧ୍ର ପ୍ରଦେଶ, ହିମାଚଳ ପ୍ରଦେଶ ଏବଂ କର୍ଣ୍ଣାଟକରେ ମଧ୍ୟ ଦର ୪୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ରାଜଧାନୀ ଭୁବନେଶ୍ୱରରେ ଟମାଟୋ କିଲୋ ପିଛା ୮୦ ଟଙ୍କାରେ ବିକ୍ରି ହେଉଛି।

ଅପରପକ୍ଷେ ବ୍ୟବସାୟୀମାନେ କହିଛନ୍ତି ଯେ ବର୍ତ୍ତମାନ ଟମାଟୋ ଦର ବୃଦ୍ଧିରୁ ଆଶ୍ୱସ୍ତି ମିଳିବାର ଆଶା କମ୍। ଆଗକୁ ବିବାହ ଋତୁ ଏବଂ ନବବର୍ଷ ପାଳନ ଯୋଗୁଁ ଚାହିଦା ଅଧିକ ରହିଛି। ପ୍ରବଳ ବର୍ଷା ଯୋଗୁଁ ଫସଲ କ୍ଷତି ହେବାରୁ ଯୋଗାଣ ଆହୁରି ହ୍ରାସ ପାଇଛି। ଗତ ସପ୍ତାହରେ କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ଗୁଜରାଟରୁ ଆସୁଥିବା ଟ୍ରକ ସଂଖ୍ୟା ପ୍ରାୟ ଅଧା ହୋଇଯାଇଛି, ଯାହା ବଜାରରେ ଉପଲବ୍ଧତା ହ୍ରାସ କରିଛି। ଟମାଟୋର ଏକ ବଡ଼ ଅଂଶ ଯୋଗାଣ କରୁଥିବା ମହାରାଷ୍ଟ୍ରରେ, ନଭେମ୍ବରରେ ପାଇକାରୀ ମୂଲ୍ୟ ୪୫% ବୃଦ୍ଧି ପାଇଛି। ଯେତେବେଳେ କି ରାଜଧାନୀ ଦିଲ୍ଲୀରେ ପାଇକାରୀ ମୂଲ୍ୟ ୨୬ ପ୍ରତିଶତ ବୃଦ୍ଧି ପାଇଛି।

ସେପ୍ଟେମ୍ବର-ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ୦.୨୫% ପ୍ରତିଶତକୁ ହ୍ରାସ ପାଇଛି, ଯାହା ୨୦୧୩ ପରଠାରୁ ସର୍ବନିମ୍ନ ସ୍ତର। ଟମାଟୋ, ପିଆଜ ଏବଂ ଆଳୁ ମୂଲ୍ୟରେ ହ୍ରାସ ଏହାର ମୁଖ୍ୟ କାରଣ। ଅକ୍ଟୋବରରେ ଟମାଟୋ ମୁଦ୍ରାସ୍ଫୀତି ବିଯୁକ୍ତ ୪୨.୯% ଥିଲା, ଅର୍ଥାତ୍ ମୂଲ୍ୟ ବହୁତ କମ୍ ଥିଲା। ହେଲେ ନଭେମ୍ବରରେ ପରିସ୍ଥିତି ସମ୍ପୂର୍ଣ୍ଣ ଭାବରେ ବିପରୀତ ରହିଛି।

## ଆଦର୍ଶ ବିଦ୍ୟାଳୟ ପିଲାଙ୍କୁ ବୃତ୍ତି ପ୍ରଦାନରୁ ବାଦ୍ ଦେବା ପ୍ରସଙ୍ଗ

# ଗାନ୍ଧିମାର୍ଗରେ ଗର୍ଜିଲା ଛାତ୍ର ସଂଗଠନ ଏଆଇଏସ୍ଏଫ୍

ଭୁବନେଶ୍ୱର, ୨୯ ।୧୧(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ଛାତ୍ରଛାତ୍ରୀଙ୍କୁ କେନ୍ଦ୍ରୀୟ ଛାତ୍ରବୃତ୍ତି ଏନ୍ଏମ୍ଏମ୍ଏସ୍‌ରୁ ବାଦ୍ ଦେବା ପରେ ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସ୍ଏଫ୍) ରାସ୍ତାକୁ ଓହ୍ଲାଇଛି। ସଂଘର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନାଙ୍କ ନେତୃତ୍ୱରେ ବିଧାନସଭା ସମ୍ମୁଖରେ ଧାରଣା ଦେଇଛନ୍ତି। ପୂର୍ବ ସୂଚନା ବ୍ୟତୀତ ଛାତ୍ରଛାତ୍ରୀଙ୍କୁ ବୃତ୍ତିରାଶିରୁ ବାଦ୍ ଦିଆଯାଇଥିବାରୁ ବହୁ ଗରିବ ମେଧାବୀ ପିଲାଙ୍କ ଭାଗ୍ୟ ଭବିଷ୍ୟ ଅନ୍ଧାରକୁ ଠେଲି ହୋଇ ଯାଇଥିବା ଅଭିଯୋଗ ହୋଇଛି।

ଉଭୟ ରାଜ୍ୟ ଓ କେନ୍ଦ୍ରରେ ଡବଲ ଇଞ୍ଜିନ୍ ସରକାର ଅଛି। ହେଲେ ଓଏଭିରେ ସିବିଏସ୍ଇ ପାଠ୍ୟକ୍ରମ ପଢୁଥିବା ରାଜ୍ୟର ଗରୀବ ମେଧାବୀ ପିଲାଙ୍କ ବୃତ୍ତିରାଶି ଦ୍ୱିଗୁଣିତ ହେବା ପରିବର୍ତ୍ତେ ଶୂନ କରିଦେବା ଦୁର୍ଭାଗ୍ୟଜନକ। ଏହା ସରକାରଙ୍କ ଛାତ୍ର ବିରୋଧି ନୀତିକୁ ପଦାରେ ପକାଇଥିବା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ଜେନା ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ଛାତ୍ରବୃତ୍ତି ପ୍ରସଙ୍ଗରେ ସରକାର ସ୍ପଷ୍ଟିକରଣ ଦିଅନ୍ତୁ। କାରଣ ଦେଶର ସମସ୍ତ ସିବିଏସ୍ଇ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ବୃତ୍ତି ପାଇଁ ଆବେଦନ କରୁଥିବାବେଳେ ଆଦର୍ଶ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ ଏଥିରୁ ବଞ୍ଚିତ ହୋଇଛନ୍ତି। ଏହା ଉଦ୍ଦେଶ୍ୟମୂଳକ। ପ୍ରାଥମିକ ଭାବେ ବୃତ୍ତି ଆବେଦନରୁ ବାଦ୍ ଦିଆଯାଇଥିବାବେଳେ ପର୍ଯ୍ୟାୟକ୍ରମେ ଓଏଭିକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଏହା ସୁଚିନ୍ତିତ ଷଡଯନ୍ତ୍ର। ଚଳିତ ଶିକ୍ଷାବର୍ଷରୁ ହିଁ ଛାତ୍ରଛାତ୍ରୀଙ୍କୁ ଆବେଦନ ପାଇଁ ସୁଯୋଗଦେବାକୁ ଦାବି କରିବା ସହ ଖାରଜର କାରଣ ସମ୍ପର୍କରେ ମଧ୍ୟ ସ୍ପଷ୍ଟିକରଣ ରଖିବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଏକ ୫ ଜଣିଆ ପ୍ରତିନିଧି ଦଳ ବିଭାଗୀୟ ସ୍ୱତନ୍ତ୍ର ସଚିବଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିପ୍ରତି ତ୍ୱରିତ ପଦକ୍ଷେପ ନିଆ ନ ଗଲେ ରାଜ୍ୟରେ



ଛାତ୍ର ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଧାରଣାରେ ଛାତ୍ର ନେତା ପପୁ ରାଉତଙ୍କ ସମେତ ଏକତା ଚୌଧୁରୀ, ଲିଲି ସାମଲ, ସାଗର ପ୍ରଧାନ ଓ ଅମିତ ସାମନ୍ତରାୟଙ୍କ ସହ ବହୁ ଛାତ୍ରଛାତ୍ରୀ ସାମିଲ ଥିଲେ।

● ଜଗନ୍ନାଥ ମନ୍ଦିର ସମ୍ମୁଖରେ ଅଘଟଣ

## ଟ୍ରେନ୍‌ରେ ପଡ଼ି ମହିଳା ପର୍ଯ୍ୟଟକ ଗୁରୁତର



ନୀଳଗିରି,୨୯ା୧୧(ସମିସ): ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥ ମନ୍ଦିର ସମ୍ମୁଖରେ ଘଟିଛି ଅଘଟଣ। ଜଣେ ମହିଳା ପର୍ଯ୍ୟଟକ ପଡି ଆହତ ହୋଇଥିବା ଜଣାପଡିଛି। ନୀଳଗିରି ଜଗନ୍ନାଥ ମନ୍ଦିରକୁ କଟକ ଜିଲ୍ଲାରୁ ଆସିଥିବା କିଛି କଲେଜ ଛାତ୍ରୀ ବୁଲିବାକୁ ଆସିଥିଲେ। ହେଲେ ଅସାବଧାନତା କାରଣରୁ ଜଣେ ଯୁବତୀ ଟ୍ରେନରେ ପଡିଥିବା ଜଣାପଡିଛି। ତାଙ୍କ ଗୋଡ଼ରୁ ପ୍ରବଳ ରକ୍ତସ୍ରାବ ହେବାରୁ ତାଙ୍କୁ ନୀଳଗିରି ଡାକ୍ତରଖାନାରେ ଚିକିତ୍ସିତ କରାଯାଇଥିଲା। ପୂର୍ବରୁ ଉଚ୍ଚ ମିଟିଂରେ ନୀଳଗିରି ସହରରେ ସମସ୍ତ ଡ୍ରେନ ଉପରେ ସ୍ଲାବ ପଡିବା ନେଇ ଆଲୋଚନା ହୋଇଥିଲା। ଡ୍ରେନ୍ ସ୍ଲାବକୁ ହଟାଇ ଆଉ ଥରେ କରିବାକୁ ନଗ୍ର ପୂର୍ତ୍ତବିଭାଗ ଏଉଡ଼ିଓ କହିଥିଲେ। ହେଲେ ଏପର୍ଯ୍ୟନ୍ତ ଅନେକ ସ୍ଥାନରେ ମୁକୁଳା ଡ୍ରେନ ଥିବା ବେଳେ କେତେବେଳେ ବି କୌଣସି ଅଘଟଣ ଘଟିବାର ଆଶଙ୍କା ରହିଛି।

## ଭୋଗରାଇ କଂଗ୍ରେସର ସାଂଗଠନିକ ବୈଠକ

ଭୋଗରାଇ, ୨୯ା୧୧(ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ ଜୟରାମପୁର ପଞ୍ଚାୟତରେ କଂଗ୍ରେସର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ସଭାପତି ରବୀନ୍ଦ୍ର ଘୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ନିର୍ବାଚନ ମଣ୍ଡଳୀ ନେତା ତଥା ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ ଯୋଗଦେଇ କଂଗ୍ରେସର ଆଗାମୀ ରଣନୀତି ଓ ତୃଣମୂଳ ସ୍ତରରୁ କେମିତି ସଂଗଠନ ମଜବୁତ କରିହେବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ୩୩ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ଜେନା, ବରିଷ୍ଠ କଂଗ୍ରେସ ନେତା ଗୋପବନ୍ଧୁ ମହାପାତ୍ର ଯୋଗଦେଇ ସାଂଗଠନିକ ବିସ୍ତାର ନେଇ ଆଲୋଚନା କରିଥିଲେ। ଏହି ଅବସରରେ ଶାନ୍ତିପଦ ମିଶ୍ର, ପ୍ରଦୀପ ଦଣ୍ଡପାଟ ଓ ଜଗନ୍ନାଥ ଫିଙ୍କ ସମେତ ଆଦ୍ୟମାନେ କଂଗ୍ରେସରେ ସାମିଲ ହୋଇଥିଲେ। ବୈଠକରେ ପଞ୍ଚାୟତ କାର୍ଯ୍ୟକାରୀ ସଭାପତି ସୁନିଲ ଜେନା, ନେତା ହରିନାରାୟଣ ଜେନା, ଶୁଭାଶିଷ ପ୍ରଧାନଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା



ଜଳେଶ୍ୱର,୨୯ା୧୧(ସମିସ): ଜଳେଶ୍ୱର ବଡ଼ ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଧା ରଞ୍ଜନ ବାଗ ସଭାପତିତ୍ୱ କରି କ୍ରୀଡ଼ାର ଆବଶ୍ୟକତା ସମ୍ପର୍କରେ କହିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ଖେଳ ସମ୍ପାଦକ ହରମୋହନ ମହନ୍ତ ଯୋଗ ଦେଇ ଖେଳ ଓ ଅଧ୍ୟୟନ ମଧ୍ୟରେ ସମନ୍ୱୟ ରହିଲେ ଶିକ୍ଷାର୍ଥୀଙ୍କୁ ଅଧିକ ସଫଳତା ମିଳିଥାଏ ବୋଲି ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଅନୁଷ୍ଠାନର ସଭାପତି ଶଶିକାନ୍ତ ପ୍ରଧାନ, ସମ୍ପାଦକ ଗିରିଶ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଛାତ୍ରାଛାତ୍ରୀଙ୍କ ମାନସିକ, ଶାରୀରିକ, ଅଭିବୃଦ୍ଧି ଲାଗି ନିୟମିତ କ୍ରୀଡ଼ା କରବାର ଆବଶ୍ୟକ ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର କୋଷାଧ୍ୟକ୍ଷ ରତନ କୁମାର ସେନ, ଉପସଭାପତି ରାଜେନ୍ଦ୍ର କୁମାର ଦତ୍ତ ମଞ୍ଚାସୀନ ହୋଇ ଶିକ୍ଷଣୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ସଙ୍ଗିତ କୁମାର ସାହୁ ଧନ୍ୟବାଦ ଅର୍ପଣ କରି ଥିଲାବେଳେ ଗୁରୁମା ଦେବାରାଣୀ ଦାସ ମହାପାତ୍ର ମଞ୍ଚ ସଞ୍ଚାଳନ କରିଥିଲେ।

## ପୂର୍ବ ଶତ୍ରୁତାରୁ ଟ୍ରାକ୍ଟର ଜାଳିଦେଲେ

ସିମୁଳିଆ, ୨୯ା୧୧ (ସମିସ): ସିମୁଳିଆ ଥାନା ଅନ୍ତର୍ଗତ ଆନନ୍ଦପୁର ପଞ୍ଚାୟତ ପାଟଣା ଗ୍ରାମର ଗଦାଧର ଶିଆଳ ଗତକାଲି ଉଖର ଦୁର୍ବୃତ୍ତ ଘର ସମ୍ମୁଖରେ ଥିବା ଟ୍ରାକ୍ଟରରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। କିଛି ଦିନ ତଳେ କିଛି ଯୁବକ



ଗଦାଧରଙ୍କୁ ଫୋନ ଯୋଗେ ଧମକ ଦେବା ସହିତ ଘରେ ନିଆଁ ଲଗାଇ ଦେବାର ବୋଲି ଧମକ ଦେଇ ଆସୁଥିଲେ। ଗତକାଲି ସେମାନେ ଆସି ଟ୍ରାକ୍ଟର ଜାଳିଦେଇଥିବା ନେଇ ଗଦାଧର ସିମୁଳିଆ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ ଚଳାଇଛି। ବିଳମ୍ବିତ ରାତିରେ ନିଜ ଘର ଆଗରେ ଟ୍ରାକ୍ଟର ରଖି ଶୋଇଥିବା ବେଳେ ଏହି

# ବାଲି ଚାଲାଣ ରୋକିବାରେ ପ୍ରଶାସନ ବିଫଳ

ବସ୍ତା ବ୍ଲକ, ୨୯ା୧୧ (ସମିସ)



ଦିନକୁ ଦିନ ବେଆଇନ ଭାବେ ଲଘୁ ଖଣିଜ ପଦାର୍ଥର ଅବୈଧ ଚାଲାଣ ଅହେତୁକ ଭାବେ ବୃଦ୍ଧି ପାଉଛି। ସବୁ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ଚାଲିଛି ଲଘୁ ଖଣିଜ ପଦାର୍ଥ। ରାତି ହେଲେ ସେଇଁ ଉଠୁଛନ୍ତି ମାଫିଆ। ରାତିରେ ଶହ ଶହ ଟ୍ରାକ୍ଟର, ଡମ୍ଫର ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ କରି ବାଲି, ମାଟି, ମୋରମ, ପଥର ଚାଲାଣ କରୁଛନ୍ତି। ଏହି କାର୍ଯ୍ୟକୁ ସୁରୁଖୁରୁରେ କରିବା ପାଇଁ କିଛି ଅସାଧୁ ପ୍ରଶାସନିକ ଅଧିକାରୀଙ୍କ ସହିତ ମୋଟା ଅଙ୍କର ଡ଼ିଲ୍ କରାଯାଉଥିବା ସାଧାରଣରେ ଅଭିଯୋଗ ହୋଇଛି। ଚାଲାଣ ରୋକିବାକୁ କୌଣସି ସଂଗଠନ ଅଥବା ଗ୍ରାମବାସୀ ବିରୋଧ କଲେ ରାସ୍ତାରୁ ହଟାଇ ଦେବାକୁ ମିଳୁଛି ଖୋଲାଖୋଲି ଧମକ। ଯିଏ ଧମକ ନ ମାନିଲା ତା ଉପରେ ହେଉଛି ମରଣାନ୍ତକ ଆକ୍ରମଣ। ବିପର୍ଯ୍ୟସ୍ତ ହୋଇ ପଡ଼ୁଛି ଆଇନ ଶୃଙ୍ଖଳା। ଗତ ଏକ ସପ୍ତାହ ମଧ୍ୟରେ ବାଲି ଚାଲାଣ ବିରୋଧକୁ ନେଇ ବସ୍ତା ବ୍ଲକ ଅଞ୍ଚଳରେ ଗୋଷ୍ଠୀ ବିବାଦ ଚରମ ସୀମା ଲଙ୍ଘିଛି।

ପ୍ରକାଶ ଯେ ଜଳକା ଓ ସୁବର୍ଣ୍ଣ ରେଖା ନଦୀ ଶୃଙ୍ଖଳା। ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକର କିଛି ନିଲାମ ଘାଟ ଥିବା ବେଳେ ଏବେ ନଦୀରୁ ଅସ୍ଥାୟୀ ଘାଟ କରି ହଜାର ହଜାର ଟ୍ରିପ ବାଲି ଉଠା ଯାଉଛି। ବିଳମ୍ବିତ ରାତିରେ ଗ୍ରାମ ଭିତର ଦେଇ ବାଲି ଭର୍ତ୍ତି ବଡ଼ ବଡ଼ ଡମ୍ଫର, ଟ୍ରାକ୍ଟର ଚାଲିଛି। ନିଶାସକ୍ତ ଅବସ୍ଥାରେ ଦ୍ରୁତ ଗତିରେ ଡ୍ରାଇଭରମାନେ ଗାଡ଼ି ଚଳାଉଛନ୍ତି। ଯାହା ଫଳରେ ଅନେକ ଦୁର୍ଘଟଣାରେ ଜୀବନ ହାନି ହେଉଛି। ଗାଡ଼ି ପାର୍କିଂ ପାଇଁ ଅସାମାଜିକ ଲୋକଙ୍କୁ ଟଙ୍କା ଦେଇ ରାସ୍ତାରେ ରଖା ଯାଉଛି। ଏହି ଦୁଇ ନଦୀ ଅବବାହିକାରୁ ବାଲି ଲୁଟ ହେଉଛି। ସେହିପରି ଦୈନନ୍ଦିନ ପଡୋଶୀ ମୟୂରଭଞ୍ଜ ଜିଲ୍ଲାରୁ ଟ୍ରିପ୍ ଟ୍ରିପ ମୋରମ ବାଲେଶ୍ୱର ଜିଲ୍ଲାକୁ ଆସିଛି। ଏହି ଚାଲାଣରେ ରଥୀ ମହାରଥୀଙ୍କ ହାତ ରହିଥିବା କୁହା ଯାଉଛି। ଯିଏ ମାଟି, ବାଲି ବୋହିବ ଥାନାରେ ଗାଡ଼ି ପିଛା ମାସୁଆରା ଟଙ୍କା ନିଆ ଯାଉଛି। ଯିଏ ନ ଦେଲା ତା ଗାଡ଼ିକୁ ଚଢାଉ କରାଯାଉଛି। ଥାନାରୁ କିଛି ହୋମ ଗାର୍ଡଙ୍କୁ ନିୟୋଜିତ କରାଯାଉଛି। ସେମାନେ ତଥ୍ୟ ଥାନାକୁ ଜଣାଉଛନ୍ତି। ଯେଉଁ ଗାଡ଼ି ପୁଲିସ ଜବତ କଲା ଯଦି ଗଣମାଧ୍ୟମରେ ଖବର ପ୍ରକାଶିତ ହେଲା ସେହି ଗାଡ଼ି ଉପରେ ମାମଲା ରୁଜୁ କରିବା ସହିତ ପରିବହନ ଅଧିକାରୀଙ୍କ ଯାଞ୍ଚ ପରେ ଗାଡ଼ିକୁ କୋର୍ଟକୁ ଚାଲାଣ ବେଳ ରେ ଆସୁଛନ୍ତି। ମାତ୍ର ଅନେକ ଗାଡ଼ିକୁ ମୋଟା ଅଙ୍କର ଅର୍ଥ ନେଇ ଛାଡ଼ି ଦିଆ ଯାଉଥିବା କିଛି ଗାଡ଼ି ମାଲିକ ତାଙ୍କ ନାମ ଗୋପନ

▶ ସୀମା ଲଂଘୁଛି ମାଫିଆଙ୍କ ଦୌରାତ୍ମ୍ୟ

▶ ପୁଲିସ ଓ ମାଇନିଂ ବିଭାଗ ସହିତ ଭିତିରି ବୁଝାମଣା ନା ଅସହାୟତା

▶ ବିପର୍ଯ୍ୟସ୍ତ ହେଉଛି ଆଇନଶୃଙ୍ଖଳା

ରଖି ପ୍ରକାଶ କରିଛନ୍ତି। ସେହିପରି ମାଇନିଂ ବିଭାଗର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି। ବଡ଼ ବଡ଼ ମାଫିଆଙ୍କୁ ଛାଡି ଘର ପାଇଁ ପରିବହନ ହେଉଥିବା ଟ୍ରାକ୍ଟରକୁ ଫାଇନ କରି ନିଜର ପାରିବା ପଣିଆ ସାବ୍ୟସ୍ତ କରୁଛି। ମାଇନିଙ୍ଗ ବିଭାଗ ର ଜିଲ୍ଲା ଅଧିକାରୀ ଓ ବାଲି ମାଫିଆଙ୍କ ଭିତିରି ଡିଲ୍ ଥିବା ଚର୍ଚ୍ଚା ହେଉଛି। ସତରେ ଜିଲ୍ଲା ପ୍ରଶାସନ, ପୁଲିସ ଓ ମାଇନିଙ୍ଗ ବିଭାଗ ଅସହାୟ ନା ବାଲି ଚାଲାଣର ବଡ଼ ଅଂଶୀଦାର ତାକୁ ନେଇ ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦିନେ ଜୀବନ ଜୀବିକା ପାଇଁ ସଂଗ୍ରାମ କରୁଥିବା ବ୍ୟକ୍ତି ଦିନ କେଇଟାରେ କୋଟି କୋଟି ଟଙ୍କାର ମାଲିକ, ଦାମୀ କାର, ବିଳାସ ପୂର୍ଣ୍ଣ ଘର ସହିତ ମଉଜ ମଜ୍ଲିଶ ଅନ୍ୟକୁ ବେଆଇନ କାର୍ଯ୍ୟ କରିବାକୁ ପ୍ରୋତ୍ସାହନ ଦେଉଥିବା ଚର୍ଚ୍ଚା ହେଉଛି। ମାଫିଆ ଓ ପ୍ରଶାସନ ମଧ୍ୟରେ ମଧ୍ୟ ଚନ୍ଦ୍ରିକାରେ ସାଧାରଣ ଲୋକେ ବଳି ପଡୁଛନ୍ତି ବୋଲି କୁହା ଯାଉଛି। ଦିନକୁ ଦିନ ଗୋଷ୍ଠୀ ବିବାଦ ତେଜିବାରେ ଲାଗିଛି। ଆଇନ ଶୃଙ୍ଖଳା ବିଗିଡିବାରେ ଲାଗିଛି। ରାତିରେ ଶହ ଶହ ଟ୍ରିପ୍ ବାଲି ମାଟି ୬୦ ନମ୍ବର ଜାତୀୟ ରାଜପଥରେ ଚାଲାଣ ହେଉଥିବା ବେଳେ ରାଜପଥ ଉପରେ ରାତିରେ ପୁଲିସ ପାଟ୍ରୋଲିଂ କରୁଥିବାବେଳେ ଗାଡ଼ି କେମିତି ପାସ କରୁଛି ତାହାକୁ ନେଇ ପୁଲିସ ସ୍ୱଚ୍ଛତା ଉପରେ ସିଧା ଅଙ୍ଗୁଳି ଉଠିଛି। କୌଣସି ଗାଡ଼ି ଧରା ହେଲେ ଗଣମାଧ୍ୟମ ପ୍ରତିନିଧିଙ୍କୁ ପୁଲିସ ତଥ୍ୟ ଲୁଚାଉଛି। ଯଦି ରକ୍ଷକ ଭକ୍ଷକ ସାଜିବ ତାହାଲେ ବେଆଇନ ଚାଲାଣକୁ କେବେବି ରୋକାଯାଇ ପାରିବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ମିଳିଛି।

## ବାଲିମ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ



ଭୋଗରାଇ, ୨୯ା୧୧(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ବାଲିମ ପ୍ରାଥମିକ ସରକାରୀ ବିଦ୍ୟାଳୟରେ ୧୦୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏ ନେଇ ଆୟୋଜିତ ସଭାରେ କୁଷ୍ଣଡା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ଶତପଥୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି କର୍ମବୀର ସୁରେନ୍ଦ୍ରନାଥ କନିଷ୍ଠ ମହାବିଦ୍ୟାଳୟ ଅଧ୍ୟକ୍ଷ ସରୋଜ ରଞ୍ଜନ ସେନାପତି, ମୁଖ୍ୟବକ୍ତା ମନ୍ଦାର ସାହି ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ହରିପଦ ସାହୁ, ସମ୍ମାନୀତ ଅତିଥି ମନୁନଗର ନୋଡାଲ ଉପ୍ରା ବିଦ୍ୟାଳୟ ଆଦର୍ଶ ଶିକ୍ଷୟିତ୍ରୀ ରୋହିଣୀବାଳା ପଣ୍ଡା, ଆଦର୍ଶ ଶିକ୍ଷକ ପ୍ରଦୀପ କୁମାର ଆଚାର୍ଯ୍ୟ, ବାଲିମ ପଞ୍ଚାୟତ ସରପଞ୍ଚ ଦୀପକ କୁମାର ଜେନା, ସାମ୍ବାଦିକ ଅଂଶୁମାନ ରାଉତ ପ୍ରମୁଖ ଶିକ୍ଷାର୍ଥୀ ବିନମ୍ର ହୋଇ ସାଧାନାରେ ବ୍ରତୀ ରହିଲେ ସଫଳତା ମିଳିଥାଏ ତଥା ଶିକ୍ଷାଦାନ ସହ ଶିକ୍ଷକଟିଏ ଶିକ୍ଷାର୍ଥୀଙ୍କ ଭିତରେ ଥିବା ଭଲଗୁଣକୁ ସର୍ବଦା ଅନୁସନ୍ଧାନ କରିବାର ବ୍ରତୀ ଥିଲେ ଆଦର୍ଶ ବିଦ୍ୟାଳୟରେ ପରିଣତ ହୋଇଥାଏ ବୋଲି କହିଥିଲେ। ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ଦାସ ଅତିଥି ପରିଚୟ ଓ ପ୍ରଧାନଶିକ୍ଷୟିତ୍ରୀ ମମତା ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିଥିଲେ। ବାର୍ଷିକ ଉତ୍ସବର ପୁରସ୍କାର ବିତରଣ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ପ୍ରଦାନ କରାଯିବା ସହିତ ଆଦର୍ଶ ଶିକ୍ଷୟିତ୍ରୀ ଉର୍ମିଳା ଘୋଷ, ପୂର୍ବତନ ଛାତ୍ରଛାତ୍ରୀ ସୁଧା ରାଣୀ ପରିଡା, ଅଙ୍କିତା ପାତ୍ର, ଗୌତମ କୁମାର ଗିରିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ଉର୍ମିଳା ଘୋଷ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର କୁନି କୁନି ପିଲାମାନଙ୍କ ଦ୍ୱାରା ସଂଗୀତ, ଦଳଗତ ନୃତ୍ୟ ସହ କୁଷ୍ଣଡା ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ଶତପଥୀଙ୍କ ରଚିତ ଓ ନିର୍ଦ୍ଦେଶିତ ସାମାଜିକ ନାଟକ "ଝିଅ ନୁହେଁ ସେ ଜଗତ ଜିତା" ମଞ୍ଚସ୍ଥ ହୋଇଥିଲା। ପରିଚାଳନା କମିଟି ସଭାପତି ତପନ କୁମାର ପାତ୍ର ଓ ଗ୍ରାମ୍ୟମୁଖ୍ୟ ଦେବବ୍ରତ ପ୍ରମାଣିକ ଓ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

## କରତ କଳରେ ବନ ବିଭାଗର ଚଢ଼ଉ, କାଠ ଜବତ



ବସ୍ତା ବ୍ଲକ, ୨୯ା୧୧ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ବାଉଁଶ ମୁଖା ଗ୍ରାମରେ ଏକ ବେଆଇନ କରତ କଳ ଉପରେ ଚଢଉ କରି ବନ ବିଭାଗ ବିପୁଳ କାଠ ଜବତ କରିଥିବା ଜଣା ପଡିଛି। ଚାନ୍ଦିପୁର ରେଞ୍ଜ ଅଧିନସ୍ଥ ବାଉଁଶମୁଖା ଗ୍ରାମରେ ଏକ ଉଠା କରତକଳ ଦୀର୍ଘ ଦିନ ଧରି ଚାଲିଆସୁଥିବା ଖବର ପାଇ ଡିଏଫଓ ବାଲେଶ୍ୱରଙ୍କ ନିର୍ଦ୍ଦେଶ କ୍ରମେ ଚାନ୍ଦିପୁର ରେଞ୍ଜର ମନୁଆର ଖାନ, ଚାନ୍ଦିପୁର, ବସ୍ତା ଏବଂ ନାଳଗିରିର ଫରେଷ୍ଟ ଗାର୍ଡ ଶନିବାର ଅପରାହ୍ନରେ କରତ କଳ ଉପରେ ଚଢ଼ଉ କରିଥିଲେ। ଏସମ୍ପର୍କରେ ଜଣାପଡିଛି ଯେ ବ୍ୟବସାୟୀ ତାଙ୍କର ଉଠା କରତକଳ ମେସିନକୁ ତୁରନ୍ତ ସେଠାରୁ ଅନ୍ୟତ୍ର ସ୍ଥାନାନ୍ତର କରିଥିବା ବେଳେ ଅଧିକାରୀ ମାନେ ସେଠାରେ ପହଂଚି ଥିବା ଦାମୀ କାଠ ସବୁ ଜବତ କରି ନେଇଯାଇଥିଲେ। ଜବତ କାଠର ଆନୁମାନିକ ମୂଲ୍ୟ ଖାଡିଏ ହଜାର ଟଙ୍କା ହେବ ବୋଲି କୁହା ଯାଉଛି।

## ଦେଶୀ ମଦ ଜବତ, ୩ ଗିରଫ

ସୋର, ୨୯ା୧୧(ସମିସ): ସୋର ଅବକାରୀ ବିଭାଗ ତରଫରୁ କୁରୁଣ୍ଡିଆ ସମେତ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦେଶୀମଦ ଜବତ କରିଥିବା ବେଳେ ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରିଣୀ ପ୍ରଜ୍ଞାପ୍ରିୟା ନାୟକ ଏକ ଟିମ ସହ ମଧୁସୂଦନପୁର ପଞ୍ଚାୟତ କୁରୁଣ୍ଡିଆ ଗ୍ରାମରେ ଚଢ଼ଉ କରି ରଘୁନାଥ ଦାସ ନିକଟରୁ ୯୦ ଲିଟର ଦେଶୀମଦ, ଡଗରା ଗ୍ରାମର ଟିକମ ସିଂ ନିକଟରୁ ୩୬ ଲିଟର ଏବଂ ସବିରା ପଞ୍ଚାୟତ ତପିଆ ଗ୍ରାମର ସାବିତ୍ରୀ ସାହୁ ନିକଟରୁ ୮୦ ଲିଟର ଦେଶୀମଦ ଜବତ କରିବା ସହିତ ସମସ୍ତଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଏଏସଆଇ ବସନ୍ତ କୁମାର ବାରିକ, କନେଷ୍ଟବଳ ଶଶୀକାନ୍ତ ସାହୁ, ମିନତୀ ପରିଡା ପ୍ରମୁଖ ସାମିଲ ହୋଇଥିଲେ।

## ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଆଭାସୀ ପାଠଚକ୍ର

ସୋର, ୨୯ା୧୧(ସମିସ): ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ବାଲେଶ୍ୱର ଜିଲ୍ଲା ଶାଖା ତରଫରୁ ଆୟୋଜିତ ନଭେମ୍ବର ମାସର ମାସିକ ଆଭାସୀ ପାଠଚକ୍ର ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ପାଠଚକ୍ରରେ ଜିଲ୍ଲା ସଭାପତି ପ୍ରାବନ୍ଧିକ ଡ. ରମାକାନ୍ତ ବେହେରା ପୌରୋହିତ୍ୟ କରିଥିବାବେଳେ ବିଚାରଧାରା ସମ୍ପାଦକ ଗଣେଶ ପ୍ରସାଦ ତିଆଡି ସଂଯୋଜନା କରିଥିଲେ। ବକ୍ତା ଭାବରେ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ଦୟାନିଧି ସାହୁ ଯୋଗଦେଇ ଫକୀରମୋହନଙ୍କ ଗଳ୍ପରେ ସାମ୍ପ୍ରତିକତା ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ସମ୍ପାଦକ ରାମଚନ୍ଦ୍ର ପୃଷ୍ଟି ପ୍ରାରମ୍ଭିକ ଶ୍ଳୋକ ବିବେକ ବାଣୀ ପଠନ କରିଥିବା ବେଳେ ଲୋକ ସଂସଦର ଉପସଭାପତି ଚନ୍ଦ୍ରକାନ୍ତ ଗିରି ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଶାନ୍ତି ପାଠ କରିଥିଲେ ଡ. ବିଷ୍ଣୁ ପଦ ଗିରି। ଏହି ପାଠଚକ୍ରରେ ସମଗ୍ର ଓଡ଼ିଶାରୁ ଲୋକମାନେ ଯୋଗଦାନ କରିଥିଲେ।

## ଏକତାଳିରେ ଶ୍ରୀଜଗନ୍ନାଥଙ୍କ ୩୨ ବେଶ ପାଇଁ ଭୂମିପୂଜା



ଜଳେଶ୍ୱର,୨୯ା୧୧ (ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଏକତାଳି ଗ୍ରାମରେ ଜଗନ୍ନାଥ ୩୨ ବେଶ ପାଇଁ ଭୂମିପୂଜା କଲେ ଗ୍ରାମବାସୀ। ଗ୍ରାମର ଦୁର୍ଗାପୂଜା ପଡ଼ିଆରେ ଆସନ୍ତା ଡିସେମ୍ବର ୨୫ ତାରିଖଠାରୁ ୩୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ୩୨ ବେଶ କାର୍ଯ୍ୟକ୍ରମ। କାରିଗର ମୂର୍ତ୍ତି ଗଢ଼ିବା ପୂର୍ବରୁ ଗ୍ରାମବାସୀ ପୁରୋହିତଙ୍କୁ ଡାକି ଭୂମି ପୂଜନ କରିବା ସହ ଗ୍ରାମ ପୋଖରୀରୁ ମାଟି ଆଣି ପୂଜାର୍ଚ୍ଚନା କରା ଯାଇଛି। ଏହି ଭୂମି ପୂଜନ କାର୍ଯ୍ୟକ୍ରମରେ ସମୂହ ଗ୍ରାମବାସୀ ଉପସ୍ଥିତ ଥିଲେ। ପ୍ରତ୍ୟେକ ଦିନ ଓଡ଼ିଶାର ବିଭିନ୍ନ କଳାକାର ମାନଙ୍କ ଦ୍ୱାରା ଭକ୍ତ ମାନଙ୍କ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ସହିତ ପ୍ରଭୁଙ୍କ ଭୋଗ ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯିବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ସୁରେନ୍ଦ୍ର ନାଥ ପାଲ, ବିବେକାନନ୍ଦ ସାହୁ, ଶ୍ରୀଚରଣ ସାହୁ, ଦୟାନିଧି ସାହୁ, ଦିଗାମ୍ବର ସାହୁ, ଗୁରୁଚନ୍ଦ୍ର ପାଲ ଓ ସଞ୍ଜୟ ପାଲଙ୍କ ସହ ଗ୍ରାମବାସୀ ସୂଚନା ଦେଇଛନ୍ତି।

## ଦିନ ଦ୍ୱିପ୍ରହରରେ ଘରୁ କଳାକନା ବୁଲାଇଲେ ଦୁର୍ବୃତ୍ତ

ସୋର, ୨୯ା୧୧(ସମିସ): ସୋର ପୌର ପାଳିକା ଅନ୍ତର୍ଗତ ବଡଖୁରୀ ଗ୍ରାମରେ ଦିନ ଦ୍ୱିପ୍ରହରରେ ଜଣଙ୍କ ଘରୁ ଚୋର ମାନେ କଳାକନା ବୁଲେଇ ନେଇଥିବା ଜଣାପଡ଼ିଛି। ଏହି ଗ୍ରାମର ଭୀମ ଚରଣ ଘଡେଇ ଆଜି ମଧ୍ୟାହ୍ନରେ ପରିବାର ସହ ଉତ୍ତରେଶ୍ୱରରେ ସମ୍ପର୍କୀୟଙ୍କ ଘରକୁ ଏକ ଭୋଜିରେ ଯୋଗ ଦେବାକୁ ଯାଇଥିଲେ। ଏହି ସମୟରେ ଘରେ କେହି ନ ଥିବାର ସୁଯୋଗରେ ଦୁର୍ବୃତ୍ତମାନେ ଘର ଗ୍ରିଲ ତାଲା ଭାଙ୍ଗି ଘର ମଧ୍ୟରେ ପଶି ଭିତରେ ଥିବା ଏକ ଗଡ଼ରେଜ ଏବଂ ବାକ୍ସ ଚାବି ଭାଙ୍ଗି ନଗଦ ୧୦ ହଜାର ଟଙ୍କା ସମେତ ଝିଅ ବାହାଘର ପାଇଁ ରଖାଯାଇଥିବା ପ୍ରାୟ ୧୨ ଲକ୍ଷ ଟଙ୍କାର ସୁନା ଗହଣା ଚୋରି କରି ନେଇ ଫେରାର ହୋଇଯାଇଥିଲେ। ଅପରାହ୍ନରେ ଶ୍ରୀ ଘଡେଇ ଘରେ ପହଞ୍ଚିବା ପରେ ଚୋରି ହୋଇଥିବା ଜାଣି ପାରି ସୋର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏ ବାବଦରେ ଶ୍ରୀ ଘଡେଇ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଆବଶ୍ୟକାଲି ସାଇଣ୍ଟିଫିକ ଟିମ ତଦନ୍ତ କରିବ ବୋଲି ଜଣାପଡ଼ିଛି।

# ବର୍ଷ ବର୍ଷ ଧରି ଗାଦି ମାଡ଼ି ବସିଛନ୍ତି ବ୍ଲକ ପିଇଓ

ନୀଳଗିରି, ୨୯ା୧୧ (ସମିସ)

**ଲାଗୁ ହେଉନାହିଁ ବଦଳି ନିୟମ**

ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକରେ ବର୍ଷବର୍ଷ ଧରି କାର୍ଯ୍ୟରତ ପିଇଓ (ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ) ଓ ଜଣ କାର୍ଯ୍ୟ କରିଆସୁଛନ୍ତି। ସମୟ କ୍ରମେ ଅନ୍ୟ କର୍ମଚାରୀଙ୍କ ବଦଳି ହେଉଥିବା ବେଳେ ଡେପୁଟେସନରେ ଯାଉଛନ୍ତି। ମାତ୍ର ଏହି ୫ ଜଣ ପିଇଓଙ୍କୁ କାହିଁକି ବଦଳି କରାଯାଉ ନାହିଁ? ପିଇଓଙ୍କୁ ଲାଗୁ ହେଉନାହିଁ କାହିଁକି ବଦଳି ନିୟମ? ଯାହାକୁ ନେଇ ଏବେ ସାଧାରଣରେ ବହୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋଟିଏ ବ୍ଲକରେ ସରକାରଙ୍କ କୌଣସି କର୍ମଚାରୀ ଅଧିକ ବର୍ଷ ରହିପାରିବେ ନାହିଁ। ଏହା ହେଲେ ସ୍ୱଚ୍ଛତାରେ ବାଧା ଉପୁଜିବ। ତେଣୁ ଦୀର୍ଘବର୍ଷ ଧରି ଗୋଟିଏ ବ୍ଲକ ଚୌକିରେ ବସିଥିବା କର୍ମଚାରୀମାନଙ୍କୁ ବଦଳି କରିବାକୁ ସରକାରୀ ନିର୍ଦ୍ଦେଶନାମା ରହିଛି। ଏପରିକି ଏହାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ମଧ୍ୟ କୁହାଯାଇଛି। କିନ୍ତୁ ଉକ୍ତ ସରକାରୀ ନିର୍ଦ୍ଦେଶନାମାକୁ ନୀଳଗିରି ବ୍ଲକରେ ଠିକ୍ ଭାବେ ପାଳନ କରାଯାଉ ନାହିଁ। କାରଣ ଏଠାରେ କେଉଁ ବାବୁ ୧୦ ବର୍ଷରହିଲେଣି ତ ଆଉ କେଉଁ ବାବୁ ୫ରୁ ୭ ବର୍ଷ ଗୋଟିଏ ଚୌକିରେ ବସି ସାରିଲେଣି। ହେଲେ ଏମାନଙ୍କୁ ବଦଳି କରିବାକୁ ଜିଲ୍ଲା ପ୍ରଶାସନ ପଛଘୁଞ୍ଚା ଦେଉଥିବା ଅଭିଯୋଗ ହେଉଛି। ସେମାନେ ସେଲ ପିଇଓ ହିମାଂଶୁ ଭୂଷଣ ଚକ୍ରବର୍ତ୍ତୀ, ହେମନ୍ତ କୁମାର ବେହେରା, ହୃଷିକେଶ ଜେନା, ପୂର୍ଣ୍ଣିମା ମାଝି ଓ ରତିକାନ୍ତ ସେଠୀଙ୍କ ଏଯାଏଁ ବଦଳି ହେଉନି। ଏହା ଠାରୁ ଆହୁରି ଗୁରୁତ୍ୱପୂର୍ଣ୍ଣ ବିଷୟ ଏମାନଙ୍କ ଭିତରୁ କିଛି ନିଜ ବ୍ଲକରେ ବାସିନ୍ଦା ହୋଇ ନିଜ ବ୍ଲକରେ ଚାକିରି କରିଛନ୍ତି। ବର୍ଷ ବର୍ଷ ଧରି ଗାଦି ମାଡି ବସିଛନ୍ତି ବ୍ଲକର ପିଇଓ, ଲାଗୁ ହେଉନାହିଁ ବଦଳି ନିୟମ। ଇଏ କଣ ମୋହନ ସରକାରଙ୍କ ସ୍ୱଚ୍ଛ ଶାସନର ନମୁନା। ବଦଳି ହେଉ ନଥିବା ଏହି କର୍ମଚାରୀ ମାନଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ହେଉଛି, ତାହା ଦେଖିବାକୁ ବାକି ରହିଲା। ଏ ନେଇ (ଡି.ପି.ଓ) ଜିଲ୍ଲା ପଞ୍ଚାୟତ ଅଧିକାରୀ ଦେବାନନ୍ଦ ବେହେରା କହିଛନ୍ତି ନୀଳଗିରି ବ୍ଲକର ପିଇଓ ଘଟଣା ଉକ୍ତ ଅଧିକାରୀଙ୍କ ନଜରରେ ଅଛି ଆଗକୁ ବଦଳି ହେବ ଓ ସେମାନଙ୍କୁ ଖୁବ୍‌ଶୀଘ୍ର ବଦଳି କରାଯିବ।

## ଭାଲୁ ଆକ୍ରମଣରେ ମହିଳା ଗୁରୁତର

ନୀଳଗିରି, ୨୯ା୧୧ (ସମିସ): ଭାଲୁ ଆକ୍ରମଣରେ ଜଣେ ମହିଳା ଗୁରୁତର ଅବସ୍ଥାରେ ନୀଳଗିରି ମେଡ଼ିକାଲକୁ ଅଣାଯାଇଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ରେମୁଣା ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ନୀଳଗିରି ଏନ୍ ଏ ସି ଅଧିନ ମିରିଗିଣୀ ଗ୍ରାମର ଜୟରାମ ଦେଉରିର ସ୍ତ୍ରୀ ମିନତି ଦେଉରି (୪୦) ଶନିବାର ଦିନ ପ୍ରାୟ ୯ଟାରେ ନିକଟସ୍ଥ ମିରିଗିଣୀ ଖଣ୍ଡିଆହୁଡ଼ିକୁ ଝାଟି ଜାଳେଣି କାଠ ପାଇଁ ଯାଇଥିଲେ। ଜାଳେଣି କାଠ ସଂଗ୍ରହ କରୁଥିବା ବେଳେ ହଠାତ୍ ଏକ ଭାଲୁ ଆକ୍ରମଣ କରିଥିଲା। ଭାଲୁଟି ମହିଳାଙ୍କ ମୁଣ୍ଡଟି ଚିରି ଦେବା ସହ ବାମ ଗୋଡଟି ଭାଙ୍ଗି ଦେଇଥିବାର ଦେଖିବାକୁ ମିଳିଛି। ପାଟି ଶୁଣି ସ୍ଥାନୀୟ ଲୋକେ ରୁଣ୍ଡ ହେବାରୁ ଭାଲୁଟି ଛାଡି ଅନ୍ୟତ୍ର ପଳାଇ ଯାଇଥିଲା। ପରେ ଗୁରୁତର ଅବସ୍ଥାରେ ନୀଳଗିରି ଏନ୍‌ଏସିର ଅଧ୍ୟକ୍ଷ ମହେନ୍ଦ୍ର ବେହେରା ଓ ମହିଳାଙ୍କ ପରିବାର ଲୋକେ ନୀଳଗିରି ମେଡିକାଲ ଅଣାଇ ଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ରେମୁଣା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ଖବର ପାଇ ନୀଳଗିରି ବନ ଅଧିକାରୀ ମନୋଜ ଖାଁ କର୍ମଚାରୀଙ୍କୁ ମେଡ଼ିକାଲକୁ ପଠାଇ ତଦନ୍ତ କରିଛନ୍ତି। ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଦାବି ହେଉଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

### ବର୍ଷ ବର୍ଷ ବକେୟା ପଡ଼ିଛି ଦୋକାନ ଘର ଭଡ଼ା

# ୪ ଦୋକାନ ସିଲ୍ କଲା ପୌରପାଳିକା

ବାଲେଶ୍ୱର,୨୯।୧୧(ସମିସ)




**୭୬ ହଜାର ଟଙ୍କା ଆଦାୟ**

ଦୀର୍ଘ ବର୍ଷ ଧରି ଦୋକାନ ଘର ଭଡା ଦେଉନାହାନ୍ତି ଦୋକାନୀ। ବର୍ଷେ କି ଦୁଇ ବର୍ଷ ନୁହେଁ ବରଂ ୨୦୧୩ ମସିହାରୁ ବି ବାକି ପଡିଛି କିଛି ଦୋକାନୀଙ୍କ ଭଡା ଟଙ୍କା। ଏ ନେଇ ବାଲେଶ୍ୱର ପୌରପାଳିକା ଶନିବାର ଦିନ ପଦକ୍ଷେପ ଗ୍ରହଣ କରିଛି। ଦୀର୍ଘ ବର୍ଷ ଧରି ଦୋକାନ ଘର ଭଡା ଦେଇନଥିବାରୁ ଆଜି ପ୍ରଥମ ଦିନରେ ଚାରୋଟି ଦୋକାନକୁ ସିଲ୍ କରିଛି ପୌରପାଳିକା। ଏହାପରେ କିଛି ଦୋକାନୀ ବକେୟା ଭଡା ଟଙ୍କା ଦେଇଥିଲେ। ୭୬ ହଜାର୍ ଟଙ୍କା ସଂଗ୍ରହ କରିଛି ପୌରପାଳିକା। ସହରର ଫାଣ୍ଡି ଛକରେ ଥିବା ପୌରପାଳିକାର ମାର୍କେଟ କମ୍ପ୍ଲେକ୍ସର ଚାରୋଟି ଦୋକାନକୁ ସିଲ୍ କରିଛି ପୌରପାଳିକା। ସେଥିରୁ ଆଜି କିଛି ଦୋକାନୀ ବକେୟା ଭଡା ଦେଇଥିବାବେଳେ ଆଉ କିଛି ଦୋକାନୀ ସୋମବାର ପର୍ଯ୍ୟନ୍ତ ସମୟ ନେଇଥିବା ଜଣାପଡିଛି। ସହରର ବିଭିନ୍ନ ସ୍ଥାନରେ ପୌରପାଳିକାର ମାର୍କେଟ କମ୍ପ୍ଲେକ୍ସ ରହିଛି। ଏଥିରେ ଦୋକାନୀମାନେ ଦୋକାନ ଘର ଭଡା ନେଇ ବେପାର କରୁଛନ୍ତି। ସେହିପରି ଫାଣ୍ଡି ଛକରେ ମଧ୍ୟ ପୌରପାଳିକାର ମାର୍କେଟ କମ୍ପ୍ଲେକ୍ସ ରହିଛି। ଯାହାର ମାସକୁ ଭଡ଼ା ୧୯୦ ଟଙ୍କା। ହେଲେ ଦୀର୍ଘ ବର୍ଷ ଧରି ଅଧିକାଂଶ ଦୋକାନୀ ଦୋକାନ ଘର ବାବଦ ଭଡ଼ା ଦେଇନାହାନ୍ତି। ବକେୟା ହୋଇ ପଡ଼ିରହିଛି ଭଡ଼ା ଟଙ୍କା। ଏମିତିକି ୨୦୧୩ରୁ କିଛି ଦୋକାନୀ ଭଡ଼ା ଦେଇନାହାନ୍ତି। ପୌରପାଳିକାର ଅଧିକାଂଶ ଦୋକାନୀ ଭଡ଼ା ଟଙ୍କା ଦେଇନାହାନ୍ତି। ସେଥିପାଇଁ ଆମର ପଦକ୍ଷେପ ଗ୍ରହଣ କରିବା ଆରମ୍ଭ ହୋଇଛି। ଆଜି ଫାଣ୍ଡି ଛକରେ ଚାରୋଟି ଦୋକାନ ସିଲ୍ କରାଯାଇଛି। ଆଗାମୀ ଦିନରେ ସବୁଠି ଏପରି ସିଲ୍ କରାଯିବ। ମାସିକ ଭଡା ୧୯୦ ଟଙ୍କା। ଆଉ କିଛି ଦୋକାନୀ ୨୦୧୩ ମସିହାରୁ ଟଙ୍କା ଦେଇନାହାଁନ୍ତି। ସିଲ୍ ହେବା ପରେ କିଛି ଭଡ଼ା ଟଙ୍କା ପ୍ରଦାନ କରିଛନ୍ତି। ବାକି ସୋମବାର ଟଙ୍କା ଦେବେ। ଏହି ଅଭିଯାନ ସମସ୍ତ ବକେୟା ଦେୟ ଆଦାୟ ଜାରି ରଖିବ ଏବଂ ରୁମ୍ ଭଡା ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଉଛି ବୋଲି ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତି କହିଛନ୍ତି।

### ଅର୍ଥ ହେରଫେର ମାମଲା

# ଅର୍ଣ୍ଣପାଳ ସୋସାଇଟି ସେକ୍ରେଟାରୀଙ୍କୁ ୩ ବର୍ଷ ଜେଲ୍

**ବାଲେଶ୍ୱର,୨୯।୧୧(ସମିସ):** ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନସ ଜଜ୍ ଲଳିତ କୁମାର ଦାଶ ଏକ ମାମଲାର ରାୟ ପ୍ରକାଶ କରି ଅଭିଯୁକ୍ତ ବିବିସିସି ବ୍ୟାଙ୍କ ଭଦ୍ରକ ଶାଖାର ପୂର୍ବତନ ଆକାଉଣ୍ଟାଣ୍ଟ ପ୍ରଦୀପ କୁମାର ବୋଇତି ଏବଂ କ୍ୟାସିୟର ଗୋବିନ୍ଦଚନ୍ଦ୍ର ପଣ୍ଡାଙ୍କୁ ନିର୍ଦ୍ଦୋଶରେ ଖଲାସ କରିଥିବା ବେଳେ ଅର୍ଣ୍ଣପାଳ ସୋସାଇଟିର ସେକ୍ରେଟାରୀ ରମେଶ ଚନ୍ଦ୍ର ସେନକୁ ଦଣ୍ଡାଦେଶ କରିଛନ୍ତି। କୋର୍ଟ ତାଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିବାବେଳେ ୫୦ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଟଙ୍କା ଅନାଦେୟ ହେଲେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ୨୦୦୯ ମସିହାରେ ଭଦ୍ରକ ଜିଲ୍ଲା ଅର୍ନ୍ତଗତ ବାଲିଅନ୍ତା ଗ୍ରାମର ବିମଳ କୁମାର ରାଉତ ସମସ୍ତ ଆବଶ୍ୟକ ନଥିପତ୍ର ଏକ ଟ୍ରାକ୍ଟର ଋଣ ପାଇଁ ଅର୍ଣ୍ଣପାଳ ସୋସାଇଟିରେ ଆବେଦନ କରିଥିଲେ। ଏଥିପାଇଁ ସୋସାଇଟିରୁ ଋଣ ମଧ୍ୟ ମଞ୍ଜୁର ହୋଇଥିଲା। ସେଥିପାଇଁ ସେ ବ୍ୟାଙ୍କରେ ଟ୍ରାକ୍ଟର ବାବଦରେ ମାର୍ଜିନ ମନି ୧ଲକ୍ଷ ୯୦ହଜାର ଟଙ୍କା ଡିପୋଜିଟ କରିଥିଲେ। ଏହାପରେ ମଞ୍ଜୁର ହୋଇଥିବା ୪ଲକ୍ଷ ଟଙ୍କା ଏବଂ ମାର୍ଜିନ ଟଙ୍କା ମିଶାଇ ମୋଟ ୫ଲକ୍ଷ ୯୦ହଜାର ଟଙ୍କା ଚରମ୍ପା ସ୍ଥିତ ଗୋବିନ୍ଦ ଟ୍ରାକ୍ଟର ନିକଟକୁ ଡ୍ରାଫ୍ଟ ଯୋଗେ ପଠାଇଥିଲେ। ଏହାପରେ ବିମଳ ଉକ୍ତ ଟ୍ରାକ୍ଟର ମଧ୍ୟ ପାଇଥିଲେ। ତେବେ ଅଭିଯୋଗ ଅନୁସାରେ ଅର୍ଣ୍ଣପାଳ ସୋସାଇଟିର ଇନଚାର୍ଜ ସେକ୍ରେଟାରୀ ରମେଶ ଚନ୍ଦ୍ର ସେନ ତଞ୍ଚକତା କରି ପୁଣି ୪ଲକ୍ଷ ଟଙ୍କା ଉଠାଇଥିଲେ। ଯାହାର ସଠିକ କାରଣ ନ ଦେଇ ପାରିବାରୁ ତାଙ୍କ ବିରୋଧରେ ଭିଜିଲାନସ ବିଭାଗରେ ଅଭିଯୋଗ ହୋଇଥିଲା। ଏ ନେଇ ଭିଜିଲାନସ ବିଭାଗ ପକ୍ଷରୁ ତଦନ୍ତ କରାଯିବା ସହ ଅର୍ଣ୍ଣପାଳ ସୋସାଇଟିର ସେକ୍ରେଟାରୀ ରମେଶ କୁମାର ସେନ, ବିସିସି ବ୍ୟାଙ୍କ ଭଦ୍ରକ ଶାଖାର ଆକାଉଣ୍ଟାଣ୍ଟ ପ୍ରଦୀପ ବୋଇତି ଓ କ୍ୟାସିୟର ଗୋବିନ୍ଦଚନ୍ଦ୍ର ପଣ୍ଡାଙ୍କ ବିରୋଧରେ ଚାର୍ଜସିଟ ଦାଖଲ କରିଥିଲା। ତେବେ ଅଦାଲତ ଏହି ମାମଲାକୁ ୧୩ଜଣ ସାକ୍ଷୀ ଓ ୨୯ଟି ଦଲିଲ ଆଧାରରେ ଉକ୍ତ ରାୟ ଶୁଣାଇଛନ୍ତି। ଏହି ମାମଲାକୁ ଅଭିଯୁକ୍ତ ଗୋବିନ୍ଦଚନ୍ଦ୍ର ପଣ୍ଡାଙ୍କ ପକ୍ଷରୁ ଆଇନଜୀବୀ ରଘୁନାଥ ପ୍ରଧାନ ଓ ଲିଙ୍ଗରାଜ ମହାନ୍ତି ଲଢୁଥିବା ବେଳେ ଅଭିଯୁକ୍ତ ଶ୍ରୀ ବୋଇତିଙ୍କ ପକ୍ଷରୁ ଆଇନଜୀବୀ ଅରବିନ୍ଦ ବାରିକ, ଚନ୍ଦନ କୁମାର ସିଂହ,ଜୟନ୍ତୀ ବାରିକ ଓ ଅର୍ଦ୍ଧେନ୍ଦୁ ବାରିକ ପରିଚାଳନା କରୁଥିଲେ। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ରାଧାକାନ୍ତ ମହାପାତ୍ର ପରିଚାଳନା କରୁଥିଲେ।

# ଅମରକୁ ଛାଡ଼ିଲା ପୁଲିସ; ପୂଜାଙ୍କୁ ନାରୀସଂଘରେ ପଚରାଉଚରା

**ବାଲେଶ୍ୱର,୨୯।୧୧(ସମିସ):** ପୂଜା ଅମରଙ୍କ ପ୍ରେମରେ ପଡି ଆମେରିକାରୁ ଫେରିବା ପରେ ଏବେ ସେମାନଙ୍କ ପ୍ରେମର ଚର୍ଚ୍ଚା ବଢ଼ିବାରେ ଲାଗିଛି। ଗୋଟିଏ ପଟେ ଅମର ପୂଜାକୁ ଦେଖା କରିବା ପାଇଁ ନାରୀ ସଂଘ ଯାଇଥିବା ବେଳେ ପୁଲିସ ସେଠାରୁ ଉଠାଇନେଇଥିବା ବେଳେ ଆମେରକୀୟ ଦମ୍ପତିଙ୍କୁ ଏକ କୋଟି ଟଙ୍କା ମାଗିବା ଘଟଣା ଏବେ ନୂଆ ମୋଡ ନେଇଛି। ଅନ୍ୟପଟେ ପୂଜାର ସମସ୍ତ ଡକ୍ୟୁମେଂଟ ଯାଂଚ କରାଯିବା ସହ ଅମର ମାଗିଥିବା ଟଙ୍କାର କଲ ରେକର୍ଡକୁ ମଧ୍ୟ ଯାଂଚ କରାଯାଉଛି। ପୂଜା ଅମରକୁ ପାଇବା ପାଇଁ ଆମେରିକାରେ ରହି ମିଛ ନାଟକ ମାଧ୍ୟମରେ ବାଲେଶ୍ୱର ଫେରିଆସିଥିବା ବେଳେ ଅନ୍ୟପଟେ କିନ୍ତୁ ଅମର ସହ ବାହାଘର ହୋଇପାରୁ ନାହିଁ। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶରେ ପୂଜା ନାରୀସଂଘରେ ରହିଥିବା ବେଳେ ଅମର ତାଙ୍କୁ ଦେଖାକରିବା ପାଇଁ ନାରୀ ସଂଘକୁ ଯାଇଥିବା ବେଳେ ଗତକାଲି ସେଠାରୁ ତାକୁ ପୁଲିସ ଉଠାଇ ନେଇଥିଲା। ଏପରିକି ତାଙ୍କ ନାମରେ ଆମେରିକାର ପୌଷ୍ୟ ଦମ୍ପତିଙ୍କୁ ଟଙ୍କା ମାଗିଥିବା ଅଭିଯୋଗରେ ପୁଲିସ ତାକୁ ନେଇଥିଲା। ଆଜି ତାଙ୍କୁ ୪୧ନୋଟିସରେ ଛାଡିଦେଇଥିବା ଜଣାଯାଇଛି। ଅପରପକ୍ଷେ ପୁଲିସର ଏକ ଟିମ ନାରୀସଂଘକୁ ଯାଇ ପୂଜାକୁ ପଚରାଉଚରା କରିଛି। ଏ ନେଇ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି ଯେ, ସେଜଲ ଓରଫ ପୂଜା ଆମେରିକାରେ ରହୁଥିଲେ। ଏବେ ସେ ବାଲେଶ୍ୱର ଆସିବା ପରେ ତାଙ୍କର କାଉନସେଲିଂ ଚାଲିଛି। ତାଙ୍କର ଜନ୍ମ ତାରିଖ, ବୟସ ଓ ପରିଚୟପତ୍ର ଯାଂଚ ହେଉଛି। ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଆଲୋଚନା ମଧ୍ୟ ଚାଲିଛି। ଅର୍ଥ ମାଗିବା ଘଟଣାରେ ପୁଲିସ ଏହାର ଯାଂଚ କରୁଛି ବୋଲି କହିଛନ୍ତି। ଅନ୍ୟପଟେ ନାରୀସଂଘର ସଭାପତି ଗୋପାମୁଦ୍ରା ମହାପାତ୍ର କହିଛନ୍ତି ଯେ, ଏବେ ସେଜଲ ଠିକ ଅଛନ୍ତି। ଏବେ ସେ ନିଜେ ଜାଣିପାରୁନି ଯେ ସେ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ଠିକ କି ଭୁଲ। ଭାରତ ଆସିବା ପାଇଁ ଗୋଟେ ସ୍ଥାନର ଠିକଣାର ଆବଶ୍ୟକତା ଥିଲା। ଏ ନେଇ ସେ ଅମର ସାହାଯ୍ୟ ନେଇଥିଲେ। ସମସ୍ତେ ସେଜଲର ଯତ୍ନ ନେଉଛନ୍ତି ବୋଲି କହିଛନ୍ତି। ପରିସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ସେ ଏଠାରେ ରହିବେ ବୋଲି ମଧ୍ୟ କହିଛନ୍ତି।

# ଡିସେମ୍ବର ୧୨ରୁ ବାଲେଶ୍ୱର ଉତ୍ସବ



**ବାଲେଶ୍ୱର,୨୯।୧୧(ସମିସ):** ବାଲେଶ୍ୱର ଉତ୍ସବ ଅବସରରେ ୱାଓ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ତାର ୧୬ ତମ ବାର୍ଷିକୀ ଉତ୍ସବ ପାଳନ କରିବାକୁ ଯାଉଛି ଓ ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଉତ୍ସବ କମିଟି ଆନୁକୂଲ୍ୟରେ ଆସନ୍ତା ଡିସେମ୍ବର ୧୨ରୁ ୧୯ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୮ ଦିନ ବ୍ୟାପି ସ୍ଥାନୀୟ ପୁରୁଣା ଷ୍ଟାଡିୟମ ପ୍ରାଙ୍ଗଣରେ ଏହି ଉତ୍ସବ ପାଳନ କରାଯିବ ବୋଲି ଅନୁଷ୍ଠାନ ତରଫରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି। ବିଭିନ୍ନ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଆବଶ୍ୟକୀୟ ପଦକ୍ଷେପ ପାଇଁ ଅନୁଷ୍ଠାନ ତରଫରୁ ଜିଲ୍ଲା ପ୍ରଶାସନକୁ ମଧ୍ୟ ଅନୁରୋଧ କରାଯାଇଅଛି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ଆବାହକ ନାରାୟଣ ଚନ୍ଦ୍ର ପ୍ରଧାନ, ସଭାପତି ଆଶିଷ ପାତ୍ର, ମୁଖ୍ୟ ଉପଦେଷ୍ଟା ଆଲୋକ ସାହୁ, ଉପାଧ୍ୟକ୍ଷ ସୂର୍ଯ୍ୟକାନ୍ତ କର, ଭାଗବତ ସାହୁ, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଚିତ୍ତରଞ୍ଜନ ପଣ୍ଡା, ଉପଦେଷ୍ଟା ସୁବାସ ଦାସ, ସାଧାରଣ ସମ୍ପାଦକ ଅର୍ଜିତ ଘୋଷାଲ, ଅନିରୁଦ୍ଧ ପ୍ରଧାନ, ସଞ୍ଜୟ ସେଠୀ, ଇନ୍ତେଖାବ ଅଲି, ମହିଳା ସଭାପତି ରଂଜିତା ମହାପାତ୍ର, ସାଂସ୍କୃତିକ ସମ୍ପାଦକ ଦୀପକ ମିଶ୍ର, ସାଙ୍ଗଠନିକ ସମ୍ପାଦକ ଖିରୋଦ ପ୍ରଧାନ, ଦେବେନ୍ଦ୍ର ମାଝୀ, ରାଜଶଙ୍କର ନାୟକ, ସୁଶାନ୍ତ ସାହୁ, ଶୁଭମ ସାଇ ମହାପାତ୍ର, ସିପ୍ରାରେଖା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କଣ୍ଠଶିଳ୍ପୀ ସୁଜ୍ଞାନୀ ମହାପାତ୍ର, ସ୍ମିତା ପଣ୍ଡା, ସଚିନ ରାଉତ, ଜେମ୍ସ, ତୁଷାର, ଆଙ୍କର କମଲ ଓ ରକ୍ ବ୍ୟାଣ୍ଡ ସହିତ ଡ୍ୟାନ୍ସ ଗ୍ରୁପ ପ୍ରମୁଖ ନିଜ ନିଜ କଳା ପ୍ରଦର୍ଶନ କରିବେ ବୋଲି ସାଂସ୍କୃତିକ ସମ୍ପାଦକ ଦୀପକ ମିଶ୍ର ସୂଚନା ଦେଇଛନ୍ତି।

# ମଦ ଜବତ, ୪ ମହିଳାଙ୍କ ସମେତ ୭ ଗିରଫ

**ବାଲେଶ୍ୱର,୨୯।୧୧(ସମିସ):** ବାଲେଶ୍ୱର ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ଥାନା ଅଞ୍ଚଳରେ ଚଢ଼ଉ କରାଯାଇଛି। ଏହି ସମୟରେ ୨୦୫ଲିଟର ମଦ ଜବତ କରାଯାଇଥିବା ବେଳେ ୪ଜଣ ମହିଳାଙ୍କ ସମେତ ମୋଟ ୭ଜଣ ଗିରଫ ହୋଇଛନ୍ତି ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଅବକାରୀ ବିଭାଗ ବିଭିନ୍ନ ଥାନା ଅଧିନରେ ଚୋରା ମଦ ଚାଲାଣ କାରବାର ହେଉଥିବା ନେଇ ଖବର ପାଇଥିଲା। ଏହି ଖବରକୁ ଆଧାର କରି ଆଜି ଶିମୁଳିଆଁ ଥାନା, ସଦର ଥାନା ଅଂଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ଶିମୁଳିଆଁ ଥାନା ସମଲପୁରର ବାସନ୍ତୀ ବିନ୍ଧାଣୀ ଠାରୁ ୨୫ଲିଟର ମଦ ଜବତ କରିଥିବା ବେଳେ ସଦର ଥାନା ଅର୍ନ୍ତଗତ କୁରୁଡା ଅଂଚଳର ସୁନୀଲ କୁମାର ଦାସ ଠାରୁ ୩୦ଲିଟର, ଶିମୁଳିଆଁ ଥାନା ଗଣେଶ୍ୱରପୁର ଅଞ୍ଚଳର ଅଶୋକ କୁମାର ପେଡା ଠାରୁ ୩୫ଲିଟର, ସେହି ଅଂଚଳର କୁନି ସିଂ ଠାରୁ ୩୫ଲିଟର, ଅନ୍ୟ ଜଣେ ମହିଳା ବାବୁଲା ସିଂଙ୍କ ପତ୍ନୀ କୁନି ସିଂ ଠାରୁ ୩୦ଲିଟର, ସଦର ଥାନା ଅର୍ନ୍ତଗତ ସାରଗାଁ ଅଂଚଳର କୌଶଲ୍ୟା ଦାସ ଠାରୁ ୨୫ଲିଟର ଏବଂ ସେହି ଗାଁର ସୁକାନ୍ତ ଦାସ ଠାରୁ ୨୫ଲିଟର ମଦ ଜବତ କରାଯାଇଛି। ସମସ୍ତଙ୍କ ଠାରୁ ଜବତ ହୋଇଥିବା ମୋଟ ୨୦୫ଲିଟର ମଦର ମୂଲ୍ୟ ୪୧ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

# ଇଲେକ୍ଟ୍ରୋହୋମିଓପାଥିକ୍ ମେଗା ସ୍ୱାସ୍ଥ୍ୟ ଶିବିର

**ବାଲେଶ୍ୱର,୨୯।୧୧(ସମିସ):** ଓଡିଶା ରାଜ୍ୟ ଇଲେକ୍ଟ୍ରୋହୋମିଓପାଥିକ ଚିକିତ୍ସକ ସଙ୍ଘ ଏବଂ ସାଇ ଗୌରାଙ୍ଗ ଆଦର୍ଶ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ସାଇଆଦର୍ଶ ବିଦ୍ୟାଳୟ ପରିସରରେ ନିଃଶୁଳ୍କ ଇଲେକ୍ଟ୍ରୋହୋମିଓପାଥିକ୍ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ତିରିଶରୁ ଅଧିକ ଚିକିତ୍ସକ ଯୋଗ ଦେଇ ରୋଗୀମାନଙ୍କ ଚିକିତ୍ସା କରିଥିଲେ। ନୀଳଗିରି ତହସିଲଦାର ସୋନମ୍ ଦାସ ଏହି ମେଗା ସ୍ୱାସ୍ଥ୍ୟ ଶିବିରର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶା ରାଜ୍ୟ ଇଲେକ୍ଟ୍ରୋହୋମିଓପାଥିକ ଚିକିତ୍ସକ ସଂଘ ସଭାପତି ଡା. ସରୋଜ ମହାରଣା, ଡାକ୍ତର ଗୋବିନ୍ଦ ଚନ୍ଦ୍ର ସାହୁ, ଡାକ୍ତର ପର୍ଶୁରାମ ସେଠୀ, ଡାକ୍ତର ଅରବିନ୍ଦ ପାତ୍ର, ଡାକ୍ତର ମୁକେଶ ରଞ୍ଜନ ମହାପାତ୍ର, ଡାକ୍ତର ଧ୍ରୁବଚରଣ ପାତ୍ର, ଡାକ୍ତର ଶିବପ୍ରସାଦ ନାୟକ, ଡାକ୍ତର ରମେଶ କୁମାର ସିଂ, ଡାକ୍ତର ସଂଗ୍ରାମ ସାହୁ, ଡାକ୍ତର ରଶ୍ମିତା ଶତପଥୀ, ଡାକ୍ତର ଇତିଶ୍ରୀ ଲେଙ୍କା, ଡାକ୍ତର ଅମୀୟ କୁମାର ତାଲଦି, ଡାକ୍ତର ରୀନାରାଣୀ ଦାସ ପ୍ରମୁଖ ଇଲେକ୍ଟ୍ରୋହୋମିଓପାଥିକ ଚିକିତ୍ସକ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସାଇଗୌରାଙ୍ଗ ଚାରିଟେବଲ ଟ୍ରଷ୍ଟ ସଭାପତି ନିରଞ୍ଜନ ବାରିକ୍, ଶିକ୍ଷାବିତ୍ ଶନିଷ୍ଟ ରଞ୍ଜନ ବେହେରା, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ



କୁମାର ସାହୁ, ସ୍ଥାନୀୟ ସରପଞ୍ଚ ନିରଞ୍ଜନ ବାରିକ ଶିବିରକୁ ଉଦଘାଟନ କରିଥିଲେ। ଏହି ଶିବିରରେ ଡାକ୍ତର ସରୋଜ କୁମାର ସାହୁ, ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର, ଡାକ୍ତର ରଶ୍ମିରଞ୍ଜନ ମହାରଥୀ, ଡାକ୍ତର କୈଳାସ ଚନ୍ଦ୍ର ମୁଣ୍ଡା, ଡାକ୍ତର ମନୋରଞ୍ଜନ ବାସନ୍ତୀ ଲେଙ୍କା, ଶିକ୍ଷୟତ୍ରୀ ଗୀତାଞ୍ଜଳି ସାହୁ, ସବିତା ବିଶ୍ୱାଳ, ରାମେଶ୍ୱରୀ ବେହେରା, ସ୍ୱପ୍ନାଲି ଦାସ, ଦମୟନ୍ତୀ ସେଠୀ, ଶୁଭ୍ରମୟ ରାଉତ, ପୁଷ୍ପାଞ୍ଜଳି ମଲ୍ଲିକ, ଲୋପାମୁଦ୍ରା ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ୧୨ଦିନିଆ ଦକ୍ଷତା ବିକାଶ ତାଲିମ ଶିବିର



**ବାଲେଶ୍ୱର,୨୯।୧୧(ସମିସ):** ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ହାଇଦ୍ରାବାଦସ୍ଥିତ ନନ୍ଦି ଫାଉଣ୍ଡେସନ୍ ମଧ୍ୟରେ ସ୍ୱାକ୍ଷରିତ ବୁଝାମଣାପତ୍ର ଅନୁସାରେ ଆୟୋଜିତ ୧୨-ଦିନିଆ "ମହିନ୍ଦ୍ରା ପ୍ରାଇଡ୍ କ୍ଲାସରୁମ୍' ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହୋଇଛି। ଏହି କାର୍ଯ୍ୟକ୍ରମ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆରମ୍ଭ ହୋଇଥିଲା। ସମଗ୍ର ତାଲିମ ପ୍ରକ୍ରିୟାଟି ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ନିହାର ରଂଜନ ରାଉତଙ୍କ ତତ୍ତ୍ୱାବଧାନ ଓ ନନ୍ଦି ଫାଉଣ୍ଡେସନ୍ର ରାଜ୍ୟ ସଂଯୋଜକ ମୁନମୁନ ସିଂଙ୍କ ସଂଯୋଜନାରେ ସଂଚାଳିତ ହୋଇଥିଲା। ମୋଟ ୪୭୦ ଜଣ ଛାତ୍ରୀଙ୍କୁ ଦଶଟି ଗ୍ରୁପରେ ବିଭକ୍ତ କରି ଏହି ତାଲିମ ପ୍ରଦାନ କରାଯାଇଥିଲା। ସେମାନେ ସାକ୍ଷାତକାର ପ୍ରକ୍ରିୟା, ଜୀବନଦକ୍ଷତା, ଅଫିସ୍ ଇଟିକେଟ୍, ଟିମ୍‌ୱାର୍କ ଓ ପ୍ରେଜେଣ୍ଟେସନ୍ ଦକ୍ଷତା ସହିତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ପ୍ରାୟୋଗିକ ଶିକ୍ଷା ଗ୍ରହଣ କରିଥିଲେ। ତାଲିମ କାର୍ଯ୍ୟକ୍ରମର ଶେଷଦିନ ପ୍ରତ୍ୟେକ ଗ୍ରୁପରୁ ଜଣେ ଶ୍ରେଷ୍ଠ ପ୍ରଶିକ୍ଷୁ ଓ ତିନିଜଣ ମେରିଟୋରିଆସ୍ ଛାତ୍ରୀଙ୍କୁ ନନ୍ଦି ଫାଉଣ୍ଡେସନ୍ ତରଫରୁ ବିଶେଷ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟ ଛାତ୍ରୀମାନଙ୍କୁ ସଫଳ ଅଂଶଗ୍ରହଣ ପାଇଁ ମାନପତ୍ର ପ୍ରଦାନ କରାଯାଇଥିଲା। ଫାଉଣ୍ଡେସନ୍ ତରଫରୁ ଅଂଶୁମାନ ମିଶ୍ର, ସଂଜୟ ମିଶ୍ର, ପ୍ରଜ୍ଞା ରଥ, ଇତିଶ୍ରୀ ବିଶ୍ୱାଳ ଓ ସନ୍ତୋଷିନୀ ଦୁତିଚାନ୍ଦ ପ୍ରଶିକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

# ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ

ବାଲେଶ୍ୱର,୨୯।୧୧(ସମିସ)



ସ୍ଥାନୀୟ ପରମିଟ ପଡିଆଠାରେ ସାଂସଦ ଖେଳ ମହୋତ୍ସବ ଆଜି ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସାଂସଦ ପ୍ରତାପଚନ୍ଦ୍ର ଷଡଙ୍ଗୀ ଯୋଗ ଦେଇଥିବା ବେଳେ ମଞ୍ଚରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଉପଜିଲ୍ଲାପାଳ ଶିବ ମାଲବ୍ୟ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଏବଂ ସିଭିଲ ସୋସାଇଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ବିଭିନ୍ନ ବ୍ଲକରୁ ଆସିଥିବା ଅଂଶଗ୍ରହଣକାରୀଙ୍କୁ ଉଦବୋଧନ ଦେଇ ସାଂସଦ କହିଥିଲେ ଯେ,ଏହି ସାଂସଦ ଖେଳ ମହୋତ୍ସବ "ଫିଟ ଇଣ୍ଡିଆ' ଅଭିଯାନକୁ ଘରେ ଘରେ ପହଞ୍ଚାଇବା ଏହି ମୂଳ ଉଦ୍ଦେଶ୍ୟ। ଏହି ମହୋତ୍ସବ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବା ପାଇଁ ଏକ ବଡ ମଞ୍ଚ ପ୍ରଦାନ କରୁଛି ବୋଲି କହିଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ବିକାଶ କହିଛନ୍ତି ଯେ,ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ପ୍ରତିଭାକୁ ପରିପୋଷଣ କରିବା, କ୍ରୀଡ଼ା ସଂସ୍କୃତିକୁ ଆହୁରି ମଜବୁତ କରିବା ଏବଂ ସମସ୍ତଙ୍କ ଭିତରେ କ୍ରୀଡ଼ା ଚେତନାକୁ ଜାଗ୍ରତ କରିବା। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଏହାକୁ ଗୌରବର ଦିବସ ବୋଲି କହି ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରି ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ସାଂସଦ ଶ୍ରୀ ଷଡ଼ଙ୍ଗୀ କ୍ରୀଡ଼ା ଜ୍ୟୋତି ପ୍ରଜ୍ୱଳନ କରିବା ସହ ଧ୍ୱଜା ଉତ୍ତୋଳନ କରି ଉଦଘାଟନ କରିଥିଲେ। ପରେ ସମସ୍ତେ କ୍ରୀଡ଼ା ଶପଥ ପାଠ କରିଥିଲେ। ଏଥିରେ ଆଠ ପ୍ରକାର କ୍ରୀଡ଼ାରେ ଶତାଧିକ କ୍ରୀଡାବିତ ଯୋଗ ଦେବେ ଯଥା ଫୁଟବଲ, ଭଲି ବଲ, କବାଡି, ଖୋ ଖୋ, ଆଥଲେଟିକ(୧୦୦ମି ଦୌଡ଼, ୮୦୦ମିଟର ଦୌଡ, ଲଙ୍ଗ ଜମ୍ପ, ସର୍ଟପୁଟ,୧୦୦ମିଟର ହର୍ଡଲସ) ଏବଂ ତିନି ପାରମ୍ପରିକ ଖେଳ ଯଥା ମ୍ୟୁଜିକ ଚେୟାର, ଟଗ ଅଫ ୱାର ଏବଂ ସ୍କିପିଂ ରହିଛି। ଏହି ଉଦ୍‌ଘାଟନୀ ଉତ୍ସବରେ ସାଂସ୍କୃତିକ ଦଳଗୁଡ଼ିକ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ପରିବେଷଣ ଏବଂ ବିଭିନ୍ନ ବ୍ଲକର ଅଂଶଗ୍ରହଣକାରୀ ଦଳଗୁଡ଼ିକ ଦ୍ୱାରା ପରେଡ ପ୍ରଦର୍ଶିତ ହୋଇଥିଲା। ଏହି ଖେଳ ମହୋତ୍ସବରେ ପ୍ରାୟ ୩ ହଜାର ଖେଳାଳି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାଯାଇଛି।






# ଜିଲ୍ଲା ସମ୍ପ୍ରଦାୟ ସମ୍ବଳ ଗୋଷ୍ଠୀ ଗଠନ ସମ୍ବନ୍ଧିତ ଆଲୋଚନା

**ବାଲେଶ୍ୱର,୨୯।୧୧(ସମିସ):** ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡିଟିୟୁ ହଲ୍‌ରେ ଜିଲ୍ଲା ଏଡ୍ସ ପ୍ରତିରୋଧ ଓ ନିୟନ୍ତ୍ରଣ ସମିତି, ଜିଲ୍ଲା ସ୍ତରୀୟ ଫାଷ୍ଟ ଟ୍ରାକ୍ କମିଟି ମିଟିଂ ଏବଂ ଏନ୍ ଏ ସିପି-ଭି ଅନ୍ତର୍ଗତ ସିଏସଏସ ପାଇଁ ଜିଲ୍ଲା ସମ୍ପ୍ରଦାୟ ସମ୍ବଳ ଗୋଷ୍ଠୀ ଗଠନ ସମ୍ବନ୍ଧିତ ଆଲୋଚନା ସଭା ଡାପ୍କୁ ଦ୍ୱାରା ଆୟୋଜିତ ହୋଇଯାଇଛି। ସଭାରେ ଜିଲ୍ଲାର ଜାତୀୟ ଏଚ୍ ଆଇ ଭି/ଏଡସ୍ ନିୟନ୍ତ୍ରଣ କାର୍ଯ୍ୟକ୍ରମର ସ୍ଥିତି, ଆଇସିଟିସିଓ ତଥ୍ୟ, ପୂର୍ବବର୍ଷର ସଂକ୍ରମଣ ଟ୍ରେଣ୍ଡ ଇତ୍ୟାଦି ଉପସ୍ଥାପିତ ହେଲା। ୨୦୦୪ରୁ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ମୋଟ ଏଚ୍ ଆଇ ଭି ପଜିଟିଭ ଚିହ୍ନଟ ହୋଇଥିବା ବ୍ୟକ୍ତିଙ୍କ ସୂଚନା ଦିଆଯାଇଛି। ଆଇସିଟିସି କେନ୍ଦ୍ରଗୁଡିକରେ ନିୟମିତ ଟେଷ୍ଟିଂ, ଶତ ପ୍ରତିଶତ ଏଏନସି ଏଚ ଆଇ ଭି ଟେଷ୍ଟିଙ୍ଗ, ଅଧିକ ସ୍ୱାଉଜ୍ ଟେଷ୍ଟିଙ୍ଗ, ପ୍ରଚାର ଓ ପ୍ରସାର କାର୍ଯ୍ୟକ୍ରମ, ମାଇଗ୍ରାଣ୍ଟ ଓ ବିଶେଷ ଗୋଷ୍ଠୀ ପାଇଁ ସଚେତନତା ଅଭିଯାନ, ଜେଲ୍‌ରେ ନିୟମିତ ସ୍କ୍ରିନିଂ କାର୍ଯ୍ୟକ୍ରମ ଇତ୍ୟାଦିକୁ ଡାପ୍କୁ ର ପ୍ରମୁଖ ସଫଳତା ଭାବେ ଉଲ୍ଲେଖ କରାଯାଇଛି। ପୂର୍ବତନ ଡିଏପିସିସି ସଭାର ଆକ୍ସନ୍ ଟେକନ୍ ରିପୋର୍ଟ ପ୍ରଦର୍ଶିତ ହୋଇଥିବା ସହ ଡାପ୍କୁ ପାଇଁ ନୂତନ କକ୍ଷ ବ୍ୟବସ୍ଥା ଶୀଘ୍ର ନିଶ୍ଚିତ କରିବା ଆବଶ୍ୟକତାରେ ଭାବନା ବ୍ୟକ୍ତ ହେଲା। ଜିଲ୍ଲାପାଳ ଦ୍ୱାରା ଏଚ୍ ଆଇ ଭି/ ଏଡସ୍ ପ୍ରତିରୋଧ, ଇଏମ ଟିସିଟି ନିୟନ୍ତ୍ରଣ ଓ ସମୁଦାୟ ଭିତ୍ତିକ ଯୋଗାଯୋଗକୁ ସୁଦୃଢ କରିବା ଉପରେ ଜୋର ଦିଆଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାର ନୋଡାଲ ଅଫିସର୍ ( ଏଡ୍ସ) ମନୋଜ କୁମାର ସାହୁ, ଏଡିଏମଓ ଅମୂଲ୍ୟ କୁମାର ଦାସଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ ରାଉତ ମଞ୍ଚରେ ଉପସ୍ଥିତ ଥିଲେ। ରଶ୍ମିତା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।


ନନ୍ଦିଘୋଷ

**'ନନ୍ଦିଘୋଷ ଟିଭି'**

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | | ଅଭିଜ୍ଞତା |
|---|---|---|
| ୧) ରିପୋର୍ଟର | (୦୩) | ୩ ବର୍ଷର ଅଭିଜ୍ଞତା |
| ୨) ଆଙ୍କର | (୦୨) | ୩ ବର୍ଷର ଅଭିଜ୍ଞତା |
| ୩) କପି ଏଡିଟର/ ବୁଲେଟିନ ପ୍ରଡ୍ୟୁସର | (୦୨) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୬ ଡିସେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।


ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

ସୃଜନିକା

ସକାଳ
THE SAKALA
www.sakalaepaper.com

# ମେଳାରେ ହଜିଥିବା ପିଲାଟି



ମୂଳ ଇଂରାଜୀ : ମୁଲ୍‌କ ରାଜ୍ ଆନନ୍ଦ
ଅନୁବାଦ : ପୁଷ୍ପାରାଣୀ ପଟେଲ



ବସନ୍ତ ଉତ୍ସବର ସମୟ। ଗାଁ ଗାଁରେ ମେଳା। ଗାଁକୁ ଲମ୍ବିଥିବା ସେଇ ପତଳା ସରୁ ଗଳି ରାସ୍ତାଟିରେ ଲୋକଙ୍କର ପ୍ରବଳ ଭିଡ଼। କିଛି ଲୋକ ପାଦରେ ଚାଲି ଚାଲି ଆସୁଥିବା ବେଳେ, ବେଶ୍ କିଛି ଥିଲାବାଲା ଲୋକ ଆସୁଥିଲେ ଘୋଡ଼ା ଗାଡ଼ିରେ, ଆଉ କିଛି ପୁଣି ସେଇ ବାଉଁଶ ତିଆରି ଶଗଡ଼ ଗାଡ଼ିରେ। ଲୋକଙ୍କର ଏଇ ମେଳା ପାଇଁ ଆକର୍ଷଣର ଦୃଶ୍ୟ ବେଶ୍ ହୃଦଗ୍ରାହୀ ଥିଲା। ତା'ଠାରୁ ଆହୁରି ଅଧିକ ଆକର୍ଷଣୀୟ ଥିଲା ସେଇ ପିଲାଟିର ଚଞ୍ଚଳତା। ନିଜ ମାଆ, ବାବାଙ୍କ ସାଥିରେ ମେଳା ଦେଖି ଯିବାର ଚରମ ଖୁସି ବାରି ହେଇ ପଡୁଥିଲା ତା' ପାଦର ଛନ୍ଦରୁ, ମୁହଁର ହସରୁ!

ମାଆ ଡାକିଲେ, "ଏପଟେ ଆସ୍ ବାବା! ଆସିଲୁ ...ଆସିଲୁ...ଶୀଘ୍ର ଆସ୍!" ତା' ନଜର କିନ୍ତୁ ଲାଖି ରହିଥିଲା ସେଇ ରାସ୍ତା କଡ଼ର ଖେଳଣା ଦୋକାନର ଖେଳଣାଗୁଡ଼ିକ ଉପରେ। ସେ ଭାବିଲା - ବାପାଙ୍କୁ କହିବ କି, ଖେଳଣାଟିଏ କିଣି ଦେବା ପାଇଁ। ତେବେ ବାପାଙ୍କର କଟମଟ ଚାହିଁଥିବା ନାଲି ଆଖିକୁ ଦେଖି ଅଟକିଗଲା, କହିଲାନି କିଛି।

ମାଆ ତା'ର ମନ ଭୁଲାଇବା ପାଇଁ ତାକୁ କହିଲେ, "ହେଇ ଦେଖ୍... ସେପଟେ ଦେଖ୍ ...କି ସୁନ୍ଦର ଦିଶୁଛି, ଦେଖ୍।" ସେ ଆଖି ଉଠାଇ ଚାହିଁଲା ତ ଦିଶିଗଲା ମାଇଲ ମାଇଲ ଦୂର ଯାଏ ଲମ୍ବିଥିବା ସୁନାରଙ୍ଗ ଫୁଲର ସୋରିଷ କ୍ଷେତ। ତା' ଉପରେ ଉଡ଼ି ବୁଲୁଥିଲେ ବାଇଗଣୀ ରଙ୍ଗର ପ୍ରଜାପତି। ସେ ଫୁଲ ଓ ପ୍ରଜାପତି ଏତେ ସୌନ୍ଦର୍ଯ୍ୟରେ ଭରପୂର ଥିଲେ ଯେ କେହି ବି ଟାଣି ହେଇଯିବ ସେମାନଙ୍କ ଆଡ଼କୁ। ପିଲାଟି ବି ଅବାକ୍ ହୋଇ ଚାହିଁ ରହିଥିଲା।

ଏତିକି ବେଳେ ମାଆ ପୁଣି ଡାକିଲେ ତାକୁ "ଆ...ଆ.... ଏଇପଟେ ଆ! ଶୀଘ୍ର ଆ, ଏଇ ଛାଇ କଡ଼କୁ!" ସେଇ ରାସ୍ତାକଡ଼ର ନଳକୂଅର ଛାଇ ପାଖରେ ଜମିଥିବା ପାଣିରେ ଦୃଶ୍ୟ ହେଉଥିଲେ ଅସଂଖ୍ୟ ଛୋଟ ଛୋଟ ପୋକ ଜୋକ। ସେମାନେ ବି ତା' ଦୃଷ୍ଟି ଆକର୍ଷଣ କରିନେଲେ ସେମାନଙ୍କ ନିଜ ଆଡ଼କୁ। ନଳକୂପ ଉପରେ ଥିବା ଏକ ବଡ଼ ଗଛଟିରେ ଥିଲା ଗୋଟିଏ ଫୁଲ କୁଞ୍ଜ। ତାକୁ ଛୁଉଁ ଛୁଉଁ ତା' ଉପରେ ଲଦି ହୋଇପଡ଼ିଲେ ବେଶ୍ କିଛି ଫୁଲ। ସେଇ ଭିତରୁ ଡାକିଲା ବି କୋଇଲି ଟିଏ ତା' ସୁନ୍ଦର ସ୍ୱରରେ କୁହୁ ...କୁ...ହୁ...! ପିଲାଟି ପାଟି କରି ଉଠିଲା, "ବାବା...ଶୁଣ...ଶୁଣ...କୋଇଲିଟିଏ ଡାକୁଛି...କୁହୁ...କୁ...ହୁ...!" ଅନ୍ୟମନସ୍କତାରେ ତା' ହାତରୁ ଗଳି ପଡ଼ିଥିଲା ସେ ସାଉଁଟିଥିବା ଫୁଲକୁ।

"ବାବା... ଶୀଘ୍ର ଆସେ... ଏଇପଟେ...।" ମାଆ ଓ ବାବା ତା'ର ଲୁଚି ଯାଉଥିଲେ ସୋରିଷ କ୍ଷେତର ଆଢୁଆଳରେ। ସେ ଧାଇଁଲା ଦ୍ରୁତଗତିରେ ତା' ମାଆ, ବାବାଙ୍କ ନିକଟକୁ । ଏବେ ନିକଟବର୍ତ୍ତୀ ହୋଇ ଆସୁଥିଲା ମେଳାର ମୁଖ୍ୟ ଜାଗା, ଦିଶୁଥିଲା ପ୍ରବଳ ଭିଡ଼, ଲୋକଙ୍କର ହଜିଯିବା ଭଳି ଗହଳି।

ମେଳା ଭିତରେ ପଶୁ ପଶୁ ତା' କାନରେ ପଡ଼ିଲା ମିଠେଇ ବାଲାର ଡାକ, "ଏପଟେ ଆସ...ନିଅ...ନିଅ...ମିଠା... ମିଠା... ଗୁଲାବ୍ ଜାମୁନ୍, ରସଗୋଲା, ବର୍‌ଫି, ଜିଲାପି... ସୁଆଦିଆ...ସୁଆଦିଆ...ଜିଲାପି !" ବର୍‌ଫି ତାର ଖୁବ୍ ପ୍ରିୟ ! ବର୍‌ଫି ନାଁ ଶୁଣି ତା' ପାଟିରୁ ଲାଳ ଗଡ଼ି ଆସିଲା। ସେ କିନ୍ତୁ ଭଲରେ ଜାଣେ ଏବେ ବର୍‌ଫି କିଣିବାକୁ ଜିଦ୍ କଲେ ବାପା ତା'ର ଖୁବ୍ ରାଗିବେ। ସେ ତେଣୁ ବଢ଼ିଗଲା ଆଗକୁ। ଦୋକାନୀଟିଏ ଡାକୁଥିଲା, "ନିଅ...ନିଅ...ଫୁଲର ହାର ନିଅ!" ପିଲାଟି କହିଲା, "ଆଃ...କେତେ ସୁନ୍ଦର ଏ ଫୁଲର ହାର, ମୋତେ ଗୋଟାଏ ଲୋଡ଼ା।" ତେବେ ମାଆ,ବାପା ତ କିଣିଦେବେନି ଫୁଲମାଳ। ତେଣୁ ସେ ଚୁପ୍ ରହି ପୁଣି ଦୌଡ଼ିଲା ମାଆ ବାପାଙ୍କ ପଛରେ। ବେଲୁନ୍‌ବାଲାର ବଡ଼ ବାଡ଼ିଟିରୁ ଉଡ଼ି ବୁଲୁଥିଲେ ହଳିଦିଆ, ନାଲି, ନେଳି,ବାଇଗଣୀ ରଙ୍ଗର ଭଳିକି ଭଳି ଆକର୍ଷଣ ବେଲୁନ୍। ସେମାନଙ୍କୁ ଦେଖି ତା' ପାଦ ଦୁଇଟି ଅଟକି ଗଲେ ସେଇଠି। ମନ ତା'ର କହୁଥିଲା, "ଏ ସବୁତକ ବେଲୁନ୍ ନେଇ ଯାଆନ୍ତା କି ତା'ର !" ମାଆ, ବାପାଙ୍କୁ କହିବ କି କିଣିଦେବା ପାଇଁ – ସେ ଭାବିଲା ଘଡ଼ିଏ। ତା' ପରେ ପୁଣି ମନକୁ ମନ, ନିଜକୁ ନିଜେ କହିଲା – ହେଃ ...ମନା କରିବେ ବାପା। କହିବେ- କେତୁଟେ ହେଲୁଣି ବେଲୁନ୍ ଗୋଟାଏ କ'ଣ।

ଅଳ୍ପ ଦୂରରେ ସାପୁଆ କେଳାଟି ଖୁବ୍ ତନ୍ମୟତାର ସହ ତା'ର ବିନ୍ ବଜାଉଥିଲା ଓ ତା' ସ୍ୱରର ତାଳେ ତାଳେ ଫଣା ତୋଳି ନାଚ ଦେଖାଉଥିଲା ସେଇ ବିଷଧର ନାଗ ସାପଟି। ତା'ର ମନେ ହେଲା ଠିଆହୋଇ ଘଡ଼ିଏ ସେଇଠି ଦେଖିବ ନାଚ। ତେବେ ମାଆ, ବାପା ଆଗକୁ ବଢ଼ିଯାଉଥିବା ଦେଖି ଧାଇଁଲା ସେମାନଙ୍କ ପଛରେ। କିଛି ଦୂର ଆଗରେ ଦୃଶ୍ୟ ହେଉଥିଲା ବଡ଼ ବଡ଼ ଦୋଳି। ସେ ଦେଖିଲା ସତୃଷ୍ଣ ନୟନରେ ସେଇ ଦୋଳିରେ ବସିଥିବା ସ୍ତ୍ରୀ, ପୁରୁଷ ଓ ଛୋଟ ଛୋଟ ଛୁଆମାନଙ୍କୁ। ସେମାନେ ହସୁଥିଲେ ଖୁସିରେ। ତା'ର ମଧ୍ୟ ବହୁତ ଇଚ୍ଛା ହେଲା ସେ ବି ମାଆ ,ବାପାଙ୍କ ସାଥିରେ ତା'ର ଦୋଳିରେ ବସିବ ଓ ହସିବ। ଖୁସି ହେବ ସେମାନଙ୍କ ପରିକା। ସେ ସେଇ ଦୋଳିକୁ ଚାହିଁ ଚାହିଁ ଡାକିଲା: "ମାମା...ମାମା...ବାବା...ବାବା... ।

ଫେରିଲାନି କୌଣସି ପ୍ରତ୍ୟୁତ୍ତର। ଏବେ ଭୟରେ ସେ ଫେରି ଚାହିଁଲା ପଛକୁ। ଦେଖି ପାରିଲାନି ମାଆ, ବାବାଙ୍କୁ ତା'ର। ତା' ମନରେ ଛନକା ପଶିଲା। ଗଳି ପାଖକୁ ଯାଇ, ଭିଡ଼ ପାଖକୁ ଯାଇ ଖୋଜିଲା ମାଆ, ବାବାଙ୍କୁ ତା'ର। କାହିଁ କେଉଁଠି ବି ନ ଥିଲେ ସେମାନେ। ଏବେ ଭୟରେ କାନ୍ଦିବାକୁ ଆରମ୍ଭ କରିଥିଲା ସେ। ଏପାଖସେପାଖ ଦୌଡୁଥିଲା ଭୟରେ। ପାଟିରୁ ଶୁଭୁଥିଲା ମାମା...ମାମା...ବାବା... ବାବା...। ପଡ଼ି ଉଠି ଧାଇଁବାବେଳେ ଦେହସାରା ଲାଗି ସାରିଥିଲା କାଦୁଅର ଛିଟା। ମୁହଁଟି ଲୁହରେ, ଭୟରେ, ଦୁଃଖରେ ଓଦା ଜୁଡୁବୁଡୁ। କାକୁସ୍ଥ ରୂପ।

ଦୂରରେ ଦିଶିଲା ମନ୍ଦିରଟିଏ। ଲୋକଙ୍କର ପ୍ରବଳ ଭିଡ଼। ସେ କେଉଁ ଏକ ଆଶାରେ ଦୌଡ଼ିଗଲା ସେଇ ମନ୍ଦିର ଯାଏ। ଲୋକଟିଏ ତା'ର ଅବସ୍ଥା ଦେଖି କୋଳେଇ ନେଲା ତାକୁ। ପଚାରିଲା କ'ଣ ହୋଇଛି ପୁଅ। କାହାକୁ ଖୋଜୁଛୁ।

ପିଲାଟି କହିଲା "ମୋ' ମାଆ ...ବାବା...ମା...ମା...ବା...ବା।" ପୁଣି ଶୁଭିଲା ତା'ର କାନ୍ଦ।

ଲୋକଟି ପିଲାର ଅବସ୍ଥା ଦେଖି ତା' ମନ ଭୁଲାଇବା ପାଇଁ ନେଇଗଲା ତାକୁ ସେଇ ବଡ଼ ଚକ୍ରି ଦୋଳି ପାଖକୁ। କହିଲା, "ଦୋଳି ବସିବୁ ପୁଅ?" ପିଲାଟି ସେମିତି କାନ୍ଦି କାନ୍ଦି ମୁହଁ ବୁଲାଇ ଆଣିଲା ପଛକୁ। ତା'ପରେ ସେ ତାକୁ ଭୁଲାଇବା ପାଇଁ ନେଇଗଲେ ସେଇ ସାପ ଖେଳାଉଥିବା ସାପୁଆ କେଳା ପାଖକୁ। ସେପଟେ ତା'ର ଦୃଷ୍ଟି ଆକର୍ଷଣ କରିବାକୁ କହିଲା, "ଏଇ ଦେଖ୍....ଦେଖ୍....ସାପଟି କେମିତି ବେକ ହଲାଇ ନାଚୁଛି ଦେଖ୍!" ପିଲାଟି କିନ୍ତୁ ଆଖି, ନାକ, କାନ ବନ୍ଦ କରିନେଲା ତା'ର। ତାକୁ ଆଉ ଟିକେ ଆଗକୁ ନେଇ ସେ ଯାଚିଲେ ଫୁଲମାଳ, ଯାହାକି ଏଇ ଘଡ଼ିଏ ପୂର୍ବରୁ ତାକୁ ଖୁବ୍ ଆକର୍ଷିତ କରିଥିଲା। ଏବେ କିନ୍ତୁ ପିଲାଟି ସେପଟକୁ ମୁହଁ ବୁଲାଇ ଚାହିଁଲାନି ମଧ୍ୟ। ଲୋକଟି ଅନ୍ୟ ଉପାୟ ନ ପାଇ ତାକୁ ନେଇଗଲା ସେଇ ବେଲୁନବାଲା ପାଖକୁ। କହିଲା "ଦେଖିଲୁ ଏଇ ଇନ୍ଦ୍ରଧନୁ ପରି ରଙ୍ଗିନ୍ ବେଲୁନ୍‌କୁ ତୋ ପାଇଁ କିଣିବା ନା?" ଏ ପ୍ରଶ୍ନର ଉତ୍ତରରେ ପିଲାଟି କାନ୍ଦି ଉଠିଲା। ଆହୁରି ଅଧିକ ଜୋର୍‌ରେ କହିଲା "...ନା ...ନା ମୋର କିଛି ବି ଲୋଡ଼ା ନାହିଁ। କିଛି ଭଲ ଲାଗେନା ମୋତେ। ମୋତେ କେବଳ ମୋର ମାଆ,ବାପା ଲୋଡ଼ା। ମୋତେ ମୋ ମାମା,ବାବାଙ୍କୁ ଆଣିଦିଅ। ମୋ ମାଆ,...ମୋ ବାପାଙ୍କୁ...!"

ଲୋକଟି କିଛି ଭାବିପାରିଲା ନାହିଁ, କ'ଣ କରିବା ଉଚିତ୍। କେମିତି ତୁନି ହବ ପିଲାଟି। ତାକୁ ମିଠେଇ ଦୋକାନ ପାଖକୁ ନେଇ ପଚାରିଲା, "ଆମ ପୁଅ ମିଠା ଖାଇବ ନା ? କ'ଣ ଖାଇବ? ଗୁଲାବ ଜାମୁନ? ଜିଲାପି? ବର୍‌ଫି?" ପିଲାଟି ବୁଲେଇ ଆଣିଲା ତା'ର ମୁହଁ ସେଇ ତାକୁ ଖାଇବାକୁ ମିଳୁଥିବା ବର୍‌ଫଟି ପାଖରୁ ମଧ୍ୟ ଏବଂ କାନ୍ଦି କାନ୍ଦି ବାରମ୍ବାର କେବଳ ଏତିକି ହିଁ କହୁଥିଲା, "ମୋ ମାମା.... ମୋ...ବାବା...। ମୋ ମାଆଙ୍କୁ ଆଣିଦିଅ। ଆଣିଦିଅ ମୋ ବାବାଙ୍କୁ... ବାବା... ମାମା...ମା...ମା!" ■

ସହକାରୀ ଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ସେକ୍ଟର ୧୬, ରାଉରକେଲା
ମୋ: ୯୪୩୮୨୫୮୦୬୩

# କ'ଣ ଜାଣିଛ ତୁମେ ?



ମୂଳ ହିନ୍ଦୀ : ନିର୍ମଳା ପୁତୁଲ୍
ଅନୁସୃଜନ : ଡ.ସଂଘମିତ୍ରା ରାଏଗୁରୁ

ଜାଣିଛ!
ପୁରୁଷଠୁ ଭିନ୍ନ ଗୋଟେ ସ୍ତ୍ରୀର ଏକାନ୍ତ ?
ଘର, ପ୍ରେମ ଆଉ ଜାତିଠୁ ଅଲଗା ଗୋଟେ ସ୍ତ୍ରୀକୁ
ଜାଣିଛ ?
ତା' ନିଜସ୍ୱ ଜାଗା ବିଷୟରେ କହିପାରିବ ତୁମେ ?
ବତେଇ ପାରିବ,କାହିଁ କେଉଁ ଯୁଗରୁ ନିଜ ଘର
ଖୋଜୁଥିବା ଅସ୍ତବ୍ୟସ୍ତ ସ୍ତ୍ରୀକୁ ତା' ଘରର ଠିକଣା ?

ଜାଣିଛ !
କଳ୍ପନା କଳ୍ପନାରେ କେମିତି
ଗୋଟିଏ ମୁହୂର୍ତ୍ତରେ
ନିଜକୁ ସ୍ଥାପିତ ଆଉ ବିସ୍ଥାପିତ କରେ ଜଣେ ସ୍ତ୍ରୀ ?
ସ୍ୱପ୍ନରେ ଦଉଡୁଥିବା ଗୋଟେ ସ୍ତ୍ରୀର ପଛେ ପଛେ ଯାଇ
ସମ୍ପର୍କର କୁରୁକ୍ଷେତ୍ରରେ ତାକୁ ନିଜ ସହ ନିଜେ
ଲଢୁଥିବାର ଦେଖିଛ କେବେ ?


ଦେହର ଭୂଗୋଳକୁ ବାଦ୍ ଦେଇ
ସ୍ତ୍ରୀ ମନର ଗଣ୍ଠିଲି ଖୋଲି
କେବେ ପଢ଼ିଛ ତା' ଭିତରର
ଜଳନ୍ତା ଇତିହାସ ?
ପଢ଼ିଛ କେବେ, ନିରବତାର ଏରୁଣ୍ଡିବନ୍ଧରେ ବସି
ଶବ୍ଦର ପ୍ରତୀକ୍ଷାରେ ଥିବା

ତା' ଚେହେରା ?
ତା' ଭିତରେ ବଂଶ ବୀଜ ବୁଣି କେବେ ବି ଅନୁଭବିଛ
ତା' ବିସ୍ତରୁ ଥିବା ଚେରକୁ ନିଜ ଭିତରେ ?

ସ୍ତ୍ରୀର ସମସ୍ତ ସମ୍ପର୍କର
ବ୍ୟାକରଣକୁ ଜାଣିଛ ?
କହିପାରିବ, ସ୍ତ୍ରୀ ଦୃଷ୍ଟିରେ ସ୍ତ୍ରୀକୁ ଦେଖି ସ୍ତ୍ରୀତ୍ୱର
ପରିଭାଷା ?

ଯଦି ନା , ତା' ହେଲେ
ରୋଷେଇ ଆଉ ବିଛଣାର ଗଣିତ ଛଡ଼ା
ଗୋଟେ ସ୍ତ୍ରୀ ବିଷୟରେ କ'ଣ ଜାଣିଛ ତୁମେ ? ■

# ତାଙ୍କ ନଜରରେ...



ସେମାନେ ଘୃଣା କରନ୍ତି ମୋତେ
ମୋ' କଳାରଙ୍ଗକୁ ନାକ ଟେକନ୍ତି
ଶରୀର ଗଠନ ଦେଖି ଖୁଣ୍ଟା ଦିଅନ୍ତି
ହସନ୍ତି ମୋ' କଥାବାର୍ତ୍ତା ଶୁଣି

ଆମ ଚାଲିଚଳଣ, ରୀତିନୀତି, ପିନ୍ଧାପିନ୍ଧି...
କିଛି ବି ପସନ୍ଦ ନୁହେଁ ସେମାନଙ୍କୁ
ଜଙ୍ଗଲି,ଅସଭ୍ୟ ପଛୁଆ କହି ତିରସ୍କାର କରନ୍ତି
ଆମର
ଆଉ
ନିଜକୁ ସଭ୍ୟ ଶ୍ରେଷ୍ଠ ଭାବି
ଅସ୍ୱୀକାର କରନ୍ତି ଆମକୁ

ଆମେ ଛୁଇଁଥିବା ପାଣି ପିଅନ୍ତିନି ସେମାନେ
ଆମ ହାତ ତିଆରି ଖାଦ୍ୟ
ରୁଚେ ନାହିଁ ତାଙ୍କୁ
ସେମାନଙ୍କ ଘରେ ଆମ ପ୍ରବେଶ ନିଷେଧ

ଆମ ସହ ରହି ଆମ ଭାଷା ଶିଖିବା ମଞ୍ଜୁର ନୁହେଁ
ତାଙ୍କୁ
ସେମାନେ ଚାହାନ୍ତି,
ତାଙ୍କ ଭାଷା ଶିଖି ଆମେ ତାଙ୍କ ସହ ତାଙ୍କ
ଭାଷାରେ କଥା ହେଉ

ସେମାନେ ତର୍କ ବାଢ଼ନ୍ତି-
ସଭ୍ୟ ହେବା ଲାଗି ଜରୁରି
ତାଙ୍କ ଭାଷାରେ ତାଙ୍କ ପରି କଥାବାର୍ତ୍ତା
କରିବା, ଉଠିବା-ବସିବା, ପିନ୍ଧିବା-
ଲଗେଇବା
ମୋର ସବୁକିଛି ଅରୁଚିକର ତାଙ୍କୁ
ମୁଁ ତାଙ୍କ ଅପ୍ରିୟରେ ଗଣା

ସେମାନଙ୍କୁ କେବଳ ପସନ୍ଦ
ମୋ ଝାଳରେ ଲହଲହଉଥିବା ଫସଲ
ଖେତର ପନିପରିବା
ଜଙ୍ଗଲର ଫୁଲ, ଫଳ, କାଠ
ମୁଁ ପୋଷିଥିବା କୁକୁଡ଼ା ଖୁବ୍ ପ୍ରିୟ ତାଙ୍କର
ମୋ ସୁସ୍ଥ ସବଳ ଦେହ
ମୋ ମାଂସ ପସନ୍ଦ ତାଙ୍କୁ
କିନ୍ତୁ ମୁଁ ତାଙ୍କ ଅପ୍ରିୟରେ ଗଣା । ■

ରାଞ୍ଚି, ଝାରଖଣ୍ଡ
ମୋ: ୭୬୯୩୮୮୬୩୫୫

## ପୁସ୍ତକ ଓ ପତ୍ରିକା ପରିଚୟ

### ଉପକଥା

ଚିତ୍ତରଞ୍ଜନ ଚିରଞ୍ଜିତ




ବିଜୟିନୀ ପବ୍ଲିକେଶନ୍ସ
ଶଙ୍କରପୁର, ଅରୁଣୋଦୟ ମାର୍କେଟ
କଟକ-୧୨
ପ୍ରଥମ ପ୍ରକାଶନ ୨୦୨୫
ମୂଲ୍ୟ : ୨୦୦ ଟଙ୍କା

ତାଙ୍କ ଗପ ଭିତରେ ପ୍ରସ୍ଫୁଟିତ ହୋଇଉଠିଥାଏ ଜୀବନର ଦର୍ଶନ। ସାଧାରଣ କାହାଣୀ ଭିତରେ ଥାଏ ଅସାଧାରଣ କଥା। ଏଭଳି ମଣିଷ ଜୀବନ ଓ ଚେତନାର ସୂକ୍ଷ୍ମ ଦିଗ ପ୍ରତିଫଳିତ ହୋଇଛି ଚିତ୍ତରଞ୍ଜନ ଚିରଞ୍ଜିତଙ୍କ 'ଉପକଥା' ପୁସ୍ତକର ଗପଗୁଡ଼ିକରେ। ଏହି ପୁସ୍ତକରେ ତେରଟି ଗଳ୍ପ ସଂକଳିତ ହୋଇଛି। ପ୍ରତିଟି ଗପ ରୋମାଞ୍ଚକର ଓ ନିଆରା ହୋଇଛି। 'ଦଶହାଣ୍ଡି', 'ଜୋତା', 'ବୀତଂସ', 'ଚାରୁ ଚିତ୍ରପଟ', 'ଅଜନ୍ତା', 'ଉପକଥା', 'ସ୍ୱପ୍ନ ପାଇଁ...', 'ଛାୟାଚିତ୍ର', 'ଦୃଶ୍ୟକାବ୍ୟ', 'ଅଦୃଶ୍ୟ ଈଶ୍ୱର' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। ପ୍ରତିଟି ଗପର ଭାବ ଓ ଆବେଦନ ସ୍ୱତନ୍ତ୍ର। ଅନେକ ସମୟରେ ମନର ଭାବନା ରହିଯାଏ ମନ ଭିତରେ। ମନ ଭିତରର ଅସୁମାରୀ ଭାବପ୍ରବଣତା ଅନେକ ସମୟରେ କିଭଳି ପ୍ରକାଶ କରିହୁଏ ନାହିଁ, ତାହା ବେଶ୍ ଚମତ୍କାର ଭାବେ ଫୁଟି ଉଠିଛି 'ଚାରୁ ଚିତ୍ରପଟ' ଗପରେ। ସୁନ୍ନାମୀର ସୌନ୍ଦର୍ଯ୍ୟ, ପ୍ରେମର ମାଦକତାକୁ ଭୁଲି ପାରିନାହିଁ ଚିନ୍ମୟ। ଏହିପରି ଭାବେ ଏହି ଗପର କାହାଣୀ ଗତିଶୀଳ ହୋଇଛି। ମାନବୀୟ ପ୍ରେମ, ଜୀବନର ସୂକ୍ଷ୍ମ ଅନୁଭବ ଓ ଅନୁଭୂତି, ଜୀବନ ଦର୍ଶନର ଚିତ୍ର ବେଶ୍ ଆକର୍ଷଣୀୟ ବେଶ୍ ଭାବେ ଚିତ୍ରିତ ହୋଇଛି 'ଉପକଥା' ପୁସ୍ତକର ଅନେକ ଗପରେ। ଏହି ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

### ରେବତୀ

ସଂପାଦିକା: ସୁବାସିନୀ ଜେନା



ଓଟି ରୋଡ୍, ବାଲେଶ୍ୱର
ପିନ୍: ୭୫୬୦୦୧
ମୂଲ୍ୟ : ୭୦ ଟଙ୍କା

ସାହିତ୍ୟ ଓ ଫିଚର୍‌ଧର୍ମୀ ମାସିକ ପତ୍ରିକା 'ରେବତୀ'ର ନଭେମ୍ବର ସଂଖ୍ୟା ବେଶ୍ ଆକର୍ଷଣୀୟ ହୋଇଛି। ସଂପାଦିକା ସୁବାସିନୀ ଜେନାଙ୍କ 'ସଂପାଦକୀୟ'ଠାରୁ ଆରମ୍ଭ କରି ସହଯୋଗୀ ସଂପାଦକ କୃଷ୍ଣ କୁମାର ମହାନ୍ତିଙ୍କ 'ଶେଷପୃଷ୍ଠା' ପର୍ଯ୍ୟନ୍ତ ପ୍ରତିଟି ଲେଖା ଭାବଗର୍ଭକ ଓ ହୃଦୟସ୍ପର୍ଶୀ ହୋଇଛି। ଏହି ସଂଖ୍ୟାରେ ପ୍ରଜ୍ଞାଶ୍ରୀ ରଥଙ୍କ 'କଲ୍ୟାଣମୟୀ କାଳୀ', ଅଜିତ୍ ପାତ୍ରଙ୍କ 'ପବିତ୍ର ପ୍ୟୁଠାନ୍', ବିଜୟ କୁମାର ଜେନାଙ୍କ 'ନିଆରା ନୁବ୍ରା', ଦେବଯାନୀ ରାୟଙ୍କ 'ବନ୍ଦନୀୟା ବୈଷ୍ଣବୀ', ଚୈତ୍ରନ୍ୟ ପ୍ରସାଦ ବେହେରାଙ୍କ 'କାଇପଦରର କୀର୍ତ୍ତି', ସୁବ୍ରତ ପ୍ରିୟବ୍ରତ ମହାନ୍ତିଙ୍କ 'ଓଡ଼ିଶୀ କୀର୍ତ୍ତନ' ଆଦି ଆଲେଖ୍ୟଗୁଡ଼ିକ ତଥ୍ୟଭିତ୍ତିକ, ଭାବମୟ ଓ ଉପସ୍ଥାପନା ଶୈଳୀ ମାର୍ମିକ ହୋଇଛି। ସେହିପରି ନିରାକାର ଦାସ, ଡକ୍ଟର ନୃସିଂହ ଷଡ଼ଙ୍ଗୀ, ଗଙ୍ଗାଧର ବିଶ୍ୱାଳ, ଶକ୍ତି ମହାନ୍ତି, ଗାୟତ୍ରୀବାଳା ପଣ୍ଡା, ଚକ୍ରପାଣି ପରିଚ୍ଛା, ପୂରବୀ ଶତପଥୀ, ଚିତ୍ତରଞ୍ଜନ ମିଶ୍ର, ରବି ଶତପଥୀ ପ୍ରମୁଖଙ୍କ କବିତା ମନଛୁଆଁ ହୋଇଛି। ସେଭଳି ଉଦୟ ନାରାୟଣ ଦାସଙ୍କ 'ବାପା', ଘନବିହାରୀ ମହାରଣାଙ୍କ 'ପ୍ରାର୍ଥନାର ପଟ୍ଟଭୂମି', ଯଦୁମଣି ଜେନାଙ୍କ 'ଭଙ୍ଗା ସ୍ୱପ୍ନର ଶବ୍ଦ' ଆଦି ଗପଗୁଡ଼ିକ ମାର୍ମିକ ହୋଇଛି। 'ଚରିତ ଉପନ୍ୟାସ', 'ପୁଷ୍ପବିତାନ', 'ରୋଷେଇଶାଳ' ଆଦି ନିୟମିତ ବିଭାଗଗୁଡ଼ିକ ମଧ୍ୟ ଭଲ ହୋଇଛି। 'ରେବତୀ'ର ଏହି ସଂଖ୍ୟାଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

# ହରମାନ୍ ହେସ୍‌ଙ୍କ ସାହିତ୍ୟର ମୂଳଭିତ୍ତି ପରିବର୍ତ୍ତନ ଓ ଆବର୍ତ୍ତନ



ପ୍ରଦୀପ୍ତ ଶ୍ରୀଚନ୍ଦନ

ବହୁ ଚିନ୍ତା ଆଉ ଚେତନାର ଉନ୍ମେଷ ତଥା ଉତ୍ତରଣର ଯୁଗ ହେଉଛି ବିଂଶ ଶତାବ୍ଦୀ। ପୁନଶ୍ଚ ଏହି ଶହେ ବର୍ଷର ସମୟ -ଖଣ୍ଡକୁ ମଧ୍ୟ ସନ୍ଦେହ ଓ ଶଙ୍କାର ଯୁଗ ବୋଲି ପଣ୍ଡିତମାନେ ଅଭିହିତ କରିଥାନ୍ତି। ସେହି କାରଣରୁ ଆଧୁନିକ ସମାଲୋଚନାର ଶୈଳୀ ମଧ୍ୟ ଆଧୁନିକ ଜୀବନଯାପନର ରୀତି ସଦୃଶ ବହୁଧା ବିଭାଜିତ ଏବଂ ବିଭକ୍ତ। ଅତ୍ୟନ୍ତ କଟୁ ଭାବରେ ଜଟିଳ। ତେଣୁ କ୍ୱଚିତ୍ କଳା ସୃଷ୍ଟି ତଥା ତାହାର ସ୍ରଷ୍ଟା ଅଥବା ସାଧକ ନିର୍ଦ୍ୱନ୍ଦ୍ୱରେ ଅବା ନିର୍ବିବାଦରେ ଏହି ଶତକର ବିଶ୍ୱ ବିଚାର ମଞ୍ଚରେ ସାର୍ବଜନୀନ ଶ୍ରଦ୍ଧା ସହିତ ସାଦର ସ୍ୱୀକୃତି ଲାଭ କରିବା ସମ୍ଭବ ଥିଲା।

ମାର୍ଟିନ୍ ଗୁବର୍, ଯୋଶେଫ୍ ମିଲେକ୍, ହାନ୍ସ ମେୟର, ଥମାସ୍ ମାନ୍, ଓସ୍କାର ସେଡ୍‌ଲିନ୍ ଏବଂ ଥିଓଡର୍ ଜିଓଲକ୍ୱେସ୍କୀ ପ୍ରମୁଖ ବିଂଶ ଶତକର ବିଶ୍ୱର ପ୍ରଚଣ୍ଡ ପ୍ରତିଭାଧର ସନ୍ଦର୍ଭକାର, ବିଦଗ୍ଧ ତତ୍ତ୍ୱବିତ୍‌ମାନଙ୍କର ଆକଳନ ତଥା ନିର୍ଣ୍ଣୟ ଅନୁସାରେ ଯେଉଁ ସ୍ରଷ୍ଟା କାଳକୁ ଅତିକ୍ରମ କରି ଶତାବ୍ଦୀର ଶ୍ରେଷ୍ଠତ୍ୱ ଲାଭ କରିପାରିଛନ୍ତି, ସେମାନଙ୍କ ମଧ୍ୟରେ ହରମାନ୍ ହେସ୍ ହେଉଛନ୍ତି ଅନ୍ୟତମ। ତେଣୁ ଏହି ମହାରଥୀ ଗଣ ହେସ୍‌ଙ୍କୁ ବିଂଶ ଶତାବ୍ଦୀର ଜଣେ ପ୍ରମୁଖ ସାହିତ୍ୟ ସାଧକ ଭାବରେ ବିଚାର ମଞ୍ଚରେ ଉପସ୍ଥାପିତ କରି ସନ୍ଦର୍ଭ ସମ୍ବଳିତ ଗ୍ରନ୍ଥମାନ ରଚନା କରିଯାଇଛନ୍ତି।

ସ୍ରଷ୍ଟାର ନିଜସ୍ୱ ସ୍ୱାକ୍ଷର ହିଁ ଯେ କୌଣସି ସୃଷ୍ଟିର ଆତ୍ମାରେ ଉତ୍କୀର୍ଣ୍ଣ ହୋଇଥାଏ । ଏହି ଦୃଷ୍ଟିରୁ ବିଚାର କଲେ, 'ସିଦ୍ଧାର୍ଥ' ଉପନ୍ୟାସର ସ୍ରଷ୍ଟା - ନୋବେଲ ପୁରସ୍କାର ବିଜେତା ହରମାନ୍ ହେସ୍ ଯେ, ବ୍ୟତିକ୍ରମ ନୁହନ୍ତି, ଏହା ଅତି ସ୍ପଷ୍ଟ ଭାବରେ ପ୍ରତିପନ୍ନ। ସୃଷ୍ଟିର ଆତ୍ମା ସହିତ ସ୍ରଷ୍ଟାର ନିଭୃତ ଆତ୍ମ - ସତ୍ତାର ଏହି ଅବିଚ୍ଛିନ୍ନ ସମ୍ପର୍କ ଜର୍ମାନୀର ସୁପ୍ରସିଦ୍ଧ ସାରସ୍ୱତ ଶିଳ୍ପୀ ହରମାନ୍ ହେସ୍ ଓ ତାଙ୍କର କୃତିଗୁଡ଼ିକର ବିଚାର ପର୍ଯ୍ୟାୟରେ ଆମେ ଲକ୍ଷ୍ୟ କରିପାରିବା । ହେସ୍‌ଙ୍କର ପ୍ରମୁଖ ସୃଷ୍ଟିଗୁଡ଼ିକ ମଧ୍ୟରେ – 'Siddharth', 'Steppenwolf', 'Glass Bead Game', 'Demian', 'The Journey to the East', 'Beneath the Wheel', 'Narcissus and Goldmund' ଆଦିର ମାନ ଆମୂଳାନ୍ତ ନିଜସ୍ୱ ଜୀବନ, ଜୀବନର ବହୁ ବିଚିତ୍ର ଅଭିଜ୍ଞତା ଅନୁଭୂତି, ମୌଳିକ ଚିନ୍ତନ ଓ ତାତ୍ତ୍ୱିକ ଅବବୋଧର ଅବିକଳ୍ପ ନିର୍ଯ୍ୟାସ।

ପ୍ରସିଦ୍ଧ ଜର୍ମାନ୍ ବିଦ୍ୱାନ୍ ଥିଓଡର୍ ଜିଓଲକ୍ୱେସ୍କୀ ତାଙ୍କର "The novels of Hermann Hesse: A Study in theme and structure" ଗବେଷଣା ପୁସ୍ତକରେ ଉଲ୍ଲେଖ କରିଛନ୍ତି- "ହେସ୍ ନୋବେଲ ପୁରସ୍କାର ପାଇଲେ ୧୯୪୯ ମସିହାରେ। ସେଥିପୂର୍ବରୁ ଜର୍ମାନୀ ସାହିତ୍ୟିକ ଭାବରେ ୧୯୨୯ ମସିହାରେ ଥମାସ ମାନ୍ ନୋବେଲ ପୁରସ୍କାର ପାଇଥିଲେ। ହେସ୍‌ଙ୍କୁ ପୁରସ୍କାର ପ୍ରଦାନ କାଳରେ ତାଙ୍କୁ ପ୍ରଦତ୍ତ ପ୍ରଶସ୍ତି ପତ୍ରରେ ଉଲ୍ଲେଖ ଥିଲା – Besides Thomas Mann the best custodian of the German spiritual heritage in contemporary literature.- ଅର୍ଥାତ୍, ଜର୍ମାନୀ ଜାତିର ଆତ୍ମିକ ପରମ୍ପରାଗତ ମୂଲ୍ୟବୋଧର ରକ୍ଷାକର୍ତ୍ତା ଯେ ହେସ୍ ଥିଲେ, ତାହା ସ୍ୱୀଡିଶ୍ ଅକାଦେମୀ ଘୋଷଣା କରିଥିଲେ।" ଏହି ସନ୍ଦର୍ଭରେ ଜିଓଲକ୍ୱେସ୍କୀଙ୍କର ବ୍ୟାଖ୍ୟାର ସାରମର୍ମ ହେଲା, ଦୁଇଟି ତଥ୍ୟ ଯହିଁରୁ ହେସ୍‌ଙ୍କର ସ୍ରଷ୍ଟା ପ୍ରକୃତି ଜ୍ଞାତ ହୋଇପାରିବ- ତାହା ହେଲା (କ) ହେସ୍ କେବଳ ଜର୍ମାନୀର ନୁହେଁ, ଅଧିକନ୍ତୁ ସମଗ୍ର ମାନବ ଜାତିର ପାରମ୍ପରିକ ମୂଲ୍ୟବୋଧରେ ଆସ୍ଥାବାନ ଥିଲେ। (ଖ) ସେ ଥିଲେ ଗତିସ୍ମାନ୍ ଜ୍ୟୋତିର୍ମୟ ଏକ ସ୍ରଷ୍ଟା ପୁରୁଷ। ପରିବର୍ତ୍ତନ ଏବଂ ଆବର୍ତ୍ତନ ହିଁ ଥିଲା ତାଙ୍କର ସାହିତ୍ୟ ସୃଷ୍ଟିର ମୂଳଭିତ୍ତି। ନିଜର ବ୍ୟକ୍ତିଗତ ସମସ୍ୟା ସମାଧାନର ପୀଠ ଉପରେ ଆସୀନ ରହି ସେ ଜଗତର ସମସ୍ୟାଗୁଡ଼ିକର ଦର୍ଶନ କରିଥିଲେ। ପ୍ରତିଟି ସମସ୍ୟା ତାଙ୍କର ସାହିତ୍ୟରେ ପରିବର୍ତ୍ତିତ ହୋଇଯାଇଥିଲା ଗୋଟିଏ ଗୋଟିଏ ଦ୍ୱନ୍ଦ୍ୱ ସଙ୍କୁଳ ଘଟଣା କ୍ରମରେ।

ଆମେ ସାମଗ୍ରିକ ଭାବରେ ହେସ୍‌ଙ୍କର ସୃଷ୍ଟି ସମ୍ଭାରକୁ ଅନୁଧ୍ୟାନ କଲେ ଅନ୍ୟ ଏକ ଚମତ୍କାର ବିଭାବ ଲକ୍ଷ୍ୟ କରିପାରିବା। ତାହା ହେଉଛି ତାଙ୍କର ବହୁବିଧ ବିଭକ୍ତ ସ୍ରଷ୍ଟା ବ୍ୟକ୍ତିତ୍ୱ। ଅନ୍ୟତମ ସାହିତ୍ୟ ଗବେଷକ ହାନ୍ସ ମେୟର୍ ତାଙ୍କର "Hermann Hesse and the age of the feuilletonୖ" ନିବନ୍ଧରେ ନିଜର ବକ୍ତବ୍ୟ ପ୍ରକାଶ କରିବାକୁ ଯାଇ ଉଲ୍ଲେଖ କରିଛନ୍ତି - "A new Hesse is said to have appeared in the literary scene around 1919 and it is assumed that very little connects this artist and his themes with the author of the early poems or of the novels." ସେହିପରି ଆଦ୍ୟକାଳର କଳା ସାଧକ (Old Hesse)ଏବଂ ଯୁଦ୍ଧୋତ୍ତର ଯୁଗର ସ୍ରଷ୍ଟା (New Hesse)ଙ୍କ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବାକୁ ଯାଇ ହାନ୍ସ ୱିଲହେଲମ ଏପେଲସହାଇମରଙ୍କ ଉକ୍ତିକୁ ମଧ୍ୟ ସ୍ମରଣ କରାଯାଇପାରେ। ତାଙ୍କର "Hand book of world literature" ଗ୍ରନ୍ଥରେ ସେ, ହେସ୍ ପ୍ରାରମ୍ଭିକ ରଚନା ପର୍ଯ୍ୟାୟରେ Swabian Romanticism ଦ୍ୱାରା ପ୍ରଭାବିତ କଳାସାଧନାରୁ ପରବର୍ତ୍ତୀ କାଳରେ ଜଣେ ସମସ୍ୟାକ୍ରାନ୍ତ (Problematic)ସାହିତ୍ୟିକ ରୂପରେ ଦେଖାଯାଇଛନ୍ତି ଏବଂ ଉଭୟ କାଳର ହେସ୍‌ଙ୍କ ମଧ୍ୟରେ ସଂପର୍କର ତାର୍କିକ ଭୂମିଟିଏ ଯୁକ୍ତି ସଂକୁଳ ଭାବରେ ତିଷ୍ଠି ରହିଛି ବୋଲି ଉଲ୍ଲେଖ କରିଛନ୍ତି। କିନ୍ତୁ ପରେ ହେସ୍ ତାଙ୍କର 'Demian' ଉପନ୍ୟାସ ମଧ୍ୟରେ ସ୍ୱକୀୟ ବିଚାରଧାରା, ସ୍ଥିତି ଏବଂ ମତ ସଂପର୍କରେ ସ୍ପଷ୍ଟ କରି ଦେଇଛନ୍ତି। ରଚନାଟିର ଶେଷ ଅଂଶରେ ନାୟକ Demian ତା'ର ବନ୍ଧୁ Sinclairକୁ କହୁଛି – "There will be war x x x. But you will see Sinclair, that this is just the beginning. Perhaps it will become a great war, a very great war. x x x What will you do?" ଥମାସ୍ ମାନ୍ 'Demian'ର ଆମେରିକୀୟ ସଂସ୍କରଣର ପ୍ରସ୍ତାବନା ରଚନା କାଳରେ ଉଲ୍ଲେଖ କରି କହିଛନ୍ତି- ହାନ୍ସ ଉପରୋକ୍ତ ପ୍ରଶ୍ନର ଉଚିତ୍ ଉତ୍ତର ଦେଇ ଲେଖିଛନ୍ତି – "Assist the new without sacrificing the old." ପୁନଶ୍ଚ ମାନ୍ ହେସ୍‌ଙ୍କୁ ଏବଂ ତାଙ୍କର ପରିପକ୍ୱ ଚିନ୍ତାଧାରାକୁ ପ୍ରଶଂସା କରି ଉଲ୍ଲେଖ କରିଛନ୍ତି। - "Hesse is an example –may to those who know and love the old man and carry it over into the new".

ଏଠାରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ ଯେ, ପ୍ରଥମ ମହାଯୁଦ୍ଧ କାଳରେ ହେସ୍ ସାହିତ୍ୟିକ ମାତ୍ର। ଦେଶପ୍ରୀତିର ଉଦ୍ଦାମ ସ୍ରୋତରେ ଭାସିବେ ବୋଲି ମାନବିକତାର କୁଟାଖିଅକୁ ଅସ୍ୱୀକାର କରି ନାହାନ୍ତି। ସ୍ଥିତ ପ୍ରଜ୍ଞତାକୁ ଜଳାଞ୍ଜଳି ନଦେଇ ନବାନୁଗମନର ସ୍ୱାଗତ କରିଛନ୍ତି ସେ। ପୁନଶ୍ଚ ଶାନ୍ତି, ସଦ୍ଭାବ ଓ ମାନବ ପ୍ରେମର ସ୍ୱର ଦୃଢ଼ ଭାବରେ ଉଚ୍ଚାରିତ ହୋଇଛି ତାଙ୍କର ରଚନା ସମୂହରେ। ତେଣୁ ତାଙ୍କର ସିଦ୍ଧାର୍ଥ କହିଛି- "କିନ୍ତୁ ମୁଁ ଭାବେ, ବିଶ୍ୱର ଅସାରତା ପ୍ରତିପାଦନ ନୁହେଁ ବରଂ ବିଶ୍ୱକୁ ଭଲପାଇବା ହିଁ ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ବିଷୟ।" ସେଇଥିପାଇଁ ଗବେଷକ, ହାନ୍ସ ମେୟର ତାଙ୍କର ବକ୍ତବ୍ୟରେ ଦର୍ଶାଇଛନ୍ତି – "These are the words of a European humanist, not an advocate of escapism and contempt of mankind."

ଏହିଭଳି ଭାବରେ ବିଂଶ ଶତାବ୍ଦୀର ମହାନ୍ ତତ୍ତ୍ୱ-ବିଶାରଦଗଣ ସେମାନଙ୍କର ବିଚାର ମଞ୍ଚରେ ହରମାନ୍ ହେସ୍‌ଙ୍କୁ ଜଣେ ସାହିତ୍ୟ ସ୍ରଷ୍ଟା ଭାବରେ, ଜଣେ ମାନବବାଦୀ ଶାନ୍ତିକାମୀ ଚିନ୍ତାନାୟକ ରୂପରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆସନରେ ଆସୀନ କରିଛନ୍ତି। ■

ଅବସରପ୍ରାପ୍ତ ନିର୍ଦ୍ଦେଶକ
ଆକାଶବାଣୀ, ପ୍ରସାରଭାରତୀ
ମୋ: ୮୫୯୪୯୫୦୩୨୪

## ମୁଲତବୀ ଆଲୋଚନାରେ ମନ୍ତ୍ରୀଙ୍କ ଉତ୍ତର

# ଯୋଗ୍ୟ ହିତାଧିକାରୀଙ୍କ କାର୍ଡ କାଟିବା ଆମ ଉଦ୍ଦେଶ୍ୟ ନୁହେଁ

ଭୁବନେଶ୍ୱର,୨୯।୧୧(ସମିସ): ଇ-କେୱାଇସି ପ୍ରକ୍ରିୟାର ରାଜ୍ୟ ସରକାର କୌଣସି ଯୋଗ୍ୟ ହିତାଧିକାରୀଙ୍କ ରାସନ କାର୍ଡ କାଟିନାହାନ୍ତି। ତେବେ ରାଜ୍ୟରେ ମୋଟ ୮ ଲକ୍ଷ ୧୬ ହଜାର ୫୬ ଜଣ ଅଯୋଗ୍ୟ ହିତାଧିକାରୀଙ୍କ ରାସନ କାର୍ଡ ସରକାର କାଟିଛନ୍ତି। ଏମାନଙ୍କ ମଧ୍ୟରେ ୬ ଲକ୍ଷ ୯୫ ହଜାର ୫୩୦ ମୃତ ହିତାଧିକାରୀ ରହିଥିଲେ। ସେହିପରି ୭୫ ହାଜର ୩୦ ଜଣ ସରକାରୀ ଚାକିରିଆ ଏବଂ ୪୫ ହଜାର ୪୯୬ ଜଣ ଆୟକରଦାତା ରାସନ କାର୍ଡରେ ଚାଉଳ ଉଠାଇଥିଲେ ବୋଲି ଶନିବାର ଗୃହରେ ମୁଲତବୀ ଆଲୋଚନାରେ ଉତ୍ତର ରଖି ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଏହି କାର୍ଡ କଟିବା ଦ୍ୱାରା ରାଜ୍ୟ ରାଜକୋଷକୁ ବାର୍ଷିକ ୨୧୦ କୋଟି ଟଙ୍କାର ଆର୍ଥିକ ବୋଝ କମିଛି। କୌଣସି ଯୋଗ୍ୟ ହିତାଧିକାରୀଙ୍କ କାର୍ଡ କାଟିବା ଆମ ଉଦ୍ଦେଶ୍ୟ ନୁହେଁ ବୋଲି ମନ୍ତ୍ରୀ ସ୍ପଷ୍ଟୋକ୍ତି ରଖିଛନ୍ତି।

ମୁଲତବୀ ଆଲୋଚନା ଶେଷରେ ଉତ୍ତର ରଖି ମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ

- ୮ ଲକ୍ଷ ୧୬ ହଜାର ୫୬ ଜଣ ଅଯୋଗ୍ୟ ହିତାଧିକାରୀଙ୍କ ରାସନ କାର୍ଡ କାଟିଛନ୍ତି ସରକାର
- ୬ ଲକ୍ଷ ୩୯ ୮୨୭ ଜଣଙ୍କୁ ମିଳିଛି ନୂଆ କାର୍ଡ
- ଗରିବ ନୁହେଁ, ସର୍ଭେରେ ଧନୀ ଲୋକଙ୍କର କଟିବ କାର୍ଡ

ଏବେବି ୧୯ ଲକ୍ଷ ୫୨ ହଜାର ୧୫୩ଟି ପରିବାରର ୩ କୋଟି ୨୭ ଲକ୍ଷ ୮୩ ହଜାର ଲୋକେ ମାସିକ ରାସନ ପାଉଛନ୍ତି। ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ନୂଆ ନୁହେଁ। ପୂର୍ବ ସରକାରରେ ମଧ୍ୟ ହିତାଧିକାରୀ ଚିହ୍ନଟ ନାମରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ପରିବାରର ରାସନ କାର୍ଡ ତାଲିକାରୁ କଟାଯାଇଥିଲା। କିନ୍ତୁ ଗତ ୧୭ ମାସର ସରକାରରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ରାସନକାର୍ଡ ପ୍ରଦାନ କରାଯାଉଛି। ରାସନ କାର୍ଡ ପାଇଁ ୧୫ ଲକ୍ଷ ଲୋକେ ଆବେଦନ କରାଯାଇଥିବା ବେଳେ ଏହାକୁ ତର୍ଜମା କରାଯାଇ ଏଯାବତ୍ ୬ ଲକ୍ଷ ୩୯ ହଜାର ୮୨୭ ଜଣଙ୍କୁ ନୂଆ କାର୍ଡ ପ୍ରଦାନ କରାଯାଇଛି। ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ଗ୍ରାମାଞ୍ଚଳରେ ୧୩ ଲକ୍ଷ ୫୦ ହଜାର ନୂଆ ହିତାଧିକାରୀ ଏବଂ ସହରାଞ୍ଚଳରେ ୧ ଲକ୍ଷ ୫୦ ହଜାର ନୂଆ ହିତାଧିକାରୀ ଚିହ୍ନଟ କରିବା ପାଇଁ ଟାର୍ଗେଟ ଦିଆଯାଇଛି। କେନ୍ଦ୍ରରୁ ଆସିଥିବା ତାଲିକା ଉପରେ ବ୍ଲକ ସ୍ତରରେ ସର୍ଭେ କରାଯିବ। ପୂର୍ବରୁ ଗ୍ରାମାଞ୍ଚଳରେ ଥିବା ମାସିକ ରୋଜଗାର ମାପଦଣ୍ଡକୁ ୧୦ ହଜାରରୁ ୧୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସହରାଞ୍ଚଳରେ ୧୫ ହଜାରରୁ ୨୦ ହାଜର ଟଙ୍କାକୁ ବଢ଼ାଯାଇଛି। ଦଳୀୟ ଆଧାରରେ କାହାର ମଧ୍ୟ ରାସନ କାର୍ଡ କଟାଯିବ ନାହିଁ। ଧନୀ ଲୋକ ଅର୍ଥାତ୍ ସରକାରୀ ଚାକିରୀ କରିଥିବ, ଆୟକର ଦେଉଥିବ, ଚାରିଚକିଆ ଗାଡ଼ି ଚଢୁଥିବ, ବଡ଼ କୋଠାଘର ଥିବ ସେହିମାନଙ୍କର କାର୍ଡ କଟିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସ୍ପଷ୍ଟ କରିଛନ୍ତି।

## ■ ବିନା ଅନୁମତିରେ ବିଦ୍ୟାଳୟ ମଧ୍ୟରେ ବୀମା କମ୍ପାନୀଙ୍କ ନୂଆ ବ୍ୟବସାୟ

# ମିଥ୍ୟା ପ୍ରଲୋଭନ ଦେଖାଇ ବୀମା ନାମରେ ଠକେଇ

ସାରସକଣା/ଝାରପୋଖରିଆ, ୨୯।୧୧(ସମିସ): ପିଲାଙ୍କ ଭବିଷ୍ୟତ ନାମରେ ମିଥ୍ୟା ପ୍ରଲୋଭନ ଦେଖାଇ ବୀମା ନାମରେ ଅଭିଭାବକଙ୍କୁ ଠକୁଛନ୍ତି। ବିନା ଅନୁମତିରେ ବିଦ୍ୟାଳୟ ଭିତରେ ବୀମା କମ୍ପାନୀ ଛାତ୍ରଛାତ୍ରୀଙ୍କୁ କୁଇଜ ପରୀକ୍ଷା କରାଇ ପୁରସ୍କାର ଦେବା ଆଳରେ ଅଭିଭାବକଙ୍କୁ ଠକୁଥିଲେ। କାର୍ଯ୍ୟାଳୟକୁ ଡାକି ବୀମା କରାଇବାକୁ ବାଧ୍ୟ କରୁଥିଲେ। ପୁଲିସ ଶ୍ରୀରାମ ଜୀବନବୀମା କମ୍ପାନୀର ତିନିଜଣ ସଦସ୍ୟ/ସଦସ୍ୟାଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ସେମାନେ ହେଲେ ଜଳେଶ୍ୱରର ବଳରାମ ଦତ୍ତ (୨୫), ବାଲିଆପାଳର ଶୁଭମ ପରିଡା (୨୨) ଓ ବଡସାହି ଥାନା ଅଧୀନ କୋଚିଲାଖୁଣ୍ଟା ଗ୍ରାମର ଚିତ୍ତରଞ୍ଜନ ମହାପାତ୍ରଙ୍କ ପତ୍ନୀ ନମିତା (୩୯)। ପୁରସ୍କାର ପାଇଁ ଯୋଗ୍ୟ ଅଭିଭାବକଙ୍କୁ ପ୍ରୋଲଭିତ କରି ଟଙ୍କା ଦିଅ ନ ହେଲେ



ଗହଣା ଦିଅ। ଆଜି ଓଫର ଅଛି, ବୀମା କର ଏପରି କହି ଘରୁ ଆସି ନେଇଯାଉଥିଲେ ମୂଲ୍ୟବାନ ଜିନିଷ। ଏଭଳି ଠକାମୀର ଶିକାର ହୋଇଛନ୍ତି ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ ଥାନା ଅର୍ନ୍ତଗତ ଏକତାଳୀ ବିଦ୍ୟାଳୟରେ ପଢଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକ। ସୁନା ଓ ଟଙ୍କା ନେବାକୁ ଗ୍ରାମକୁ ଆସିଥିବା ଗ୍ରାମବାସୀଙ୍କ ଦ୍ୱାରା ଅଟକ ରହିଥିଲେ।

ଖବର ପାଇ ପୁଲିସ ପହଞ୍ଚି ଜଣେ ମହିଳା ସମେତ ତିନିଜଣଙ୍କୁ ଅଟକ ରଖି ୩୦୧/୨୫ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଆରମ୍ଭ କରିଛି। ଏ ଘଟଣାରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି, ସେ ନେଇ ତନାଘନା ଆରମ୍ଭ କରିଛି ଝାରପୋଖରିଆ ପୁଲିସ। ସେପଟେ ବିଦ୍ୟାଳୟ ଭିତରକୁ ବିନା ଅନୁମତିରେ କିଭଳି ବୀମା କମ୍ପାନୀ ପ୍ରବେଶ କରି ଅଭିଭାବକଙ୍କୁ ଠକୁଛନ୍ତି। ଏହାର ତଦନ୍ତ ପାଇଁ ପ୍ରବୀର ମହାନ୍ତ, ସୁଜାତା ମହାନ୍ତ, ଅନୀତା ବେହେରା ପ୍ରମୁଖ ଶିକାର ହୋଇଥିବା ଅଭିଭାବକ ଦାବି କରିଛନ୍ତି।

## ଶ୍ରୀମନ୍ଦିର ନାଁରେ ବିବାଦୀୟ ଟିପ୍ପଣୀ

# ଶୁଭଙ୍କରଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ପୁରୀ,୨୯।୧୧(ସମିସ): ଲୋକପ୍ରିୟ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍‌ସର ଶୁଭଙ୍କର ମିଶ୍ରାଙ୍କ ପାଇଁ ଅଡୁଆ ବଢ଼ିଛି। ଶ୍ରୀମନ୍ଦିରକୁ ନେଇ ଦେଇଥିବା ବିବାଦୀୟ ଟିପ୍ପଣୀ ଲାଗି ତାଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ। ଏ ନେଇ ଶନିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା।

ଶୁଭଙ୍କର ନିଜ ପଡ୍‌କାଷ୍ଟରେ କହିଛନ୍ତି ଯେ, ଯଦି କୌଣସି ପ୍ରେମୀଯୁଗଳ ଶ୍ରୀମନ୍ଦିର ଯାଆନ୍ତି ତେବେ ସେମାନଙ୍କ ସମ୍ପର୍କ ଭାଙ୍ଗିଯାଏ ବା ସେମାନେ ବିବାହ କରିପାରନ୍ତି ନାହିଁ। ତାଙ୍କ କହିବା ଅନୁଯାୟୀ, ଭୁଲ୍‌ରେ ମଧ୍ୟ କୌଣସି ପ୍ରେମୀଯୁଗଳ ଶ୍ରୀମନ୍ଦିରକୁ ଯିବ ନାହିଁ। ସମ୍ପର୍କକୁ ବଞ୍ଚାଇବାକୁ ଚାହୁଁଥିଲେ ଏହା କରନ୍ତୁ। କାରଣ ଶ୍ରୀମନ୍ଦିର ଉପରେ ମା' ରାଧାରାଣୀଙ୍କ ଅଭିଶାପ ପଡ଼ିଛି। ମା' ରାଧାରାଣୀ ପ୍ରଭୁ ଶ୍ରୀଜଗନ୍ନାଥ ରୂପରେ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିବାକୁ ଆସିଥିବାବେଳେ ସେବାୟତମାନେ ତାଙ୍କୁ ମନ୍ଦିର ଭିତରକୁ ପ୍ରବେଶ କରିବାକୁ ବାରଣ କରିଥିଲେ। ଆଉ କହିଥିଲେ ମନ୍ଦିର ଭିତରକୁ ଭଗବାନଙ୍କ ପତ୍ନୀଙ୍କୁ ମଧ୍ୟ ଆସିବାର ଅନୁମତି ନାହିଁ। ଏଥିରେ କ୍ରୋଧିତ ହୋଇ ମା' ରାଧାରାଣୀ ଅଭିଶାପ ଦେଇଥିଲେ ଯେ, ଆଜିଠୁ କୌଣସି ଅବିବାହିତ ଯୋଡ଼ି ମନ୍ଦିର ଭିତରକୁ ଆସିଲେ ସେମାନଙ୍କ ସମ୍ପର୍କ ଭାଙ୍ଗିଯିବ ଏବଂ ବିବାହ ହୋଇପାରିବ ନାହିଁ। ଶୁଭଙ୍କରଙ୍କ ଏହି ଭିଡିଓ ଭାଇରାଲ ହେବା ପରେ ଓଡ଼ିଶା ବିଶେଷକରି ପୁରୀରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶ୍ରୀଜଗନ୍ନାଥ ପ୍ରେମୀମାନେ ପ୍ରଶ୍ନ କରିଛନ୍ତି ଯେ, ଜଣେ ଏତେ ଉଚ୍ଚଶିକ୍ଷିତ ତଥା ପ୍ରଭାବଶାଳୀ ବ୍ୟକ୍ତି କିଭଳି ଶ୍ରୀମନ୍ଦିର ସମ୍ପର୍କରେ ଏଭଳି ବିଭ୍ରାନ୍ତିକର ଓ ତଥ୍ୟହୀନ ଟିପ୍ପଣୀ ଦେଇପାରିଲେ? ଏ ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ପରିଡ଼ା କହିଛନ୍ତି, ପ୍ରଚାରପ୍ରସାର ସବ୍ କମିଟିରେ ଯେଉଁମାନେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ଅବମାନନା କରିବେ ଓ ଭୁଲ୍ ତଥ୍ୟ ଦେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଯୋଜନା କରାଯାଉଛି। ଶୁଭଙ୍କର ମିଶ୍ରାଙ୍କର ଟିପ୍ପଣୀକୁ ନେଇ ତର୍ଜମା କରାଯାଉଛି। ଏହା ଗୁଜବ ନା ସତ୍ୟ ତାହାକୁ ମଧ୍ୟ ପରୀକ୍ଷା ନିରୀକ୍ଷା କରାଯାଉଛି। ଯଦି ସେ ଏଭଳି ମନ୍ତବ୍ୟ ଦେଇଥା'ନ୍ତି ଓ କମିଟି ରିପୋର୍ଟ ଦିଅନ୍ତି ତେବେ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏୟାରବସ୍ 'ଏ-୩୨୦'କୁ...

ଉଡ଼ାଣ ବାତିଲ ହୋଇ ଯାଇଥିବାରୁ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ଲୋକେ ଯାତ୍ରା ନ କରିପାରି ବିମାନବନ୍ଦରରେ ଅଟକି ରହିଛନ୍ତି। ଏହି କାରଣରୁ ଭାରତରେ ଅନେକ ବିମାନ ୬୦ରୁ ୯୦ ମିନିଟ ବିଳମ୍ବରେ ଚାଲୁଛି। ଇଣ୍ଡିଗୋ, ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସରେ ଅନେକ ଏ୩୨୦ ସିରିଜର ବିମାନ ରହିଛି। ଏହି ସବୁ କମ୍ପାନୀର ୩୩୮ ବିମାନ ଯାନ୍ତ୍ରିକ ସମସ୍ୟାରେ ପ୍ରଭାବିତ ହୋଇଛି। ଏହି ବିମାନକୁ ନେଇ ଏୟାର ଇଣ୍ଡିଆ ଏବଂ ଇଣ୍ଡିଗୋ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ଅନୁଯାୟୀ, ଶନିବାର ସକାଳ ୧୦ଟା ସୁଦ୍ଧା ୧୮୯ଟି ଏ୩୨୦ ବିମାନର ସଫ୍ଟୱେରକୁ ଅପଗ୍ରେଡ଼ କରାଗଲାଣି। ଶନିବାର ସକାଳ ୫ଟା ୨୯ ସୁଦ୍ଧା ସବୁ ପ୍ରଭାବିତ ବିମାନର ଅପ୍‌ଗ୍ରେଡେସନ ଶେଷ ହେବ ବୋଲି ଆଶା କରାଯାଉଛି।

ୟୁରୋପିଆନ ୟୁନିୟନ ଆଭିଏସନ ସେଫ୍ଟି ଏଜେନ୍ସି (ଇଏଏସଏ) ପକ୍ଷରୁ ଶୁକ୍ରବାର ଏମର୍ଜେନ୍ସି ଏୟାରୱର୍ଦିନେସ ଡାଇରେକ୍ଟିଭ (ଇଏଡି) ଜାରି କରାଯାଇଥିଲା। ଯାତ୍ରୀ ବିମାନ ଆରମ୍ଭ କରିବା ପୂର୍ବରୁ ଏହି ବିମାନର ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କୁହାଯାଇଥିଲା ଯେ ଅକ୍ଟୋବର ୩୦ ତାରିଖରେ ଆମେରିକା ଏୟାରଲାଇନ ଜେଟ୍‌ବ୍ଲୁର ଏକ ବିମାନ ୩୫ ହଜାର ଫୁଟ ଉଚ୍ଚରେ ଥିବାବେଳେ ଅଚାନକ ତଳକୁ ଖସି ଆସିଥିଲା। ଏହି ଅଘଟଣରେ ୧୫ ଜଣ ଆହତ ହୋଇଥିଲେ। ଫଳରେ ବିମାନକୁ ଫ୍ଲୋରିଡ଼ାର ଟାମ୍ପା ବିମାନବନ୍ଦରରେ ଜରୁରୀ ଅବତରଣ କରାଇବାକୁ ପଡ଼ିଥିଲା। ପ୍ରାରମ୍ଭିକ ଯାଞ୍ଚରୁ ଏକ ଇଏଲଏସି ଖରାପ ଥିବାରୁ ଏପରି ହୋଇଥିବା ଜଣାପଡ଼ିଥିଲା। ଏଥିଯୋଗୁଁ ଏୟାରବସ ସବୁ ଏୟାରଲାଇନ ଅପରେଟରଙ୍କୁ ନିଜ ବିମାନରେ ଇଏଲଏସି ଲଗାଇବାକୁ କହିଛି। ଏହା ବିମାନକୁ ନିୟନ୍ତ୍ରଣ କରୁଥିବା କମ୍ପ୍ୟୁଟର। ଏହାକୁ ଫ୍ଲାଇଟ କଣ୍ଟ୍ରୋଲ କୁହାଯାଇଥାଏ। ଏହା ପାଇଲଟଙ୍କ ନିର୍ଦ୍ଦେଶକୁ କଣ୍ଟ୍ରୋଲ ସିଷ୍ଟମ ପର୍ଯ୍ୟନ୍ତ ପହଞ୍ଚାଇ ଥାଏ। ବିମାନକୁ ମୋଡ଼ିବାରେ ସହାୟକ ହୋଇଥାଏ। ଏ୩୨୦ ସିରିଜର ବିମାନ ବିଶ୍ୱରେ ସର୍ବାଧିକ ବ୍ୟବହୃତ ହେଉଥିବା ସିଙ୍ଗଲ-ଆଇଲ ପ୍ଲେନ। ଏହି ସିରିଜରେ ଏ୩୧୯, ଏ୩୨୦ସିଇଓ ଏବଂ ନିଓ, ଏ୩୨୧ ସିଇଓ ଏବଂ ଏ୩୨୧ ନିଓ ସାମିଲ ରହିଛି।

### ଗୁଣ୍ଡିଚା ମନ୍ଦିରରେ...

କିଛି ନିର୍ମାଣ ଜେସିବି ଭାଙ୍ଗୁଥିବା ଜଣାପଡ଼ିବା ପରେ ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି ଗୁଣ୍ଡିଚା ମନ୍ଦିର ଭିତରେ ପଶି ଜେସିବି ଭାଙ୍ଗିବାକୁ ତୀବ୍ର ବିରୋଧ କରିଛନ୍ତି। ଯଦି ଆବଶ୍ୟକ ଥିଲା ତେବେ ଶ୍ରମିକ ଲଗାଇ ଛେଣି, ହାତୁଡ଼ି କିମ୍ବା ଅନ୍ୟ ଯନ୍ତ୍ରାଂଶରେ ଭଙ୍ଗା ଯାଇପାରିଥା'ନ୍ତା। କିନ୍ତୁ ତାହା ନ କରି ଜେସିବି ବ୍ୟବହାର କରିଛନ୍ତି। ପୂର୍ବ ସରକାର ସମୟରେ ପରିକ୍ରମା ପ୍ରକଳ୍ପ କାମ ପାଇଁ ଶ୍ରୀମନ୍ଦିର ବାହାରେ ଜେସିବି ବ୍ୟବହାର କରାଯାଉଥିବା ବେଳେ ଏହାକୁ ଅନେକ ବ୍ୟକ୍ତି ହୋ-ହଲ୍ଲା କରିଥିଲେ। ମନ୍ଦିର ଭୁଶୁଡ଼ି ପଡ଼ିବ ଏବଂ ଭାଙ୍ଗିଯିବ କହି ଧାରଣା ଦେଇଥିଲେ। ହେଲେ ଆଜି ଗୁଣ୍ଡିଚା ମନ୍ଦିର ଭିତରେ ପଶି ଜେସିବି ଭାଙ୍ଗୁଥିବାବେଳେ ସେମାନେ ନିରବ କାହିଁକି ବୋଲି ପ୍ରଶ୍ନ କରିଛନ୍ତି ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି। ସେହିପରି ବୁଦ୍ଧିଜୀବୀ ମହେନ୍ଦ୍ର ବିଶୋଇ କହିଛନ୍ତି, ଶହଶହ ବର୍ଷର ତଥା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜନ୍ମସ୍ଥଳୀ ଶ୍ରୀଗୁଣ୍ଡିଚା ମନ୍ଦିର ଭିତରେ ଜେସିବି ମେସିନ୍ ଦ୍ୱାରା ବିଭିନ୍ନ ଖନନ ତଥା ଭଙ୍ଗା କାର୍ଯ୍ୟ ଭକ୍ତ ସମାଜକୁ ଗଭୀର ଆଘାତ ଦେଉଛି। ମନ୍ଦିର ପରିସରରେ ଯଦି କୌଣସି ମରାମତି କିମ୍ବା ଉଚ୍ଛେଦର ଆବଶ୍ୟକତା ଅଛି ତାକୁ ଅଭିଜ୍ଞ କୁଶଳୀ ଶ୍ରମିକଙ୍କ ଦ୍ୱାରା କରାଯାଉ। କିନ୍ତୁ ମନ୍ଦିର ଭିତରେ ଜେସିବି ମେସିନ ପୂରାଇ ପ୍ରଚଣ୍ଡ ଶବ୍ଦ କରି ଭଙ୍ଗାରୁଜା କରିବା ସହଜରେ ଗ୍ରହଣ କରିହେଉନି। ଏହାସହିତ ଏଭଳି କାର୍ଯ୍ୟ ସମୟରେ ମନ୍ଦିର, ପୁରାତନ କୀର୍ତ୍ତିରାଜି ତଥା ପ୍ରାଚୀନ ଐତିହ୍ୟସମ୍ପନ୍ନ ମୂର୍ତ୍ତିଗୁଡ଼ିକ ଯେଭଳି ଅକ୍ଷୁଣ୍ଣ ରହେ ସେ ଦିଗରେ ପ୍ରଶାସନ ସତର୍କ ରହିବା ଆବଶ୍ୟକ। ପୂର୍ବରୁ ଶ୍ରୀମନ୍ଦିର ପରିକ୍ରମା ମାର୍ଗ କାର୍ଯ୍ୟ ସମୟରେ ବଡ଼ ଦେଉଳ ବାହାରେ ଉଚ୍ଛେଦ ଏବଂ ଖନନ କାର୍ଯ୍ୟରେ ଜେସିବି ମେସିନର ବ୍ୟବହାରକୁ ବିଭିନ୍ନ ମହଲରୁ ତୀବ୍ର ବିରୋଧ କରାଯାଇଥିଲା। ମାତ୍ର ଏବେ ଗୁଣ୍ଡିଚା ମନ୍ଦିର ଭିତରେ ମେସିନ ଲଗାଇ କିଭଳି ଭଙ୍ଗାଯାଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି କହିଛନ୍ତି ଶ୍ରୀ ବିଶୋଇ।

ଅନ୍ୟପକ୍ଷରେ ଏ ସମ୍ପର୍କରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ କହିଛନ୍ତି, ଗୁଣ୍ଡିଚା ମନ୍ଦିରରେ ପୁନରୁଦ୍ଧାର କାମ ଚାଲିଛି। ରୋଷଘର ପଛପଟ ତୁଣିଆ ମାଲ, ବଲ୍ଲଭ ଘର ଭଙ୍ଗାଯାଉଛି। ରଥଯାତ୍ରା ପୂର୍ବରୁ ଏହି ନବୀକରଣ କାମ ସାରିବାକୁ ଲକ୍ଷ୍ୟ ରହିଛି। ତେବେ ଶ୍ରମିକ ଲଗାଇ ଭାଙ୍ଗିବାକୁ ଉଦ୍ୟମ ହୋଇଥିଲା। କିନ୍ତୁ ସେମାନେ ଭାଙ୍ଗି ନ ପାରିବାରୁ ଜେସିବି ଲାଗିଛି ବୋଲି ଶ୍ରୀ ସାହୁ କହିଛନ୍ତି।

### ସଂସ୍କୃତିକୁ ଆମେ...

ଅନ୍ୟତମ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଆୟୋଜିତ ସୋଆ ସାହିତ୍ୟ ଉତ୍ସବର ତୃତୀୟ ସଂସ୍କରଣରେ ଯୋଗଦେଇ ପ୍ରଖ୍ୟାତ କବି, ସଂଳାପ ଲେଖକ, ଗୀତିକାର, ସମାଜ ଚିନ୍ତକ ତଥା ଶବ୍ଦର ଯାଦୁକର ପଦ୍ମଭୂଷଣ ଜାଭେଦ ଅଖତର୍ ଆଜି ଏହା କହିଛନ୍ତି।

ଏହି ଅବସରରେ ଅଖତର୍‌ଙ୍କୁ ପ୍ରଥମ ସୋଆ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ମାନସ୍ୱରୂପ ମାନପତ୍ର, ଉତ୍ତରୀୟ, ଦେବୀ ସରସ୍ୱତୀଙ୍କ ଏକ ରୌପ୍ୟମୂର୍ତ୍ତି ଏବଂ ୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିବା ନିମନ୍ତେ ଆମନ୍ତ୍ରିତ କରାଯିବା ତାଙ୍କ ପାଇଁ ଏକ ସମ୍ମାନ ବୋଲି ସମ୍ବର୍ଦ୍ଧିତ ହେବା ପରିପ୍ରେକ୍ଷୀରେ ଅଖତର୍ କହିଥିଲେ।

ସୋଆ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଆୟୋଜିତ ଦୁଇଦିନିଆ ଏହି ସୋଆ ସାହିତ୍ୟ ଉତ୍ସବକୁ ଉଦ୍‌ଘାଟନ କରି ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଲେ, ଯଦିଓ ବୈଷୟିକ ଜ୍ଞାନକୌଶଳ ପରିବ୍ୟାପ୍ତ ହେବାରେ ଲାଗିଛି ଏବଂ ମଣିଷର ସମ୍ପର୍କକୁ ପ୍ରଭାବିତ କରୁଛି, ତଥାପି ଏହା ମଣିଷର ଅନୁଭୂତିର ଗଭୀରତାକୁ ପୁନସ୍ଥାପନ କରିପାରିବ ନାହିଁ। ବର୍ତ୍ତମାନ ସମୟରେ କୃତ୍ରିମ ବୁଦ୍ଧିମତା ଯୋଗାଯୋଗ, ସର୍ଜନଶୀଳତା, ଏପରିକି ମଣିଷର ସମ୍ପର୍କକୁ ପ୍ରଭାବିତ କରିବାରେ ଲାଗିଛି। ଭବିଷ୍ୟତରେ କୃତ୍ରିମ ବୁଦ୍ଧିମତାର ପ୍ରଭାବ ରହିଥିଲେ ମଧ୍ୟ ମଣିଷ ଏବେ ବି ସମାନୁଭୂତି, ନୈତିକ ବିଚାର ଏବଂ କଳ୍ପନା କରିବାର ଶକ୍ତି ଉପରେ ନିର୍ଭର କରୁଛି ବୋଲି ରାଜ୍ୟପାଳ କହିଥିଲେ।

କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ବରେ ଅଖତରଙ୍କ ସହ ଅଭିନେତ୍ରୀ ତଥା ପ୍ରଯୋଜିକା ବାନୀ ତ୍ରିପାଠୀ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଅର୍ଥାତ୍ କୃତ୍ରିମ ବୁଦ୍ଧିମତା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କ ପ୍ରଶ୍ନର ଉତ୍ତର ଦେଇ ଅଖତର୍ କହିଥିଲେ ଯେ ବୈଷୟିକ ଜ୍ଞାନକୌଶଳର କୌଣସି ନୈତିକତା ନାହିଁ। ଏହାକୁ ଆମେ କିଭଳି ବ୍ୟବହାର କରୁଛୁ, ତାହା ଉପରେ ସବୁ ନିର୍ଭର କରେ। ଆଣବିକ ଶକ୍ତିର ଉଦାହରଣ ଦେଇ ସେ କହିଥିଲେ ଯେ ଏହାକୁ ଆମେ ଉଭୟ ଭଲ ଏବଂ ମନ୍ଦ ଉଦ୍ଦେଶ୍ୟରେ ବ୍ୟବହାର କରିପାରିବୁ। ଏଆଇରେ ଭରି ରହିଥିବା ସଂସାଧନ ମନ୍ଦ ନୁହେଁ। ଆମେ ଯଦି ଇତିହାସ ପୃଷ୍ଠା ଦେଖିବା, ମଣିଷ ସମସ୍ତ ଆବିଷ୍କାରକୁ ନେଇ ଭୟଭୀତ ହେଉଥିଲା। ଏପରିକି, ରେଳ ଇଞ୍ଜିନ୍‌କୁ ସୈତାନର ବାହନ ବୋଲି କୁହାଯାଉଥିଲା। ତେବେ ବର୍ତ୍ତମାନ ସମୟରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସରେ ସର୍ଜନଶୀଳତା ରହିଥିବା କୁହାଯାଇପାରିବ ନାହିଁ। ବର୍ତ୍ତମାନ ସମୟରେ ଏହାର ନିଜସ୍ୱ ପରିସୀମା ରହିଛି ଏବଂ ଏହା ତଥ୍ୟ ଉପରେ ନିର୍ଭରଶୀଳ। ଭବିଷ୍ୟତରେ କ'ଣ ଘଟିବ, ତାହା ଆମେ ଏବେଠାରୁ କହିପାରିବା ନାହିଁ। କିନ୍ତୁ ବର୍ତ୍ତମାନ ସମୟରେ ମଣିଷର ସର୍ଜନଶୀଳତାକୁ ନେଇ କୌଣସି ଆହ୍ୱାନ ନାହିଁ ବୋଲି ଅଖତର କହିଥିଲେ।

ସୋଆ ପରିଚାଳିତ ସେଣ୍ଟର୍ ଫର୍ ପ୍ରିଜରଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଏନ୍‌ସିଏଣ୍ଟ କଲ୍‌ଚର ଆଣ୍ଡ ହେରିଟେଜ ଅଫ୍ ଇଣ୍ଡିଆ(ପ୍ରାଚୀନ) ପକ୍ଷରୁ ଆୟୋଜିତ ଏହି ସାହିତ୍ୟ ଉତ୍ସବରେ ସାରା ଦେଶରୁ ୧୦୦ ରୁ ଉର୍ଦ୍ଧ୍ୱ କବି, ଲେଖକ, ଔପନ୍ୟାସିକ, ଚିତ୍ରକର, ଅନୁବାଦକ, ପ୍ରକାଶକ, ଚିନ୍ତକ, ନାଟକ, ଗଣମାଧ୍ୟମ ଜଗତର ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେଇଛନ୍ତି। ଏହି ଦୁଇଦିନିଆ ସାହିତ୍ୟ ଉତ୍ସବରେ ୩୦ଟି ବିଭିନ୍ନ ଅଧିବେଶନ ରଖାଯାଇଛି।

ଚଳିତବର୍ଷ ଉତ୍ସବର ପ୍ରସଙ୍ଗଟି 'କଲ୍‌ଚର, କ୍ରିଏଟିଭିଟି ଆଣ୍ଡ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ' ଅର୍ଥାତ୍ 'ସଂସ୍କୃତି, ସର୍ଜନଶୀଳତା ଓ କୃତ୍ରିମ ବୁଦ୍ଧିମତା'ରହିଛି। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀର ପୂର୍ବତନ ସଚିବ ଡକ୍ଟର କେ. ଶ୍ରୀନିବାସରାଓ ଏବଂ ସୋଆର ଉପସଭାପତି ଶାଶ୍ୱତୀ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିବା ସହ ଜାଭେଦ ଅଖତରଙ୍କୁ ସୋଆ ସାହିତ୍ୟ ସମ୍ମାନରେ ସମ୍ମାନିତ ହେବା ପରିପ୍ରେକ୍ଷୀରେ ଶୁଭେଚ୍ଛା ଜଣାଇଥିଲେ। ପ୍ରାଚୀନର ମୁଖ୍ୟ ତଥା ସୋଆ ସାହିତ୍ୟ ଉତ୍ସବର ଡାଇରେକ୍ଟର ଏବଂ କ୍ୟୁରେଟର୍ ପ୍ରଫେସର୍ ଡ. ଗାୟତ୍ରୀବାଳା ପଣ୍ଡା ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ସୋଆ ଛାତ୍ରମଙ୍ଗଳ ଡିନ୍ ତଥା କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ପ୍ରଫେସର୍ ଜ୍ୟୋତିରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପ୍ରଫେସର୍ ଡ. ଗାୟତ୍ରୀବାଳା ପଣ୍ଡାଙ୍କ ପୁସ୍ତକ 'ଦୟାନଦୀ'ର ଇଂରାଜୀ ଅନୁବାଦ 'ରିଭର ଦୟା' ଏବଂ ପ୍ରାଚୀନ ପକ୍ଷରୁ ପ୍ରକାଶିତ ତିନୋଟି ପୁସ୍ତକ 'ସାରୋଳଦାସ ମହାଭାରଥ'ର ଦୁଇଟି ସଭାପର୍ବ ଏବଂ ମଧ୍ୟ ପର୍ବ ଉନ୍ମୋଚିତ ହୋଇଥିଲା।

ସୂଚନାଯୋଗ୍ୟ, ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାହିତ୍ୟ କ୍ଷେତ୍ରରେ ଉତ୍କର୍ଷ, ସର୍ଜନଶୀଳ ଏବଂ ବୌଦ୍ଧିକ ଗଭୀରତାର ଦକ୍ଷତା ଥିବା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ପ୍ରତିବର୍ଷ ସୋଆ ସାହିତ୍ୟ ସମ୍ମାନ ପ୍ରଦାନ କରାଯିବାକୁ ଥିବା ବେଳେ ଚଳିତବର୍ଷ ପଦ୍ମଭୂଷଣ ଜାଭେଦ ଅଖତର୍‌ଙ୍କୁ ପ୍ରଦାନ କରାଯାଇଛି।

### ବିଧାନସଭାରେ ରାସନ...

ଆକ୍ରମଣ କରି ରାସନ କାର୍ଡ ଇ-କେୱାଇସି, ସର୍ଭେ ପ୍ରକ୍ରିୟା ହିତାଧିକାରୀଙ୍କୁ କାଟିବା ପାଇଁ ନୁହେଁ; ବରଂ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ଓ ଦୁର୍ନୀତି ରୋକିବାର ପଦକ୍ଷେପ ବୋଲି ଯୁକ୍ତି ବାଢ଼ିଛନ୍ତି।

ବିଜେଡି ପକ୍ଷରୁ ଆଗତ ଏହି ସମ୍ପର୍କିତ ଏକ ମୁଲତବୀ ପ୍ରସ୍ତାବ ଆଲୋଚନାକୁ ଆରମ୍ଭ କରି ବିଜେଡି ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ ରାଜ୍ୟ ସରକାର ରାସନ କାର୍ଡ ସର୍ଭେ ନାଁ ରେ ଖାଦ୍ୟ ସୁରକ୍ଷା ଯୋଜନାର ଗରିବ ହିତାଧିକାରୀଙ୍କୁ କାଟି ଦେଉଛନ୍ତି। ଏହି ମଧ୍ୟରେ ଜିଲ୍ଲାପାଳ ମାନଙ୍କୁ ଦୁଇଟି ଚିଠି ଯାଇଛି। ସେଥିରେ ଯେଉଁ ୬ଟି ମାନଦଣ୍ଡ ରଖାଯାଇଛି, ସେଥିରୁ ୩ଟି ଆଦୌ ଗ୍ରହଣୀୟ ନୁହେଁ। ୬ ମାସରୁ ଅଧିକ ସମୟ ଚାଉଳ ଉଠାଇନଥିଲେ, ୧ ହେକ୍ଟର(୨.୪୭ ଏକର) ରୁ ଅଧିକ ଜମି ଥିଲେ ଏବଂ ବାର୍ଷିକ ୧ ଲକ୍ଷ ୨୦ ହଜାର କିମ୍ବା ମାସିକ ୧୦ ହଜାର ଆୟ ଥିଲେ ହିତାଧିକାରୀଙ୍କ ରାସନ୍ କାର୍ଡ କାଟି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ତଥ୍ୟ ଅନୁସାରେ ୪ ଲକ୍ଷ ୭୪ ହଜାର ୯ ୭ ୪ ହିତାଧିକାରୀଙ୍କ ରାସନ୍ କାର୍ଡ କାଟି ଦେଉଛନ୍ତି। ଆହୁରି ୩୯ ଲକ୍ଷ କରିବେ । ୧୦ ପ୍ରତିଶତ ଲୋକଙ୍କ କାର୍ଡ ଏ ସରକାର କାଟି ସାରିଲେଣି। ଜଣେ ଲୋକ ସୁଭଦ୍ରା ଯୋଜନା ବାବଦକୁ ଅର୍ଥ ପାଉଥିଲେ କିମ୍ବା କୌଣସି ଋଣ କରି ଆୟକର ରିଟର୍ଣ୍ଣ ଫାଇଲ କରିଥିଲେ ରାସନ୍ କାର୍ଡ କଟିଯିବା କଥା କହୁଛନ୍ତି। ଧାନ ବିକ୍ରି କରି ଆୟ କରିଥିବା ଲୋକଙ୍କ କାର୍ଡ କଟିଯିବ କି, ମନ୍ତ୍ରୀ ସ୍ପଷ୍ଟ କରନ୍ତୁ ବୋଲି ପ୍ରଶ୍ନ କରିଥିଲେ । ଲୋକଙ୍କୁ କୃତ୍ରିମ ଧନୀ କରି ସରକାର ଚାଉଳ କାଟି ଦେଉଛନ୍ତି । ଚାଷୀଙ୍କ ପେଟରେ ଲାତ ମାରିବା ପାଇଁ ଯୋଜନା ହୋଇଛି । ଗରିବ ମାରଣ ନୀତିର ଜବାବ ଓଡ଼ିଶାବାସୀ ଉଚିତ୍ ଜବାବ ଦେବେ ବୋଲି ଶ୍ରୀ ସ୍ୱାଇଁ କହିଥିଲେ। ବିଜେଡି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କୁ ଯାଇଥିବା ଚିଠି କଥା ଉଠାଇ ସରକାରଙ୍କୁ ଟାର୍ଗେଟ କରିଥିଲେ। ସେ କହିଥିଲେ ଯେ ନିଜର କାର୍ଡକୁ ନେଇ ଗାଁ ଗହଳିର ଲୋକେ ଏବେ ସଂଶୟ ମଧ୍ୟରେ ଅଛନ୍ତି। ନୂଆ ସରକାର ଆସିବା ପରେ ଭୂତ ହିତାଧିକାରୀ କହି କିଛି ଲୋକଙ୍କ କାର୍ଡ କାଟିଲେ। ୧୫ ଲକ୍ଷ ଲୋକ ଏଯାଏଁ ଇ-କେୱାଇସି କରିନାହାନ୍ତି। ଗୋଟେ ଟେ ସରକାର ଚାଷୀଙ୍କ ଆୟବୃଦ୍ଧି କଥା କହୁଛନ୍ତି। ମହିଳା ସଶକ୍ତିକରଣ କଥା କହୁଛନ୍ତି। ମାତ୍ର ଅନ୍ୟପଟେ ମାନଦଣ୍ଡର ଆଳ ଦେଖାଇ ସେମାନଙ୍କ କାର୍ଡ କାଟିବାର ଯୋଜନା କରାଯାଉଛି। ମନ୍ତ୍ରୀ ସ୍ପଷ୍ଟ କରନ୍ତୁ କିଏ ଯୋଗ୍ୟ, କିଏ ଅଯୋଗ୍ୟ। ଏଫସିଆଇ ଚାଉଳ ନ ଉଠାଇବା ଆଉ କେନ୍ଦ୍ରୀୟ ଅନୁଦାନ କମିବା ଅଳରେ ସରକାର ରାସନ୍ କାର୍ଡ କାଟି ଦେବା ପାଇଁ ମସୁଧା ନୁହେଁ ତ ବୋଲି କହିଥିଲେ। ସେହିଭଳି କଂଗ୍ରେସ ବିଧାୟକ ଅଶୋକ ଦାସ ଓ ସି ଏସ ରାଜନ୍ ଏକ୍କା ରାସନ୍ କାର୍ଡ ମାୟା ଜାଲରେ ଗରିବ ଛନ୍ଦି ହୋଇଛନ୍ତି ବୋଲି କହି ଉଦବେଗ ପ୍ରକାଶ କରିଥିଲେ। ମାନଦଣ୍ଡ ଆଳ ଦେଖାଇ ରାଜ୍ୟ ସରକାର ଗରିବ ଲୋକଙ୍କ ଖାଦ୍ୟ ସୁରକ୍ଷା ଅଧିକାର ଛଡ଼ାଇ ନେବାକୁ ବସିଛନ୍ତି ବୋଲି ଉଭୟେ କ୍ଷୋଭକ୍ତି ପ୍ରକାଶ କରିଥିଲେ।

ବିଜେପି ପକ୍ଷରୁ ବିଧାୟକ ଆଶ୍ରିତ ପଟ୍ଟନାୟକ, ଆମର କୁମାର ନାୟକ, ପ୍ରତାପ ଚନ୍ଦ୍ର ନାୟକ ଓ ପଦ୍ମଲୋଚନ ପଣ୍ଡା ବିରୋଧୀଙ୍କ ଅଭିଯୋଗ କୁ ଖଣ୍ଡନ କରିବା ସହ ପାଲଟା ସମାଲୋଚନା କରିଥିଲେ। ସେମାନେ କହିଥିଲେ ଯେ ୨୦୨୪ ଜୁନ ମାସଠାରୁ ରାଜ୍ୟ ସରକାର ପ୍ରାୟ ୯ ୯ ଲକ୍ଷ ୫୨ ହଜାର ୧୫୩ ପରିବାରକୁ ପ୍ରତିମାସରେ ଖାଦ୍ୟ ଶସ୍ୟ ଯୋଗାଇ ଦେଉଛନ୍ତି। ପୂର୍ବ ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ହିତାଧିକାରୀଙ୍କ କାର୍ଡ କାଟୁଥିଲେ। ୨୦୧୫ରୁ ୨୦୨୪ ମଧ୍ୟରେ ୧୦ ଲକ୍ଷ ୫୪ ହଜାର ପରିବାରର ୩୦ ଲକ୍ଷ ୬୯ ଲକ୍ଷ କାର୍ଡ କାଟି ଦେଇଥିଲେ। ମାତ୍ର ଆମ ସରକାର ଆସିବା ପରଠାରୁ ଯୋଗୟ ହିତାଧାକାରୀଙ୍କୁ ନୂଆ କାର୍ଡ ପ୍ରଦାନ କରାଯାଇଛି। ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ପାରଦର୍ଶିତା ରକ୍ଷା କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ଇ-କେୱାଇସି କରୁଛନ୍ତି ବୋଲି ସେମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।


**AFFIDAVIT**

By virtue of an affidavit sworn before Executive Magistrate, Rayagada, vide No. 1100 dated. 29/11/2025, I, **Kumari Sunita Pujhari**, aged about 30 years, D/o- Nityananda Pujhari, resident of At- Pitamahal, PO.- Pitamahal, PS.- Seskhal, Tahasil/ Dist.- Rayagada, Pin- 765002, Odisha, declare that I have changed my name from **Sasmita Behera to Kumari Sunita Pujhari**. Henceforth, I shall be known as **Kumari Sunita Pujhari** for all purposes.
**Kumari Sunita Pujhari**

**AFFIDAVIT**

I, RAHUL RAY, aged about 26 years, S/o- Hari Kumar Ray resident of Indranagar At/PO: Mandosil, PS: Paikmal, Dist.: Bargarh, Odisha, PIN-768050, declared by this Affidavit No.: 1732/2025, Dated: 26.11.2025. That now onwards I shall be known as for all future **RAHUL KUMAR RAY** for all future Purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 28/11/2025, CF No.- 50/28.11.2025. I, Pinki Senapati D/O Prakash Senapati, Plot No-1637, Community Center-8, Back side of Bharatpur, Dist.- Khordha, Pin- 751029, declare that I have changed the name of my daughter from Subhashree Senapati to Manasha Chakraborty. Henceforth, she shall be known as new name Manasha Chakraborty for all purposes.
**Pinki Senapati**

**AFFIDAVIT**

**I, Pravir Kumar Satpathy,** S/o.: Late Pravakar Satapathy resident of N/2-122 IRC Village, P.S.: Nayapalli, Bhubaneswar, Dist.: Khurda, PIN-751015, Odisha declare by this affidavit No. 400, Dtd.28.11.2025 that now onwards I shall be known as **PRAVIR KUMAR SATAPATHY** for all future purposes.

**AFFIDAVIT**

I, Simadri Rajalakshmi Patra, aged about 58 years, W/o- Sri Raj Kishore Patra, resident of Mahabir Residency, Kantabanji, PO/PS-Kantabanji, Dist- Balangir, PIN-767039, Odisha declared by this affidavit No. 1146, dtd-30/09/2025 that now onwards I shall be known as Rajlaxmi Patra for all future purposes.

**AFFIDAVIT**

By virtue of an affidavit before the Notary Public, Koraput, I, D Abinash Dora, residing at Police Camp, Sunabeda, Dist: Koraput, Odisha, do hereby declare that my correct name is D Abinash Dora, as per my Aadhaar, PAN and academic certificates. But in my Passport, mentioned as Domti Abinash Dora, where "D" stands for Domti. I hereby declare that I shall be known as D Abinash Dora for all purposes.
**D Abinash Dora**

**ADMISSION NOTICE-2025-26**

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

*Campus:*
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**AFFIDAVIT**

By virtue of an affidavit sworn before the Executive Magistrate, Jajpur No 11806 dated 27/11/2025. I ANINDITA PADHI, W/O- Prasanta Kumar Padhi resident of Belarpur, Debidwar, Jajpur declare that I have changed my name From Anindita Rath to Anindita Padhi .Hence I will be known as Anindita Padhi for all purposes.

**DISTRICT PROJECT OFFICE, NUAPADA**
**SAMAGRA SHIKSHA**
At/PO/Dist-Nuapada (Behind Mini Stadium), Odisha-766105.
Phone & Fax: 06678-225121 (MIS) / 225295(OFF)
e-Mail: dpcnuapadassa.opepa@nic.in
No. 3404/IV/34/25/PLG/25, Date- 29.11.202

**NOTICE INVITING TENDER (NIT) FOR SUPPLY OF IDENTITY CARDS FOR TEACHERS AND STUDENTS OF PM-SHRI SCHOOLS (2025-26)**

Sealed Tenders under two bid systems (Technical & Financial Bid) are invited from reputed firms / agency/ individuals having valid GST Registration Number, IT clearance and valid PAN for printing & supply of "Identity Cards and Badges for Teachers and Students of PM-SHRI Schools for the year 2025-26".

| Name of the Tender | Bid processing fees (Rs.) | Amount of EMD (Rs.) | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Identity Card and PM SHRI Badge for the students and teachers of 08 nos of PMSHRI Schools | Rs.2000/- | Rs. 16480/- | 15.12.25, 5.00 AM | 16.12.25, 11.00 AM |

The Bid documents (tender papers) containing detailed specification with terms and conditions can only be downloaded from the district website i.e. https://nuapada.odisha.gov.in and OSEPA website https://osepa.odisha.gov.in.Corrigendum / addendum, if required, will be uploaded in the above web site. Hence potential bidders are requested to be in continuous touch with the above web site.

The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.

By order of Collector-cum-Chairman
District Education Officer-cum-DPC
Samagra Shiksha, Nuapada

**Women's College, Rayagada**
Gautam Nagar, Po/Dist.: Rayagada-765001
E-Mail ID: womenscollegergd@gmail.com , Ph. No. 06856453864
No. 551/WCR/25, Date- 28.11.2025

**Walk-In-Interview**

A walk-in-interview for engagement of various non-teaching posts in Women's College, Rayagada will be held on 17.12.2025 at 11:00 AM in the College premises.

| Sl No. | Posts | Minimum Qualification |
|---|---|---|
| 1 | Laboratory Bearer in Zoology (01) | 10th Pass |
| 2 | Laboratory Bearer in Physics (01) | 10th Pass |
| 3 | Peon(02) | 10th Pass |
| 4 | Sweeper(02) | 8th Pass |

Interested candidates should attend the interview with filled in Bio-data Proforma, all relevant documents in original; self attested photocopies and two Passport size photos. The Maximum age limit shall be 42 years and 5 years relaxation shall be given to SC/ST/Women and 3 years to SEBC and 10 years to PwDs. No TA/DA shall be paid for attending the interview.

The above mentioned posts are in self finance mode and no financial and non-financial support or grant of any nature will be extended to them from the Government in future.

Principal-cum-Secretary
Governing Body, Women's College, Rayagada

ସକାଳ THE SAKALA



# ପ୍ରତିଭା ବିକାଶ ଟ୍ରଷ୍ଟର ବାର୍ଷିକ ଉତ୍ସବ



ବାଲେଶ୍ୱର,୨୯।୧୧(ସମିସ): ପ୍ରତିଭା ବିକାଶ ଟ୍ରଷ୍ଟର ଷଷ୍ଠ ବାର୍ଷିକ ଉତ୍ସବ ସ୍ଥାନୀୟ ମିଶନ ପଡ଼ିଆରେ ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏହି ଉତ୍ସବକୁ ଉଦଘାଟନ କରିଥିଲେ। ଟ୍ରଷ୍ଟର ସଭାପତି ହରେକୃଷ୍ଣ ଦାଶ ଉଦଘାଟନୀ ଉତ୍ସବରେ ସଭାପତିତ୍ୱ କରିବା ସହିତ ଦୁଇ ଦିନିଆ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ପ୍ରାକ୍ କଥା ରଖିଥିବାବେଳେ ସାଧାରଣ ସମ୍ପାଦକ ଉପେନ୍ଦ୍ର ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକର୍ତ୍ତା କିଶୋର ଦାସ ଅତିଥିଙ୍କ ପରିଚୟ ଦେଇଥିବା ବେଳେ ଉପ-ସଭାପତି ଶିକ୍ଷାବିତ ଡ. ପଙ୍କଜ କୁମାର ଜେନା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଟ୍ରଷ୍ଟର ବାର୍ଷିକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଟ୍ରଷ୍ଟର ସଦସ୍ୟ ସଂଜୀବ ନାୟକ, ରଶ୍ମିତା ବିଶ୍ୱାଳ, ସଂଘମିତ୍ରା ମହାନ୍ତି, ଭାବଗ୍ରାହୀ ମହାନ୍ତି, ଅରବିନ୍ଦ ବାରିକ, ଲମ୍ବୋଦର ନାୟକ, ସୌରୀଶଙ୍କର ପରିଡ଼ା, କୁମାର କାଶ୍ୟପ, ଶଙ୍କର ଦିଣ୍ଡା, ପ୍ରଶାନ୍ତ କୁମାର ପଣ୍ଡା, ଚିନ୍ମୟ ବିଶ୍ୱାଳ, ସିପ୍ରାରେଖା ମହାପାତ୍ର, ଶେଖ ଇମ୍ରାନ, ଲକ୍ଷ୍ମୀନାରାୟଣ ମହାନ୍ତି ପ୍ରମୁଖ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଜଳେଶ୍ୱର-ଚନ୍ଦନେଶ୍ୱର ନୂଆ ରେଳ ଲାଇନ

# ନକ୍ସା ପ୍ରସ୍ତୁତି ଓ ଭୂଅର୍ଜନ ପ୍ରକ୍ରିୟା ନିମନ୍ତେ ବିଭାଗୀୟ ତତ୍ପରତା

ବାଲେଶ୍ୱର(ଉତ୍ତର),୨୯।୧୧( ସମିସ)

ଦୀର୍ଘଦିନ ଧରି ଦାବି ହୋଇଆସୁଥିବା ଉତ୍ତର ବାଲେଶ୍ୱରର ଅନ୍ୟତମ ପ୍ରତୀକ୍ଷିତ ଜଳେଶ୍ୱର- ଚନ୍ଦନେଶ୍ୱର ନୂଆ ରେଳ ଲାଇନ ନିର୍ମାଣ ନେଇ ଦକ୍ଷିଣ ପୂର୍ବ ରେଳ ଡିଭିଜନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏ ନେଇ କାର୍ଯ୍ୟାଳୟ ପକ୍ଷରୁ ଡେପୁଟି ସି ଇ (ନିର୍ମାଣ) ଆଶୁତୋଷ ଆନନ୍ଦ ଭୋଗରାଇ ତହସିଲଦାର ଙ୍କୁ ପତ୍ର ଲେଖି ତୁରନ୍ତ ନୂତନ ରେଳ ଲାଇନ ର ନକ୍ସା ପ୍ରସ୍ତୁତି ସହ ଭୂ ଅର୍ଜନ ଲାଗି ଆବଶ୍ୟକୀୟ ଦସ୍ତାବିଜ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ବାଲେଶ୍ୱର ଜିଲ୍ଲାପାଳଙ୍କୁ ମଧ୍ୟ ଅବଗତ କରାଇବା ନେଇ ଚିଠିରେ ଉଲ୍ଲେଖ ରହିଛି। ଚିଠିରେ ଏହି ରେଳ ଲାଇନ ୪୪.୪୬ କି.ମି ଥିବା ବେଳେ ଏହା ୪୧ ଟି ଗ୍ରାମ ପଡୁ ଥିବାରୁ ଏହାର ସମ୍ପୂର୍ଣ୍ଣ ନକ୍ସା, ସ୍ଥିତାବସ୍ଥା ଏବଂ ଜାଗା ଅଧିଗ୍ରହଣ ପାଇଁ ଦକ୍ଷିଣ-ପୂର୍ବ ରେଳ ପଥ ପକ୍ଷରୁ ଜଳେଶ୍ୱର ତହସିଲଦାର ଏବଂ ଭୋଗରାଇ ତହସିଲଦାରଙ୍କୁ ଆବଶ୍ୟକୀୟ କାଗଜପତ୍ର ଦାଖଲ କରିବା କୁ ଚିଠିରେ ଉଲ୍ଲେଖ ରହିଥିବା ଜଣାପଡ଼ିଛି। ଏହା କୁ ନେଇ ସ୍ଥାନୀୟ ଅଞ୍ଚଳରେ ବହୁ ପ୍ରତୀକ୍ଷିତ ନୂତନ ରେଳ ଲାଇନ ନିର୍ମାଣକୁ ନେଇ ଅଞ୍ଚଳବାସୀଙ୍କ ମନରେ ଆଶା ସଞ୍ଚାର ହୋଇଛି। ଏହି ରେଳ ପଥ ଦ୍ୱାରା ପର୍ଯ୍ୟଟନ କ୍ଷେତ୍ର ସହିତ ଉପାନ୍ତ ଅଞ୍ଚଳର ଗମନାଗମନ ସୁଧାର ଆସିବ। ଏହି ନୂତନ ଲାଇନର ନକ୍ସା କ'ଣ ରହିବ କେଉଁ କେଉଁ ଗ୍ରାମ ମଧ୍ୟ ଦେଇ ଯିବ ସେନେଇ ଲୋକଙ୍କ ମଧ୍ୟରେ ଉତ୍ସୁକତା ଦେଖା ଯାଇଛି। ପ୍ରକାଶ ଯେ ବାଲେଶ୍ୱର ଜିଲ୍ଲା ର ଉପାନ୍ତ ଭୋଗରାଇ ଏକ ରାଜ୍ୟର ଅନ୍ୟତମ ଜନ ବହୁଳ ବ୍ଲକ ଭାବେ ଜଣାଶୁଣା। ଏଠାରେ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ରହିଥିବା ସ୍ଥଳେ ଜିଲ୍ଲା ସଦର ମହକୁମା ଠାରୁ




୧୦୦କିମି ଦୂରତା ହୋଇଥିବାରୁ ଗମନାଗମନ କ୍ଷେତ୍ରରେ ଲୋକେ ଅସୁବିଧା ଭୋଗୁଛନ୍ତି। ତେଣୁ ଜଳେଶ୍ୱରରୁ ଚନ୍ଦନେଶ୍ୱରକୁ ରେଳ ଚଳାଚଳ କରିବା ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲା। ଅନ୍ୟପକ୍ଷରେ ଏହି ରେଳ ଯୋଗାଯୋଗ ପାଇଁ କେବଳ ଉତ୍ତର ଓଡ଼ିଶାବାସୀ ଉପକୃତ ହେବେନି ବରଂ ପର୍ଯ୍ୟଟନ କ୍ଷେତ୍ରରେ ବିପ୍ଳବ ଆସିବ। ଉତ୍ତର ବାଲେଶ୍ୱରରେ ତାଳସାରୀ, ଉଦୟପୁର, ବିଚିତ୍ରପୁର ଇକୋ-ଟୁରିଜିମ୍, ଭୁଷଣ୍ଡେଶ୍ୱର, ଚନ୍ଦନେଶ୍ୱର, ମା' ବିଜୟବାସୁଳି ଭଳି ପର୍ଯ୍ୟଟନ କ୍ଷେତ୍ର ଥିବାରୁ ଅଧିକରୁ ଅଧିକ ପର୍ଯ୍ୟଟକ ଆସିବା ନେଇ ଆଶା କରାଯାଉଛି। ଏହା ବ୍ୟତୀତ ଦୀଘାକୁ ଯିବା ପାଇଁ ମଧ୍ୟ ସୁବିଧା ହେବ। କେବଳ ପର୍ଯ୍ୟଟନ ନୁହେଁ; ଏହି ନୂତନ ରେଳ ଲାଇନ କାର୍ଯ୍ୟକ୍ଷମ ହେଲେ ବାଣିଜ୍ୟ ବ୍ୟବସାୟରେ ମଧ୍ୟ ଅନେକ ସୁବିଧା ହେବ ବୋଲି ଆଶା କରାଯାଉଛି।

# ଦୁଇ ବାଇକ୍ ଧକ୍କା, ୪ ଗୁରୁତର

ନୀଳଗିରି, ୨୯।୧୧ (ସମିସ): ଶନିବାର ସନ୍ଧ୍ୟା ପ୍ରାୟ ୭ଟାରେ ଦୁଇ ବାଇକ୍ ଆରୋହୀ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ୪ଜଣ ଗୁରୁତର ହୋଇଥିବାର ଦେଖିବାକୁ ମିଳିଛି। ନୀଳଗିରି ମିତ୍ରପୁର ରାସ୍ତାର କେନ୍ଦୁଖୁଣ୍ଟା ଛକ ନିକଟରେ ଏହି ସଡକ ଦୁର୍ଘଟଣାରେ ଘଟିଥିବା ବେଳେ ନିଳଗିରି କେନ୍ଦୁଖୁଣ୍ଟା ରାଧାବଲଭାପୂର୍ ଗ୍ରାମର ସୁନୀଲ କୁମାର ବାରିକ ଓ ଶରତ ବାରିକ ମିତ୍ରପୁରରୁ ଘରକୁ ଫେରୁଥିବା ବେଳେ ନୀଳଗିରି ପଟୁ ବାଇକରେ ଦୁଇ ଜଣ ଯାଉଥିବା ଅଜଣା ଯୁବକଙ୍କ ମଧ୍ୟରେ କେନ୍ଦୁ ଖୁଣ୍ଟା ଛକ ନିକଟରେ ଦୁର୍ଘଟଣା ଘଟିଛି। ବାଇକ୍ ଦୁଇଟି ସମ୍ପୂର୍ଣ୍ଣ ଭାଙ୍ଗି ଚୁର ମାର୍ ହୋଇଥିବା ବେଳେ ଶରତ ବାରିକ ଘଟଣା ସ୍ଥଳରେ ଗୁରୁତର ହୋଇ ପଡ଼ିଥିଲା। ସେହିପରି ସୁନିଲ ବାରିକଙ୍କୁ ଗୁରୁତ୍ୱର ଅବସ୍ଥାରେ ନୀଳଗିରି ମେଡିକାଲକୁ ଅଣାଜାଇଥିଲା। ପରେ ଅବସ୍ଥା ଗୁରୁତ୍ୱର ହେବାରୁ ବାଲେଶ୍ୱର ମେଡିକାଲକୁ ନିଆଜାଇଥିଲା। ଅନ୍ୟ ତିନିଜଣପଙ୍କୁ ଗୁରୁତାବର ଅବସ୍ଥାରେ ଘଟଣା ସ୍ଥଳରୁ ରେମଣା ମେଡିକାଲକଲେଜକୁ ପଠାଜାଇଛି। ପରେ ନୀଳଗିରି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

## ● ବାଇକ୍‌କୁ ଘୋଷାଡ଼ି ନେଇଗଲା କାର୍

# ଚାଳକକୁ ନିସ୍ତୁକମାଡ଼୍; ଗାଡ଼ି ଭାଙ୍ଗିଲେ ଉତ୍ତ୍ୟକ୍ତ ଲୋକେ






ଭୋଗରାଇ/ଚନ୍ଦନେଶ୍ୱର,୨୯।୧୧ (ସମିସ): ଶନିବାର ସନ୍ଧ୍ୟାରେ ପଶ୍ଚିମବଙ୍ଗର ଜଣେ ଯୁବକ ଅତ୍ୟଧିକ ମଦ୍ୟ ପାନ କରି ନିଶାସକ୍ତ ଅବସ୍ଥାରେ ଦ୍ରୁତ ଗତିରେ ଗାଡି ଚଳାଇ ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତ ସାହାବାଜିପୁରଠାରୁ ବହୁ ବାଇକ ଓ ରିକ୍ସାକୁ ଧକ୍କା ଦେବା ଫଳରେ ଲୋକମାନେ ତାଙ୍କୁ ଗୋଡ଼ାଇ ଚନ୍ଦନେଶ୍ୱର ବସ୍‌ଷ୍ଟାଣ୍ଡ ଠାରେ ପହଞ୍ଚି ଥିଲେ। ସନ୍ଧ୍ୟାରେ ଚନ୍ଦନେଶ୍ୱରରେ ଅତ୍ୟଧିକ ଟ୍ରାଫିକ ଜାମ ଓ ଆଗରେ ଥିବା ନାଇଟ ବସ ପାଇଁ କାରଟି ଗୋଟିଏ ମଟର ସାଇକେଲକୁ ଘୋଷାରି ଘୋଷାରି ୧୦୦ ମିଟର ପର୍ଯ୍ୟନ୍ତ ନେଇଯାଇଥିଲା। ଗାଡି ଅଟକେଇବାକୁ ଯାଇ ପୁଲିସ ଓ ଲୋକେ ନାକେଦମ ହୋଇଥିଲେ। ପ୍ରବଳ ଭିଡ଼ ମଧ୍ୟରୁ ଡ୍ରାଇଭର ଗାଡି ନେଇ ପଳାଇ ଯିବାକୁ ଉଦ୍ୟମ କରୁଥିଲା। ଶେଷରେ ଉତ୍ତ୍ୟକ୍ତ ଲୋକମାନଙ୍କ ଦ୍ୱାରା ଉକ୍ତ ଯୁବକ ଚଳାଇ ଆସୁଥିବା ଡବ୍ଲ୍ୟୁବି-୦୬- ଏଫ-୩୨୦୬ ଗାଡ଼ିକୁ ଅଟକାଇ ଭଙ୍ଗାରୁଜା କରିବା ସହିତ ଉକ୍ତ ନିଶାସକ୍ତ ଯୁବକକୁ ପ୍ରବଳ ମାଡ଼ ମାରିଥିଲେ। ଉକ୍ତ କାର ଭିତରେ ମଦ ବୋତଲ ପଡିଥିବାର ଦେଖାଯାଇଥିଲା। ଅଳ୍ପକେ ଶତାଧିକ ଲୋକେ ବଡ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ତାଳସାରୀ ସାମୁଦ୍ରିକ ପୁଲିସ ଘଟଣାସ୍ଥଳରେ ପହଂଚି ଯୁବକ ସହିତ କାରକୁ ଉଦ୍ଧାର କରିଛନ୍ତି।

# ଶ୍ରୀରାଧାକୃଷ୍ଣ ହିନ୍ଦୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ବାଲେଶ୍ୱର,୨୯।୧୧(ସମିସ): ସହରସ୍ଥିତ ଶ୍ରୀରାଧାକୃଷ୍ଣ ହିନ୍ଦୀ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମଧୁସ୍ମିତା ନାୟକଙ୍କ ଅଧ୍ୟକ୍ଷତାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଗଗନ ବିହାରୀ ଦାସ୍ ଉଦଘାଟନ କରି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ପ୍ରାରମ୍ଭିକ ଓଡିଶୀ ନୃତ୍ୟ, ଲେଜିମ, ଡମ୍ବଲ ଆଦି ପରିବେଷଣ କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ସ୍ୱାଗତିକା ପରିଡ଼ା, କ୍ରୀଡା ଶିକ୍ଷକ ଶାନ୍ତି ସ୍ୱରୂପ ମିଶ୍ରଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଖେଳରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତାଳସାରୀ ବେଳାଭୂମିରେ ମତ୍ସ୍ୟଜୀବୀ ସୁରକ୍ଷା ସଂଘ ବୈଠକ



ଚନ୍ଦନେଶ୍ୱର,୨୯।୧୧(ସମିସ) : ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ହୁଗୁଳି ଗ୍ରାମପଞ୍ଚାୟତର ତାଳସାରୀ ବେଳାଭୂମିରେ ଶନିବାର ଅପରାହ୍ଣରେ ତାଳସାରୀ ମତ୍ସ୍ୟଜୀବୀ ସୁରକ୍ଷା ସଂଘ ତରଫରୁ ଏକ ବୈଠକ ତାଳସାରୀ ଗଙ୍ଗାମାତା ଫିସାରେମେନ କୋଅପରେଟିଭ ସୋସାଇଟିର ସଭାପତି ସୁରେନ୍ଦ୍ର ନାଥ ଗଙ୍ଗାଇଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଶତାଧିକ ମତ୍ସ୍ୟଜୀବୀ ନିଜର ପେଟ ପାଟଣା ପାଇଁ ବେଳାଭୂମିରେ ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରୁଥିବା ଜଙ୍ଗଲ ବିଭାଗର କଟକଣାକୁ ତୁରନ୍ତ ହଟାଇବା ସହ ମତ୍ସ୍ୟଜୀବୀଙ୍କ ଶୁଖୁଆ ଖୋଲା, ଡ଼ଙ୍ଗା ମରାମତି, ଜାଲ ତିଆରି କରିବା ପାଇଁ ଅନୁମତି ଦେବା ସହିତ ଅସ୍ଥାୟୀ ଭାବରେ ଦୀର୍ଘ ୬ ମାସ ହେଲା ସ୍ଥାନାନ୍ତର ହୋଇଥିବା ବ୍ୟବସାୟୀ ମାନଙ୍କୁ ତୁରନ୍ତ ଥଇଥାନ କରିବା ପାଇଁ ଦାବି କରିଛନ୍ତି। ଏ ବିଷୟରେ ସେମାନେ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ବାଲେଶ୍ୱର ଜିଲ୍ଲାପାଳ, ଭୋଗରାଇ ତହସିଲଦାର, ବାଲେଶ୍ୱର ଏସପି ଓ ତାଳସାରୀ ମେରାଇନ ଆଇଆଇସିଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଥିବା ପ୍ରକାଶ କରିଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ତାଳସାରୀ ବନ୍ଦ ରଖି ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଉକ୍ତ ବୈଠକରେ ତାଳସାରୀ ଗଙ୍ଗାମାତା ଫିସାରମେନ କୋଅପରେଟିଭ ସୋସାଇଟିର ସମ୍ପାଦକ ପୁଣ୍ଡରୀ କାକ୍ଷ ଲାୟା, ଯତୀନ୍ଦ୍ର ଗଙ୍ଗାଇ, ଗୋପାଳ ଚନ୍ଦ୍ର ଲାୟା, କାର୍ତିକ ଚନ୍ଦ୍ର ମଣ୍ଡଳ, କାମିନୀ ପାତ୍ର, କାଞ୍ଚନ ଗଙ୍ଗାଇ, ଅଞ୍ଜଳି ପାତ୍ର, ମଞ୍ଜୁରାଣୀ ପାତ୍ର, ରିତା ରାଣୀ ପାତ୍ର ପ୍ରମୁଖ ସମେତ ଶତାଧିକ ମହିଳା, ପୁରୁଷ ଉପସ୍ଥିତ ଥିଲେ।

# ପୂଜା ବେଳେ ନିଆଁଲାଗି ମହିଳାଙ୍କ ମୃତ୍ୟୁ

ନୀଳଗିରି, ୨୯।୧୧ (ସମିସ): ପବିତ୍ର ମାର୍ଗଶିର ମାସ ଗୁରୁବାରଦିନ ମହାଲକ୍ଷ୍ମୀଙ୍କ ପୂଜା ଆରାଧନା କରୁଥିବା ସମୟରେ ନିଆଁଲାଗି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ବାଲେଶ୍ୱର ଜିଲ୍ଲାର ବିଶିଷ୍ଟ ସମାଜସେବୀ ତଥା "ବଣଧୂଳିର ଫୁଲ"ସାମାଜିକ ସଂଗଠନର ପ୍ରତିଷ୍ଠାତା ବିଜୟ କୁମାର ଆଚାର୍ଯ୍ୟଙ୍କ



ଧର୍ମପତ୍ନୀ କବିତା ଆଚାର୍ଯ୍ୟ ଅରଡବଜାର ସ୍ଥିତ ଭଡ଼ାଘରେ ଗତ ୨୭ତାରିଖ ଗୁରୁବାର ଅବସରରେ ମହାଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରୁଥିବାବେଳେ ଧୂପରେ ନିଆଁ ଲଗାଇବା ପରେ ଜଳନ୍ତା ଦିଆସିଲି କାଠିକୁ ପାଖରେ ଫିଙ୍ଗିଦେଇଥିଲେ। ଅସାବଧାନତା କାରଣରୁ ଶାଢ଼ୀରେ ନିଆଁ ଲାଗିଯାଇଥିଲା। ଚିତ୍କାର କରିଥିଲେ ହେଁ ପାଖରେ ଏକ କାଗଜ ଦୋନା ଏବଂ ଥାଳି ତିଆରି କାରଖାନା ଥିବାରୁ ପାଟି ନ ଶୁଭିବାରୁ ତାଙ୍କୁ କେହି ଉଦ୍ଧାର କରିପାରିନଥିଲେ। କିଛି ସମୟ ପରେ ତାଙ୍କ ରୋଷେୟା ପାଖପଡୋଶୀ ଆସି ଖବରଦେଲା ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ରେମୁଣା ମେଡିକାଲ କଲେଜକୁ ନିଆଯାଇଥିଲା। ସେତେବେଳକୁ ଶରୀରର ୮୫ପ୍ରତିଶତ ପୋଡିଯାଇଥିଲା। ଅବସ୍ଥା ସଙ୍ଗୀନ ହେବାରୁ କଟକ ବଡ଼ମେଡ଼ିକାଲ ପରେ ଏମ୍ସ ଭୁବନେଶ୍ୱର ନିଆଯାଇଥିଲେ ହେଁ କବିତାଙ୍କ ମୃତ୍ୟୁ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ କରାଯାଇଥିବା ବେଳେ ତାଙ୍କର ଏକମାତ୍ର ଝିଅ ମାନସୀ ମୁଖାଗ୍ନି ଦେଇଥିଲେ।

# ବାଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା



ଖଇରା,୨୯ ।୧୧ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଡୁଙ୍ଗୁରା ପଞ୍ଚାୟତର ବାଣପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୯ତମ ବାର୍ଷୀକ କ୍ରୀଡା ପ୍ରତିଯୋଗିତା ଓ ପୁରସ୍କାର ବିତରଣୀ ଉତ୍ସବ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟାଳୟର ସମ୍ପାଦକ ଶତ୍ରୁଘ୍ନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ବର୍ତ୍ତନା ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ନିମାଇଁ ଚରଣ ଦାସ ମୁଖ୍ୟଅତିଥି, ଗରସଙ୍ଗ ଜମ୍ବେଶ୍ୱର ମହାବିଦ୍ୟାଳୟର ସଂସ୍କୃତ ଅଧାପକ ବିଜୟ କୁମାର ବେହେରା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ଶାରିରୀକ ବିକାଶରେ କ୍ରୀଡାର ଆବଶ୍ୟକତା ଉପରେ ପିଲା ମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଜ୍ୟୋତି ରଞ୍ଜନ ଦାଶ ଅତିଥି ପରିଚୟ ସହିତ ଉତ୍ସବ ଆୟୋଜନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। କ୍ରୀଡା ପ୍ରମୁଖ ଚିତ୍ତରଞ୍ଜନ କରଙ୍କ ସମେତ ବିଦ୍ୟାଳୟର ସମସ୍ତ ଗୁରୁମା ଗୁରୁଜୀ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ୫ଶହରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ସମସ୍ତ କୃତି ପିଲାଙ୍କୁ ପୁରସ୍କୃତ କରାଯାଇଥିଲା।

# ୮ ଗୋରୁ ଉଦ୍ଧାର, ବୋଲେରୋ ଜବତ

ବସ୍ତା ବ୍ଲକ/ରାଜଘାଟ, ୨୯।୧୧ (ସମିସ): ପୁଲିସ ଆଖିରେ ଧୂଳି ଦେଇ ବେଆଇନ ଗୋ ଚାଲାଣକାରୀ ଏବେ ଅଭିନବ ଉପାୟ ଅବଲମ୍ବନ କରୁଛନ୍ତି। ଏବେ ସେମାନେ ଯାତ୍ରୀ ପରିବହନ ହେଉଥିବା ଗାଡ଼ିରେ ଗୋରୁ ଚାଲାଣ କରୁଛନ୍ତି। ଶନିବାର ବାଲେଶ୍ୱର ଜିଲ୍ଲା



ବସ୍ତା ଥାନା ଅନ୍ତର୍ଗତ ମୁକୁଲିସି ପଞ୍ଚାୟତର ରେଣୁପଦା ରାସ୍ତାରେ ଏକ ବୋଲେରୋରେ ଗୋରୁ ଚୋରା ଚାଲାଣ କରୁଥିବା ସମୟର ବସ୍ତା ପୁଲିସ ଗୋରୁ ଭର୍ତ୍ତି ବୋଲେରୋକୁ ଜବତ କରିଛି। ବସ୍ତା ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ବୋଲେରୋଟି ପୁଲିସ ଗାଡ଼ି ଦେଖି ଦ୍ରୁତଗତିରେ ନେଇ ପଳାଇ ଯାଉଥିବା ସମୟରେ ବସ୍ତା ପୁଲିସ ଧରିବାରେ ସଫଳ ହୋଇଥିଲେ। ମାତ୍ର ଡ୍ରାଇଭର ଘଟଣା ସ୍ଥାଳରୁ ଚମ୍ପଟ ମାରି ଥିଲା। ପୁଲିସ ଗୋରୁ ଗାଡ଼ି ଜବତ କରିବା ସହ ୮ ଟି ଗୋରୁ ଉଦ୍ଧାର କରି ବାଲେଶ୍ୱର ଗୋଶାଳାକୁ ପଠାଇଥିବା ବସ୍ତା ଆଇଆଇସି ରଞ୍ଜିତ ସାହୁ ପ୍ରକାଶ କରିଛନ୍ତି।

# ମୋବାଇଲ ଚୋରି କରି ବନ୍ଧାହେଲେ ଦୁର୍ବୃତ୍ତ

ରାଜଘାଟ, ୨୯।୧୧ (ସମିସ): ବସ୍ତା ଥାନା ଅଧୀନ ଅମର୍ଦ୍ଦାରୋଡ ଫାଣ୍ଡି ଅନ୍ତର୍ଗତ ଅମର୍ଦ୍ଦାରୋଡ ବଜାରରେ ଜୈନିକ ବ୍ୟକ୍ତିଙ୍କ ଘରୁ ମୋବାଇଲ ଚୋରି କରିବା ଅଭିଯୋଗରେ ଦୁଇ ଦୁର୍ବୃତ୍ତଙ୍କୁ ପୁଲିସ ଗିରଫ୍ କରିଛି। ଆଜି ସକାଳ ୬ଟା ସମୟରେ ରାମଚନ୍ଦ୍ର ସାହୁ ଝିଅକୁ ସ୍କୁଲ ବାହାର କରିବା ପାଇଁ ବ୍ୟସ୍ତ ଥିବା ବେଳେ ଜଣେ ଦୁର୍ବୃତ୍ତ ଶୋଇବା ଘରେ ପଶି ଦୁଇଟି ମୋବାଇଲକୁ ଚୋରାଇ ନେଇଥିଲା। ଏହି ସମୟରେ ଜଣେ ଭଡ଼ାଟିଆ ଦେଖିନେବାରୁ ଚୋରଟି ଦୌଡ଼ିବାକୁ ଲାଗିଥିଲା। ତାକୁ ଲୋକେ ଗୋଡ଼ାଇ ଗୋଡ଼ାଇ ଅମର୍ଦ୍ଦାରୋଡ ବଜାରର ବଣିଆପଟିରୁ କାବୁ କରିଥିଲେ। ଏହି ସମୟରେ ବାଇକରେ ଆସିଥିବା ଅନ୍ୟ ସହଯୋଗୀ ଜଣକ ବାଇକଟିକୁ ନେଇ ସେଠାରୁ ଫେରାର୍ ମାରୁଥିବା ସମୟରେ ତାକୁ ମଧ୍ୟ କାବୁ କରାଯାଇଥିଲା। ଦୁଇ ଦୁର୍ବୃତ୍ତଙ୍କ ନିକଟରୁ ଚୋରି ମୋବାଇଲ ଜବତ କରାଯାଇଥିବା ବେଳେ ସ୍ଥାନୀୟ ଲୋକେ ଦୁହିଁଙ୍କୁ ଏକ ଦଉଡ଼ିରେ ବାନ୍ଧି ଫାଣ୍ଡି ପୁଲିସରେ ଜିମା ଦେଇଥିଲେ। ପୁଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି। ଗିରଫ୍ ଦୁର୍ବୃତ୍ତ ଦ୍ୱୟ ସିଂଲା ଥାନା ଅନ୍ତର୍ଗତ କାଦରାୟାଁ ଗ୍ରାମର ସେଖ୍ ଉସମାନ ଓ ସେଖ୍ ଆଦେକ । ସେମାନଙ୍କ ନିକଟରୁ ଗୋଟିଏ ବାଇକ(ଲୁନା)କୁ ମଧ୍ୟ ଜବତ କରାଯାଇଛି।

# ଚିକିତ୍ସାଧୀନ ଅବସ୍ଥାରେ ଆଖିବୁଜିଲେ ପ୍ରଧାନଶିକ୍ଷକ

ଖଇରା,୨୯ ।୧୧ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ମହତିପୁର ପଞ୍ଚାୟତ ଗନ୍ଧାଳୀ ଗ୍ରାମର ବାସିନ୍ଦା ତଥା ସାରକୋଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୌରାଙ୍ଗ ଚରଣ ମୁଖୀ (୪୯) ଶୁକ୍ରବାର ରାତିରେ ବିଶାଖାପାଟଣାର ଏକ ଘରୋଇ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଖିବୁଜିଛନ୍ତି। ସେ କିଛି ମାସ ତଳେ କର୍କଟ ରୋଗରେ ଆକ୍ରାନ୍ତ ପରେ ବିଶାଖାପାଟଣାକୁ ଚିକିତ୍ସା ପାଇଁ ପଳାଇଥିଲେ।



ପ୍ରଥମେ କଣ୍ଟାପଡା ପରେ ତେଲଦିଆରେ ଶିକ୍ଷକତା ପରେ ସାରକୋଣାରେ ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିଲେ। ତାଙ୍କର ଏଭଳି ଆକସ୍ମିକ ମୃତ୍ୟୁ ଖବର ପାଇ ବିଭିନ୍ନ ଶିକ୍ଷକ ସଂଗଠନ ତରଫରୁ ଶୋକ ପ୍ରକାଶ କରାଯାଇଛି।

# ଲକ୍ଷାଧିକ ଟଙ୍କାର କାଠଗଣ୍ଡି ଭର୍ତ୍ତି ଗାଡ଼ି ଜବତ

ଜଳେଶ୍ୱର ବ୍ଲକ, ୨୯।୧୧ (ସମିସ)

ଜଳେଶ୍ୱର ବନ ବିଭାଗ ଦ୍ୱାରା ୬୦ ନଂ ଜାତୀୟ ରାଜପଥ ଉପରୁ ଲକ୍ଷାଧିକ ଟଙ୍କାର କାଠଗଣ୍ଡି ଭର୍ତ୍ତି ପିକ୍‌ଅପ ଭ୍ୟାନ ଜବତ ହୋଇଛି। ଓଡିଶାର ବିଭିନ୍ନ ଜଙ୍ଗଲ ଅଂଚଳରୁ ମୂଲ୍ୟବାନ କାଠ ଓ ବିଭିନ୍ନ ଜଙ୍ଗଲଜାତ ଜାତ ଦ୍ରବ୍ୟ ବିଭିନ୍ନ ସମୟରେ ୬୦ନଂ ଜାତୀୟ ରାଜପଥ ଦେଇ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଛି। ଆଜି ସକାଳେ କାଠ ବୋଝେଇ ପିକଅପ ଭ୍ୟାନ ପଶ୍ଚିମବଙ୍ଗକୁ ଯାଇଥିବାର ଖବର ପାଇ ଜଳେଶ୍ୱର ବନ ବିଭାଗ ପକ୍ଷରୁ ରାଜଘାଟ ନିକଟରେ ଚଢାଇ କରିଥିଲେ। ମାତ୍ର କାଠ ବୋଝେଇ ଭ୍ୟାନଟି ଗତିରେ ପଶ୍ଚିମବଙ୍ଗକୁ ପଳାଇ ଯିବା ବେଳେ ବନ ବିଭାଗ ପକ୍ଷରୁ ତାକୁ ଅଟକାଇବାକୁ ଚେଷ୍ଟା ଜରି ଲକ୍ଷ୍ମଣନାଥ ଟୋଲଗେଟ ପର୍ଯ୍ୟନ୍ତ ପିଛା



କରିଥିଲେ। ଶେଷରେ ଭ୍ୟାନଟି ନିଜର ଭାରସ୍ୟାମ ହରାଇ ଟୋଲଗେଟ୍ ନିକଟରେ ରାସ୍ତା କଡକୁ ଓଲଟି ପଡ଼ି ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଡ୍ରାଇଭର ହେଲପର ଗାଡି ଛାଡିଦେଇ ଫେରାର ହୋଇଯାଇଥିବା ବେଳେ କାଠ ସହିତ ଗାଡିକୁ ବନ ବିଭାଗ ପକ୍ଷରୁ ଜବତ ଜରାଯାଇଥିଲା। କ୍ରେନ ସାହାଯ୍ୟରେ କାଠ ଭର୍ତି ଭ୍ୟାନକୁ ଉଦ୍ଧାର କରାଯାଇ ଶାନିଆ ବନ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଏହି ଭ୍ୟାନରେ ଶାଗୁଆନ, ନିମ୍ବ, କଦମ୍ବ, ସିରିସା, ଶିମିଳି ଇତ୍ୟାଦି ଏକଶହ ସିଏଫଟିରୁ ଅଧିକ କାଠ ଯାହାର ଆନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାଯାଇଛି। ଏହି ଚଢାଇ ଏସିଏଫ୍ ଓ ଜୟଶ୍ରୀ ମୁର୍ମୁଙ୍କ ନିର୍ଦ୍ଦେଶରେ ଜଳେଶ୍ୱର ବନ ବିଭାଗ କର୍ମଚାରୀ ଗଂଜୀତା ବିଶ୍ୱାଳଙ୍କ ନେତୃତ୍ୱରେ ଏକ ପାଞ୍ଚ ଜଣିଆ ଟିମ୍ ଚଢ଼ଉରେ ସାମିଲ ଥିଲେ।

# ବାଲି ଚୋରି ବେଳେ ଟ୍ରାକ୍ଟର ଜବତ

ଖଇରା,୨୯ ।୧୧ (ସମିସ): ବାଲେଶ୍ୱର ଖଣି ବିଭାଗ ତରଫରୁ ଚଢ଼ଉ କରି ଖଇରା ବ୍ଲକ ପରିସରରେ ରଖାଯାଇଥିବା ବାଲିକୁ ଚୋରୀ ବେଳେ ଖଇରା ପୁଲିସ ହାତରେ ଧରା ପଡିଛି। ଖଣି ବିଭାଗ ପକ୍ଷରୁ ବାଲି ବୋଝେଇ ଟ୍ରକକୁ ଜବତ କରାଯିବା ପରେ ଟ୍ରକ ମୁକୁଳିବା ପରେ ବାଲିକୁ ବ୍ଲକ ପରିସରରେ ମହଜୁଦ ରଖାଯାଉଥିଲା। ଶନିବାର ସକାଳେ ଟ୍ରାକ୍ଟରରେ ଉକ୍ତ ବାଲିକୁ ନେଇ ଖଇରା ହାଇସ୍କୁଲରେ ଢଳା ଚାଲିଥିବା ବେଳେ ଖବର ପାଇ ଏସଆଇ ତପନ ଜେନା ଉକ୍ତ ଟ୍ରାକ୍ଟରକୁ ଜବତ କରି ଖଇରା ଥାନାକୁ ଆଣିଥିଲେ। ଏ ସମ୍ପର୍କରେ ଆଇଆଇସି ଭୁବନ ମୋହନ ସେଠୀଙ୍କ ପ୍ରତିକ୍ରିୟା ନେବାରେ ଟ୍ରାକ୍ଟର ମାଲିକଙ୍କୁ ପଚରାଉଚୁରା ପରେ ସବୁକିଛି ଜଣାପଡିବ ବୋଲି କହିଛନ୍ତି।

# ବରେନ୍ଦ୍ର ମଣ୍ଡଳଙ୍କ ସ୍ମୃତିସଭା

ଚନ୍ଦନେଶ୍ୱର,୨୯।୧୧(ସମିସ) : ଭୋଗରାଇର କାନ୍ଥଭଉଁରୀ ପଞ୍ଚାୟତର ରଣସିଂହପୁର ଗ୍ରାମର ପୂର୍ବତନ ୱାର୍ଡ ସଦସ୍ୟ, ସେବା ସମବାୟ ସମିତିର ନିର୍ଦ୍ଦେଶକ, ଆଗ ଧାଡିର ବିଜେଡି ନେତା ବରେନ୍ଦ୍ର ମଣ୍ଡଳଙ୍କ ସ୍ମୃତିଚାରଣ ସଭା ତାଙ୍କ ବାସଭବନରେ ଆଜି ଶନିବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚଙ୍କ ପ୍ରତିନିଧି ଶ୍ରୀହରି ଜେନାଙ୍କ ପୌରହିତ୍ୟରେ ଆୟୋଜିତ ସ୍ମୃତିଚାରଣ ସଭାରେ ବ୍ଲକ ବିଜେଡି ସଭାପତି ରମାକାନ୍ତ କରଣ, ବ୍ଲକ ଅଧ୍ୟକ୍ଷ ପ୍ରବୀର ଗିରି, ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ଅନନ୍ତ ଦାସ ଫାଉଣ୍ଡେସନର କାର୍ଯ୍ୟକାରୀ ସଭାପତି ଅଭିଜିତ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ମଞ୍ଜୁରାଣୀ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ହେମନ୍ତ ବେହେରା, ଜିଲ୍ଲା ପରିଷଦ ପ୍ରତିମା ଚାନ୍ଦ, କବିତା ମହାନ୍ତି, କାନ୍ଥଭଉଁରୀ ପଞ୍ଚାୟତର ସମିତି ସଭ୍ୟ ପ୍ରଦୀପ କୁମାର ଦାସ, ସମାଜସେବୀ ସନ୍ତୋଷ ସାସମଲ, ଅଜିତ ପାତ୍ର, ଘନଶ୍ୟାମ ନାୟକ, ରାମକୃଷ୍ଣ ପାତ୍ର, ଜଲେନ୍ଦ୍ର ପାତ୍ର ଓ ସାମ୍ବାଦିକ ବନମାଳୀ ବେହେରା ପ୍ରମୁଖ ଉପସ୍ଥିତ ହୋଇଥିଲେ। ପୁତୁରା ତପନ ମଣ୍ଡଳ ଧନ୍ୟବାଦ ଦେଇଥିଲେ।

# ଟାଉନ ହାଇସ୍କୁଲ ଆଲମୁନି ପକ୍ଷରୁ ଶୋକସଭା

ବାଲେଶ୍ୱର,୨୯।୧୧(ସମିସ): ଟାଉନ ହାଇସ୍କୁଲ ଆଲମୁନି ପକ୍ଷରୁ ବିଦ୍ୟାଳୟର ପୁରାତନ ଛାତ୍ର ମହେନ୍ଦ୍ର କୁମାର ସାହୁଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ଶୋକସଭାରେ ଆଲମୁନି ସଭାପତି ସୁବ୍ରତ କୁମାର କର, ସମ୍ପାଦକ ରବୀନ୍ଦ୍ର କୁମାର ମହାନ୍ତି, ସୁରେନ୍ଦ୍ର ସାହୁ, ଡ. ନୀଳମାଧବ ରାୟ, ନିଖିଳ ଚନ୍ଦ୍ର ଆସ, ତାଙ୍କ ପୁଅ ତାପସ ସାହୁ ଓ ଶାନ୍ତିସ୍ୱରୂପ ମିଶ୍ର ଯୋଗଦେଇ ମହେନ୍ଦ୍ରଙ୍କ ଅମର ଆତ୍ମାର ସଦଗତି କାମନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଧାର ଟଙ୍କା ପାଇଁ ଅପହରଣ ମାମଲା: ବାପପୁଅ ଗିରଫ

ଚମ୍ପୁଆ, ୨୯।୧୧(ସମିସ): ଧାର ଆକାରରେ ଟଙ୍କା ଶୁଝିବାକୁ ନେଇ ଯୁବକଙ୍କୁ ଅପହରଣ ଓ ନିର୍ଯାତନା ମାମଲାରେ ଚମ୍ପୁଆ ପୁଲିସ ଧଳାଡିହି ଗାଁରୁ ଅପହୃତ ଯୁବକକୁ ଉଦ୍ଧାର କରିବା ସହ ଏହି ଅପହରଣ ମାମଲାରେ ସଂପୃକ୍ତ ଥିବା ବାପ-ପୁଅଙ୍କୁ ଗିରଫ କରିଛି। ଅପହୃତ ହୋଇଥିବା ବିଟେକ୍ ଛାତ୍ର ସମୀରଙ୍କ ବାପା ଅନନ୍ତ ଚରଣ ନାଏକଙ୍କ ଅଭିଯୋଗ ଆଧାରରେ ଚମ୍ପୁଆ ପୁଲିସ କେସ୍ ନମ୍ବର ୩୭୯/୨୦୨୫ ଅନୁଯାୟୀ ପୁଲିସ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଅନୁଗୁଳରେ ବିଟେକ୍ ପଢୁଥିବା ସମୀର ରଞ୍ଜନ ନାଏକଙ୍କୁ ଗତ ୨୪ ତାରିଖରୁ ରିମୁଳି ଢିପାସାହି ଗ୍ରାମର ବାଦଲ ପାତ୍ର ଏବଂ ପିତା ଭରତଚନ୍ଦ୍ର ପାତ୍ର ମିଶି ଅପହରଣ କରିବା ସହ ନିର୍ଯାତନା ଦେଇଥିଲେ। ପୂର୍ବରୁ ଦେଇଥିବା ଧାର ଟଙ୍କା ପାଇଁ ତାଙ୍କୁ କଲେଜରୁ ଅପହରଣ କରି ଚମ୍ପୁଆ ଥାନା ଧଳାଡିହି ଗ୍ରାମରେ ଏକ ଭଡ଼ାଘରେ ଲୁଚାଇ ରଖି ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଚମ୍ପୁଆ ଥାନା ଆଇଆଇସି ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି। ଏପରିକି ସମୀରଙ୍କ ମୁଣ୍ଡ ଜାମିନ ରଖି ୫ ଲକ୍ଷ ଟଙ୍କା ଦାବି କରିଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ପୁଲିସ ରାତିଅଧିଆ ଚଢଉ କରି ସମୀର ରଞ୍ଜନଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ବାପ ପୁଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।

# ପାଣିରେ ବୁଡ଼ି ଶିକ୍ଷକଙ୍କ ମୃତ୍ୟୁ



ତେଲକୋଇ, ୨୯।୧୧(ସମିସ): ତେଲକୋଇ ଥାନା ସନ୍ତେଇ ଭଞ୍ଜି ଗ୍ରାମରେ ଜଣେ ଅବସରପ୍ରାପ୍ତ ଶିକ୍ଷକ ପାଣିରେ ବୁଡ଼ି ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। ମୃତ ଶିକ୍ଷକ ହେଲେ ସେହି ଗ୍ରାମର ଯୁଗୋଳ କିଶୋର ନାୟକ (୬୩)। ଶ୍ରୀ ନାୟକ ଘର ପାଖ ସମାକୋଇ ନଦୀକୁ ଗାଧେଇବାକୁ ଯାଇଥିବା ବେଳେ ଆଉ ଫେରି ନଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ସୁଦ୍ଧା ପାଇ ନଥିଲେ। ସ୍ଥାନୀୟ ଲୋକେ ନଦୀରେ ଗାଧୋଉଥିବା ବେଳେ ମୃତଦେହ ଭାସୁଥିବା ଦେଖି ତେଲକୋଇ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ତେଲକୋଇ ଗୋଷ୍ଠୀସ୍ୱାସ୍ଥ୍ୟକୁ ଆଣିଥିଲା। ତେଲକୋଇ ପୁଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

# ଫକୀରପୁର ହାଇସ୍କୁଲରେ ପୋଷାକ ବଣ୍ଟନ



ଆନନ୍ଦପୁର, ୨୯।୧୧ (ସମିସ): ଫକୀରପୁର ଉଚ୍ଚବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ପ୍ରଦତ୍ତ ପୋଷାକ ବଣ୍ଟନ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ କାଉନସିଲର ସନତ କୁମାର କର ବିଶିଷ୍ଟ ଅତିଥି ଭାବେ ଆଞ୍ଚଳିକ ପ୍ରଶିକ୍ଷଣ କେନ୍ଦ୍ର ଅଧକ୍ଷ ଦୁର୍ଯ୍ୟୋଧନ ମହାକୁଡ଼ ପୋଷାକ ବିତରଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ପରିଚାଳନା କମିଟିର ସଭ୍ୟମାନେ ସହଯୋଗ କରିଥିଲେ। ୨୦୦ ଜଣ ଛାତ୍ର ଏବଂ ୧୧୬ ଜଣ ଛାତ୍ରୀଙ୍କୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପୋଷାକ ବଣ୍ଟନ କରାଯାଇଛି।

## ରାଜ୍ୟ ସ୍ୱଚ୍ଛ ବାୟୁ ଯୋଜନାରେ କେନ୍ଦୁଝରଗଡ଼

# ପ୍ରଦୂଷଣ ରୋକିବା ପାଇଁ ଆକ୍ସନ୍ ପ୍ଲାନ୍

କେନ୍ଦୁଝର, ୨୯।୧୧(ସମିସ):

କେନ୍ଦୁଝର ସହରରେ ବର୍ତ୍ତମାନ ବାୟୁ ପ୍ରଦୂଷଣ ବଢ଼ିବା ଚିନ୍ତାର କାରଣ ହୋଇଛି। ବାୟୁ ଓ ଜଳ ପ୍ରଦୂଷଣ ରୋକିବା ପାଇଁ କେନ୍ଦୁଝରଗଡ଼ ପୌରପାଳିକା ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏକ ବୈଠକରେ ଏନେଇ ଶୁକ୍ରବାର ମାଷ୍ଟର୍‌ପ୍ଲାନ୍ ପ୍ରସ୍ତୁତି ପାଇଁ ନିଷ୍ପତ୍ତି ହୋଇଛି। ପ୍ରତିଟି କ୍ଷେତ୍ରରେ ପ୍ରଦୂଷଣ କିପରି କମ କରାଯାଇପାରିବ ସେନେଇ ଆଲୋଚନା ହୋଇଥିଲା। ଆକ୍ସନ ପ୍ଲାନରେ ୩ଟି ରୋଡ ସୁଇପିଂ ମେସିନ, ବିଭିନ୍ନ ସ୍ଥାନରେ ଇଭି ଚାର୍ଜିଂ ପଏଣ୍ଟ, ପରିବେଶ ସୁରକ୍ଷା ଏବଂ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମରେ ଲୋକଙ୍କୁ ସଚେତନ କରିବା, କେନ୍ଦୁଝର ସହରର ପୁରୁଣା ସହର ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବାୟୁ ପ୍ରଦୂଷଣ ଏବଂ ଅନ୍ୟ ୮ଟି ମାନଦଣ୍ଡ ସମ୍ପର୍କିତ ସୂଚନା ପାଇବା ପାଇଁ ଡିଜିଟାଲ ଡିସପ୍ଲେ ବୋର୍ଡ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଛି। ଉକ୍ତ ସମୀକ୍ଷା ବୈଠକରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ ପ୍ରଶାନ୍ତ କର, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ କୁମାର ନାଏକ, ମ୍ୟୁନସିପାଲିଟି ଇଞ୍ଜିନିୟର ଇଂ ଭକ୍ତବନ୍ଧୁ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଖରାପ ରାସ୍ତାଘାଟ, ରାସ୍ତା ଠିକ୍ ଭାବରେ ସଫେଇ ନହେବା, ଗାଡ଼ି ଚଳାଚଳ ବେଳେ ଧୂଳି ଉଡିବା, ଅଳିଆ ଆବର୍ଜନାକୁ ପୋଡି ଦିଆଯିବା ଯୋଗୁଁ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି ବୋଲି କୁହାଯାଉଛି। କେନ୍ଦୁଝର ସହରରେ ଗତ ୪ ଦିନ ହେବ ପିଏମ-୧୦ ଏକ୍ୟୁଆଇ ବଢିବା ଚିନ୍ତାର କାରଣ ହୋଇଛି।



୨୪ ତାରିଖରେ ପିଏମ ୧୦ ଏକ୍ୟୁଆଇ ହାରାହାରି ୧୫୮ ରହିଥିବାବେଳେ ୨୫ ତାରିଖରେ ଏକ୍ୟୁଆଇ ହାରାହାରି ୧୬୦ ରହିଥିଲା। ୨୬ ତାରିଖରେ ଏକ୍ୟୁଆଇ ହାରାହାରି ୧୪୨ ଥିବାବେଳେ ୨୭ ତାରିଖରେ ଏକ୍ୟୁଆଇ ହାରାହାରି ୧୨୯ ରହିଥିଲା। ଦିନ ସମୟରେ ମଧ୍ୟାହ୍ନ ୧୧ଟାରୁ ୨ଟା ମଧ୍ୟରେ ଏବଂ ସନ୍ଧ୍ୟା ସମୟରେ ପିଏମ ୧୦ ଏକ୍ୟୁଆଇ ୨୦୦ରୁ ଅଧିକ ରହୁଛି। ଲଗାତର ଚତୁର୍ଥ ଦିନ ପାଇଁ କେନ୍ଦୁଝର ସହରରେ ବାୟୁର ମାନ ଖରାପ ସ୍ଥିତିରେ ଅଛି। ଏହି ମାନର ବାୟୁ ସଂସ୍ପର୍ଶରେ ଆସିଲେ ଶ୍ୱାସକ୍ରିୟା ଜନିତ ରୋଗ ହେବାର ଆଶଙ୍କା ରହିଛି। ଶ୍ୱାସ ଓ ହୃଦରୋଗୀଙ୍କ ପାଇଁ ଏହା ଅତି ବିପଦଜନକ ହୋଇଥିଲାବେଳେ ସାଧାରଣ ଲୋକେ ଏହି ଖରାପ ବାୟୁ ପାଇଁ ରୋଗରେ ପଡିବା ନିଶ୍ଚିତ। ବାୟୁରେ ଏହି ଅତି କ୍ଷୁଦ୍ର କଣିକାଗୁଡିକୁ ପ୍ରଶ୍ୱାସରେ ନେବା ଫଳରେ ହୃତପିଣ୍ଡ ଓ ଫୁସଫୁସ୍‌କୁ ପ୍ରଭାବିତ କରିଥାଏ ବୋଲି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର କମର ମହମ୍ମଦ କହିଛନ୍ତି। ଏହି ବାୟୁ ସଂସ୍ପର୍ଶରେ ଆସିଲେ ଶ୍ୱାସଜନିତ ବିଭିନ୍ନ ରୋଗ ହେବା ସହ ଫୁସଫୁସ୍ ସଂକ୍ରମଣ, ଥଣ୍ଡା, କାଶ, ଜ୍ୱର ଆଦି ହୋଇପାରେ। ବହୁଦିନ ଏମିତି ଅବସ୍ଥା ରହିଲେ ନିମୋନିଆ ହେବାର ମଧ୍ୟ ଆଶଙ୍କା ରହିଛି। ଏଣୁ ଘରୁ ବାହାରିଲେ ମାସ୍କ ପିନ୍ଧିବାକୁ ସେ ପରାମର୍ଶ ଦେଇଛନ୍ତି। ବାୟୁର ମାନ ଖରାପ ଥିବାରୁ ବୟସ୍କ ଲୋକ ଏବଂ ଶିଶୁ ଏଥିରେ ଅଧିକ ଆକ୍ରାନ୍ତ ହେଉଛନ୍ତି।

କେନ୍ଦୁଝର ସହରରେ କାରଖାନା ବର୍ଜ୍ୟବସ୍ତୁ ଏଣେତେଣେ ପଡୁଥିବାରୁ କଳାଗୁଣ୍ଡ ଉଡ଼ି ବାୟୁ ପ୍ରଦୂଷଣ ସୃଷ୍ଟି କରୁଛି। ଏ ଦିଗରେ ପୌର ପ୍ରଶାସନ ପଦକ୍ଷେପ ନେବା ଜରୁରୀ। କେନ୍ଦୁଝରଗଡ ପୌରପାଳିକାର ଅଧ୍ୟକ୍ଷା ନିକୁ ସାହୁ କହିଛନ୍ତି, ସହରରେ ବାୟୁ ପ୍ରଦୂଷଣ କମାଇବା ପାଇଁ ପଦକ୍ଷେପ ନିଆଯାଉଛି। ରାଜ୍ୟ ସ୍ୱଚ୍ଛ ବାୟୁ ଯୋଜନାରେ କେନ୍ଦୁଝର ସହରକୁ ସାମିଲ କରାଯାଇଛି। ଏହି ଯୋଜନା ୫ ବର୍ଷ ପାଇଁ କାର୍ଯ୍ୟକାରୀ ହେବ। ଏହି କାର୍ଯ୍ୟକ୍ରମ ଜରିଆରେ ବାୟୁ ଗଣବତ୍ତା ମନିଟରିଂ କରାଯାଇ ବାୟୁ ପ୍ରଦୂଷଣ ମାତ୍ରା ୩୦ ପ୍ରତିଶତ କମାଇବା ଲକ୍ଷ୍ୟ ରଖାଯାଇଛି। ସହରରେ ବସବାସ କରୁଥିବା ଲୋକମାନେ କିପରି ସ୍ୱଚ୍ଛ ବାୟୁ ପାଇପାରିବେ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଇଂ କର କହିଛନ୍ତି। ଏହି ଯୋଜନାରେ ସହରସ୍ତରୀୟ କାର୍ଯ୍ୟ ଯୋଜନାର ବିକାଶ କରିବା, ରାସ୍ତା ପରିଷ୍କାର ପାଇଁ ଯନ୍ତ୍ର ବ୍ୟବହାର କରିବା ଏବଂ ନୂତନ ରାସ୍ତା ନିର୍ମାଣ କରିବା, ମନିଟରିଂ ଭିତ୍ତିଭୂମିକୁ ସୁଦୃଢ଼ କରିବା, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ସହର ମଧ୍ୟରେ ଥିବା ଡମ୍ପିଂୟାର୍ଡ ହଟାଇବା, ସହର ଭିତରେ ବ୍ୟାପକ ବୃକ୍ଷରୋପଣ, ପଲିଥିନ ବ୍ୟବହାର ରୋକିବା, ମାଟି କପର ବହୁଳ ବ୍ୟବହାର ଏବଂ ବର୍ଜ୍ୟବସ୍ତୁ ପୋଡିବା ରୋକିବା ଆଦି କାର୍ଯ୍ୟକ୍ରମ ରାଜ୍ୟ ସ୍ୱଚ୍ଛବାୟୁ କାର୍ଯ୍ୟକ୍ରମ ଅଧୀନରେ ପ୍ରମୁଖ କାର୍ଯ୍ୟଖସଡ଼ା ମଧ୍ୟରେ ଅନ୍ତର୍ଭୁକ୍ତ ଅଛି।

# ସୁଆଁପଦା ଆଦର୍ଶ ବିଦ୍ୟାଳୟରେ ଆନ୍ଦୋଳନ



ଆନନ୍ଦପୁର, ୨୯।୧୧ (ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ମହାସଂଘର ଆହ୍ୱାନକ୍ରମେ ସାରା ରାଜ୍ୟରେ ୧୩ ଦଫା ଦାବିନେଇ ଆଦର୍ଶ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ କଳାବ୍ୟାଜ ପରିଧାନକରି କାର୍ଯ୍ୟରେ ଯୋଗ ଦେଇଥିବା ବେଳେ କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ସୁଆଁପଦାଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀମାନେ ଏକ ଧାରଣାରେ ବସିଛନ୍ତି। କର୍ମଚାରୀମାନଙ୍କୁ ସରକାରୀ ମାନ୍ୟତା ଦେବା, ୟୁନିଫର୍ମ କ୍ୟାଡର ମାନ୍ୟତା, ସମାନ କାମକୁ ସମାନ ଦରମା ଓ କମ୍ପ୍ୟୁଟର, ପିଇଟି ଓ ମ୍ୟୁଜିକ ଶିକ୍ଷକଙ୍କୁ ୪୬୦୦ ଗ୍ରେଡ ପେ ପ୍ରଦାନ, ଛାତ୍ରଛାତ୍ରୀମାନଙ୍କୁ ଏନଏମଏମଏସ ପରୀକ୍ଷା ଦେବା ପାଇଁ ଅନୁମତି ଦିଆଯିବା ସହ ଅନ୍ୟାନ୍ୟ ଦାବି ପୂରଣ କରିବା ପାଇଁ ଏହି କଳାବ୍ୟାଜ ପିନ୍ଧି ଶାନ୍ତିପୂର୍ଣ୍ଣ ଭାବରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଆଗାମୀ ଦିନରେ ସରକାର ଯଦି ଏହି ଦାବିଗୁଡିକୁ ପୂରଣ ନକରନ୍ତି ତାହେଲେ ସଂଘର ନିଷ୍ପତ୍ତିକ୍ରମେ ଡିସେମ୍ବର ୮ ତାରିଖ ରାଜ୍ୟର ସମସ୍ତ ଆଦର୍ଶ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ରାଜଧାନୀ ଭୁବନେଶ୍ୱର ପିଏମଜିରେ ଆନ୍ଦୋଳନ କରିବେ ବୋଲି ଜଣାପଡ଼ିଛି।

## ଅଟୋ ଚାଳକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

# ୨ ଭାଇ ଗିରଫ, ଚତୁର୍ଥୀ ପୂର୍ବରୁ ଅଭିଯୁକ୍ତଙ୍କୁ ଉଠାଇନେଲା ପୁଲିସ

ତୁରୁମୁଙ୍ଗା, ୨୯।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ବେଗେନା ଗ୍ରାମରେ ଗତ ସୋମବାର ଗ୍ରାମର ଅଟୋ ଡ୍ରାଇଭର ସାନୁ ସେଠୀଙ୍କୁ ମାତ୍ର ୫୦ ଟଙ୍କା ଭଡ଼ାକୁ କେନ୍ଦ୍ରକରି ପାଇଁ ମରଣାନ୍ତକ ଆକ୍ରମଣ ଘଟଣାରେ ପାଟଣା ପୁଲିସ ଶନିବାର ବେଗନା ଗ୍ରାମର ଦୁଇ ଅଭିଯୁକ୍ତ ଭାଇଙ୍କୁ ଗିରଫ କରିଛି। ଏହି ମାମଲାରେ ଅଭିଯୁକ୍ତଦ୍ୱୟଙ୍କ ବାପା ପଙ୍କଜ ସେଠୀଙ୍କୁ ନୋଟିସ୍ ଦେଇ ଛାଡ଼ିଥିବା ଜଣାପଡ଼ିଛି। ଗିରଫ ୨ ଭାଇ ହେଲେ ବେଗନା ଗ୍ରାମର ଅମିୟ ସେଠୀ (୩୭) ଏବଂ ପୀୟୁଷ ସେଠୀ (୩୩)। ସୂଚନା ଅନୁସାରେ, ପଙ୍କଜ ସେଠୀଙ୍କ ଧାନବିଡ଼ାକୁ ନିଜ ଡାଲା ଅଟୋରେ ଆଣିବା ପରେ ଭଡ଼ା ବାବଦକୁ ୨୫୦ ଟଙ୍କା ହୋଇଥିଲା। ପଙ୍କଜ ୨୦୦ ଟଙ୍କା ଦେବାରୁ ସାନୁ ଆଉ ୫୦ ଟଙ୍କା ମାଗିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ପଙ୍କଜ ଆଉ ତାଙ୍କ ଦୁଇ ପୁଅ ମିଶି ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ସାନୁ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳକୁ ତଦନ୍ତ ପାଇଁ ଯାଇଥିବା ସମୟରେ ପୁଲିସକୁ ମଧ୍ୟ ଅଟକ ରଖିଥିଲେ ଉତ୍ତ୍ୟକ୍ତ ଲୋକେ। ଫଳରେ ଗାଁରେ ଉତ୍ତେଜନା ଦେଖାଦେଇଥିଲା। ମାଡ଼ ମାରିଥିବା ପଙ୍କଜଙ୍କ ପୁଅ ଅମୀୟଙ୍କ ଗତ ବୁଧବାର ବାହାଘର ଥିବାରୁ ସୁରକ୍ଷା ପାଇଁ ଅଭିଯୁକ୍ତଙ୍କ ଘର ସମ୍ମୁଖରେ ପୁଲିସ ନିୟୋଜିତ ହୋଇଥିଲେ। ଘଟଣା ଘଟିବାର ୫ ଦିନ ପରେ ପୁଲିସ ଦୁଇ ଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଏଏସଆଇ ଧନେଶ୍ୱର ପାତ୍ର କହିଛନ୍ତି। ଏନେଇ ପାଟଣା ଥାନାରେ ୨୮୬/୨୫ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଚତୁର୍ଥୀ ପୂର୍ବରୁ ମାଡ଼ ମାରିଥିବା ଅମୀୟ ସେଠୀଙ୍କୁ ପୁଲିସ ଗିରଫ କରିବା ସହ ଏବଂ ତାଙ୍କ ଭାଇ ପୀୟୁଷକୁ ମଧ୍ୟ ଗିରଫ କରିବା ଘଟଣା ବେଶ୍ ଚହଳ ସୃଷ୍ଟି କରିଛି।



# ବିଭିନ୍ନ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା





କେନ୍ଦୁଝର, ୨୯।୧୧(ସମିସ): ଜେଲରୋଡସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ବିଦ୍ୟା ମନ୍ଦିର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୩୯ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଷ୍ଟାଡିୟମ ପଡିଆରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଅନ୍ୟତମ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା ସମିତିର ସଂପାଦକ ସୁଧାଂଶୁ ଶେଖର ପଣ୍ଡା ଯୋଗ ଦେଇଥିଲେ। ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଦୁଇ ଦିନ ଧରି ଚାଲିଥିବା ଏହି କ୍ରୀଡ଼ାରେ ମୋଟ ୬୦ଟି ଖେଳରେ ଭାଇ ୭୧୫ ଜଣ ଓ ଭଉଣୀ ୬୯୫ ଜଣ ଭାଗ ନେଇଥିଲା ବେଳେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ଶିଶୁଙ୍କ ଦ୍ୱାରା ନୃତ୍ୟ, ପିରାମିଡ, ବ୍ୟାୟାମ ଯୋଗ, ଡମ୍ବରୁଯୋଗ, ସୂର୍ଯ୍ୟ ନମସ୍କାର ଆଦି ପ୍ରଦର୍ଶନ କରାଯାଇଥିଲା। ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ବିରଞ୍ଚି ନାରାୟଣ ମହାନ୍ତ ବାର୍ଷିକ କ୍ରୀଡ଼ା ବିବରଣୀ ପଠନ କରିଥିବା ବେଳେ ଅନ୍ୟ ସମସ୍ତ ଗୁରୁଜୀଗୁରୁମା, ସେବକସେବିକା ସହଯୋଗ କରିଥିଲେ।

ଆନନ୍ଦପୁର: ଆନନ୍ଦପୁର ପୌରାଞ୍ଚଳ ମୁରାବାଲିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଘଷିପୁରାରେ ୩୭ତମ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଘଷିପୁରା ଅଗ୍ନି ନିର୍ବାପକ ବିଭାଗର ମୁଖ୍ୟ ଅଧିକାରୀ ରାଧୁଚରଣ ମଲ୍ଲିକ, ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟର ସଭାପତି ମଦନ ମୋହନ ରାଉତ, ସହସଂପାଦକ ଯଦୁମଣି ସାହୁ ଏବଂ କୋଷାଧ୍ୟକ୍ଷ ଅକ୍ଷୟ ସାହୁ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଅବସରପ୍ରାପ୍ତ ଶିକ୍ଷା ମଣ୍ଡଳ ଅଧିକାରୀ ଚିତ୍ତରଂଜନ ଦାସ ଏବଂ ସଂପାଦକ ରଶ୍ମିରଂଜନ ନନ୍ଦ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ବାବାଜୀ ପଣ୍ଡା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଦୟାନନ୍ଦ ସାହୁ ଏବଂ ସହ କ୍ରୀଡ଼ା ଶିକ୍ଷକ ସୁବାସଚନ୍ଦ୍ର ରାଉଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଉକ୍ତ ତିନି ଦିନରେ ଶିଶୁ ବାଟିକାର ଖେଳକୁଦ ପ୍ରତିଯୋଗିତାରେ ୩୫୦ ଜଣ ଶିଶୁ ଭାଗ ନେଇଥିଲେ। ସଫଳତା ପାଇଥିବା ଶିଶୁଙ୍କୁ ପଦକ ଓ ମାନପତ୍ର ପ୍ରଦାନ କରାଯାଇଛି। ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା ସହଯୋଗ କରିଥିଲେ।

# ୭ରେ ବାର୍ଷିକ ସମ୍ମିଳନୀ; ବ୍ରାହ୍ମଣ ମହାସଂଘର ପ୍ରସ୍ତୁତି

ଆନନ୍ଦପୁର, ୨୯।୧୧ (ସମିସ): ଆନନ୍ଦପୁର ଉପଖଣ୍ଡ ବ୍ରାହ୍ମଣ ସମାଜ ମହାସଂଘର ସାଧାରଣ ପରିଷଦ ବୈଠକ ଓ ବାର୍ଷିକ ସମ୍ମିଳନୀ ପାଇଁ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ମହାସଂଘର ଉପଦେଷ୍ଟା ଶରତ କୁମାର ମିଶ୍ରଙ୍କ ଅଧକ୍ଷତାରେ କର୍ମକର୍ତ୍ତାମାନେ ବାର୍ଷିକ ସମ୍ମିଳନୀ ସମ୍ପର୍କରେ ଆଲୋଚନା କରିବା ସହିତ ଡିସେମ୍ବର ୭ ତାରିଖରେ ଶ୍ରୀ ବାଲୁଙ୍କେଶ୍ୱର ମନ୍ଦିରରେ ଏହାକୁ ପାଳନ ହେବାକୁ ନିଷ୍ପତ୍ତି ହୋଇଥିଲା। ସାଧାରଣ ସଭାରେ ଷୋହଳ ଶାସନ ବତିଶ ପଡା ଶାସନ ଓ ଚଉଷଠି ଉପଶାସନର ବହୁ ମାନ୍ୟଗଣ୍ୟ ବ୍ରାହ୍ମଣ ସଦସ୍ୟ, କର୍ମକାଣ୍ଡବିତ୍ ବୈଦିକ ବ୍ରାହ୍ମଣ ଯୋଗଦେଇ ବୈଦିକ ସଂସ୍କୃତି, ରୀତିନୀତି ପ୍ରଥା ପରମ୍ପରା, ଯଜ୍ଞ ଅନୁଷ୍ଠାନ, ବେଦଶାସ୍ତ୍ର, ଶ୍ରୀମଦ୍ ଭାଗବତ ଉପରେ ଆଲୋଚନା କରାଯିବ। ବ୍ରାହ୍ମଣ ସମାଜର ସୁରକ୍ଷା, ଭବିଷ୍ୟତ ପିଢିଙ୍କୁ କର୍ମକାଣ୍ଡ ପ୍ରବୀଣ କରିବା ପାଇଁ ବିଭିନ୍ନ ଶାସନର ପ୍ରତିନିଧିମାନେ ସକ୍ରିୟ ଯୋଗଦାନ କରି ନିଜ ନିଜର ମତ ରଖିବାକୁ ମହାସଂଘର ଆବାହକ ମଦନ ପାଣି ଜଣାଇଛନ୍ତି।



# ସହାୟତା ଅପେକ୍ଷାରେ କୁଣ୍ଢେଇ ଗାଁର ଜୁଆଙ୍ଗ ଭିନ୍ନକ୍ଷମ ବାଳକ

କେନ୍ଦୁଝର, ୨୯।୧୧(ସମିସ):

ବାଂଶପାଳ ବ୍ଲକ୍ ଅନ୍ତର୍ଗତ କୋଡ଼ିପଶା ପଞ୍ଚାୟତ ଅଧୀନ କୁଣ୍ଢେଇ ଗାଁର ଭୀମ ଜୁଆଙ୍ଗଙ୍କ ଏକମାତ୍ର ପୁଅ ପିଲାବେଳୁ ଭିନ୍ନକ୍ଷମ। ଅର୍ଥ ଅଭାବରୁ ଚିକିତ୍ସାରୁ ବଞ୍ଚିତ। ସରକାରୀ ସାହାଯ୍ୟ ଆଶାରେ ପରିବାର ଥିଲା ବେଳେ ଏହା ମିଳୁ ନଥିବାରୁ ଭାଗ୍ୟକୁ ଆଦରି ରହିଛନ୍ତି ଭୀମ। ପୁଅ ପ୍ରେମାନନ୍ଦଙ୍କୁ ବୟସ ଏବେ ମାତ୍ର ଉଣେଇଶ ବର୍ଷ। କଥା କହିପାରେ ନାହିଁ। କିଛି ବୁଝିପାରେ ନାହିଁ। ମଝିରେ ମଝିରେ ଚିତ୍କାର କରେ। ଭୀମ ନିଜ ଚେଷ୍ଟାରେ କିଛି ମାତ୍ରାରେ ଚିକିତ୍ସା କରାଇଥିଲେ; କିନ୍ତୁ, ପିଲା ଏବେ ମଧ୍ୟ ସୁସ୍ଥ ହୋଇନାହିଁ। ଦିନକୁ ଦିନ ରୋଗ ବଢି ଚାଲିଛି। ଏକମାତ୍ର ପୁଅର ସ୍ୱାସ୍ଥ୍ୟକୁ ନେଇ ବାପମା’ ବଡ଼ ଚିନ୍ତାରେ। ଭୀମ ଜଣେ ଜୁଆଙ୍ଗ ଜନଜାତିର ଗରିବ ବ୍ୟକ୍ତି। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ। ପୁଅର ପୁରା ଚିକିତ୍ସା ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ କରିବା ତା’ ପକ୍ଷରେ ଅସମ୍ଭବ। ଯାହା-ତାହା କରି ସେ ପରିବାର ପୋଷଣ କରନ୍ତି।



ଯେତେବେଳେ ପ୍ରେମାନନ୍ଦ ଛଅ ବର୍ଷର ପିଲା ହୋଇଥିଲା, ସେତେବେଳେ ତା’ର ଭିନ୍ନକ୍ଷମତା ପରୀକ୍ଷା କରାଯାଇଥିଲା। ୨୦୧୨ ବର୍ଷରେ ଭିନ୍ନକ୍ଷମତା ଥିଲା ନବେ ପ୍ରତିଶତ। ସରକାର କିଛି ଭତ୍ତା ଦେଇ ଚୁପ୍ ହୋଇଗଲେ। ଚିକିତ୍ସା ପାଇଁ କିଛି ବି ବ୍ୟବସ୍ଥା କଲେ ନାହିଁ। ନା ପଞ୍ଚାୟତ ନା ଜିଲ୍ଲା ପ୍ରଶାସନ ନା ବିଧାୟକ କେହି ଚିକିତ୍ସା ପ୍ରତି ଧ୍ୟାନ ଦେଲେ ନାହିଁ। ଜୁଆଙ୍ଗ ଉନ୍ନୟନ ସଂସ୍ଥା ନିଘୋଡ଼ ନିଦରେ। ପିଲାଟିକୁ ଅଣଦେଖା କରାଗଲା। ଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେଇଥିଲେ, ହୁଏତ ପିଲାଟି ସୁସ୍ଥ ହୋଇ ପାରିଥାନ୍ତା। ସମୟକ୍ରମେ ରୋଗ ବଢି ବଢି ଚାଲିଛି। ପରିବାରର ବୋଝ ଉଠାଇବା ସାଙ୍ଗକୁ ପିଲାର ଦିନକୁ ଦିନ ବିଗୁଡୁ ଥିବା ସ୍ୱାସ୍ଥ୍ୟ କୁ ନେଇ ବାପ, ମା’ ନିରାଶ ହୋଇ ପଡୁଛନ୍ତି।

ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ଆଶା’ ନଜରକୁ ଆସିଛି ଏ ସମସ୍ୟା। ଅନୁଷ୍ଠାନ ତରଫରୁ ବ୍ଲକ୍ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରାଯାଇଛି। ବର୍ଦ୍ଧିତ ହାରରେ ଭତ୍ତା ଦେବାକୁ ଅନୁରୋଧ କରାଯାଇଛି। ଭତ୍ତା ମିଳିଯିବ ବୋଲି ସୂଚନା ମିଳିଛି। ଏସବୁ ବାଦ୍, ପିଲାଟିର ଚିକିତ୍ସା ନିତାନ୍ତ ଆବଶ୍ୟକ ହୋଇପଡିଛି। ଏଣୁ, ‘ଆଶା’ ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ଜିଲ୍ଲାପାଳଙ୍କୁ ଏଥିନିମନ୍ତେ ଆବଶ୍ୟକ ବ୍ୟବସ୍ଥା କରିବାକୁ ଅନୁରୋଧ କରିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏ କୁଣ୍ଢେଇ ଗାଁଟି ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ। ଏ ପରିବାର ତାଙ୍କର ଭୋଟର। ସେଇଥିପାଇଁ ଭୀମଙ୍କ ପରିବାର ଓ ଉକ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶା ରଖିଛନ୍ତି ଯେ ପିଲାଟିର ଚିକିତ୍ସା ଦାୟିତ୍ୱ ସରକାର ନେବେ। ସରକାର କେବେ ଓ କେତେ ସହାୟକ ହେଉଛନ୍ତି, ଏ ଗରିବ ଆଦିବାସୀ ପରିବାର ପାଇଁ ତାହା ମାନବିକତା ଦୃଷ୍ଟିରୁ ମହତ୍ୱପୂର୍ଣ୍ଣ ହୋଇଥିବା ବେଳେ ଯେତେ ଶୀଘ୍ର ପିଲାଟିର ଚିକିତ୍ସା ବ୍ୟବସ୍ଥା ହୋଇପାରୁଛି ତାକୁ ନେଇ ମଧ୍ୟ ଅପେକ୍ଷା ରହିଛି।

# ‘ଆମ ଗୌରବ ଆମ କଲେଜ’ କାର୍ଯ୍ୟକ୍ରମ



ଆନନ୍ଦପୁର, ୨୯।୧୧ (ସମିସ): ରେକୁଟିଆସ୍ଥିତ କୁଶାଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟରେ ଆମ ଗୌରବ ଆମ କଲେଜ କାର୍ଯ୍ୟକ୍ରମ ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲେଶ୍ୱର ୟୁକୋ ବ୍ୟାଙ୍କର ଚିଫ ମ୍ୟାନେଜର ବିଶ୍ୱଜିତ ଶତପଥୀ ମୁଖ୍ୟଅତିଥି, ଜୋନାଲ ମ୍ୟାନେଜର ପ୍ରେମ ପ୍ରସନ୍ନ ଦାସ, ଘସିପୁରା ଶାଖା ମ୍ୟାନେଜର ରଶ୍ମିତା ସାହୁ ଓ ଜିତେନ୍ଦ୍ର ପୃଷ୍ଟି ସମ୍ମାନିତ ଅତିଥିଭାବେ ବ୍ୟାଙ୍କର ସୁବିଧା କିପରି ଜନସାଧାରଣଙ୍କ ନିକଟତର ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଆମ ଗୌରବ ଆମ କଲେଜର ସଂଯୋଜକ ଅଧ୍ୟାପକ ବିଜୟ କୁମାର ସାହୁ ଅତିଥିଙ୍କ ପରିଚୟ ଦେବା ସଙ୍ଗେ ସଙ୍ଗେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ କଲେଜର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକଅଧ୍ୟାପିକା, କର୍ମଚାରୀ, ଆଲୁମନି ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଅଧ୍ୟାପକ ଭବାନୀ ପ୍ରସାଦ ବଳ ଧନ୍ୟବାଦ ଅର୍ପଣ କରଥିଲେ।

## ଜଙ୍ଗଲରେ ମିଳିତ ଚଢ଼ଉ

# ୧୨ ହଜାର ଗଞ୍ଜେଇ ଗଛ ନଷ୍ଟ

କେନ୍ଦୁଝର,୨୯।୧୧(ସମିସ): କେନ୍ଦୁଝର ବନଖଣ୍ଡ ଭୂୟାଁଜୁଆଙ୍ଗ ପୀଢ ରେଞ୍ଜ ଅଞ୍ଚଳ ଜଙ୍ଗଲରେ ଗଞ୍ଜେଇ ଚାଷ। ଗୁଇନ୍ଦା ତଥ୍ୟ ପାଇଁ ତିନୋଟି ବିଭାଗର ମିଳିତ ଚଢ଼ଉରେ ବଡ଼ ସଫଳତା ମିଳିଛି। କାଞ୍ଜିପାଣି ସେକ୍ସନ ଟାଙ୍ଗରପଡା ଜଙ୍ଗଲରେ ବେଆଇନ ଭାବେ ଏକର ଏକର ପରିମିତ ଜଙ୍ଗଲ ଜମିରେ ଗଞ୍ଜେଇ ଚାଷ ହୋଇଥିବା ନେଇ ଗୁଇନ୍ଦା ସୂଚନା ମିଳିଥିଲା। ତଥ୍ୟ ଆଧାରରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚଡିଙ୍କ ନିର୍ଦ୍ଦେଶ ଆଧାରରେ କେନ୍ଦୁଝର ବନବିଭାଗ, କେନ୍ଦୁଝର ପୁଲିସ, ଅବକାରୀ ବିଭାଗର ମିଳିତ ଟିମ୍ ସେଠାରେ ଚଢାଉ କରିଥିଲେ। ଅମଳ ହେବା ପୂର୍ବରୁ ୧୨ ହଜାରରୁ ଅଧିକ ବଡ଼ ଗଞ୍ଜେଇ ଗଛ ମିଳିତ ଟିମ ନଷ୍ଟ କରିଛି। ନଷ୍ଟ ଗଞ୍ଜେଇର ଆନୁମାନିକ ବଜାର ଦର ୨କୋଟିରୁ ଅଧିକ ହେବ ବୋଲି କୁହାଯାଉଛି।



ସୂଚନା ଅନୁସାରେ, ଶନିବାର ସକାଳୁ ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜର ନୟନକାନ୍ତ ସାହୁ, କାଞ୍ଜିପାଣି ଫରେଷ୍ଟର ସାବିତ୍ରୀ ସାହୁ, ଫରେଷ୍ଟ ଗାର୍ଡ ଯୋଗେନ୍ଦ୍ର ନାୟକ, ଫରେଷ୍ଟ ଗାର୍ଡ ଚନ୍ଦ୍ରକାନ୍ତ ମହାନ୍ତ, ସ୍କ୍ୱାଡ କର୍ମଚାରୀ, କାଞ୍ଜିପାଣି ଥାନାଧିକାରୀ ଉଦୟବୀର କୁଲୁ, ହାବିଲଦାର କେଦାରନାଥ ସେଠୀ, କନେଷ୍ଟବଳ ସୁଦର୍ଶନ ଦେହୁରୀ, ଉପେନ୍ଦ୍ର ନାୟକ, ଅବକାରୀ ବିଭାଗର ସବ୍ ଇନ୍ସପେକ୍ଟର ରୋହିତ ନାୟକ ପ୍ରମୁଖଙ୍କ ସମେତ ତିନୋଟି ବିଭାଗର କର୍ମଚାରୀ ଚଢଉ କରିଥିଲେ। ସେଠାରେ ଜଙ୍ଗଲ ଭିତରେ ସୁବ୍ୟବସ୍ଥିତ ଭାବେ ପ୍ରାୟ ୫ଏକର ଜଙ୍ଗଲ ଜମିରେ ଗଞ୍ଜେଇ ଚାଷ କରାଯାଇଥିଲା। ଗଛଗୁଡିକୁ ମେସିନ ଏବଂ ଧାରୁଆ ଅସ୍ତ୍ରରେ କଟାଯିବା ପରେ ସେହିଠାରେ ପୋଡ଼ି ଦିଆଯାଇଥିବା ସୂଚନା ମିଳିଛି।

କେନ୍ଦୁଝର ଜିଲ୍ଲାର ବନବାସୀମାନେ ଏଭଳି ଗଞ୍ଜେଇ ଚାଷରୁ ପ୍ରାୟତଃ ଦୂରେଇ ରହୁଥିବାବେଳେ ବାହାର ଅଞ୍ଚଳର ଲୋକ ସ୍ଥାନୀୟ ଲୋକଙ୍କ ସହଯୋଗରେ ଜଙ୍ଗଲ ଭିତରେ ଗଞ୍ଜେଇ ଚାଷ କରୁଥିବା ସନ୍ଦେହ କରାଯାଉଛି। ଏହି ଚଢଉରେ ୩ଟି ବିଭାଗର ମୋଟ ୫୦ ଜଣ ଅଧିକାରୀ ଏବଂ କର୍ମଚାରୀ ସାମିଲ ଥିଲେ। ଅନୁଗୁଳ ଜିଲ୍ଲାର ସୀମାବର୍ତ୍ତୀ ଅଞ୍ଚଳ କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ କରଙ୍ଗାହିଡି ପଞ୍ଚାୟତ ଅନ୍ତର୍ଗତ ଟାଙ୍ଗରପଡା ଖେସରା ଜଙ୍ଗଲରେ ହୋଇଥିବା ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରାଯିବା ପରେ ଅନ୍ୟ କେଉଁ ସ୍ଥାନରେ ଗଞ୍ଜେଇ ଚାଷ କରାଯାଇଛି ତାହା ଅନୁସନ୍ଧାନ କରାଯାଉଛି ବୋଲି ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜର ନୟନକାନ୍ତ ସାହୁ କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ଅଗମ୍ୟ ଅଞ୍ଚଳ ପାଇଁ ଚିନ୍ତାର କାରଣ ହୋଇଛି।

# ତନେଇପାଳ ଜଙ୍ଗଲରେ ମିଳିଲା ବାଘ ପାଦଚିହ୍ନ





ଆନନ୍ଦପୁର, ୨୯।୧୧ (ସମିସ): ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡରେ ବାଘ ଗଣନା ଆରମ୍ଭ ହୋଇଥିବା ବେଳେ ସ୍ଥାନୀୟ ତନେଇପାଳ ଜଙ୍ଗଲରେ ଏକ କଳରାପତିରିଆ ବାଘର ପାଦଚିହ୍ନ ଟ୍ରାପ କ୍ୟାମେରାରେ କଏଦ ହୋଇଥିବା ସୂଚନା ମିଳିଛି। ଏନେଇ ଆନନ୍ଦପୁର, ହଦଗଡ଼, ଦେଓଗାଁ, ବ୍ରାହ୍ମଣୀପାଳ ରେଞ୍ଜରେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି ବୋଲି ହୋଇଥିବା ଡିଏଫ୍ଓ ପ୍ରଶାନ୍ତ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଚାରିଟି ରେଞ୍ଜର ବିଭିନ୍ନ ସ୍ଥାନରେ ୧୩୦ଟି ଟ୍ରାପ୍ କ୍ୟାମେରା ଲଗାଯାଇଛି। ଆଜିକୁ କିଛିଦିନ ହେବ ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡର ଏକାଧିକ ସ୍ଥାନରେ ମହାବଳ ବାଘର ଉପସ୍ଥିତି ସମ୍ପର୍କରେ ସୂଚନା ମିଳିଥିଲା। ଆନନ୍ଦପୁର ରେଞ୍ଜ ସିଂହନାଳୀ, ବାଙ୍ଗିଡ଼ି, ହଦଗଡ଼ ରେଞ୍ଜ ବରକୁଟି ପାହାଡ଼ ଏବଂ ଦେଓଗାଁ ରେଞ୍ଜ ଝିଙ୍କିପିଟା ଅଞ୍ଚଳରେ ବାଘ ପାଦଚିହ୍ନ ଠାବ ହୋଇଥିଲା। ଆନନ୍ଦପୁର ରେଞ୍ଜ ବୁଢ଼ୀକୁଦ ପଞ୍ଚାୟତ ମଣ୍ଡପଡ଼ା ଗ୍ରାମରେ ମଇଁଷି ପଲରୁ ମଇଁଷି ଛୁଆକୁ ବାଘ ଟାଣିନେଇ ଶିକାର କରିଥିଲା। ସକାଳେ ଉକ୍ତ ପଲରେ ଏକ ମଇଁଷି ଛୁଆ ନଥିବା ଦେଖିବାକୁ ମିଳିଥିଲା। ଆନନ୍ଦପୁର ରେଞ୍ଜର ନବକିଶୋର ନାଏକ ଓ ଫରେଷ୍ଟର ତଦନ୍ତରେ ଜାଣିପାରିଥିଲେ।

# ଆମ୍ବୁଲାନ୍ସ ସେବାରେ ବାରମ୍ବାର ବିଭ୍ରାଟ: ଦୁର୍ଘଟଣାଗ୍ରସ୍ତ ମହିଳାଙ୍କ ମୃତ୍ୟୁ

ଆନନ୍ଦପୁର ୨୯।୧୧ (ସମିସ): ଦୁର୍ଘଟଣାସ୍ଥଳକୁ ଆମ୍ବୁଲାନ୍ସ ଆସିଲାନି। ଆନନ୍ଦପୁର ଡାକ୍ତରଖାନାରୁ କଟକ ସ୍ଥାନାନ୍ତର ପାଇଁ ବି ଆମ୍ବୁଲାନ୍ସ ଆସିଲାନି। ସେଥିପାଇଁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି ବୋଲି ଗୁରୁତର ଅଭିଯୋଗ ହୋଇଛି। ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ନିର୍ବାଚନମଣ୍ଡଳୀ ହାଟଡିହି ବ୍ଲକ ସୋସୋ ଥାନା ପିତାନାଉ ଗ୍ରାମରେ। ହଦଗଡ଼ ପଞ୍ଚାୟତ ପିତାନାଉ ଗାଁର ୬୦ ବର୍ଷ ବୟସ୍କା ସୁବା ସେନାପତି ନିଜ ସମ୍ପର୍କୀୟ ପୁତୁରାଙ୍କ ସହ ସନ୍ଧ୍ୟା ସମୟରେ ବାଇକ ଯୋଗେ ନିଜ ଘରକୁ ଫେରିବା ବାଟରେ ସଢା ନିକଟସ୍ଥ କରଞ୍ଜବାଟି ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ସ୍ଥାନୀୟ ବାସିନ୍ଦା ଓ ସମ୍ପର୍କୀୟ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ମଧ ତିନି ଘଣ୍ଟା ପର୍ଯ୍ୟନ୍ତ ଘଟଣାସ୍ଥଳକୁ ଆମ୍ବୁଲାନ୍ସ ଆସି ନଥିଲା। ତେଣୁ ସେମାନେ ବାଧ ହୋଇ ଅଟୋ ଦ୍ୱାରା ଆହତ ମହିଳାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ଆହତଙ୍କ ଅବସ୍ଥା ଗୁରୁତର ହେବାରୁ ଚିକିତ୍ସା ପାଇଁ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରିଥିଲେ କିନ୍ତୁ ଏଠିବି ସମାନ ପରିସ୍ଥିତି ଦେଖିବାକୁ ମିଳିଥିଲା। କଟକ ସ୍ଥାନାନ୍ତର ପାଇଁ ଆମ୍ବୁଲାନ୍ସକୁ ଫୋନ ମାଧ୍ୟମରେ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ଆମ୍ବୁଲାନ୍ସ ଆସି ନଥିଲା। ଶେଷରେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ସୋସୋ ଥାନା ପୁଲିସ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।



# ଷ୍ଟାମ୍ପ୍ ଭେଣ୍ଡରଙ୍କ ନାମରେ ଅଭିଯୋଗ କଲେ ତହସିଲଦାର



ରାସଗୋବିନ୍ଦପୁର/ମୋରଡ଼ା,୨୯।୧୧(ସମିସ): ରାସଗୋବିନ୍ଦପୁର ତହସିଲ କାର୍ଯ୍ୟାଳୟ ଓ ସବରେଜିଷ୍ଟ୍ରାର କାର୍ଯ୍ୟାଳୟରେ ନାକିଚୁଆ ପଞ୍ଚାୟତ ଅନ୍ତର୍ଗତ ପରୁଲିଆ ଗ୍ରାମର ଷ୍ଟାମ୍ପ ଭେଣ୍ଡର ନରେନ୍ଦ୍ର ଚାନ୍ଦ ବାରମ୍ବାର ବିଭିନ୍ନ କର୍ମଚାରୀଙ୍କୁ ଗାଳିଗୁଲଜ ସହିତ ଅଶାଳୀନ ଭାଷା ଓ ଦୁର୍ବ୍ୟବହାର କରୁଥିବା ନେଇ ରାସଗୋବିନ୍ଦପୁର ଥାନାରେ ତହସିଲଦାର ତଥା ସବରେଜିଷ୍ଟ୍ରାର ଦାୟିତ୍ୱରେ ଥିବା ଉପେନ୍ଦ୍ର କୁମାର ଦାସ ଲିଖିତ ଅଭିଯୋଗ କରିଛନ୍ତି। ଜମି କିଣାବିକାକୁ ନେଇ କହୋଳ ମନୋଭାବ ପୋଷଣ କରିବା ପାଇଁ ଚାପ ପକାଇବା ସହ ସବରେଜିଷ୍ଟ୍ରାର ଚାର୍ଜରେ ଥିବା ତହସିଲଦାର ସହିତ ବିଭାଗୀୟ କର୍ମଚାରୀଙ୍କୁ ବିଭିନ୍ନ କାର୍ଯ୍ୟ ପାଇଁ ଚାପ ପକାଇବାକୁ ଚେଷ୍ଟା କରୁଥିଲେ। ଏହାବ୍ୟତୀତ ତହସିଲ ଅଫିସରେ କାର୍ଯ୍ୟ କରୁଥିବା ମହିଳା କର୍ମଚାରୀଙ୍କୁ ମଧ ଖରାପ ବ୍ୟବହାର କରିଆସୁଥିଲେ। ଫଳରେ ତହସିଲ ଓ ସବରେଜିଷ୍ଟ୍ରାର କାର୍ଯ୍ୟାଳୟରେ କର୍ମଚାରୀ କାର୍ଯ୍ୟ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ସେହିପରି ନରେନ୍ଦ୍ର ମଧ ତହସିଲଦାରଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି। ରାସଗୋବିନ୍ଦପୁର ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଜମି ବାଡି କିଣା ବିକାରେ ବ୍ୟାପକ ଭାବେ ଓଡିଶା ରେଜିଷ୍ଟ୍ରେସନ ଆଇନ ଉଲ୍ଲଂଘନ କରାଯାଇ ବହୁ ପ୍ରକାରର ବେନିୟମ କାର୍ଯ୍ୟ ଚାଲିଆସୁଥିବା ସହିତ ନିୟମ ଅନୁଯାୟୀ କାର୍ଯ୍ୟ ନ ହେବାରୁ ସାଧାରଣ ଲୋକେ ହୋଇରାଣ ହରକତ ହେଉଥିବା ଲିଖିତ ଅଭିଯୋଗ କରିଛନ୍ତି। ଭେଣ୍ଡରଙ୍କ ଅଭିଯୋଗ ଭିତ୍ତିହୀନ ବୋଲି ତହସିଲଦାର ପ୍ରକାଶ କରିଥିବାବେଳେ ଷ୍ଟାମ୍ପ ଭେଣ୍ଡର ନରେନ୍ଦ୍ର ଚାନ୍ଦଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

- ଅଶାଳୀନ ଭାଷା ଓ ଦୁର୍ବ୍ୟବହାର କରୁଥିବା ନେଇ ଅଭିଯୋଗ
- ପାଲଟା ଅଭିଯୋଗ କଲେ ଷ୍ଟାମ୍ପ ଭେଣ୍ଡର

# ଟିରିଂ ଥାନାଞ୍ଚଳରେ ଗୋଟିଏ ରାତିରେ ୫ ସ୍ଥାନରୁ ଚୋରି



ବହଳଦା, ୨୯।୧୧ (ସମିସ): ଟିରିଂ ଥାନା ଅଞ୍ଚଳରେ ଗୋଟିଏ ରାତିରେ ଦୁର୍ବୃତ୍ତମାନେ ବିଭିନ୍ନ ଦୋକାନରୁ ଟଙ୍କା ଓ ବିଭିନ୍ନ ସାମଗ୍ରୀ ଚୋରାଇ ନେବା ସହିତ ଏକ ବାଇକ ଚୋରାଇ ନେଇଥିବା ଅଭିଯୋଗ ହୋଇଛି। ଗତ ରାତିରେ ଦୁର୍ବୃତ୍ତମାନେ ଟିରିଂ ଡାକ୍ତରଖାନା ସମ୍ମୁଖରେ ଥିବା କଲ୍ୟାଣୀ ଔଷଧ ଦୋକାନରୁ ସଟର କାଟି ୪,୬୦୦ ଟଙ୍କା ଓ ନୂଆଗାଁରୁ ଏକ ବାଇକ ଚୋରି କରିଥିବାବେଳେ ଟିରିଂ ମାର୍କେଟ କମ୍ପେ୍ଲକ୍ସରେ ଗୋଟିଏ ତେଜରାତି ଦୋକାନ ଓ ଜନସେବା କେନ୍ଦ୍ର ଓ ଚେଙ୍ଗଯୋଡା ଛକସ୍ଥ ଏକ ତେଜରାତି ଦୋକାନର ସଟର ଉଠାଇ ଟଙ୍କା ସହିତ ବିଭିନ୍ନ ସାମଗ୍ରୀ ଚୋରାଇ ନେଇଥିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଚୋରି ଘଟଣା ଗୋଟିଏ ରାତିରେ ଘଟିଥିବାବେଳେ ଔଷଧ ଦୋକାନ ଓ ଜନସେବା କେନ୍ଦ୍ରରେ ଲାଗିଥିବା ସିସିଟିଭି କ୍ୟାମେରାରେ ଦୁର୍ବୃତ୍ତଙ୍କ ଚୋରି ଘଟଣା କଏଦ ହୋଇଛି।

# ରାସ୍ତା କାମର ଅନୁଧ୍ୟାନ କଲେ ଜିଲ୍ଲାପାଳ

ରାଇରଙ୍ଗପୁର/ବିଶୋଇ,୨୯।୧୧(ସମିସ): ଜିଲ୍ଲାପାଳ ହେମକାନ୍ତ ସୟ ରାଇରଙ୍ଗପୁର ଉପଖଣ୍ଡ ଗସ୍ତରେ ଆସି ଦୁଇଟି ରାସ୍ତା ନିର୍ମାଣ କାମ ପରିଦର୍ଶନ କରିଛନ୍ତି। ବିଞ୍ଜୋଧର ଜଳ ପ୍ରପାତକୁ ଯାଇଥିବା ରାସ୍ତାର ଉନ୍ନତିକରଣ କାର୍ଯ୍ୟର ସ୍ଥିତି ଓ ଅଗ୍ରଗତି ଅନୁଧ୍ୟାନ କରିଛନ୍ତି। ଉକ୍ତ ଜଳପ୍ରପାତଟି ଜଙ୍ଗଲ ମଧ୍ୟରେ ଥିବାବେଳେ ଗମନାଗମନ ନେଇ ସୁବନ୍ଦୋବସ୍ତ ନାହିଁ। ଫଳରେ ଲୋକେ ଉକ୍ତ ସ୍ଥାନକୁ ଯାଇପାରୁନାହାଁନ୍ତି। ଉକ୍ତ



ସ୍ଥାନକୁ ଗମନାଗମନ ବ୍ୟବସ୍ଥା ନେଇ ଜିଲ୍ଲାପାଳ ଶ୍ରୀ ସୟ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଓ ରାଇରଙ୍ଗପୁର ବନଖଣ୍ଡ ଅଧିକାରୀଙ୍କ ସହ କ୍ଷେତ୍ର ପରିଦର୍ଶନ କରିଛନ୍ତି। ସେହିପରି ଜିଲ୍ଲାପାଳ ଶଙ୍ଖାଭଙ୍ଗା-ବିଶୋଇ ଭାୟା ହାତୀଛାଡ଼ ପୂର୍ତ୍ତ ବିଭାଗ ରାସ୍ତା କାର୍ଯ୍ୟ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଦ୍ୱାରସୁଣି ଘାଟିରେ ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ଥିବା ଅନେକ ସମୟରେ ଜାମ ରହୁଛି। ତେବେ ତାହାକୁ ଦୂର କରିବା ପାଇଁ ଉକ୍ତ ରାସ୍ତା ହିଁ ଲୋକଙ୍କ ଚଳାଚଳ ମାଧ୍ୟମ ସାଜିଛି। ଏହାର ନିର୍ମାଣ କାମର ଜିଲ୍ଲାପାଳ ପରିଦର୍ଶନ କରି ଦେଖିଥିଲେ। ଅଧୀକ୍ଷଣ ଯନ୍ତ୍ରୀ, ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ, ବିଶୋଇ ତହସିଲଦାର ଓ ବିଡିଓ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଉଭୟ ରାସ୍ତାର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ରାସ୍ତା ଉନ୍ନତୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଖୁବଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ମୋରମ ଓ ବାଲି ବୋଝେଇ ଟ୍ରାକ୍ଟର ଜବତ

ମୋରଡ଼ା/ଶୁଳିଆପଦା,୨୯।୧୧(ସମିସ): ବାଲି ମାଫିଆ ତହସିଲଦାରଙ୍କୁ ମାଡ ମାରିବା ଓ ପୁଲିସକୁ ଆକ୍ରମଣ କରିବା ଘଟଣା ସାମ୍ନାକୁ ଆସିବା ପରେ ପୁଲିସ ବିଭିନ୍ନ ବେଆଇନ ଘାଟ ଉପରେ ଚଢ଼ଉ କରିଛି। ଶୁଳିଆପଦା ଥାନା ଅଧିକାରୀ ସତ୍ୟନାରାୟଣ ବଳଙ୍କ ସୂଚନା ମୁତାବକ, ଗଡିଆ ଘାଟରେ ତିନୋଟି ଟ୍ରାକ୍ଟର ବେଆଇନ ଭାବେ ବାଲି ଉତ୍ତୋଳନ ହେଉଥିବା ଖବର ପାଇ ପୁଲିସ ଟିମ ଘାଟକୁ ପହଞ୍ଚିଲା ବେଳକୁ ଦୁଇଟି ଟ୍ରାକ୍ଟର ପୁଲିସକୁ ଦେଖି ଖସି ପଳାଇଥିଲେ। ତେବେ ଗୋଟିଏ ଟ୍ରାକ୍ଟରକୁ ପୁଲିସ ଜବତ କରିଥିବାବେଳେ ଘଟଣାସ୍ଥଳରୁ ଡ୍ରାଇଭର ଚମ୍ପଟ ମାରିଛି। ଯାହାକୁ ନେଇ ୧୮୪/୨୫ରେ ମାମଲା ରୁଜୁ କରାଯାଇଛି। ସେହିପରି ଗଡିଆ ପଞ୍ଚାୟତର ବାଦଡାରୁ ଚୋରାରେ ଚାଲାଣ ହୋଉଥିବା ମୋରୋମ ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହ ୧୮୫/୨୫ରେ ମାମଲା ରୁଜୁ କରିଛି ପୁଲିସ। ତେବେ ଥାନା ଅଧିକାରୀ ଫେରାର ଦୁଇଟି ଟ୍ରାକ୍ଟର ନାମରେ ୧୮୬ ଓ ୧୮୭ରେ ଦୁଇଟି ମାମଲା ରୁଜୁ କରାଯାଇଛି।



# ଟାଟା ଏସି ଧକ୍କାରେ ବାଇକ ଆରୋହୀ ଗୁରୁତର

ମୋରଡା,୨୯/୧୧(ସମିସ): ମୋରଡ଼ା ଥାନା ଅଧୀନ ପେଟ୍ରୋଲ ପମ୍ପ ନିକଟରେ ଶନିବାର ସନ୍ଧ୍ୟାରେ ଟାଟା ଏସି ଓ ବାଇକ ମଧ୍ୟରେ ଧକ୍କା ହୋଇ ବାଇକ ଚାଳକ ଗୁରୁତର ହୋଇଛନ୍ତି। ଗୁରୁତର ବାଇକ ଚାଳକ ହେଲେ ମୋରଡା ଥାନା ପାରିଆକୁଲି ସରାଶୋଳର ରତନ ଟୁଡୁ। ରତନ ଏକ ବାଇକ ଯୋଗେ ଦୁଇଜଣ ସାଙ୍ଗଙ୍କ ସହିତ ମୋରଡାକୁ ଯାଉଥିବାବେଳେ ପେଟ୍ରୋଲ ପମ୍ପ ନିକଟରେ ଟାଟା ଏସିକୁ ଧକ୍କା ଦେବା ଫଳରେ ରତନ ଗୁରୁତର ଆହତ ହେବାରୁ ତାଙ୍କୁ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# ଇଟାରେ ଛେଚି ଯୁବକଙ୍କୁ ହତ୍ୟା; ଅଭିଯୁକ୍ତ ଗିରଫ

କୁଆମରା,୨୯।୧୧(ସମିସ):ଖୁଣ୍ଟା ଥାନା ଅଞ୍ଚଳରେ ଗତ ଗୁରୁବାର ଘଟିଥିବା ହତ୍ୟାକାଣ୍ଡର ଅଭିଯୁକ୍ତକୁ ଆଜି ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ୩୮୦/୨୫ରେ ନରହତ୍ୟା ମାମଲା ରୁଜୁ କରିଛି ପୁଲିସ। ହତ୍ୟାକାଣ୍ଡର ବନ୍ଧୁ ସାଜିଛି ବଇରି। ଏହି ଥାନା ଅନ୍ତର୍ଗତ ସାନଖୁଣ୍ଟା ସାନଖୁଣ୍ଟା ପଞ୍ଚାୟତ ଖପରାପାଳ ଗ୍ରାମର ଗଣେଶ ହେମ୍ବ୍ରମ (୩୫) ଓ ଭୁଡୁରୁକୁଲା ଗ୍ରାମର ମଙ୍ଗଳ ମୁର୍ମୁ (୨୫) ଦୁଇ ସାଙ୍ଗ। ଗୁରୁବାର ଅପରାହ୍ନରେ ଖୁଣ୍ଟା ସାପ୍ତାହିକ ହାଟକୁ ଆସି ଗଣେଶ ମାଂସ ବିକ୍ରି କରିଥିଲେ। ସନ୍ଧ୍ୟା ପରେ ପଇସା ପତ୍ର ହିସାବ ଓ ଦେଣନେଣକୁ ନେଇ ଉଭୟ ସାଙ୍ଗ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଘରକୁ ଫେରୁଥିବାବେଳେ ରାସ୍ତାରେ ଦୁଇ ସାଙ୍ଗଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା ଓ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ମଙ୍ଗଳ ଉତ୍ତ୍ୟକ୍ତ ହୋଇ ସାଙ୍ଗ ଗଣେଶର ମୁଣ୍ଡରେ ଏକ ଇଟା ଛେଚି ଦେବାରୁ ଘଟଣା ସ୍ଥଳରେ ଗଣେଶଙ୍କର ମୃତ୍ୟୁ ଘଟିଥିଲା। ତେବେ ମଙ୍ଗଳ ଭୟରେ ସାଙ୍ଗକୁ ଛାଡି ସେଠାରୁ ଫେରାର ହୋଇଯାଇଥିଲା। ଶୁକ୍ରବାର ସକାଳେ ଘଟଣା ଜଣାପଡିବା ପରେ ଖୁଣ୍ଟା ପୁଲିସ ତଦନ୍ତ ଆରମ୍ଭ କରିଥିବାବେଳେ ଏସପି ବରୁଣ ଗୁଣ୍ଟୁପାଲି, ଉଦଳା ଉପଖଣ୍ଡ ପୁଲିସ ଅଧିକାରୀ ହୃଷିକେଶ ନାୟକଙ୍କ ସମେତ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଅନ୍ୟ ୪ ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଥିଲେ। ୪ ଜଣଙ୍କୁ ପୁଲିସ ଛାଡି ଦେଇଥିବାବେଳେ ଅଭିଯୁକ୍ତ ମଙ୍ଗଳ ମୁର୍ମୁଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବେଆଇନ ଗଚ୍ଛିତ ବାଲି ନିଲାମ କଲା ମାଇନିଂ ବିଭାଗ

# ୧୨୦ କ୍ୟୁବିକ୍ ମିଟର ବାଲି ୧ ଲକ୍ଷ ୯ ହଜାରରେ ନିଲାମ



ମୋରଡ଼ା,୨୯।୧୧(ସମିସ): ମୋରଡ଼ା ଥାନା ଅନ୍ତର୍ଗତ ରୁକୁଣୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରୁ ଅଳ୍ପ ଦୂରରେ ବେଆଇନ ଭାବେ ଗଚ୍ଛିତ ଥିବା ବାଲିକୁ ଶନିବାର ନିଲାମ କରିଛି ମାଇନିଂ ବିଭାଗ। ଜୁନିୟର ମାଇନିଂ ଅଫିସର ଭବାନୀ ଶଙ୍କର ପାତ୍ରଙ୍କ ସୂଚନା ମୁତାବକ, ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡାଙ୍କ ନିର୍ଦ୍ଦେଶକ୍ରମେ ଏକ ଟାସ୍କଫୋର୍ସ ଟିମ ଉକ୍ତ ଗଚ୍ଛିତ ବାଲି ଉପରେ ଚଢ଼ଉ କରିଥିଲେ। ସେଠାରେ ୧୨୦ କ୍ୟୁବିକ ମିଟର ବାଲି ଥିବାବେଳେ ନିଲାମରେ ଚାରିଜଣ ଭାଗ ନେଇଥିଲେ। ଏକ କ୍ୟୁବିକ ମିଟର ବାଲିକୁ ପ୍ରଶାସନ ୯୧୬ ଟଙ୍କା ରଖିଥିବାବେଳେ ଜଣେ ବିଡର ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଦେଇ ଉକ୍ତ ବାଲି କିଣି ନେଇଛି।

# ଜାତୀୟ ମହିଳା ଆୟୋଗ ସଦସ୍ୟାଙ୍କ ମୟୂରଭଞ୍ଜ ଗସ୍ତ

ବାରିପଦା, ୨୯ ।୧୧(ସମିସ): ଜାତୀୟ ମହିଳା ଆୟୋଗ ସଦସ୍ୟା ଡା ଅର୍ଚ୍ଚନା ମଜୁମଦାର ମୟୂରଭଞ୍ଜ ଜିଲ୍ଲା ଗସ୍ତ କରି ବିଭାଗୀୟ ଅଧିକାରୀଙ୍କ ସହ ମହିଳାଙ୍କ ନିମନ୍ତେ ଥିବା ବିଭିନ୍ନ ସରକାରୀ ଯୋଜନା ଓ ମହିଳାଙ୍କ ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି। ସେ ଶାମାଖୁଣ୍ଟା ବ୍ଲକ୍‌ର ରଙ୍ଗାମାଟିଆଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ମହିଳାଙ୍କ ଏକ ସଭାରେ ଭାଗନେଇ ସେମାନଙ୍କ ସହ ୱାନଷ୍ଟପ ସେଣ୍ଟର, ଶକ୍ତି ସଦନ, ସଖୀ ନିବାସ, ୧୮୧ ମହିଳା ସହାୟତା, ମାତୃ ମୃତ୍ୟୁହାର, ବାଲ୍ୟ ବିବାହ, ଅଳ୍ପ ବୟସରେ ମା ହେବାର କୁପରିଣାମ ଓ କାର୍ଯ୍ୟକ୍ଷେତ୍ରରେ ଯୌନ ନିର୍ଯ୍ୟାତନା ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ସଭାରେ ଜିଲ୍ଲାପାଳ ହେମକାନ୍ତ ସଏ ମହିଳାଙ୍କ ନିମନ୍ତେ ଥିବା ସରକାରୀ ଯୋଜନା ସମ୍ବନ୍ଧରେ ମହିଳାଙ୍କୁ ଅବଗତ କରାଇଥିଲେ। ଜିଲ୍ଲା ଆରକ୍ଷୀ ଅଧିକାରୀ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିହାରିକା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ସୁରକ୍ଷା ତଥା କାର୍ଯ୍ୟକ୍ରମ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଶିଶୁ ବିକାଶ ଯୋଜନା ଅଧିକାରୀ ଓ ସ୍ଥାନୀୟ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।



## ● ବରିଷ୍ଠ ନାଗରିକ ତୀର୍ଥ ଯୋଜନା

# ନିଖୋଜ ତୀର୍ଥଯାତ୍ରୀଙ୍କ ସନ୍ଧାନ ପାଇଲା ପ୍ରଶାସନ

କେନ୍ଦୁଝର, ୨୯।୧୧(ସମିସ): ବାରାଣାସୀରୁ ବରିଷ୍ଠ ନାଗରିକ ତୀର୍ଥ ଯୋଜନା ଯାତ୍ରାରେ ନିଖୋଜ ହୋଇଯାଇଥିବା ତେଲକୋଇ ବ୍ଲକ ଅନ୍ତର୍ଗତ ଟାଙ୍ଗିରୀର ଜଗନ୍ନାଥ ନାୟକଙ୍କୁ ଉତ୍ତରପ୍ରଦେଶର ବାଲିଆ ଜିଲ୍ଲାର ସୁଲତାନପୁରରେ ଚିହ୍ନଟ କରାଯାଇଛି। ସୁଲତାନପୁର ପୋଲିସର ସର୍ଚ୍ଚ ଅପରେସନ୍ ଦ୍ୱାରା ଏହି ସଫଳତା ସମ୍ଭବ ହୋଇଥିବା ପ୍ରଶାସନ କହିଛି। ବାରାଣସୀର ସାରନାଥରୁ ନଭେମ୍ବର ୮ରୁ ଶ୍ରୀ ନାୟକ ନିଖୋଜ ଥିଲେ। ରାତିରେ ବିଶ୍ରାମ ନେବାକୁ ନିର୍ଦ୍ଦେଶ ଥିବା ସତ୍ତ୍ୱେ ସେ କାହାରିକୁ ନ ଜଣାଇ ରହଣି ସ୍ଥାନରୁ କେଉଁ ଆଡେ ଚାଲି ଯାଇଥିଲେ। ସେହିଦିନ ରାତି ୨:୩୦ ପର୍ଯ୍ୟନ୍ତ ତୁରନ୍ତ ଖୋଜାଖୋଜି ଆରମ୍ଭ ହୋଇଥିଲା ଏବଂ ପରଦିନ ସାରନାଥ ପୁଲିସ ଷ୍ଟେସନରେ ଏଫଆଇଆର ରୁଜୁ କରାଯାଇଥିଲା। ଏହି ପ୍ରସଙ୍ଗରେ ଶୀଘ୍ର କାର୍ଯ୍ୟ କରି କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂଙ୍କ ନିର୍ଦ୍ଦେଶକ୍ରମେ, ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ରମେଶ ନାୟକ ଏବଂ ତାଙ୍କ ଦଳଙ୍କୁ ଉତ୍ତରପ୍ରଦେଶକୁ ଯାଇ ଆଇଆରସିଟିସି ଅଧିକାରୀ, ଓଡିଶା ସରକାରୀ ଏସକର୍ଟ ଅଧିକାରୀ ଏବଂ ସ୍ଥାନୀୟ ସହାୟକ କର୍ମଚାରୀଙ୍କୁ ନେଇ ଏକ ମିଳିତ ଦଳ ଗଙ୍ଗା ଘାଟ, ରେଳ ଷ୍ଟେସନ, ବସ୍‌ଷ୍ଟାଣ୍ଡ, ମନ୍ଦିର, ଭଣ୍ଡାର, ବୃଦ୍ଧାବୃଦ୍ଧ ଘର ଏବଂ ନିକଟବର୍ତ୍ତୀ ଗ୍ରାମ ସମେତ ପ୍ରମୁଖ ସ୍ଥାନଗୁଡିକରେ ବ୍ୟାପକ ଅନୁସନ୍ଧାନ କରିଥିଲେ। ସର୍ଚ୍ଚ ପ୍ରୟାସକୁ ଜୋରଦାର କରିବାକୁ ଓଡ଼ିଶା ସରକାର ପୁଲିସ କମିସନର ବାରାଣାସୀଙ୍କୁ ମଧ୍ୟ ଅନୁରୋଧ କରିଥିଲେ। ଜନସାଧାରଣଙ୍କ ଅଭିଯୋଗ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଙ୍କ କାର୍ଯ୍ୟାଳୟକୁ ଅବଗତ କରାଯାଇଥିଲା। ସର୍ଚ୍ଚ ଅପରେସନରେ ଯୋଗ ଦେଇଥିବାବେଳେ ନିଖୋଜ ବ୍ୟକ୍ତିଙ୍କ ପୁଅ ବାରାଣାସୀରେ ରହି ଦଳ ସହ ଖୋଜାଖୋଜି ଜାରି ରଖିଥିଲେ। ୧୧ରୁ ୨୫ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ, ସର୍ଚ୍ଚ ଅପରେସନ୍ ତଦାରଖ କରି ଅତିରିକ୍ତ ସଚିବଙ୍କ ନିର୍ଦ୍ଦେଶରେ ତିନୋଟି ଉତ୍ସର୍ଗୀକୃତ ଦଳ ଗଠନ ହୋଇଥିଲା। ନିଖୋଜ ବ୍ୟକ୍ତିଙ୍କ ପୁଅ ସହିତ ଗୋଟିଏ ଦଳ ଶ୍ରୀ ନାୟକଙ୍କ ସଫଳ ସ୍ଥାନ ପର୍ଯ୍ୟନ୍ତ ନିରନ୍ତର ଅନୁସନ୍ଧାନ ଜାରି ରଖିଥିଲେ।



## ବଞ୍ଜୋ ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା

ହାଟଡିହୀ,୨୯।୧୧(ସମିସ): ବଞ୍ଜୋ ସରସ୍ୱତୀ ଶିଶୁ ମନ୍ଦିରରେ ଗତ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ବଞ୍ଜୋ ସରପଞ୍ଚ ପ୍ରଶାନ୍ତ ରାଉତ ଉଦଘାଟନ କରିଥିଲେ। ବିଦ୍ୟାଳୟର ସଭାପତି ଚିନ୍ତାମଣି ରାଉତ, ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ, କୋଷାଧ୍ୟକ୍ଷ ମଦନ ପାଢ଼ୀ, ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର, ପ୍ରାକ୍ତନ ଶିକ୍ଷକ ଦୟାନିଧି ରାଉତ, ସମାଜସେବୀ ନନ୍ଦକିଶୋର ନାୟକ ପ୍ରମୁଖ ଏହି କ୍ରୀଡ଼ା ଉତ୍ସବରେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନଆଚାର୍ଯ୍ୟ ରାଜେନ୍ଦ୍ର ଜେନା ଶପଥ ପାଠ କରାଇବା ସହ ସମସ୍ତ ଗୁରୁଜୀଗୁରୁମା ଖେଳ ପରିଚାଳନା କରିଥିଲେ।

## ନାକଝରୀ ଗ୍ରାମର ୨୫ ଜନଜାତି ପରିବାର ବିଦ୍ୟୁତ୍ ସେବାରୁ ବଞ୍ଚିତ

# ୧୭ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ ଚେତାବନୀ

ଶରତ/ମହୁଲଡିହା, ୨୯।୧୧ (ସମିସ): ନାକଝରୀ ଗ୍ରାମର ୨୫ ଜନଜାତି ପରିବାର ଆଜି ପର୍ଯ୍ୟନ୍ତ ବିଦ୍ୟୁତ ଭଳି ମୌଳିକ ସେବା ପାଇବାରୁ ବଞ୍ଚିତ ଅଛନ୍ତି। ସୂର୍ଯ୍ୟ ଅସ୍ତ ହେବା ଆଗରୁ ଏହି ଗ୍ରାମଟି ଅନ୍ଧକାର ହୋଇଯାଏ। ସ୍ୱାଧୀନତାର ସାତ ଦଶନ୍ଧି ବିତିଯାଇଥିଲେ ସୁଦ୍ଧା ଏହି ଗ୍ରାମକୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇପାରିନାହିଁ। ଏଠିକାର ଜନସାଧାରଣ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାରୁ ଆଜି ମଧ ବଞ୍ଚିତ ହୋଇଛନ୍ତି। ଏମାନେ ଶିକ୍ଷା ଓ ସଭ୍ୟ ଜଗତରୁ ବହୁ ଦୂରରେ ରହିଛନ୍ତି। ଏହି ଗ୍ରାମଟି ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ସାତକୋଶିଆ ଗ୍ରାମରେ ଅବସ୍ଥିତ। ଗ୍ରାମବାସୀ ବିଦ୍ୟୁତ ସେବା ପାଇବାରୁ ବଞ୍ଚିତ ହୋଇଥିବା ପ୍ରସଙ୍ଗ ଆମ ଶରତ 'ସକାଳ' ପ୍ରତିନିଧି ଠାକୁରମୁଣ୍ଡା ବିଡିଓ ସ୍ୱପ୍ନେଶ୍ୱର ବେହେରାଙ୍କୁ ଏହି ପ୍ରସଙ୍ଗରେ ଫୋନ ଯୋଗେ ପଚାରିଥିଲେ ଓ ଆପଣଙ୍କ ଦ୍ୱାରା ମୁଁ ଖବର ପାଇଲି ବୋଲି କହିବା ସହିତ ଠାକୁରମୁଣ୍ଡା ବିଦ୍ୟୁତ ବିଭାଗ ସହିତ ଯୋଗାଯୋଗ କରି ଉକ୍ତ ଗ୍ରାମକୁ ବିଦ୍ୟୁତ ସେବା ଯୋଗାଇ ଦେବା ପାଇଁ ଚେଷ୍ଟା କରିବୁ ବୋଲି କହିଛନ୍ତି। ତେବେ ସମସ୍ୟା ସମାଧାନ ହୋଇ ନ ପାରିଲେ ଡିସେମ୍ବର ୧୭ ତାରିଖ ଦିନ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ନାକଝରୀ ଗ୍ରାମର ଯୁବ ସମାଜସେବୀ ଶିବ ଗାଗାରାଇ, ସୋମା ଗାଗାରାଇ, ମିନତୀ ମହାକୁଡ, ପାତର ବଦରା, ନବୀନ ମୁଣ୍ଡରୀ, ଡିବା ମହାକୁଡ, ବୀଣା ଗାଗାରାଇ, ମଠାଏ ବଦରା, ମେଚ ଗାଗାରାଇ ପ୍ରମୁଖ ଚେତାବନୀ ଦେଇଛନ୍ତି।





# ସେନ୍‌ସର ପ୍ରତୀକ୍ଷାରେ 'ଅପେକ୍ଷା'

## ଆକର୍ଷିତ କରିବ ହ୍ୟୁମାନଙ୍କ ଗୀତ

ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଅପେକ୍ଷା'ର ପ୍ରଯୋଜକ ଡ. କେ. ତମନ୍ନା. ସେନ୍‌ସର ଅପେକ୍ଷାରେ ଅଛନ୍ତି । ନୂଆପିଢ଼ିର ନାୟକ ସାର୍ଥକ ଏବଂ ନାୟିକା ଶୁଭାଙ୍ଗୀଙ୍କୁ ଏଥିରେ ଦେଖିବାକୁ ମିଳିବ । ପୂର୍ବରୁ ଡ. କେ ତମନ୍ନା ଅନେକ ତେଲୁଗୁ ଚଳଚ୍ଚିତ୍ର କରିସାରିଛନ୍ତି । ଓଡ଼ିଆରେ 'କଟକ ୱେଡ୍ସ ସମ୍ବଲପୁର' ଏବଂ 'ମହାବାହୁ' ପରି ଚଳଚ୍ଚିତ୍ର ଯୁଗ୍ମ ପ୍ରଯୋଜକ ଭାବେ ନିର୍ମାଣ କରିଥିଲେ । ଏବେ ନିଜସ୍ୱ ବ୍ୟାନର Studio 3Sixty5 ରେ ପ୍ରଯୋଜିତ 'ଅପେକ୍ଷା'ର ସେନ୍‌ସର ପାଇଁ ଅପେକ୍ଷା କରିଛନ୍ତି । ସମସ୍ତ କଳାକାର ଓ ନିର୍ଦ୍ଦେଶକ ଏ ଫିଲ୍ମ ପାଇଁ ଢେର୍ ପରିଶ୍ରମ ମଧ୍ୟ କରିଛନ୍ତି । ତେବେ ଫିଲ୍ମଟି ରିଲିଜ୍ ହେଲେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ନୂଆ କଳାକାର, ନିର୍ଦ୍ଦେଶକଙ୍କ ପରିଚୟ ଓ ପ୍ରତିଷ୍ଠା ନିଶ୍ଚୟ ବଢ଼ିବ । ଏହି ସିନେମାରେ ଚୌଧୁରୀ ବିକାଶ ଦାସ, ପ୍ରଦୀପ ଦେବତା, ପୁଷ୍ପା ପଣ୍ଡା, ଶକ୍ତି ବରାଳ, ଗୁଡୁ ପ୍ରମୁଖ ଅଭିନୟ କରିଛନ୍ତି । ନିର୍ଦ୍ଦେଶନା ଦେଇଛନ୍ତି ଆନନ୍ଦ କୁମାର, ସଂଗୀତ ନିର୍ଦ୍ଦେଶନାରେ ଅଛନ୍ତି ବୈଦ୍ୟନାଥ ଦାଶ । କାହାଣୀ ଓ ସଂଳାପ ଆଶୁତୋଷ ବାରିକ ଲେଖିଥିବାବେଳେ ନିର୍ମଳ ନାୟକ ଏବଂ ଅରୁଣ ମନ୍ତ୍ରୀ ଗୀତ ରଚନା କରିଛନ୍ତି । ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅସୀମା ପଣ୍ଡା, ଚିରାଗ, ଇପ୍‌ସିତା ସାହୁ ଓ ଉମାକାନ୍ତ ବାରିକ । ସିନେମାର ରୋମାଣ୍ଟିକ୍ ଦୃଶ୍ୟ ସହିତ ପ୍ରେତାତ୍ମାର ଦୌରାତ୍ମ୍ୟ ଓ ହ୍ୟୁମାନ ସାଗରଙ୍କ ଗୀତଗୁଡ଼ିକ ଦର୍ଶକଙ୍କୁ ଆକର୍ଷିତ କରିବ ବୋଲି ଆଶା କରାଯାଏ । ■




# 'ଲଢ଼େଇ'କୁ 'ଏ' ସାର୍ଟିଫିକେଟ୍



ସେନ୍‌ସର ସାର୍ଟିଫିକେଟ ନ ମିଳିବା କାରଣରୁ ନିର୍ଦ୍ଧାରିତ ତାରିଖରେ ଓଡ଼ିଆ ସିନେମା 'ଲଢ଼େଇ' ମୁକ୍ତିଲାଭ କରିପାରି ନଥିଲା । ତେବେ ଏହାକୁ 'ଏ' ସାର୍ଟିଫିକେଟ ମିଳିବା ସହ ଡିସେମ୍ବର ୩୧ ତାରିଖରେ ଏହା ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ଡିଆର୍‌ଏସ୍ ଏଣ୍ଟରପ୍ରାଇଜେସ୍ ପକ୍ଷରୁ ପୁନର୍ବାର ଘୋଷଣା କରାଯାଇଛି । ଏହି ଚଳଚ୍ଚିତ୍ର ଜରିଆରେ ନବାଗତ ନାୟକ ଲୋହିତାକ୍ଷ ଚଳଚ୍ଚିତ୍ର ଜଗତରେ ପଦାର୍ପଣ କରୁଛନ୍ତି । ଜବରଦସ୍ତ ଲୁକ୍ ଓ ଷ୍ଟାଇଲ୍ ଷ୍ଟେଟମେଣ୍ଟ ସହିତ ଫିଲ୍ମରେ ନଜର ଆସିବେ ଲୋହିତାକ୍ଷ । ଅଶୋକ ପତିଙ୍କ ନିର୍ଦ୍ଦେଶିତ ତଥା ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜିତ 'ଲଢ଼େଇ'ରେ ତାଙ୍କ ବିପକ୍ଷରେ ନାୟିକା ସାଜୁଛନ୍ତି ନବାଗତା ଅଭିଲିପ୍ସା । 'ଲଢ଼େଇ' ଏକ ବଳିଷ୍ଠ, ମୌଳିକ ଓ ଭିନ୍ନ ଧରଣର କଥାବସ୍ତୁ ଉପରେ ପର୍ଯ୍ୟବସିତ । ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା । ଲୋହିତାକ୍ଷ ଓ ଅଭିଲିପ୍ସାଙ୍କ ବ୍ୟତୀତ ଅନ୍ୟାନ୍ୟ ଚରିତ୍ରରେ ପ୍ରୀତିରଞ୍ଜନ, କେକେ, ବିଭାସ, ଉଦିତ ଗୁରୁ, ସୋମେଶ, ମଧୁ, ସ୍ମିତା ଚୌଧୁରୀ, ମନୋଜ ଦଣ୍ଡପାଟ, ରାଜଲକ୍ଷ୍ମୀ ଡାକୁଆ, ରବି ନାରାୟଣ ବେହେରା, ସୁଶାନ୍ତ, ରାଜଲକ୍ଷ୍ମୀ ମହାପାତ୍ର ଓ ଅଶୋକ ପଟ୍ଟନାୟକଙ୍କୁ ଦେଖିବାକୁ ମିଳିବ । ଏହାର ସଙ୍ଗୀତ ଦେଇଛନ୍ତି ଗୌରବ ଆନନ୍ଦ ଓ ସୋମେଶ ଶତପଥି । ଡ. ନିର୍ମଳ ନାୟକ, ବାପୁ ଗୋସ୍ୱାମୀ ଓ ଜେ. ପି ୱାର୍ଡସ୍ମିଥଙ୍କ ଦ୍ୱାରା ରଚିତ ଗୀତଗୁଡ଼ିକରେ କଣ୍ଠ ଦାନ କରିଛନ୍ତି କୁଳଦୀପ ପଟ୍ଟନାୟକ, ଅସୀମା ପଣ୍ଡା, ଅନ୍ତରା ଚକ୍ରବର୍ତ୍ତୀ, ସ୍ୱୟଂ ପ୍ରଭାସ ପାଢ଼ୀ, ଅନନ୍ୟା ଶ୍ରୀତମ ନନ୍ଦ, ସୌରଭ ଭରଦ୍ୱାଜ, ଗୌରବ ଆନନ୍ଦ ଓ ସୋମେଶ ଶତପଥୀ ପ୍ରମୁଖ ସମସ୍ତ ଆଗଧାଡ଼ିର କଣ୍ଠଶିଳ୍ପୀ । ରାପର ଆଡିକ୍ସନଙ୍କ ଦ୍ୱାରା ଶୀର୍ଷକ ଗୀତରେ ଏକ ଚମତ୍କାର ରାପ୍ ମଧ୍ୟ ସଂଯୋଜିତ ହୋଇଛି । ଚଳଚ୍ଚିତ୍ରରେ ସମୁଦାୟ ୪ଟି ଗୀତ ସ୍ଥାନିତ ହୋଇଛି । ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ । 'ଲଢ଼େଇ' ସାରା ଓଡ଼ିଶାରେ ପାଖାପାଖି ୫୦ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରୁଥିବା ବେଳେ ରାଜ୍ୟ ବାହାରେ ମୁମ୍ବାଇ, ଗୋଆ, ପୁନେ, ହାଇଦ୍ରାବାଦ ଓ ବେଙ୍ଗାଲୁରୁରେ ମଧ୍ୟ ମୁକ୍ତିଲାଭ କରିବାର ଯୋଜନା ରହିଛି । ■



# ଆଇଟମ୍ ଗୀତରେ ସୂର୍ଯ୍ୟମୟୀ

ନାୟିକାମାନେ ଆଇଟମ୍ ଗୀତରେ ଅଭିନୟ କରିବା କିଛି ନୂଆ କଥା ନୁହେଁ । କିନ୍ତୁ ଅଭିନେତ୍ରୀ ସୂର୍ଯ୍ୟମୟୀ ଏକ ଆଇଟମ୍ ଗୀତରେ ଅଭିନୟ କରିଛନ୍ତି । ଯାହାକୁ ନେଇ ଏବେ ଖୁବ୍ ଚର୍ଚ୍ଚା ହେଉଛି । ଫିଲ୍ମ 'ରକ୍ତ ଗୋଲାପ'ରେ ରହିଛି ଏହି ଚର୍ଚ୍ଚିତ ଆଇଟମ୍ ଗୀତ । ସମ୍ବଲପୁରୀ ଫ୍ଲେବର୍ ସାଙ୍ଗକୁ ସୂର୍ଯ୍ୟମୟୀଙ୍କ ଠୁମକା ଦର୍ଶକଙ୍କ ମନ କିଣି ନେବ ନିଶ୍ଚୟ । 'ପାତଲ ଘଣ୍ଟା...' ଶୀର୍ଷକ ଏ ଗୀତଟିକୁ ରଚନା କରିଛନ୍ତି ରଞ୍ଜନ ନାୟକ । ସଙ୍ଗୀତ ଦେଇଛନ୍ତି ଆଶିଷ ପ୍ରଧାନ । ଅସୀମା ପଣ୍ଡା କଣ୍ଠଦାନ କରିଛନ୍ତି । ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ । ଏହି ଗୀତ ଏବଂ ଏଥିରେ ସୂର୍ଯ୍ୟମୟୀଙ୍କ ଉପସ୍ଥିତି ଚଳଚ୍ଚିତ୍ର ପାଇଁ ୟୁଏସ୍‌ଏସ୍‌ପି ସାଜିବ ବୋଲି କୁହାଯାଉଛି । ■

## ଟେଲିଭିଜନ ପ୍ରିମିୟର

# 'ବୋହୂ ୪୨୦'

ନଭେମ୍ବର ୩୦ ତାରିଖ ସନ୍ଧ୍ୟା ୬ଟା ୩୦ରେ ଜୀ ସାର୍ଥକରେ ଟେଲିଭିଜନ ପ୍ରିମିୟର୍ ହେବ 'ବୋହୂ ୪୨୦' । 'ଆଦି ଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ' ପ୍ରସ୍ତୁତ ତଥା ଅର୍ଦ୍ଧେନ୍ଦୁ ସୁନ୍ଦର ସାହୁଙ୍କ ଦ୍ୱାରା ନିର୍ମିତ ଏବଂ ରାଶେସ ମହାନ୍ତିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟିରେ ସସପେନ୍ସ, ଥ୍ରୀଲର ସହ ସାମାଜିକ ପ୍ରାସଙ୍ଗିକତାର ଏକ ଆକର୍ଷଣୀୟ ମିଶ୍ରଣ ରହିଛି । 'ବୋହୂ ୪୨୦' ହେଉଛି କସ୍ତୁରୀ ନାମକ ଜଣେ ଝିଅର ରୋମାଞ୍ଚକର ଜୀବନ ଯାତ୍ରାକୁ ନେଇ ଏକ ସୁନ୍ଦର କାହାଣୀ । ଫିଲ୍ମରେ ନିକିତା ମିଶ୍ର ଏବଂ ଜ୍ୟୋତି ପ୍ରକାଶ ପଣ୍ଡା ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି । ପୁଷ୍ପା ପରିଡ଼ା, ସତ୍ୟ ରଂଜନ ବଳ ଏବଂ ଉମାକାନ୍ତ ନାୟକଙ୍କ ଲିଖିତ ଗୀତ ଗୁଡ଼ିକକୁ ସଙ୍ଗୀତରେ ସଜାଇଛନ୍ତି ଶାନ୍ତନୁ ନାୟକ ଓ କଣ୍ଠ ଦାନ କରିଛନ୍ତି ଚିରାଗ ଦୀପ, ଅଭିଜିତ୍, ଗୀତିଶ୍ରୀ, ପ୍ରିୟମ୍ବଦା ଓ ଅରୁତୋଷ । କାହାଣୀ ଲେଖିଛନ୍ତି ପ୍ରିୟବ୍ରତ ପଣ୍ଡା । ■



# 'ସିନେମାରେ ଅଭିନୟ କରିବାର ଲକ୍ଷ୍ୟ ରହିଛି'

**ରୋମ୍ୟାଞ୍ଜଳି, ଅଭିନେତ୍ରୀ**



ଭାରତୀୟ ସେନାରେ ଯୋଗ ଦେବାକୁ ସେ ସ୍ୱପ୍ନ ଦେଖିଥିଲେ । ଏନ୍‌ସିସିରେ ଭାଗ ନେଉଥିଲେ । ଫାଙ୍କା ସମୟ ଦେଖି ଟିକ୍‌ଟକ୍‌ରେ ଭିଡିଓ ତିଆରି କରିବା ଆରମ୍ଭ କଲେ । ଟିକ୍‌ଟକ୍‌ରେ ତାଙ୍କର ପ୍ରଶଂସକଙ୍କ ସଂଖ୍ୟା ଅଧିକ ଥିଲା । ସୌଭାଗ୍ୟବଶତଃ ଟିକ୍‌ଟକ୍ ଯୋଗୁଁ ତାଙ୍କୁ ମ୍ୟୁଜିକ୍ ଭିଡ଼ିଓରେ କାମ କରିବାକୁ ସୁଯୋଗ ମିଳିଥିଲା । ବର୍ତ୍ତମାନ ଆଲବମ୍ ଜଗତର ଜଣେ ଜଣାଶୁଣା ନାୟିକା ହେଉଛନ୍ତି ଢେଙ୍କାନାଳ ଜିଲ୍ଲାର ଭୁବନର ରୋମ୍ୟାଞ୍ଜଳି । ସେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡ଼ିଓରେ କାମ କରିଛନ୍ତି । ତାଙ୍କ ଅଭିନୀତ 'ରସ ଜାମୁଡ଼ାଳି', 'ସେଦିନୁ ମୁଁ ହୁନୁ ହୁନୁ', 'ଧାକୁଲୁ ଧାକୁଲୁ ହାର୍ଟ', 'ରଙ୍ଗବତୀ ନାଚ', 'ପରଦେଶୀୟା ରାଜା', 'ମତେ ବୁଲେଇ ନେବୁ କି ସମ୍ବଲପୁର' ଆଦି ମ୍ୟୁଜିକ୍ ଭିଡ଼ିଓ ଦର୍ଶକଙ୍କ ହୃଦୟକୁ ଅଧିକ ଛୁଇଁଥିଲା । ରୋମ୍ୟାଞ୍ଜଳିଙ୍କ ନୃତ୍ୟ ଓ ଅଭିନୟ ଯାତ୍ରା ସଂପର୍କରେ ଜାଣିବା ତାଙ୍କରି ମୁହଁରୁ ।

**କଳା ଦୁନିଆକୁ କାହିଁକି ବାଛିଲେ?**

ଛୋଟ ବେଳୁ ମୋର ଇଚ୍ଛା ଥିଲା ମୁଁ ଭାରତୀୟ ସେନାରେ ଯୋଗ ଦେବି । ସ୍କୁଲରୁ କଲେଜ ଏନ୍‌ସିସିରେ ଭାଗ ନେଉଥିଲି । ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ବି ପଢ଼ା ଚାଲିଥିଲା । ୨୦୨୦ ମସିହାରେ ଟିକ୍‌ଟକ୍‌ରେ ଭିଡିଓ ବନାଇବା ଆରମ୍ଭ କରିଲି । ମୋ ଭିଡିଓ ଅନେକଙ୍କୁ ପସନ୍ଦ ଆସିଲା । ଏହା ପରେ ଯେତେବେଳେ ଟିକ୍‌ଟକ୍ ବ୍ୟାନ୍ ହୋଇଗଲା ସେତେବେଳକୁ ପ୍ରେମ ଦର୍ଶନ ପକ୍ଷରୁ ମୋତେ ମ୍ୟୁଜିକ୍ ଆଲବମ୍ କରିବାକୁ ସୁଯୋଗ ମିଳିଲା । 'ଦେଖିଛୁ ତ ପ୍ରେମ ମୋର ଏବେ ଘୃଣା ଦେଖିବୁ' ମୋର ପ୍ରଥମ ମ୍ୟୁଜିକ୍ ଭିଡିଓ । ପ୍ରଥମ ଥର କ୍ୟାମେରାକୁ ସାମ୍ନା କରିବା ସମୟରେ ଟିକେ ନର୍ଭସ ଥିଲି । ଏହି ମ୍ୟୁଜିକ୍ ଭିଡିଓ ମୋ କ୍ୟାରିୟରର ଟର୍ଣ୍ଣିଂ ପଏଣ୍ଟ । ୧୫୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡ଼ିଓରେ କାମ କରିଛି ।

**ରିଆଲିଟି ଶୋ'ରେ ନଜର ଆସୁଛନ୍ତି, ଏହାର କାରଣ କ'ଣ?**

ଅନେକ ମ୍ୟୁଜିକ୍ ଭିଡିଓରେ କାମ କଲା ପରେ ଦର୍ଶକଙ୍କ ସହିତ ସିଧାସଳଖ ଯୋଡ଼ି ରହିବାକୁ ରିଆଲିଟି ଶୋ'ରେ ଭାଗ ନେଉଛି । ତରଙ୍ଗ ଏବଂ ଜୀ ସାର୍ଥକ ଚ୍ୟାନେଲର 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ' ଏବଂ 'କିଚେନ୍ ହଙ୍ଗାମା'ରେ ଭାଗ ନେଇ ମୁଁ ମୋର ଅନ୍ତର୍ନିହିତ କଳା ଦେଖାଇବାକୁ ପ୍ରୟାସ କରୁଛି । ମୋ ପରି ଅନେକ ତାରକା ଏଥିରେ ଭାଗ ନେଇ ନୃତ୍ୟ, ଭାବଭଙ୍ଗୀ, ଗୋଟେ ଚରିତ୍ର ଭିତରେ କେମିତି ପଶି ହେବ ସେ ସବୁକୁ ଶିଖିପାରୁଛୁ ।

**ସଫଳତାର ଶ୍ରେୟ କାହାକୁ ଦେବେ?**

ମୋ ପରିବାର ଆଉ ପ୍ରେମ ଦର୍ଶନଙ୍କୁ । ମୁଁ ସବୁବେଳେ କାମର ପାର୍ଟନରକୁ ଦେଖେ । ଗୁରୁଜନଙ୍କ କଥାକୁ ଗ୍ରହଣ କରେ । ଭଲ ମନ୍ଦ କ'ଣ ତାହାକୁ ଗଭୀର ଭାବେ ଚିନ୍ତା କରେ । ଦର୍ପଣ ସାମ୍ନାରେ ଅଭ୍ୟାସ କରେ । ଗୋଟେ କଥା କହିବି ଏହି ଲାଇନ୍ କାମ କରିବାରେ ମୋତେ ଗୋଟେ ପ୍ରକାର ଖୁସି ମିଳେ ।

**ସୁଟିଂ ନ ଥିଲେ କ'ଣ କରନ୍ତି?**

ଘରେ ଆରାମ କରେ । ପଢ଼ାପଢ଼ି କରିବାକୁ ଭଲ ପାଏ । ନାଚେ । ସ୍ୱାଦିଷ୍ଟ ଖାଦ୍ୟ ବନାଏ ଆଉ ଖୁଆଏ ।

**ବଡ଼ ପରଦାରେ କାମ କରିବାକୁ ଆଗ୍ରହ ରହିଛି କି?**

ପ୍ରତ୍ୟେକ କଳାକାରଙ୍କ ପରି ମୁଁ ମଧ୍ୟ ଗୋଟିଏ ପାହାଚରୁ ଆଉ ଗୋଟିଏ ପାହାଚକୁ ଅତିକ୍ରମ କରିବାକୁ ଇଚ୍ଛା ରଖିଛି । ଆଗକୁ ଧାରାବାହିକ କିମ୍ବା ବଡ଼ ପରଦାରେ ନିଜକୁ ଦେଖିବାକୁ ଲକ୍ଷ୍ୟ ରଖିଛି ।

**ରୋମ୍ୟାଞ୍ଜଳିଙ୍କ ଡ୍ରିମ ରୋଲ୍?**

ଆଶା କରିବି ମୋତେ ଯାହା ବି ଚରିତ୍ର ମିଳିବ ସେ ସବୁଥିରେ ଭଲ କରିପାରିବି । ଆଉ ଦର୍ଶକଙ୍କ ମନୋରଞ୍ଜନ କରିବି । କିନ୍ତୁ ହଁ ଭବିଷ୍ୟତରେ ନାରୀ କୈନ୍ଦ୍ରିକ ଏବଂ ଗ୍ରାମାଞ୍ଚଳର କାହାଣୀକୁ ନେଇ ସିନେମାରେ କାମ କରିବାକୁ ଆଶା ରହିଛି । ■

# 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ'ର ନୂଆ ସିଜିନ୍ ପ୍ରସାରଣ

ଜୀ ସାର୍ଥକରେ ନଭେମ୍ବର ୨୯ ତାରିଖରେ ଓଡ଼ିଶାର ସବୁଠୁ ବଡ଼ ଡାନ୍ସ ରିଆଲିଟି ଶୋ' 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ'ର ଏକ ନୂଆ ସିଜିନ୍ ପ୍ରସାରଣ ଆରମ୍ଭ ହୋଇଛି । ଏହାକୁ ଏବେ 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ – ସେଲିବ୍ରିଟି ୱିଥ୍ ଲିଟିଲ୍ ମାଷ୍ଟର୍ସ' ଭାବରେ ପୁନଃକଳ୍ପିତ କରାଯାଇଛି । ଏହି ସିଜିନ୍ ରୋମାଞ୍ଚକର ହୋଇଛି । କାରଣ ପ୍ରଥମଥର ପାଇଁ ଲୋକପ୍ରିୟ ଓଡ଼ିଆ ସେଲିବ୍ରିଟିମାନଙ୍କୁ ଅସାଧାରଣ ପ୍ରତିଭାଶାଳୀ ଶିଶୁ ପ୍ରତିଯୋଗୀମାନଙ୍କ ସହ ଯୋଡ଼ିବାର ପ୍ରୟାସ କରାଯାଇଛି ଏହି ଡ୍ୟାନ୍ସ ରିଆଲିଟି ଶୋ' । ଏହି ଶୋ' ପ୍ରତି ଶନିବାର ଓ ରବିବାର ସନ୍ଧ୍ୟା ୯:୩୦ରେ ପ୍ରସାରିତ ହେବ । ଏଥର ୧୦ ଜଣ ସେଲିବ୍ରିଟି ଏବଂ ୧୦ ଜଣ ଲିଟିଲ୍ ମାଷ୍ଟର୍ସ ରଙ୍ଗବତୀ ୨.୦ ଏବଂ ଲଚକମଣି ୨.୦ ନାଁରେ ଦୁଇଟି ଦଳ ଗଠନ କରାଯାଇଛି । ସେଲିବ୍ରିଟି ନିକିତା, ଦେବସ୍ମିତା, ଅନନ୍ୟା, ରୋମ୍ୟାଞ୍ଜଳି, ସୁଶ୍ରୀ, ପିହୁ, ଲଭରିନ, ସୁଲଗ୍ନା, ହିତୈସା, ମାନସୀ ପ୍ରମୁଖ ପ୍ରତ୍ୟେକ ଏପିସୋଡ୍‌ରେ ନୃତ୍ୟର ବିଭିନ୍ନ ଶୈଳୀ ମାଧ୍ୟମରେ ଲିଟିଲ୍ ମାଷ୍ଟର୍ସ ଯୋଡ଼ିମାନଙ୍କ ସହ ନିଜର ନୃତ୍ୟକଳା ଦ୍ୱାରା ଓଡ଼ିଶାର ଦର୍ଶକଙ୍କ ପାଇଁ ଏକ ନୂତନ ଅନୁଭୂତି ଆଣିବେ । ଏହି ଶୋ'କୁ ସୁଜିତ ପାଇକରାୟ ହୋଷ୍ଟ କରିଛନ୍ତି । ବିଚାରକ ପ୍ୟାନେଲରେ ଦେବାଶିଷ ପାତ୍ର, ହରିହର ଦାସ, ଅମିତ ନାୟକ ଏବଂ ସୂର୍ଯ୍ୟମୟୀ ମହାପାତ୍ର ଅଛନ୍ତି । ଅନ୍ୟପଟେ ଏହି ଶୋ'ରେ ଏକ ସ୍ୱତନ୍ତ୍ର ସ୍ୱାଦ ଯୋଡ଼ିବେ ୟୁଟ୍ୟୁବ୍ କମେଡି ସେନସେସନ୍ ରାଜୁ ଦାସ (ସାହୁ ବାବୁ ଫେମ୍) ଏବଂ ଏହି ମଞ୍ଚରେ ସାହୁ ଭେରାଇଟି ଷ୍ଟୋର୍ ଏକ ମନୋରଞ୍ଜନକାରୀ ଖୋରାକ ଯୋଗାଇବା ସହ ସାହୁ ବାବୁ ଭରିଛନ୍ତି କମେଡିର ତଡ଼କା । ■



## ପରଦା ପଛର କାହାଣୀ

# ସୁଟିଂ ସମୟରେ ଅଭିନେତା ଗିରଫ

୧୯୯୨ ମସିହାରେ ମୁକ୍ତିଲାଭ କରିଥିଲା ଫିଲ୍ମ 'ବିଶ୍ୱାତ୍ମା' । ସନି ଦେଓଲ୍ ଓ ଦିବ୍ୟାଭାରତୀଙ୍କ ଅଭିନୀତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ସୁପରହିଟ୍ ହୋଇଥିଲା । ଫିଲ୍ମର ଅଧିକାଂଶ ଦୃଶ୍ୟ କେନ୍ୟାରେ ସୁଟିଂ ହୋଇଥିଲା । ନିକଟରେ ଫିଲ୍ମ ନିର୍ଦ୍ଦେଶକ ରାଜୀବ ରାୟ ଫିଲ୍ମକୁ ନେଇ ରୋଚକୀୟ କଥା ଖୁଲାସା କରିଛନ୍ତି । କେନ୍ୟାରେ ଏହି ଫିଲ୍ମ ସୁଟିଂ ସମୟରେ ଦୁଇଜଣ ଅଭିନେତାଙ୍କୁ ଗିରଫ କରାଯାଇଥିଲା । ଅବଶ୍ୟ ଏ ସଂପର୍କରେ ଅନେକ ଜାଣି ନଥିଲେ । ବହୁବର୍ଷ ପରେ ସେ ଏହାର ଖୁଲାସ କରିଛନ୍ତି । ରାଜୀବ ଓ ଫିଲ୍ମର କଳାକାରମାନେ ନାଇରୋବି ଏବଂ ମୋମ୍ବାସାରେ ସୁଟିଂ କରୁଥିଲେ । ଏଥିପାଇଁ ତାଙ୍କୁ ବହୁ ସମସ୍ୟାର ସାମ୍ନା କରିବାକୁ ପଡ଼ିଥିଲା । ରାଜୀବଙ୍କ କହିବାନୁଯାୟୀ, ବିଦେଶରେ ସୁଟିଂ କରିବା ପଛରେ କୌଣସି ଖାସ୍ କାରଣ ନ ଥିଲା । ଫିଲ୍ମର କାହାଣୀ ଅନୁଯାୟୀ, ଖଳନାୟକ ଫେରାର ହୋଇଯାଇଥିଲା । ସୁଟିଂ ପାଇଁ ତାଙ୍କ ହିସାବରେ ଆଫ୍ରିକା ଏକ ଶସ୍ତା ଦେଶ ଥିଲା । ତେଣୁ ସେ ସେଠାରେ ସୁଟିଂ ପାଇଁ ସ୍ଥିର କରିଥିଲେ । ସେ ପୂର୍ବରୁ ସେଠାରେ କାର୍ଯ୍ୟ କରିଥିବାରୁ ତାଙ୍କର କିଛି ପରିଚିତ ବନ୍ଧୁ ଥିଲେ । ସେମାନେ ସୁଟିଂ ପାଇଁ ସହଯୋଗ କରିଥିଲେ । କିନ୍ତୁ ନାଇରୋବିରେ ଫିଲ୍ମ ସୁଟିଂକୁ ନେଇ କିଛି ନିୟମ କାନୁନ ରହିଛି । ଏଠାରେ ରାତ୍ରି ସମୟରେ ମନଇଚ୍ଛା ବୁଲିବା ନିଷେଧ । ଏଥିସହ ସାଥିରେ ଡଲାର୍ ନେଇ ଯିବା ପାଇଁ ମଧ୍ୟ ଅନୁମତି ନ ଥାଏ । ବିଦେଶରେ ଥିବାରୁ ଅଭିନେତାଙ୍କ ପାଖରେ କିଣାକିଣି ପାଇଁ ୧୦-୧୫ ଡଲାର ଥିଲା । ନିୟମ ଅନୁସାରେ ଡଲାର ରଖି ଧରାପଡ଼ିଲେ ଗୁଳିମାଡ଼ ଖାଇବାର ମଧ୍ୟ ସମ୍ଭାବନା ରହିଛି । ଏହା କଡ଼ା ନିୟମ ପାଳନ କରୁଥିବା ଦେଶ । 'ବିଶ୍ୱାତ୍ମା' ସୁଟିଂ ସମୟରେ ଅଭିନେତା ଦୁଇଜଣ ରାତିରେ ବୁଲିବା ପାଇଁ ବାହାରିଥିଲେ । ସେମାନେ ସଡ଼କରେ ବୁଲୁଥିବା ସମୟରେ ତାଙ୍କୁ ଦେଖି ଗିରଫ କରାଯାଇଥିଲା । ଏହାପରେ ଦୁଇଜଣଙ୍କୁ ଜେଲ୍‌ରେ ଭର୍ତ୍ତି କରାଯାଇଥିଲା । ଜେଲ୍‌ରେ ବନ୍ଦୀ ହେବା ପରେ ଏହି ଘଟଣା ରାଜୀବଙ୍କ ପାଖରେ ପହଞ୍ଚିଥିଲା । ଏହାପରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ସେ ଅଭିନେତାଙ୍କୁ ଜେଲରୁ ବାହାର କରିଥିଲେ । ରାଜୀବ ଏବଂ ଫିଲ୍ମ ପ୍ରଡ୍ୟୁସରଙ୍କ ସ୍ଥାନୀୟ ଲୋକଙ୍କ ସହ ସମ୍ପର୍କ ଭଲ ଥିବାରୁ ତାଙ୍କୁ ଜେଲରୁ ବାହାର କରିବା ସହଜ ହୋଇଥିଲା । ■



### ପୁରୁଷ ଜୁନିଅର ହକି ବିଶ୍ୱକପ୍

# ଭାରତର କ୍ରମାଗତ ବିଜୟ

ଚେନ୍ନାଇ,୨୯।୧୧(ଏଜେନ୍ସି): ଆୟୋଜକ ଭାରତ ଏଠାରେ ଚାଲିଥିବା ପୁରୁଷ ଜୁନିଅର ବିଶ୍ୱକପ୍ ହକିରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପୁଲ-ବି'ରେ ସ୍ଥାନ ପାଇଥିବା ଭାରତ ଆଜିର ଖେଳରେ ଓମାନକୁ ପରାସ୍ତ କରିଛି। ଗତକାଲି ଚିଲିକୁ ୭-୦ ଗୋଲରେ ହରାଇଥିବା ଭାରତ ପୂରା ପଏଣ୍ଟ ପାଇଛି। ଅନ୍ୟ ପକ୍ଷରେ ଏହି ଗ୍ରୁପ୍‌ରେ ସ୍ଥାନ ପାଇଥିବା ସ୍ୱିଜରଲାଣ୍ଡ ପ୍ରଥମ ମ୍ୟାଚ୍‌ରେ ଓମାନକୁ ୪-୦ ଓ ଦ୍ୱିତୀୟ ମ୍ୟାଚ୍‌ରେ ଚିଲିକୁ ୩-୨ ଗୋଲରେ ହରାଇ କ୍ରମାଗତ ବିଜୟ ହାସଲ କରିଛି। ଗ୍ରୁପ୍-ବି'ରେ ଉଭୟ ଭାରତ ଓ ସ୍ୱିଜରଲାଣ୍ଡ ସମାନ ପଏଣ୍ଟ ପାଇଛନ୍ତି। ଡିସେମ୍ବର ୨ରେ ଏହି ଗ୍ରୁପ୍‌ର ଶେଷ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଖେଳାଯିବ। ଏଥିରେ ଭାରତ ଓ ସ୍ୱିଜରଲାଣ୍ଡ ପରସ୍ପରକୁ ଭେଟିବେ। ଏହି ମ୍ୟାଚ୍‌ର ଫଳାଫଳ ପରେ ଗ୍ରୁପ-ବି'ରେ କେଉଁ ଦଳ ବିଜୟୀ ହେବ ତାହା ପରେ ଜଣାପଡ଼ିବ।

ଆଜି ଅନୁଷ୍ଠିତ ଅନ୍ୟ ଗ୍ରୁପ୍ ମ୍ୟାଚ୍ ମଧ୍ୟରୁ ଗ୍ରୁପ୍-ଏ'ରେ ଜର୍ମାନୀ ୭-୦ରେ କାନାଡାକୁ ଓ ଦକ୍ଷିଣ ଆଫ୍ରିକା ୨-୧ରେ ଆୟର୍ଲାଣ୍ଡକୁ, ଗ୍ରୁପ୍-ଡି'ରେ ନେଦରଲାଣ୍ଡସ ପ୍ରଥମ ମୁକାବିଲାରେ ଇଂଲଣ୍ଡକୁ ୫-୩ ଓ ମାଲେସିଆ ୫-୧ରେ ଅଷ୍ଟ୍ରିଆକୁ ପରାସ୍ତ କରିଛି।

ଗତକାଲି ଖେଳାଯାଇଥିବା ପୁଲ-ଏ'ରେ ଜର୍ମାନୀ ୪-୦ରେ ଦକ୍ଷିଣ ଆଫ୍ରିକାକୁ, ଆୟର୍ଲାଣ୍ଡ ୪-୩ରେ କାନାଡାକୁ, ପୁଲ୍-ସି'ରେ ଆର୍ଜେଣ୍ଟିନା ୪-୧ରେ ଜାପାନକୁ, ନ୍ୟୁଜିଲାଣ୍ଡ ୫-୩ରେ ଚୀନ୍‌କୁ, ପୁଲ-ଡି'ରେ ସ୍ପେନ୍ ୮-୦ରେ ଇଜିପ୍ଟକୁ ଓ ବେଲଜିୟମ ୧୨-୧ରେ ନାମିବ୍ୟାକୁ ପରାସ୍ତ କରିଛି।

### ଏସୀୟ ଯୁବ ଚେସ୍ | ଓଡ଼ିଶାର ସାତ୍ୱିକ ସ୍ୱାଇଁଙ୍କୁ ଟିମ୍ ବ୍ରୋଞ୍ଜ୍

ଭୁବନେଶ୍ୱର,୨୯।୧୧(ସମିସ): ଓଡ଼ିଶାର ସାତ୍ୱିକ ସ୍ୱାଇଁ ଏସୀୟ ଯୁବ ଚେସ୍ ଚାମ୍ପିଅନସିପ୍‌ରେ ଭାରତ ଲାଗି ୧୦ ବର୍ଷରୁ କମ୍ ବିଭାଗରେ ଟିମ ବ୍ରୋଞ୍ଜ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଥାଇଲାଣ୍ଡର ବ୍ୟାଙ୍କକ୍‌ରେ ଆଜି ଶେଷ ହୋଇଥିବା ଏହି ପ୍ରତିଯୋଗିତାରେ ସାତ୍ୱିକ, ସିଏମ୍ ମଣି ସର୍ବାଥୋଓ ଓଇସିକ୍ ମଣ୍ଡଳ ୧୭ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଭିଏତନାମ ୨୦.୫ ପଏଣ୍ଟ ପାଇ ସ୍ୱର୍ଣ୍ଣ ଓ କାଜାଖସ୍ଥାନ ୧୯ ପଏଣ୍ଟ ପାଇ ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ୮ ବର୍ଷରୁ କମ୍ ବିଭାଗରେ ଗତବର୍ଷ ପଦକ ଜିତିଥିବା ସାତ୍ୱିକ ଏଥର ଅଳ୍ପକେ ପଦକ ଲାଭରୁ ବଞ୍ଚିତ ହୋଇଛନ୍ତି। କିନ୍ତୁ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତି ଓଡ଼ିଶାକୁ ଗର୍ବିତ କରିଛନ୍ତି।



ସାତ୍ୱିକ ସ୍ୱାଇଁ (ବାମରୁ ପ୍ରଥମ)

ଏହି ସଫଳତା ଲାଗି କିଙ୍ଗ ଚେସ୍ ସେଣ୍ଟରର ପ୍ରତିଷ୍ଠାତା ବିଶ୍ୱଜିତ ରାୟ, ପ୍ରୋଚେଷ୍ଟାର ପ୍ରଶାସକ ସ୍ୱଙ୍ଗଶୁ ସତ୍ୟପ୍ରାଜ୍ଞ, ଟ୍ରିପଲ-ସି ଚେସ୍ କ୍ଲବ୍‌ର ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

### ଆଜିଠାରୁ ଭାରତ-ଦକ୍ଷିଣ ଆଫ୍ରିକା ଦିନିକିଆ ସିରିଜ୍

# ସମ୍ମାନ ରକ୍ଷା ଲାଗି ରୋହିତ-କୋହଲି ଭରସା

ରାଞ୍ଚି,୨୯।୧୧(ଏଜେନ୍ସି):

ଦକ୍ଷିଣ ଆଫ୍ରିକା ଓ ଭାରତ ମଧ୍ୟରେ ଆସନ୍ତାକାଲିଠାରୁ ରାଞ୍ଚିରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହେବ। ଭ୍ରମଣକାରୀ ଦଳଠାରୁ ୨-୦ରେ ଟେଷ୍ଟ ସିରିଜ୍ ହାରିବା ପରେ ଘରୋଇ ଭାରତୀୟ ଦଳ ଦିନିକିଆ ସିରିଜ୍‌ରେ ହିସାବ ନିକାଶ କରିବାକୁ ଅପେକ୍ଷା କରିଛି। ଐତିହାସିକ ଟେଷ୍ଟ ସିରିଜ୍ ଜିତିବା ପରେ ଦକ୍ଷିଣ ଆଫ୍ରିକା ଖେଳାଳିଙ୍କ ମନୋବଳ ବହୁପରିମାଣରେ ବଢ଼ିଯାଇଛି। ଟେଷ୍ଟଠାରୁ ଦିନିକିଆ ଫର୍ମାଟ ଅଲଗା ହୋଇଥିଲେ ମଧ୍ୟ ସେମାନେ ଯେଉଁ ମନୋବଳ ହାସଲ କରିଛନ୍ତି ତାହା ଏହି ଫର୍ମାଟରେ ଖୁବ୍ ସୁହାଇବ। ପାକିସ୍ତାନଠାରୁ ଦିନିକିଆ ସିରିଜ୍ ହାରିଥିବା ଦଳକୁ ଅଧିନାୟକ ତେମ୍ବା ବଭୁମା, ଆଇଡେନ୍ ମାର୍କରାମ ଓ ଅବସରରୁ ଆସିଥିବା କ୍ୱିଣ୍ଟନ ଡି କକ୍ ସାମିଲ ହେବା ପରେ ଦକ୍ଷିଣ ଆଫ୍ରିକାର ଶକ୍ତି ବୃଦ୍ଧି ପାଇଛି।

ଭାରତୀୟ ପିଚ୍‌ରେ ସ୍ପିନ୍ ବୋଲିଂକୁ ନିୟନ୍ତ୍ରଣ କରିବା ଲାଗି ମଧ୍ୟ କେଶବ ମହାରାଜ ଫେରିଛନ୍ତି। ଅନ୍ୟ ପକ୍ଷରେ ଦିନିକିଆରେ ଭାରତ ଏକ ସନ୍ତୁଳିତ ଦଳ ଥିଲା। କିନ୍ତୁ ଆଘାତ ଓ ୱାର୍କଲୋଡ ସମସ୍ୟା ଦଳର ସନ୍ତୁଳନକୁ ବିଗାଡି ଦେଇଛି। ଅଧିନାୟକ ଶୁବମନ ଗିଲ୍, ଉପଅଧିନାୟକ ଶ୍ରେୟସ ଆୟର ଆହତ ହୋଇ ଏହି ସିରିଜ୍ ଖେଳୁନାହାନ୍ତି। ସେମାନଙ୍କ ସ୍ଥାନ ପୂରଣ କରିବା ଲାଗି ଦୁଇ ପ୍ରତିଭାବାନ ଖେଳାଳି ଯଶସ୍ୱୀ ଜୟସ୍ୱାଲ ଓ ଋତୁରାଜ ଗାଏକ୍ୱାଡ୍ ଦଳରେ ରହିଛନ୍ତି। ଏତେ ଦକ୍ଷତା ସତ୍ତ୍ୱେ ଟେଷ୍ଟ ସିରିଜ୍‌ରେ ହରାଇଥିବା ସମ୍ମାନ ଫେରିପାଇବା ଲାଗି ଭାରତକୁ ଦିନିକିଆ ସିରିଜ୍ ଜିତିବାକୁ ହେବ। ଏଥିଲାଗି ଦଳ ଦୁଇ ସୁପରଷ୍ଟାର ରୋ-କୋ (ରୋହିତ ଶର୍ମା ଓ ବିରାଟ କୋହଲି)ଙ୍କ ଉପରେ ନିର୍ଭର କରୁଛି। ବିଶେଷ କରି ଗିଲ-ଆୟର-ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ କେବଳ ରୋ-କୋ' ହିଁ ଭାରତକୁ ସମ୍ମାନ ଓ ସମର୍ଥକଙ୍କ ମନରେ ବିଶ୍ୱାସ ଫେରାଇବାକୁ ସମର୍ଥ ହେବେ।




#### ଦ୍ୱନ୍ଦ୍ୱ: ୩ ସ୍ପିନର ନା ୪ ପେସର

ରାଞ୍ଚି ପିଚ୍‌ରେ ବଡ଼ ସ୍କୋର ହେବାର ନଜର ନାହିଁ। ଏହି ମ୍ୟାଚ୍‌ରେ କେଉଁ ଖେଳାଳିଙ୍କୁ ଚୂଡାନ୍ତ ଏକାଦଶରେ ସାମିଲ କରାଯିବ ତାହାକୁ ନେଇ ଭାରତର ଦ୍ୱନ୍ଦ୍ୱ ବଢ଼ିଛି। ଓପନିଂରେ ରୋହିତଙ୍କ ସହ ଜୟସ୍ୱାଲଙ୍କ ଖେଳିବା ସମ୍ଭାବନା ଅଧିକ। ଏମାନଙ୍କ ପଛକୁ କୋହଲି, ନଂ-୪ରେ ଗାଏକ୍ୱାଡ କିମ୍ବା ୱିକେଟରକ୍ଷକ ଋଷଭ ପନ୍ତ୍ ଖେଳିବେ। କିମ୍ବା ଉଭୟଙ୍କୁ ସ୍ଥାନ ମିଳିବ। ନଂ-୫ କିମ୍ବା ୬ରେ ଲୋକେଶ ରାହୁଲ ରହିବେ। ଅନ୍ୟ ପକ୍ଷରେ ଦଳ ୩ଜଣ କିମ୍ବା ଅତିକମରେ ୨ ଜଣ ଅଲରାଉଣ୍ଡରଙ୍କୁ ଖେଳାଇବ। ଦଳ ଯଦି ଦୁଇ ଜଣ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଓ ହର୍ଷିତ ରାଣାଙ୍କୁ ଦଳରେ ସାମିଲ କରେ ତେବେ ନୀତୀଶ ରେଡ୍ଡୀଙ୍କ ଖେଳିବା ନିଶ୍ଚିତ। କୁଲଦୀପ ଯାଦବଙ୍କୁ ଖେଳାଇଲେ ଗାଏକ୍ୱାଡଙ୍କ ଖେଳିବା ସମ୍ଭାବନା କମ୍। ଏହି ଦ୍ୱନ୍ଦ୍ୱ ଭିତରେ ଭାରତର ଚୂଡାନ୍ତ ଏକାଦଶ ଅଟକିଛି।

#### ନଜରରେ ମାଥ୍ୟୁ ବ୍ରିଜ୍‌କେ

ବିଶ୍ୱର ପ୍ରଥମ ବ୍ୟାଟରଭାବେ ପ୍ରଥମ ୫ଟି ଦିନିକିଆରେ ଅର୍ଦ୍ଧଶତକ ହାସଲ କରିବା ଓ ମିଡିଲ ଅର୍ଡରରେ ବ୍ୟାଟିଂ କରି ୬୭.୭୫ ହାରରେ ରନ୍ ସଂଗ୍ରହ କରିବା ଆଜିଯାଏ କେହି କରିନାହାଁନ୍ତି। ଏଭଳି ସଫଳତା ପାଇଥିବା ଜଣେ ବ୍ୟାଟରଙ୍କ ସହ ବଭୁମା, ମାରକ୍ରମ ଓ ଡି କକ୍‌ଙ୍କ ଉପସ୍ଥିତି ଦଳକୁ ଅଧିକ ବଳ ଯୋଗାଇଛି। ଦୁର୍ବଳ ଭାରତୀୟ ବୋଲିଂରୁ ଏମାନେ ନିଶ୍ଚିତ ଫାଇଦା ଉଠାଇବେ।

#### ରେକର୍ଡ ଅପେକ୍ଷାରେ

**ରୋହିତ ଶର୍ମା:** ହିଟ୍‌ମ୍ୟାନ୍ ରୋହିତ ଶର୍ମା ଆଉ ୩ଟି ଛକା ମାରିଲେ ବିଶ୍ୱରେ ସର୍ବାଧିକ ଦିନିକିଆ ଛକାରେ ପାକିସ୍ତାନର ସାହିଦ୍ ଆଫ୍ରିଦୀଙ୍କ ରେକର୍ଡ ଭାଙ୍ଗିବେ। ସେ ଯଦି ଆଉ ୯୮ ରନ୍ କରନ୍ତି, ତେବେ ଭାରତର ଚତୁର୍ଥ ଖେଳାଳି ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୨୦,୦୦୦ ରନ୍ ପୂରଣ କରିବେ।

**ଭାରତ:** ୨୦୧୯ ଦିନିକିଆ ବିଶ୍ୱକପ୍ ପରେ ଘରୋଇ ମାଟିରେ ୧୦ଟି ଦିନିକିଆ ସିରିଜ୍ ଖେଳି ୯ଟିରେ ବିଜୟୀ ହୋଇଛି। କେବଳ ୨୦୨୩ରେ ଘରୋଇ ଦଳ ଅଷ୍ଟ୍ରେଲିଆ ନିକଟରୁ ସିରିଜ୍ ହାରିଛି। ସୂଚନାଯୋଗ୍ୟ ଟେଷ୍ଟ କ୍ରିକେଟରେ ଭାରତ ଗତ ୧୨ ବର୍ଷରେ ଗୋଟିଏ ହେଲେ ସିରିଜ୍ ହାରି ନ ଥିଲା। କିନ୍ତୁ ଗତ ୩ ବର୍ଷ ମଧ୍ୟରେ ୨ଟି ଟେଷ୍ଟ ସିରିଜ୍‌ରେ ପରାଜିତ ହୋଇଛି।

**ଡି କକ୍:** କ୍ୱିଣ୍ଟନ ଡି କକ୍ ଭାରତ ବିପକ୍ଷରେ ୬ଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ହାସଲ କରିଛନ୍ତି। ଦଳର ଅନ୍ୟତମ ନବାଗତ ଖେଳାଳି ମାଥ୍ୟୁ ବ୍ରିଜ୍‌କେ ତାଙ୍କ ପ୍ରଥମ ୫ଟି ଦିନିକିଆରେ ଅର୍ଦ୍ଧଶତକ ସହ ୬୭.୭୫ ହାରରେ ରନ୍ ସଂଗ୍ରହ କରି ପ୍ରତିପକ୍ଷଙ୍କ ମୁଣ୍ଡବିନ୍ଧାର କାରଣ ବନିଛନ୍ତି।

#### ଖେଳାଳି ଦଳ

**ଭାରତ:** ରୋହିତ ଶର୍ମା, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ଋତୁରାଜ ଗାଏକ୍ୱାଡ୍, ଋଷଭ ପନ୍ତ (ୱିକେଟରକ୍ଷକ), ଲୋକେଶ ରାହୁଲ (ଅଧିନାୟକ), ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ନୀତୀଶ କୁମାର ରେଡ୍ଡୀ, ଅର୍ଶଦୀପ ସିଂହ, ହର୍ଷିତ ରାଣା, ପ୍ରସିଦ୍ଧ କ୍ରିଷ୍ଣା, ତିଳକ ବର୍ମା, ଧ୍ରୁବ ଜୁରେଲ।

**ଦକ୍ଷିଣ ଆଫ୍ରିକା:** କ୍ୱିଣ୍ଟନ ଡି କକ୍, ଆଇଡେନ୍ ମାରକ୍ରମ, ତେମ୍ବା ବଭୁମା (ଅଧିନାୟକ), ମାଥ୍ୟୁ ବ୍ରିଜ୍‌କେ, ଡିୱାଲ୍ଡ ବ୍ରେଭିସ, ରୁବିନ ହର୍ମାନ୍, ମାର୍କୋ ଜାନ୍‌ସେନ, କୋର୍ବିନ ବୋଶ୍, କେଶବ ମହାରାଜ, ନାନ୍ଦ୍ରେ ବର୍ଜର, ଲୁଙ୍ଗି ଏନ୍‌ଗିଡି, ଓଟ୍ଟନେଲ ବାର୍ଟମ୍ୟାନ୍, ଟୋନି ଡି ଜୋର୍ଜି, ରିୟାନ ରିକେଲଟନ, ପ୍ରେନ୍‌ଲାନ୍ ସୁବ୍ରାୟେନ୍।

### ଉତ୍ତର-ପୂର୍ବ ଅସ୍ମିତା ଭାରୋତ୍ତୋଳନ

# ପ୍ରତିଭା, ମୌସୁମୀଙ୍କୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୨୯।୧୧ (ସମିସ): କୋଲକାତାରେ ଚାଲିଥିବା ଉତ୍ତର-ପୂର୍ବ ଅସ୍ମିତା ଭାରୋତ୍ତୋଳନର ତୃତୀୟ ଦିନରେ ଓଡ଼ିଶାର ପ୍ରତିଯୋଗୀଙ୍କୁ ୩ଟି ସ୍ୱର୍ଣ୍ଣ ପଦକ ମିଳିଛି। ସେମାନଙ୍କ ମଧ୍ୟରୁ ପ୍ରତିଭାରାଣୀ ପାତ୍ର ଗୋଟିଏ ଓ ମୌସୁମି ଦାସ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ସଫଳତା ଫଳରେ ଓଡ଼ିଶା ମୋଟ ୬ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୭ କାଂସ୍ୟ ସହ ୧୭ଟି ପଦକ ଜିତିବାରେ ସମର୍ଥ ହୋଇଛି। ଗତକାଲି କେବଳ ପ୍ରତିଯୋଗୀମାନେ ୧୨ଟି ପଦକ ଜିତିଥିଲେ।



ପୂର୍ବପରି ଆଜି ମଧ୍ୟ ଯୁବ ବର୍ଗରେ ଓଡ଼ିଶାର ପ୍ରତିଯୋଗୀମାନେ ପଦକ ଜିତିବାରେ ସଫଳ ହୋଇଛନ୍ତି। ଉଭୟ ପଦକ ବିଜେତା କଳିଙ୍ଗ ଷ୍ଟାଡିୟମ୍‌ର ହାଇ ପରଫର୍ମାନ୍ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି। ରାଜ୍ୟ କ୍ରୀଡ଼ାଛାତ୍ରାବାସର ପ୍ରତିଭାରାଣୀ ୭୭ କେଜି କାଟାଗୋରୀରେ ମୋଟ ୧୫୪ କେଜି ଓଜନ ଉଠାଇ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେହିପରି ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଥିବା ମୌସୁମି ଯୁବବିଭାଗର ୭୭ କେଜିରୁ ଉର୍ଦ୍ଧ୍ୱ ଓ ବରିଷ୍ଠ ବିଭାଗର ୮୬ କେଜି କାଟାଗୋରୀରେ ୨ଟି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେ ସ୍ନାଚ୍‌ରେ ୭୧କେଜି, ଜର୍କରେ ୮୯ ଓ ମୋଟରେ ୧୫୯ କେଜି ଓଜନ ଉଠାଇଥିଲେ। ପ୍ରଥମ ଦିନରେ ବନିତା ନାଏକ, ଦ୍ୱିତୀୟ ଦିନରେ ଅଙ୍କିତା ପ୍ରଧାନ ଓ ପ୍ରୀତିମୟୀ ମହାନ୍ତି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ।

# ଓଡ଼ିଶାର ୩ୟ ବିଜୟ

ଭୁବନେଶ୍ୱର, ୨୯।୧୧ (ସମିସ): ବିସିସିଆଇ ଆନୁକୂଲ୍ୟରେ କେରଳରେ ଚାଲିଥିବା ୨୩ ବର୍ଷରୁ କମ୍ ମହିଳା ଟି-୨୦ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ୩ୟ ବିଜୟ ହାସଲ କରିଛି। ଶନିବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୨୭ ରନରେ ବରୋଦାକୁ ପରାସ୍ତ କରିଥିଲା। ଏହି ଲୋ-ସ୍କୋରିଂ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ୨୦ ଓଭରରେ ୯ ୱିକେଟ୍ ହରାଇ ୯୪ ରନ କରିଥିଲା। ଓପନର୍ ତନ୍ମୟୀ ବେହେରା (୪୦ ରନ), ଶୁଭ୍ର ନିର୍ଝରିଣୀ ସ୍ୱାଇଁ (୨୩ ରନ) ଓ ଅଧିନାୟିକା ଅଲିସ୍ମା ବିଶ୍ୱାଳ (୧୦ ରନ) କେବଳ ଦୁଇଅଙ୍କ ବିଶିଷ୍ଟ ସ୍କୋର କରିଥିଲେ। ବରୋଦାର ତ୍ରିସାଙ୍କୁ ୪ଟି ୱିକେଟ୍ ମିଳିଥିଲା। ଜବାବରେ ବରୋଦା ତ୍ରିସାଙ୍କ ୩୭ ରନ ସତ୍ତ୍ୱେ ୧୬.୨ ଓଭରରେ ୬୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଓଡ଼ିଶାର ଅନନ୍ୟା ମିଶ୍ର (୪-୧-୬-୪) ସୁନ୍ଦର ବୋଲିଂ କରି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



ଅନନ୍ୟା ମିଶ୍ର

### ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

# କିଟ୍‌ର ରେଜିଆଙ୍କୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୨୯।୧୧ (ସମିସ): ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କିଟ୍ ୫ମ ସ୍ୱର୍ଣ୍ଣ ପଦକ ଜିତିଛି। ଶନିବାର ଟ୍ରାକ୍ ସାଇକ୍ଲିଂର ମହିଳା ବ୍ୟକ୍ତିଗତ ପୁର୍‌ସିଟ୍ ଇଭେଣ୍ଟରେ କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରୀ ଖଇରମ ରେଜିଆ ଦେବୀ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସେହିଭଳି ମହିଳା ହକିରେ କିସ୍ ଦଳ ମଧ୍ୟ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଶନିବାର ଫାଇନାଲ ଲିଗ୍ ମ୍ୟାଚରେ କିସ୍ ୨-୦ ଗୋଲରେ ବିଜୟୀ ହୋଇଥିଲା। ସୋମବାର କିସ୍ ଓ ଗୁରୁନାନକ ଦେବ ବିଶ୍ୱବିଦ୍ୟାଳୟ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଅପରପକ୍ଷରେ କିଟ୍‌ର ଉଭୟ ପୁରୁଷ ଓ ମହିଳା ଟେନିସ ଦଳ ମଧ୍ୟ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି।








PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS